ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୯/୨୦୨୪ (୧୮ ପୃଷ୍ଠା) Bhubaneswar, Friday, July 19/2024 Page 18 ₹ 7.00
୫୦ଶ ଭାଗ ୨୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 235 ମୂଲ୍ୟ₹୭/-



**ସୂର୍ଯ୍ୟକୁମାର ଅଧିନାୟକ ମନୋନୀତ**

ଶ୍ରୀଲଙ୍କା ବିପକ୍ଷ ଟି୨୦ କ୍ରିକେଟ ସିରିଜ ପାଇଁ ସୂର୍ଯ୍ୟକୁମାର ଯାଦବ ଭାରତୀୟ କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।

୧୬

୦୨

**୧୦୦ ବିଧାୟକ ଆଣ, ସରକାର ଗଢ଼: ଅଖିଳେଶ**

ୟୁପି ଭାଜପାର ୧୦୦ ବିଧାୟକଙ୍କୁ ଆଣ ଓ ସରକାର ଗଢ଼ ବୋଲି ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଅସନ୍ତୁଷ୍ଟ ଗୋଷ୍ଠୀକୁ ଏକ୍ସ'ରେ ମନ୍‌ସୁନ୍ ଅଫର ଦେଇଛନ୍ତି।



# ଗୁପ୍ତ ସୁଡ଼ଙ୍ଗ ଖୋଜିବ ଏଏସ୍‌ଆଇ



ଗୁରୁବାର ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ସ୍ଥାନାନ୍ତରଣ ସମ୍ପନ୍ନ ହୋଇଛି। ତେବେ ଭିତର ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଓ ଭଣ୍ଡାର ରହିଥିବାନେଇ ବହୁ ପୁରୁଣା ସମୟରୁ ଚର୍ଚ୍ଚା ହୋଇଆସୁଛି। ରତ୍ନଭଣ୍ଡାର ତଦାରଖ କମିଟି ସଦସ୍ୟମାନେ ଏଭଳି କିଛି ଗୁପ୍ତ ସୁଡ଼ଙ୍ଗ କିମ୍ବା ଭଣ୍ଡାର ଦେଖିବାକୁ ପାଇ ନ ଥିବା କୁହାଯାଉଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ମଧ ଦିଆଯାଇ ନାହିଁ। ତେଣୁ ରତ୍ନଭଣ୍ଡାର ଭିତରେ କୌଣସି ସୁଡ଼ଙ୍ଗ ଅଛି କି ନାହିଁ, ସେ ସବୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍‌ଆଇ) ଖୋଜି ଜଣାଇବ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ କହିଛନ୍ତି। ଏଏସ୍‌ଆଇ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ କରିବାକୁ ଥିବାବେଳେ ତା'ର ହାଇ-ସୋଫିଷ୍ଟିକେଟେଡ୍ ଇନ୍‌ଷ୍ଟ୍ରୁମେଣ୍ଟ ଦ୍ୱାରା ଅନୁସନ୍ଧାନ କରାଯାଇ ଗୁପ୍ତ ସୁଡ଼ଙ୍ଗ ଚର୍ଚ୍ଚା ଉପରୁ ପରଦା ହଟିବ ବୋଲି ଗଜପତି କହିଛନ୍ତି।

ପୁରୀ,୧୮।୭(ଅଜିତ୍ କୁମାର ମହାନ୍ତି)

ରତ୍ନଭଣ୍ଡାର ତଦାରଖ କମିଟି ନିଷ୍ପତ୍ତି ଅନୁଯାୟୀ ସରକାରଙ୍କ ଏସ୍‌ଓପି ଅନୁସରଣ କରି ଗୁରୁବାର ନିର୍ଦ୍ଧାରିତ ସମୟରେ ୨ୟ ଥର ପାଇଁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯାଇଛି। ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ କମିଟିର ୧୧ ସଦସ୍ୟ ସକାଳ ୯ଟା ୫୧ ମିନିଟ୍‌ରେ ଚାବି ଖୋଲି ଭିତର ରତ୍ନଭଣ୍ଡାର ପରିସରକୁ ପ୍ରବେଶ କରିଥିଲେ। ସେହିପରି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ☞ପୃଷ୍ଠା-୪

## ସରକାରଙ୍କ ଏସ୍‌ଓପିରେ ସୁଡ଼ଙ୍ଗ ଖୋଜିବାର ବ୍ୟବସ୍ଥା ନାହିଁ: ଜଷ୍ଟିସ୍ ରଥ

ଭିତର ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର ସମ୍ପନ୍ନ ହେବା ପରେ ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ରାଜ୍ୟବାସୀଙ୍କ ମନରେ ଥିବା ସମସ୍ତ ଆଶଙ୍କା ଆଜି ଦୂର ହୋଇଛି। ସାଢ଼େ ୭ଘଣ୍ଟା ପରିଶ୍ରମ ପରେ ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର କରାଯାଇଛି। ତେବେ ଭିତର ରତ୍ନଭଣ୍ଡାର ଗୁପ୍ତ ସୁଡ଼ଙ୍ଗ ଓ କୋଠରି ଥିବା କଥାକୁ ଜଷ୍ଟିସ୍ ରଥ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ବାରମ୍ବାର କହିଛି, ଏସବୁ କଥା କାହାଣୀ। ତଥ୍ୟ ପର୍ଯ୍ୟବଶିତ ନୁହେଁ। ୟୁଟ୍ୟୁବର ଓ ଗଣମାଧ୍ୟମରେ ଉଡ଼ା ଖବର ☞ପୃଷ୍ଠା-୪

## ଭିତର ରତ୍ନଭଣ୍ଡାରରେ ଥିଲା ୩ ସିନ୍ଦୁକ, ୪ ଆଲମିରା

ରତ୍ନଭଣ୍ଡାର ତଦାରଖ କମିଟି ସଦସ୍ୟମାନେ ଗୁରୁବାର ସକାଳ ୯ଟା ୫୧ ମିନିଟରେ ରତ୍ନଭଣ୍ଡାରରେ ପ୍ରବେଶ କରି ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରକୁ ସ୍ଥାନାନ୍ତର କରିଛନ୍ତି। କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସୂଚନା ଅନୁଯାୟୀ ୩ ସିନ୍ଦୁକ ଓ ୪ ଆଲମିରାରେ ଅଳଙ୍କାର ଥିଲା। ଭିତର ରତ୍ନଭଣ୍ଡାରରେ ସମୁଦାୟ ୭ ଗୋଟି ସିନ୍ଦୁକ ଓ ଆଲମିରାରେ ଅଳଙ୍କାର ରଖାଯାଇଥିଲା। ୭ଗୋଟି ସିନ୍ଦୁକ ଓ ଆଲମିରା ମଧ୍ୟରୁ ୩ଟି କାଠ ଆଲମିରା, ଗୋଟିଏ ଷ୍ଟିଲ୍ ଆଲମିରା ରହିଥିବାବେଳେ ୨ଟି କାଠ ସିନ୍ଦୁକ ଓ ଗୋଟିଏ ଲୁହା ସିନ୍ଦୁକ ରହିଥିଲା। ଯେଉଁ ସିନ୍ଦୁକରେ ଯେମିତି ଯାହା ଥିଲା, ସେମିତି ସେହି କ୍ରମରେ ରଖାଯାଇଛି। ସମସ୍ତ ଅଳଙ୍କାରଗୁଡ଼ିକୁ ଆଲମିରାଗୁଡ଼ିକରେ ରଖାଯାଇଛି। ଏସ୍‌ଓପି ଅନୁଯାୟୀ ସମସ୍ତ ନୂଆ କଣ୍ଟେନରରେ ତାଲା ପକାଯାଇ ସିଲ୍ କରାଯାଇଛି।

## ଚଣ୍ଡିଗଡ଼-ଦିବ୍ରୁଗଡ଼ ଏକ୍ସପ୍ରେସ୍ ଲାଇନଚ୍ୟୁତ: ୩ ମୃତ



ଗୋଣ୍ଡା/ନୂଆଦିଲ୍ଲୀ,୧୮।୭(ପି.ଟି.)

ଉତ୍ତରପ୍ରଦେଶର ଗୋଣ୍ଡା ଷ୍ଟେଶନ ନିକଟରେ ଗୁରୁବାର ଚଣ୍ଡିଗଡ଼-ଦିବ୍ରୁଗଡ଼ ଏକ୍ସପ୍ରେସ୍ ଟ୍ରେନ୍‌ର ୮ ବଗି ଲାଇନ୍‌ଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୩ ଆହତ ହୋଇଛନ୍ତି। ରେଲୱେ ପକ୍ଷରୁ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ମିଳିବାକୁ ଥିବାବେଳେ ଗୁରୁତରଙ୍କୁ ୨.୫ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦,୦୦୦ ଟଙ୍କା କ୍ଷତିପୂରଣ ଘୋଷଣା କରାଯାଇଛି। ଦୁର୍ଘଟଣା ପୂର୍ବରୁ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା ବୋଲି ଟ୍ରେନ୍‌ର ଡ୍ରାଇଭର କହିଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ରିଲିଫ୍ କାର୍ଯ୍ୟ ଜାରି ରହିଛି। ଟ୍ରେନ୍‌ଟି ଚଣ୍ଡିଗଡ଼ରୁ ଦିବ୍ରୁଗଡ଼ ଯାଉଥିବାବେଳେ ଅପରାହ୍ନ ୨ଟା ୩୫ ମିନିଟ୍ ସମୟରେ ଗୋଣ୍ଡା ଷ୍ଟେଶନ ଅତିକ୍ରମ କରିଥିଲା। ଏହାର ପରବର୍ତ୍ତୀ ରହଣି ବସ୍ତି ଷ୍ଟେଶନ ହୋଇଥିବାବେଳେ ଲକ୍ଷ୍ନୌଠାରୁ ୧୫୦ କିମି ଦୂର ମୋତିଗଞ୍ଜ ଷ୍ଟେଶନ ଅତିକ୍ରମ କରିବା ପରେ ଲାଇନଚ୍ୟୁତ ହୋଇଥିଲା। ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଗ୍ରୀଷ୍ମ ପ୍ରବାହର ମୁକାବିଲା

## ଯୁବତୀଙ୍କ ମୁଣ୍ଡରେ ୧୮ ଛୁଞ୍ଚ ଫୋଡ଼ି ତନ୍ତ୍ର ଉପଚାର



ସ୍କାନିଂ ରିପୋର୍ଟରେ ଦେଖାଯାଉଥିବା ଯୁବତୀଙ୍କ ମୁଣ୍ଡରେ ଥିବା ଛୁଞ୍ଚ(ଉପର)। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗୁରୁତର ରେଷ୍ମା ବେହେରା।

**ଯୁବତୀ ଗୁରୁତର, ତାନ୍ତ୍ରିକ ଗିରଫ**

ବଲାଙ୍ଗୀର,୧୮।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଜଣେ ତାନ୍ତ୍ରିକ ଚିକିତ୍ସା ନାଁରେ ଅସୁସ୍ଥ ଯୁବତୀଙ୍କ ମୁଣ୍ଡରେ ଫୋଡ଼ିଛନ୍ତି ୧୮ରୁ ଊର୍ଦ୍ଧ୍ୱ ଛୁଞ୍ଚ। ୪ ବର୍ଷ ତଳେ ଏହି ଘଟଣା ଘଟିଥିବାବେଳେ ଯୁବତୀ ଜଣକ ଭୋଗିଆସୁଛନ୍ତି ଅସହ୍ୟ ଯନ୍ତ୍ରଣା। ଏବେ ସେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏଭଳି ସ୍ପର୍ଶକାତର ଘଟଣା ଅନେକଙ୍କୁ ଚକିତ କରିଦେଉଛି। ଚିକିତ୍ସା ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ ଉପଯୁକ୍ତ ସଚେତନତା ଏବଂ ଡାକ୍ତରୀ ଚିକିତ୍ସା ସେବା ଅଭାବରୁ ଏଭଳି ତନ୍ତ୍ର ଉପଚାର ଓ ଗୁଣିଗାରେଡ଼ି ଭଳି ଘଟଣା ଦେଖିବାକୁ ମିଳୁଛି। ☞ପୃଷ୍ଠା-୪



ଗିରଫ ତାନ୍ତ୍ରିକ ତେଜରାଜ ରଣା।







ଢାକାର ରାମପୁରାରେ ପୋଲିସ ଏବଂ ଶାସକ ଆୱାମି ଲିଗ୍ ସମର୍ଥକଙ୍କ ସହ ସଂରକ୍ଷଣ ବିରୋଧୀ ବିକ୍ଷୋଭକାରୀଙ୍କ ସଂଘର୍ଷ।

# ସଂରକ୍ଷଣ ବିରୋଧୀ ହିଂସା: ୩୨ ମୃତ

## ବାଂଲାଦେଶ ଅଶାନ୍ତ

୧୭ କୋଟି ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ବେରୋଜଗାରି ବଢ଼ିଚାଲିଛି। ପ୍ରାୟ ୩ କୋଟି ୨୦ ଲକ୍ଷ ଯୁବତୀଯୁବକ ନିଯୁକ୍ତି ନ ପାଇ ବେକାର ବୁଲୁଛନ୍ତି। ଏଭଳି ସମୟରେ ସରକାରୀ ନିଯୁକ୍ତିରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପରିବାରକୁ ୩୦ ପ୍ରତିଶତ ସଂରକ୍ଷଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶକୁ ସ୍ୱାଧୀନତା ଆଣିଥିବା ଆୱାମୀ ଲିଗ୍ ପାର୍ଟିର ନେତାମାନଙ୍କ ପରିବାରକୁ ସୁହାଇଲା ଭଳି ଭେଦଭାବପୂର୍ଣ୍ଣ ନୀତି ଆପଣାଇଥିବା ଦର୍ଶାଇ ସଂରକ୍ଷଣର ଉଚ୍ଛେଦ ଦାବି କରିଛନ୍ତି ବିକ୍ଷୋଭକାରୀ। ଏଥିସହ ସେମାନେ ଯୋଗ୍ୟତା ଭିତ୍ତିରେ ସରକାରୀ ନିଯୁକ୍ତି ପ୍ରଦାନ ପାଇଁ ଦାବି କରିଛନ୍ତି। ସପ୍ତାହେ ଧରି ଚାଲିଥିବା ଆନ୍ଦୋଳନ ବେଳେ ପୋଲିସ ସହ ସଂଘର୍ଷ ଘଟି ୩୨ ବାଂଲାଦେଶୀଙ୍କ ମୃତ୍ୟୁ ଘଟିଲାଣି। ଗୁରୁବାର ଶତାଧିକ ବିକ୍ଷୋଭକାରୀ ଢାକାସ୍ଥିତ ସରକାରୀ ଟିଭି ଚ୍ୟାନେଲ ମୁଖ୍ୟାଳୟରେ ନିଆଁ ଲଗାଇଦେଇଛନ୍ତି। ଏଥିସହିତ ୨ଟି ଥାନାକୁ ମଧ ସେମାନେ ଜାଳିଦେଇଛନ୍ତି।


ଆନ୍ଦୋଳନ ବେଳେ ବିକ୍ଷୋଭକାରୀମାନେ ଜଣେ ପୋଲିସ ଅଧିକାରୀଙ୍କୁ ପିଟୁଛନ୍ତି।

**ଢାକା, ୧୮।୭**

ବାଂଲାଦେଶ ସରକାରୀ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଆଣିବା ଦାବିରେ ଗୁରୁବାର ଦେଶବ୍ୟାପୀ ବନ୍ଦ ପାଳନ ବେଳେ ହିଂସାକାଣ୍ଡ ଘଟିଛି। ରାଜଧାନୀ ଢାକାରେ ହଜାର ହଜାର ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟିଛି। ଏହି ସଂଘର୍ଷରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ସଂରକ୍ଷଣ ବିରୋଧୀ ହିଂସା ମୃତ୍ୟୁସଂଖ୍ୟା ୩୨ରେ ପହଞ୍ଚିଛି। ଖବର ସଂଗ୍ରହ କରୁଥିବା ହସନ ମେହଦୀ ନାମକ ଖବରଦାତା ମଧ ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ଗ୍ୟାସ୍ ଓ ରବର ବୁଲେଟ ଚଳାଇବାରୁ ଶତାଧିକ ଆହତ ହୋଇଛନ୍ତି। ଉତ୍ୟକ୍ତ ଆନ୍ଦୋଳନକାରୀ ବାଂଲାଦେଶର ସରକାରୀ ଗଣମାଧ୍ୟମ ବି-ଟିଭି କାର୍ଯ୍ୟାଳୟରେ ନିଆଁ ଲାଗାଇଦେଇଛନ୍ତି। ଉକ୍ତ କାର୍ଯ୍ୟାଳୟ ନିକଟରେ କେତେକ ଯାନବାହନ ସମେତ ପୋଲିସ ଫାଣ୍ଡି ଏବଂ ଅନ୍ୟ ପ୍ରତିଷ୍ଠାନ ମଧ ଜାଳି ଦେଇଛନ୍ତି। ସଂରକ୍ଷଣ ବିରୋଧୀ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଢାକା ପ୍ରଶାସନ ଇଣ୍ଟରନେଟ ସେବାକୁ ବନ୍ଦ କରିଛି। ବାଂଲାଦେଶ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଥିବାବେଳେ ଆନ୍ଦୋଳନକାରୀ ଏଥିରେ ରାଜି ହେଉ ନ ଥିବା ଆଇନ ମନ୍ତ୍ରୀ ଅନିସୁଲ ହକ୍ କହିଛନ୍ତି। ତେବେ ଆଲୋଚନା ଓ ଗୁଳିଚାଳନା ଏକାସଙ୍ଗେ ହୋଇପାରିବ ନାହିଁ ବୋଲି ସଂରକ୍ଷଣ ବିରୋଧୀ ଆନ୍ଦୋଳନର ସହସଂଯୋଜକ ନାହିଦ ଇସଲାମ କହିଛନ୍ତି। ବାଂଲାଦେଶ ଶିକ୍ଷା ବିଭାଗ ପକ୍ଷରୁ ଜୁଲାଇ ୨୧ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ, ୧୯୭୧ ମସିହାରେ ପାକିସ୍ତାନରୁ ଅଲଗା ହୋଇ ବାଂଲାଦେଶ ସ୍ୱାଧୀନତା ପାଇଥିଲା। ଦେଶର ସ୍ୱାଧୀନତାରେ ଅବଦାନ ଥିବା ସଂଗ୍ରାମୀଙ୍କ ପରିବାର ପାଇଁ ସରକାରୀ ଚାକିରିରେ ରହିଥିବା ୩୦% ସଂରକ୍ଷଣ ବ୍ୟବସ୍ଥାକୁ ବନ୍ଦ କରିବାକୁ ଆନ୍ଦୋଳନକାରୀ ଦାବି କରି ଆସୁଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥା ୧୯୭୨ ମସିହାରେ ଶେଖ୍ ମୁଜିବୁର ରେହମାନଙ୍କ ଦ୍ୱାରା ଆଗତ କରାଯାଇଥିଲା।

### ଘରେ ରହିବାକୁ ଭାରତୀୟଙ୍କୁ ପରାମର୍ଶ

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ପ୍ରତିବାଦ ହିଂସ୍ର ରୂପ ନେଇଥିବାରୁ ସେଠାରେ ରହୁଥିବା ଭାରତୀୟମାନଙ୍କୁ ଘରେ ରହିବାକୁ ଢାକାସ୍ଥିତ ଭାରତୀୟ ଦୂତାବାସ ଆଡ୍‌ଭାଇଜରି ଜାରି କରିଛି। ଅତି ଆବଶ୍ୟକ ନ ପଡ଼ିଲେ ଘରୁ ନ ବାହାରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି କୌଣସି ପ୍ରକାରର ସହାୟତା ନିମନ୍ତେ ଭାରତୀୟଙ୍କ ପାଇଁ ହେଲ୍‌ପଲାଇନ ନମ୍ବର ମଧ ଜାରି କରାଯାଇଛି।

# କେନ୍ଦ୍ରୱାରି ଏନ୍‌ଇଇଟି-ୟୁଜି ରେଜଲ୍ଟ ଘୋଷଣା କର

## ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୮।୭(ପି.ଟି.)**

ଚଳିତ ବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷାଫଳ ଶନିବାର ମଧାହ୍ନ ୧୨ଟା ସୁଦ୍ଧା କେନ୍ଦ୍ର ତଥା ସହରୱାରି ଘୋଷଣା କରିବାକୁ ସୁପ୍ରିମକୋର୍ଟ ଗୁରୁବାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷାର୍ଥୀମାନଙ୍କ ପରିଚୟ ଗୋପନ ରଖିବାକୁ ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ପରୀକ୍ଷା ପରିଚାଳନାରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ସମ୍ପୂର୍ଣ୍ଣ ପରୀକ୍ଷା ପ୍ରକ୍ରିୟାର ପବିତ୍ରତା ପ୍ରଭାବିତ ହୋଇଥିବାର ସ୍ପଷ୍ଟ ନିଷ୍କର୍ଷ ଆଧାରରେ ସାନି ପରୀକ୍ଷା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ବୋଲି ଖଣ୍ଡପୀଠ କହିଥିଲେ।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଗତ ମେ' ୫ରେ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ପ୍ରଶ୍ନପତ୍ର ଲିକ୍, ଅସାଧୁ ଉପାୟ ଅବଲମ୍ବନ ଆଦି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା। ପରୀକ୍ଷାକୁ ବାତିଲ କରାଯାଇ ପୁନର୍ବାର ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ୪୦ରୁ ଊର୍ଦ୍ଧ୍ୱ ପିଟିଶନ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରାଯାଇଥିଲା। ଉକ୍ତ ଆବେଦନଗୁଡ଼ିକ ଉପରେ ଆସନ୍ତା ୨୨ରେ ଶୁଣାଣି ପୁଣି ଆରମ୍ଭ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗୁରୁବାର ଦିନବ୍ୟାପୀ ଶୁଣାଣି ବେଳେ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସମେତ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପିଟିଶନରମାନଙ୍କ ଅଭିଯୋଗର ପ୍ରମାଣ ଉପସ୍ଥାପନ କରିବା ପାଇଁ ଖଣ୍ଡପୀଠ ପରୀକ୍ଷାର୍ଥୀମାନଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଣ୍ଡପୀଠ କହିଥିଲେ, ପ୍ରାଥମିକ ଅନୁଧ୍ୟାନରୁ ଯାହା ଜଣାପଡ଼ିଛି, ପ୍ରଶ୍ନପତ୍ର ପ୍ରଘଟ କେବଳ ପାଟନା ଏବଂ ହଜାରିବାଗ ମଧ୍ୟରେ ସୀମିତ ରହିଛି। ଗୁଜରାଟର ଗୋଧ୍ରାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାର କିଛି କୁହାଯାଇପାରିବ ନାହିଁ। ସେଠାରେ ପରୀକ୍ଷା ସହ ସମ୍ପୃକ୍ତ ଜଣେ ବ୍ୟକ୍ତି କେତେଜଣ ଆଶାୟୀଙ୍କ ଓଏମ୍ଆର୍ ପୂରଣ କରିବା ଲାଗି ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟେଲିଗ୍ରାମ୍'ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟ କହିଥିଲେ, ପରୀକ୍ଷାକୁ ବଦନାମ କରିବାକୁ ନୁହେଁ, ଟଙ୍କା ପାଇଁ ଏହା କରାଯାଇଥିବା ପ୍ରମାଣ ମିଳୁଛି। ବ୍ୟାପକ ପ୍ରଘଟ ପାଇଁ ସେହି ସ୍ତରରେ ଯୋଗାଯୋଗ ଠିକଣା ଆବଶ୍ୟକ, ଯାହା ଦ୍ୱାରା ଆପଣ ବିଭିନ୍ନ ସହରର ଏହିସବୁ ପ୍ରମୁଖ ଠିକଣା ସହ ଯୋଗାଯୋଗ କରିପାରିବେ ବୋଲି ଖଣ୍ଡପୀଠ କହିଥିଲେ।

ପରୀକ୍ଷା ଅନିୟମିତତାକୁ ନେଇ ତଦନ୍ତ ଉପରେ ଅଦାଲତ କହିଥିଲେ, ସିବିଆଇ ତଦନ୍ତ ଜାରି ରଖିଛି। ତଦନ୍ତକାରୀ ସଂସ୍ଥା ଆମକୁ କ'ଣ କହିଛି, ତାହା ଯଦି ପ୍ରକାଶ କରାଯାଏ ତେବେ ତଦନ୍ତ ପ୍ରଭାବିତ ହେବ ଏବଂ ଲୋକେ ଚାଲାକ୍ ହୋଇଯିବେ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଶୁଣାଣିରେ ସୁବିଧା ପାଇଁ ବିଭିନ୍ନ ହାଇକୋର୍ଟରେ ଦାଏର ମାମଲାଗୁଡ଼ିକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ପାଇଁ ଏନ୍‌ଟିଏ ପକ୍ଷରୁ ଆବେଦନ କରାଯାଇଥିଲା। ଗତ ୧୧ ତାରିଖରେ ଅଦାଲତ ସମସ୍ତ ପିଟିଶନ୍‌ର ଶୁଣାଣିକୁ ୧୮ ତାରିଖକୁ ଘୁଞ୍ଚାଇଥିଲେ। ପାଖାପାଖି ୨୪ ଲକ୍ଷ ପରୀକ୍ଷାର୍ଥୀ ଫଳାଫଳକୁ ନେଇ ଅନିଶ୍ଚିତତା ମଧ୍ୟରେ ରହିଥିବାରୁ ଗୁରୁବାର ହେବାକୁ ଥିବା ଅନ୍ୟ ସମସ୍ତ ଶୁଣାଣିକୁ ସ୍ଥଗିତ ରଖି ସୁପ୍ରିମକୋର୍ଟ ଏନ୍‌ଇଇଟି-ୟୁଜି ପିଟିଶନ୍‌ଗୁଡ଼ିକର ଶୁଣାଣି କରିଥିଲେ।

# ପ୍ରଶ୍ନପତ୍ର ଲିକ୍: ୪ ଏମ୍ସ ଛାତ୍ର ଗିରଫ

**ନୂଆଦିଲ୍ଲୀ, ୧୮।୭(ପି.ଟି.)**

ଏନ୍‌ଇଇଟି-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ସହ ସମ୍ପୃକ୍ତି ନେଇ ଏମ୍ସ ପାଟନାର ୪ ଜଣ ଛାତ୍ରଙ୍କୁ ସିବିଆଇ ଗୁରୁବାର ଜେରା ପରେ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଚନ୍ଦନ ସିଂ, ରାହୁଲ ଅନନ୍ତ, କୁମାର ଶାନୁ ଏମ୍‌ବିବିଏସ୍ ତୃତୀୟ ବର୍ଷ ଛାତ୍ର ହୋଇଥିବାବେଳେ କରନ ଜୈନ ଦ୍ୱିତୀୟ ବର୍ଷର। ଏମ୍ସର ବରିଷ୍ଠ ପ୍ରଫେସରମାନଙ୍କ ଉପସ୍ଥିତିରେ ଛାତ୍ରମାନଙ୍କୁ ବୁଧବାର ହଷ୍ଟେଲ ପ୍ରକୋଷ୍ଠରୁ ସିବିଆଇ ନେଇଯାଇଥିଲା। ସେମାନଙ୍କ ହଷ୍ଟେଲ ରୁମକୁ ସିଲ୍ କରାଯାଇଛି। ତଦନ୍ତ ପାଇଁ ସେମାନଙ୍କ ଆବଶ୍ୟକତା ଥିବା ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ କହିଥିଲେ। ହଜାରିବାଗରେ ଥିବା ଏନ୍‌ଟିଏ ଟ୍ରଙ୍କରୁ ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଚୋରି କରିଥିବା ଇଞ୍ଜିନିୟର ପଙ୍କଜ କୁମାର ଓ ତାଙ୍କୁ ସହାୟତା କରିଥିବା ରାଜୁ ସିଂ ଗିରଫ ହେବାର ୨ ଦିନ ପରେ ୪ ଏମ୍ସ ଛାତ୍ରଙ୍କୁ ଜେରା ପାଇଁ ନିଆଯାଇଛି।

# ଜୋ ବାଇଡେନ୍ କୋଭିଡ୍ ପଜିଟିଭ

**ୱାଶିଂଟନ, ୧୮।୭**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍(୮୧) ଗୁରୁବାର କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ହ୍ୱାଇଟ ହାଉସ ପକ୍ଷରୁ ସୂଚନା ଦିଆଯାଇଛି। ଲାସ୍ ଭେଗାସ୍‌ରେ ନିର୍ବାଚନ ପ୍ରଚାରବେଳେ ବାଇଡେନଙ୍କ ନିକଟରେ କରୋନାର ସାମାନ୍ୟ ଲକ୍ଷଣ ଦେଖାଯିବାରୁ ସେ ଟେଷ୍ଟିଂ କରାଇଥିଲେ। ପଜିଟିଭ୍ ଚିହ୍ନଟ ହେବା ପରେ ସେ ଡେଲାୱେରକୁ ଫେରି ସଙ୍ଗରୋଧରେ ରହିଛନ୍ତି। କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବାରୁ ବାଇଡେନ୍‌ଙ୍କ ନିର୍ବାଚନ ପ୍ରଚାର ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ବିଗତ ଦିନରେ ଟ୍ରମ୍ପଙ୍କୁ ଆକ୍ରମଣ ଓ ବାଇଡେନ୍‌ଙ୍କ



ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ଲିପ୍ ଅଫ୍ ଟଙ୍ଗ୍ ଆଦି ଯୋଗୁ ଆମେରିକା ରାଷ୍ଟ୍ରପତି ପଦ ରେସ୍‌ରେ ବାଇଡେନ୍ ପଛାଉଥିବା ବିଭିନ୍ନ ସର୍ଭେ ପ୍ରକାଶ କରିଛନ୍ତି। ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ହଟିବାକୁ ବାଇଡେନ୍‌ଙ୍କ ଉପରେ ଦଳୀୟ ସଦସ୍ୟଙ୍କ ଚାପ ବଢୁଥିବାବେଳେ ବୁଧବାର ସେ ଏକ କାର୍ଯ୍ୟକ୍ରମରେ ଏହି ପଦ ପାଇଁ ଉପ ରାଷ୍ଟ୍ରପତି କମଳା ହ୍ୟାରିସଙ୍କର ମଧ ସାମର୍ଥ୍ୟ ରହିଛି ବୋଲି କହିଥିଲେ।

# ମରିସସ୍‌ରେ ପ୍ରଥମ ଜନଔଷଧୀ କେନ୍ଦ୍ର

**ପୋର୍ଟ ଲୁଇସ୍, ୧୮।୭**

ମରିସସ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ପ୍ରଥମ ଭାରତୀୟ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିଣ କୁମାର ଜୁଗନୌଥ ଉପସ୍ଥିତ ଥିଲେ। ମରିସସ୍‌ର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହ ୨ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବା ଜୟଶଙ୍କର କହିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମୋଦି ମରିସସ୍‌କୁ ଦେଇଥିବା ପ୍ରତିଶ୍ରୁତି ଏହି ପଦକ୍ଷେପ ଦ୍ୱାରା ପୂରଣ କରିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଜନ ଔଷଧୀ କେନ୍ଦ୍ର ଏକ ସ୍ୱାସ୍ଥ୍ୟ ସହଭାଗିତା ପ୍ରକଳ୍ପ ହୋଇଥିବାବେଳେ ଏହା ଖୁବ୍ କମ୍ ମୂଲ୍ୟରେ ଭାରତରେ ନିର୍ମିତ ଔଷଧ ଯୋଗାଇଥାଏ।

# ଇୟୁ ମୁଖ୍ୟ ଉର୍ସୁଲା ପୁନଃ ନିର୍ବାଚିତ


ଉର୍ସୁଲା ଭୋନ୍ ଡେର ଲେୟେନ୍

**ଷ୍ଟ୍ରାସ୍‌ବର୍ଗ, ୧୮।୭**

ୟୁରୋପୀୟ ସଂଘ (ଇୟୁ) ମୁଖ୍ୟ ଉର୍ସୁଲା ଭୋନ୍ ଡେର ଲେୟେନ୍ ଗୁରୁବାର ଆଉ ୫ ବର୍ଷ ପାଇଁ ୟୁରୋପିଆନ୍ କମିଶନ ଅଧ୍ୟକ୍ଷା ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ୟୁରୋପୀୟ ପାର୍ଲାମେଣ୍ଟର ୭୨୦ ସଦସ୍ୟଙ୍କ ମଧ୍ୟରୁ ୪୦୧ ଜଣ ଉର୍ସୁଲାଙ୍କ ସପକ୍ଷରେ ଓ ୨୮୪ ସଦସ୍ୟ ତାଙ୍କ ବିପକ୍ଷରେ ଭୋଟ ଦେଇଛନ୍ତି। ୧୫ ସଦସ୍ୟ ମତଦାନରୁ ବିରତ ରହିଛନ୍ତି। ନିର୍ବାଚିତ ହେବା ପାଇଁ ୩୬୧ ଭୋଟ ଆବଶ୍ୟକ।

ଗତ ଅର୍ଦ୍ଧଶତାବ୍ଦୀରେ ୬୫ ବର୍ଷୀୟା ଉର୍ସୁଲା ଅନେକ ଚ୍ୟାଲେଞ୍ଜର ସଫଳ ମୁକାବିଲା କରି ୟୁରୋପୀୟ ସଂଘକୁ ଆଗେଇନେଇଛନ୍ତି। ଇୟୁରୁ ବ୍ରିଟେନ୍‌ର ବିଚ୍ଛେଦ (ବେକ୍‌ଜିଟ୍), ବୈଶ୍ୱିକ ମହାମାରୀ କୋଭିଡ୍-୧୯ ଓ ୟୁକ୍ରେନ୍‌କୁ ରୁଷିଆର ଆକ୍ରମଣ ଭଳି କଠିନ ସମୟରେ ସେ ନିଜ ବିଚକ୍ଷଣତାର ପ୍ରମାଣ ଦେଇଛନ୍ତି। ୨୭ ରାଷ୍ଟ୍ର ବିଶିଷ୍ଟ ଏହି ବ୍ଲକ୍ ୟୁକ୍ରେନ୍ ଯୁଦ୍ଧଠାରୁ ନେଇ ଜଳବାୟୁ ପରିବର୍ତ୍ତନ, ଶରଣାର୍ଥୀ ଓ ବାସଗୃହ ଅଭାବ ଭଳି ସମସ୍ୟା ଦେଇ ଗତି କରୁଥିବାବେଳେ ଉର୍ସୁଲାଙ୍କ ପୁନଃ ନିର୍ବାଚନ ତାଙ୍କ ନେତୃତ୍ୱରେ ଏସବୁର ସମାଧାନ ପାଇଁ ବାଟ ଫିଟାଇଛି।

# ପୂଜା ଖେଡ୍‌କରଙ୍କ ମା' ଗିରଫ

**ପୁଣେ, ୧୮।୭**

ବିବାଦୀୟ ପ୍ରୋବେଶନାରି ଆଇଏଏସ୍ ଅଧିକାରୀ ପୂଜା ଖେଡ୍‌କରଙ୍କ ମା' ମନୋରମା ଖେଡ୍‌କରଙ୍କୁ ଗୁରୁବାର ମହାରାଷ୍ଟ୍ରର ରାୟଗଡ଼ ଜିଲାର ଏକ ଲଜ୍‌ରୁ ପୁଣେ ପୋଲିସ ଗିରଫ କରିଛି। ୨୦୨୩ରେ ପୁଣେର ମୁଲ୍‌ଶି ତହସିଲ ଅନ୍ତର୍ଗତ ଧଡ୍‌ୱାଲି ଗ୍ରାମରେ ଏକ ଜମି ବିବାଦ ମାମଲାରେ ମନରୋମା ବନ୍ଧୁକ ଦେଖାଇ କେତେଜଣ ଲୋକଙ୍କୁ ଧମକ ଦେଇଥିବାର ଏକ ଭିଡିଓ ସାମ୍ନାକୁ ଆସିଥିଲା। ପୋଲିସ ଏହି ଘଟଣାରେ ମନୋରମା ତାଙ୍କ ସ୍ୱାମୀ ଦିଲ୍ଲୀପ ଓ ଅନ୍ୟ ୩ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇ ହତ୍ୟା ଉଦ୍ୟମ, ଆପରାଧିକ ଧମକ, ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ବ୍ୟବହାର ଆଦି ଦଫା ଲଗାଇ ମାମଲା ରୁଜୁ କରିଛି। ପୁଣେର ଏକ ସ୍ୱତନ୍ତ୍ର କୋର୍ଟ ମନୋରମାଙ୍କୁ ଆସନ୍ତା ୨୦ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇଛନ୍ତି।

# ଉଦୟନିଧି ହୋଇପାରନ୍ତି ଉପମୁଖ୍ୟମନ୍ତ୍ରୀ

**ଚେନ୍ନାଇ, ୧୮।୭**

ତାମିଲନାଡୁର କ୍ରୀଡ଼ା ମନ୍ତ୍ରୀ ଥିବା ଉଦୟନିଧି ଷ୍ଟାଲିନ୍ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧିଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ପଦୋନ୍ନତି ଦେବାକୁ ଡିଏମ୍‌କେ ସରକାର ଉଦ୍ୟମ ଚଳାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୨୦୦୯ ଲୋକ ସଭା ନିର୍ବାଚନ ପରେ ଏମ୍.କେ. ଷ୍ଟାଲିନ୍ ଅନୁରୂପ ଭାବେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଡିଏମ୍‌କେ ଯୁବନେତା ତଥା ଚେପୌକ-ଥିରୁଭାଲିକେନି ବିଧାୟକ ଉଦୟନିଧି ୨୦୨୨ ଡିସେମ୍ବରରେ ଡିଏମ୍‌କେ ସରକାରରେ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଗତ ଜାନୁଆରୀରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇବା ପାଇଁ ପ୍ରଥମେ ଯୋଜନା ହୋଇଥିଲା। ତେବେ ତାଙ୍କର ସନାତନ ଧର୍ମ ବିରୋଧୀ ମନ୍ତବ୍ୟ ଯୋଗୁ ଏହି ଯୋଜନାକୁ


ଉଦୟନିଧି ଷ୍ଟାଲିନ୍

ସ୍ଥଗିତ ରଖାଯାଇଥିଲା। ଜାନୁଆରୀରେ ଉଦୟନିଧି ସନାତନ ଧର୍ମକୁ ମ୍ୟାଲେରିଆ ଏବଂ ଡେଙ୍ଗୁ ସହ ତୁଳନା କରି ଏହାର ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ବିବାଦ ଜୋର୍‌ଦାର ହେବା ସହ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପାଇଁ ଏକାଧିକ ପିଟିଶନ ଦାଏର ହୋଇଥିଲା।

# ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**କୁପୱାଡ଼ା, ୧୮।୭**

ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ କେରନ ସେକ୍ଟରରେ ଗୁରୁବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଆତଙ୍କବାଦୀମାନେ କେରନ୍ ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ସେମାନଙ୍କ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛି। ଏହାର କିଛି ଘଣ୍ଟା ପୂର୍ବରୁ ଡୋଡା ଜିଲାରେ ଗୁଳିବିନିମୟ ବେଳେ ୨ ଜଣ ଯବାନ ଆହତ ହୋଇଥିଲେ। ଡୋଡା ସରକାରୀ ହସ୍ପିଟାଲରେ ସେମାନଙ୍କ ପ୍ରାଥମିକ ଚିକିତ୍ସା ପରେ ହେଲିକପ୍ଟର ଯୋଗେ ସେନା ହସ୍ପିଟାଲକୁ ନିଆଯାଇଛି। କଶ୍ମୀରରେ କିଛିଦିନ ହେଲା ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଇଛି। ମଙ୍ଗଳବାର ଡୋଡାରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ କ୍ୟାପ୍‌ଟେନଙ୍କ ସମେତ ୪ ଯବାନଙ୍କ ମୃତ୍ୟୁ ଘଟିଥିଲା।

# ୧୦୦ ବିଧାୟକ ଆଣ, ସରକାର ଗଢ଼

## ଅଖିଳେଶଙ୍କ ମନ୍‌ସୁନ୍ ଅଫର

**ଲକ୍ଷ୍ନୌ, ୧୮।୭**

ଲୋକ ସଭା ନିର୍ବାଚନରେ ଭାଜପାର ପରାଜୟ ପରେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିଥିବାବେଳେ ଏକ୍ସ'ରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ମନ୍‌ସୁନ୍ ଅଫର୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏକ ପୋଷ୍ଟରେ ଅଖିଳେଶ ଭାଜପା ବିଧାୟକମାନଙ୍କ ଉଦ୍ଦେଶ୍ୟରେ


ଅଖିଳେଶ ଯାଦବ

ଲେଖିଛନ୍ତି, ୧୦୦ ବିଧାୟକ ଆଣ, ସରକାର ଗଢ଼। ଅର୍ଥାତ୍ ଶାସକ ଦଳର ୧୦୦ ବିଧାୟକଙ୍କ ପକ୍ଷ ପରିବର୍ତ୍ତନକରି ସେମାନଙ୍କୁ ଏସ୍‌ପିକୁ ଆଣିଲେ ସରକାର ଗଢ଼ାଯାଇପାରିବ। ଅଖିଳେଶ ଏଥିରେ କାହାର ନାମ ଉଲ୍ଲେଖ କରି ନ ଥିଲେ ମଧ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରତି ଅସନ୍ତୁଷ୍ଟ ଥିବା ଭାଜପା ବିଧାୟକମାନଙ୍କ ଉଦ୍ଦେଶ୍ୟରେ ଏହା କହିଥିବା ମନେକରାଯାଉଛି। ଜଣେ ବରିଷ୍ଠ ଏସ୍‌ପି ନେତା କହିଛନ୍ତି, ୨୦୨୨ରେ ଏସ୍‌ପି ୧୧୧ ଆସନରେ ଜିତିଥିଲା। ଆଉ ୧୦୦ ଅସନ୍ତୁଷ୍ଟ ଭାଜପା ବିଧାୟକଙ୍କ ସମର୍ଥନ ମିଳିଲେ ଆମେ ସହଜରେ ସରକାର ଗଢ଼ିପାରିବୁ। ୟୁପି ଭାଜପାରେ ସବୁକିଛି ଠିକ୍ ଚାଲିନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ 'ସରକାରଠାରୁ ସଙ୍ଗଠନ ବଡ଼' ମନ୍ତବ୍ୟରୁ ସଙ୍କେତ ମିଳିଥିବାବେଳେ ଅଖିଳେଶଙ୍କ ମନ୍‌ସୁନ୍ ଅଫର କ୍ଷମତା ରାଜନୀତିରେ ନୂଆ ସମ୍ଭାବନା ସୃଷ୍ଟି କରିଛି।

# ୟୁପି ପୋଲିସର ବୋଲ୍‌ବମ୍ ଯାତ୍ରା ନିର୍ଦ୍ଦେଶକୁ ନେଇ ବିବାଦ

**ନୂଆଦିଲ୍ଲୀ, ୧୮।୭**

ବୋଲ୍‌ବମ୍ ଯାତ୍ରୀମାନଙ୍କ ସୁବିଧା ପାଇଁ ଯାତ୍ରା ମାର୍ଗରେ ଥିବା ମୁଜାଫରନଗରର ସମସ୍ତ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ମାଲିକଙ୍କ ନାଁ ସାଇନ୍‌ବୋର୍ଡରେ ଉଲ୍ଲେଖ କରିବା ପାଇଁ ଉତ୍ତରପ୍ରଦେଶ ପୋଲିସ ନିର୍ଦ୍ଦେଶ ଦେଇଥିଲା। ପୋଲିସର ଏଭଳି ନିର୍ଦ୍ଦେଶକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଏହାକୁ କେତେଜଣ ଜର୍ମାନୀର ହିଟ୍‌ଲର ଶାସନ ସହ ତୁଳନା କରିଛନ୍ତି। ତେବେ କୌଣସି ଧର୍ମୀୟ ଭେଦଭାବ ସୃଷ୍ଟି କରିବା ନିର୍ଦ୍ଦେଶନାମାର



ଉଦ୍ଦେଶ୍ୟ ନ ଥିଲା। କେବଳ କାଉଡ଼ିଆମାନଙ୍କୁ ସହାୟତା ପାଇଁ ଏହା କରାଯାଇଥିଲା ବୋଲି ପୋଲିସ କହିଛି।

ମୁଜାଫରନଗର ଜିଲାରେ ପ୍ରାୟ ୨୪୦ କିଲୋମିଟର ବୋଲ୍‌ବମ୍ ଯାତ୍ରା ମାର୍ଗ ରହିଛି। ଏହି ରୁଟ୍‌ରେ ଥିବା ହୋଟେଲ ଓ ଢାବାଗୁଡ଼ିକୁ ସେମାନଙ୍କ ମାଲିକ ଓ ଦୋକାନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ନାଁ ପ୍ରଦର୍ଶିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ମୁଜାଫରନଗର ଏସ୍‌ପି ଅଭିଷେକ ସିଂ କହିଛନ୍ତି। ଏହାଦ୍ୱାରା କାଉଡ଼ିଆମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିବ ନାହିଁ ଏବଂ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବ ନାହିଁ। ହୋଟେଲ ଓ ଢାବା ମାଲିକମାନଙ୍କୁ ସ୍ୱେଚ୍ଛାକୃତ ଭାବେ ନିର୍ଦ୍ଦେଶ ଅନୁପାଳନ କରିବାକୁ କୁହାଯାଇଥିଲା ବୋଲି ଏସ୍‌ପି କହିଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ଦଳ ପକ୍ଷରୁ ପୋଲିସର ଏଭଳି କାର୍ଯ୍ୟକୁ ଦୃଢ଼ ବିରୋଧ କରାଯାଇଛି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ପ୍ରଶ୍ନ ଉଠାଇବା ସହ ଅଦାଲତ ସ୍ୱତଃ ଏଥିରେ ହସ୍ତକ୍ଷେପ କରିବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ନିର୍ଦ୍ଦେଶ ସାମାଜିକ ଅପରାଧ ଏବଂ ଶାନ୍ତିପୂର୍ଣ୍ଣ ବାତାବରଣ ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରିବା ଏହାର ଲକ୍ଷ୍ୟ ବୋଲି ଅଖିଳେଶ କହିଛନ୍ତି। ପୋଲିସର ଏଭଳି କାର୍ଯ୍ୟକୁ ବଲିଉଡ୍ ଗୀତିକାର ଜାଭେଦ ଅଖତର ସମାଲୋଚନା କରିବା ସହ ନାଜି ଜର୍ମାନୀ ସହ ତୁଳନା କରିଛନ୍ତି।

# ୫-ଟି ସ୍କୁଲ ରୂପାନ୍ତରଣରେ ଦୁର୍ନୀତିର ଗନ୍ଧ: ମୁଖ୍ୟମନ୍ତ୍ରୀ

ନିଶ୍ଚିନ୍ତକୋଇଲି,୧୮।୭
(ଅଶୋକ କୁମାର ମହାପାତ୍ର)

ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣର ଆବଶ୍ୟକତା ରହିଛି। ଓଡ଼ିଶାରେ ଶିକ୍ଷାନୁଷ୍ଠାନଗୁଡ଼ିକର ରୂପାନ୍ତରଣ ନାମରେ ବହୁ ଦୁର୍ନୀତି ହୋଇଛି। ବାସ୍ତବରେ ସରକାରୀ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ହୋଇନାହିଁ। ଫଳରେ ଗ୍ରାମାଞ୍ଚଳ ପିଲାମାନେ ବେସରକାରୀ ବିଦ୍ୟାଳୟ ମୁହାଁ ହେଉଛନ୍ତି। ଚଳିତ ବଜେଟରେ ଶିକ୍ଷାର ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ପ୍ରତି ପଞ୍ଚାୟତରେ ୨ଟି ମଡେଲ ସ୍କୁଲ କରାଯାଇ ଶିକ୍ଷାର ମୂଳ ଲକ୍ଷ୍ୟକୁ ଆଧାର ପୂର୍ବକ ପ୍ରାଥମିକ ଶିକ୍ଷାର ବିକାଶ କରାଯିବ ବୋଲି କଟକ ଜିଲା ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଘାଟନରେ ଗୁରୁବାର ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ନିଶ୍ଚିନ୍ତକୋଇଲି ଅହେମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୀରକ ଜୟନ୍ତୀ ଉତ୍ସବରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ସଭାପତିତ୍ୱ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବର ପତ୍ରିକା ଉନ୍ମୋଚନ କରୁଛନ୍ତି।

### ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

ଉଦ୍‌ଘାଟକଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ ନୂତନ ଶିକ୍ଷାନୀତି ଓ ପ୍ରାଥମିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଗତ ସରକାର ୫-ଟି ମାଧ୍ୟମରେ ସରକାରୀ ସ୍କୁଲଗୁଡ଼ିକର ଯେଉଁ ବିକାଶ କରିଛନ୍ତି ସେଥିରେ ଦୁର୍ନୀତିର ଗନ୍ଧ ରହିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ନୂଆ ସରକାର ଶପଥ ନେବା ପରେ ଯେଉଁସବୁ ପ୍ରତିଶ୍ରୁତି ଲୋକଙ୍କୁ ଦେଇଥିଲା ତାହା ପୂରଣ କରୁଛି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ୪ ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା କରାଯାଇଛି। ଆସନ୍ତା ୨୨ ତାରିଖରେ ବିଧାନସଭା ବସିବ। ୨୫ ତାରିଖରେ ଓଡ଼ିଶାର ସବୁବର୍ଗର ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରାଯିବ। ଏହି ବଜେଟ୍ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ସହ ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାର ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଭାଜପା ସରକାର ଥିବାରୁ ଏହା ସଫଳ ରୂପାୟନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବହୁ କେନ୍ଦ୍ରୀୟ ଯୋଜନାକୁ ବିଗତ ସରକାର ଫଳପ୍ରଦ କରାଇବାରେ ବାଧକ ସାଜିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାହାଙ୍ଗା ଶିକ୍ଷା ଓ ସଂସ୍କୃତି ଉପରେ ଆଲୋକପାତ କରିବା ସହ ବିଗତ ସରକାର କରିଥିବା ଦୁର୍ନୀତିର ମଞ୍ଜି କଟକ ଜିଲା ମାହାଙ୍ଗାରୁ ଆରମ୍ଭ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ ଅହମ୍ମଦ ବକ୍ସ ଖେଳ ପଡିଆ ବିକାଶ ପାଇଁ ସେ ବ୍ୟୟ ବରାଦ କରିଥିଲେ। ଏ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ କରିବା ପାଇଁ ତାଙ୍କର ସହଯୋଗ ରହିବ। ସରକାର ଏହି ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟ ରୂପେ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ମାହାଙ୍ଗା ବିଧାୟକ ପ୍ରଧାନ ନିଜ ଅଭିଭାଷଣରେ ମାହାଙ୍ଗା ଏକ ସଂସ୍କୃତି ସମ୍ପନ୍ନ ମାଟି ବୋଲି କହିଥିଲେ। ଏହି ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। ପ୍ରାରମ୍ଭରେ ପୂର୍ବଛାତ୍ର ସଂସଦର ଉପଦେଷ୍ଟା ଦେବେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ବିଧାୟକ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ କରାଯିବା ସହ ହୀରକ ଜୟନ୍ତୀ ଲୋଗୋ ଲୋକାର୍ପଣ କରାଯାଇଥିଲା।

# ପଦ ଚାଲିଯିବା ଭୟରେ ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି: କଂଗ୍ରେସ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ପୁରୀ ରାଜଭବନରେ କାର୍ଯ୍ୟରତ ଓଡ଼ିଆ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ଏବଂ ତାଙ୍କର ୫ ଜଣ ଝାଡ଼ଖଣ୍ଡୀ ବନ୍ଧୁ ଅତି ନୃଶଂସ ଭାବେ ଶାରୀରିକ ନିର୍ଯାତନା ଦେବାପରେ ଏହି ଘଟଣାକୁ ନେଇ ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି। ତଥାପି ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ଅପରାଧୀ ପୁତ୍ର ଲଳିତ କୁମାର ଏବଂ ତାଙ୍କର ସହଯୋଗୀଙ୍କୁ ଗିରଫକରି ଦଣ୍ଡବିଧାନର ବ୍ୟବସ୍ଥା ନ କରିବା ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭୟ କରି ତାଙ୍କ ପୁଅ ଲଳିତ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଲଳିତ କୁମାରଙ୍କୁ ଗିରଫକଲେ ହୁଏତ ତାଙ୍କର ପଦ ଚାଲିଯିବା ଆଶଙ୍କା ରହିଛି ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗୁରୁବାର ନୱାଜ କହିଛନ୍ତି, ରଘୁବର ଦାସ ଓଡ଼ିଶାର ରାଜ୍ୟପାଳ ଅଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କଠାରୁ ଅଧିକ ତାଙ୍କ ପୁଅଙ୍କୁ ଖାତିର କରୁଥିବା ମନେହେଉଛି। କାରଣ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଧିକାରୀଙ୍କୁ ନିଜର ଜୋତା ଚାଟିବା ପାଇଁ ବାଧ କରିଥିବା ଏବଂ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଲଳିତ କୁମାର ଏବେ ନିର୍ଭୟରେ ବୁଲୁଛନ୍ତି। ଆମ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀମାନଙ୍କୁ ରାଜଭବନରେ କେତେବେଳେ ବି ଲଳିତ କୁମାର ଦୁର୍ବ୍ୟବହାର କରିପାରନ୍ତି। ତାଙ୍କର ଦୌରାତ୍ମ୍ୟକୁ କେତେଜଣ କ୍ଷମତାଲୋଭୀ ରାଜନେତା ସହ୍ୟ କରିଯାଉଛନ୍ତି। ଏ ରାଜ୍ୟରେ ସରକାରୀ କର୍ମଚାରୀଙ୍କର ବିଭିନ୍ନ ସଙ୍ଗଠନ ରହିଛି। ସେମାନେ ବିଭିନ୍ନ ସମୟରେ ନିଜର ହକ୍ ପାଇଁ ଦୃଢ଼ ସ୍ୱରରେ ଦାବି ଉପସ୍ଥାପନ କରିଥାନ୍ତି। ମାତ୍ର ନିଜର ଜଣେ ସହଯୋଗୀ ପ୍ରତି ଜଣେ ଝାଡ଼ଖଣ୍ଡୀ ଅପରାଧୀର ଅତ୍ୟାଚାରକୁ ଏହି ସଙ୍ଗଠନଗୁଡ଼ିକୁ ପକ୍ଷରୁ ଆଖିଦୃଶିଆ ପ୍ରତିବାଦ ହେଉନାହିଁ। ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହୁଥିଲେ ସେମାନେ କେବଳ ନିର୍ବାଚନ ବୈତରଣୀ ପାରହେବା ପାଇଁ ଏହାକୁ ଅସ୍ତ୍ରଭାବେ ବ୍ୟବହାର କରୁଥିଲେ। ଛାତ୍ର କଂଗ୍ରେସ ଲଳିତ କୁମାରଙ୍କୁ ଦଣ୍ଡବିଧାନ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବ। ଓଡ଼ିଆ ଜାତିର ଅପମାନକୁ ମୁଖ୍ୟମନ୍ତ୍ରୀ ସହି ଯାଇପାରନ୍ତି, ହେଲେ ଛାତ୍ର କଂଗ୍ରେସ ସହ୍ୟ କରିବ ନାହିଁ ବୋଲି ନୱାଜ କହିଛନ୍ତି।



ରାଜଭବନ କର୍ମଚାରୀ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ମାଡ଼ମାରିବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ପକ୍ଷରୁ ଗୁରୁବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

# ମିଶନ ମୋଡ୍‌ରେ ଅପପୁଷ୍ଟି ଦୂରକର: ପ୍ରଭାତୀ

ଭୁବନେଶ୍ୱର, ୧୮।୭(ଅସମାପିକା ସାହୁ)

ମହିଳା ଓ ଶିଶୁ ବିକାଶ ଅନ୍ତର୍ଗତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଗୁରୁବାର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମିଶନ ମୋଡ୍‌ରେ ଅପପୁଷ୍ଟି ଦୂର କରିବା ଲକ୍ଷ୍ୟରେ ସାମିଲ ହେବା ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଅଧିକ ପୁଷ୍ଟିହୀନତା ଜିଲାକୁ ବିଶେଷ ଧ୍ୟାନ ଦେଇ ଉକ୍ତ ଜିଲାମାନଙ୍କୁ ପୁଷ୍ଟିହୀନତାମୁକ୍ତ କରିବା ଉପରେ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି।



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବିଭାଗୀୟ ଅଧିକାରୀମାନେ।

ସେ କ୍ଷେତ୍ର ପରିଦର୍ଶନରେ ଯାଇ ଛତୁଆ ସହ ସମସ୍ତ ଶୁଖିଲା ଖାଦ୍ୟ ସାମଗ୍ରୀ(ଟେକ୍ ହୋମ୍ ରାଶନ୍)ର ଗୁଣବତ୍ତାକୁ ନିୟମିତ ଯାଞ୍ଚ କରିବା ସହ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ନିୟମିତ ତାଲିମ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଭୟରେ କାର୍ଯ୍ୟ କରିବାକୁ ଉପଦେଶ ଦେବା ସହ ସେମାନଙ୍କଠାରୁ ସୁଚିନ୍ତିତ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଓଡ଼ିଶା ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି। ୧୦୦ ଦିନ ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଡ଼ା କଡ଼ା ତାଗିଦ କରିଛନ୍ତି। ମା'ମାନେ ଛୋଟ ଛୋଟ ଶିଶୁଙ୍କୁ ଫାଷ୍ଟଫୁଡ୍ ଦେବା ବଦଳରେ ପୁଷ୍ଟିକର ଖାଦ୍ୟ ଦେବା ବିଷୟରେ ସଚେତନତା ସୃଷ୍ଟି

### ରାଜ୍ୟସ୍ତରୀୟ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମୀକ୍ଷା ବୈଠକ

କରିବା ପାଇଁ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ବିଭାଗର ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ରାଜ୍ୟର ସମାଜ ମଙ୍ଗଳ ଅଧିକାରୀଙ୍କୁ ପ୍ରୋତ୍ସାହିତ କରିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଶା ବାନାର୍ଜୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ବଲପୁର ରେଳ ଓଭରବ୍ରିଜ୍ ପ୍ରକଳ୍ପ ପାଇଁ ୨୮.୬୧ କୋଟି

ସମ୍ବଲପୁର,୧୮।୭(ପ୍ରମୋଦ ବହିଦାର)

ସମ୍ବଲପୁର ରେଳଷ୍ଟେଶନରୁ ସମ୍ବଲପୁର ସିଟି ଷ୍ଟେଶନ ମଧ୍ୟରେ ପ୍ରାୟ ୮.୧୦ କି.ମି. ବିଶିଷ୍ଟ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ହେବ। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୮.୬୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାଦ୍ୱାରା ଟ୍ରେନ୍ ଚଳାଚଳ ବୃଦ୍ଧି ସହିତ ଜଟିଳ ମିଳନସ୍ଥଳରେ ଯାତାୟାତ ଅଧିକ ସୁଗମ ହୋଇପାରିବ। ଫଳରେ ସମ୍ବଲପୁରରୁ ଟିଟିଲାଗଡ଼, ଅନୁଗୋଳ ଓ ଝାରସୁଗୁଡ଼ା ପାର୍ଶ୍ୱକୁ ଏକ ସମୟରେ ପ୍ରତିବନ୍ଧମୁକ୍ତ ପାଇଁ ଯାତାୟାତକୁ ସୁନିଶ୍ଚିତ କରିବା ସହ କ୍ରସ୍-ଟ୍ରାଫିକ୍ ବିଳମ୍ବ ଦୂର ହୋଇପାରିବ ବୋଲି ରେଳପଥ ଆଶା ରଖିଛି।

# ଆହାର ଯୋଜନା ବନ୍ଦ ହେବନାହିଁ : କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ଆହାର କେନ୍ଦ୍ରରେ ପହଞ୍ଚି ମନ୍ତ୍ରୀ ଧାଡ଼ିରେ ରହି କୁପନ କିଣିଥିଲେ ଏବଂ ଲୋକଙ୍କ ସହ ବସି ଖାଦ୍ୟ ଖାଇଥିଲେ। ଏହି ଅବସରରେ ମନ୍ତ୍ରୀ ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ପଚାରି ବୁଝିବା ସହ ଆହାର କେନ୍ଦ୍ର ବିଷୟରେ ସେଠାରେଥିବା ଲୋକଙ୍କୁ ପଚାରିଥିଲେ। ଏଥିସହ ଆହାର କେନ୍ଦ୍ରର ପରିଚ୍ଛନ୍ନତା ଓ ଖାଦ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ସହ ଖରାପ ହୋଇ ଯାଇଥିବା ବାସନ ସଫା ଯନ୍ତ୍ର ତୁରନ୍ତ ମରାମତି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ଆହାର ଯୋଜନା ବନ୍ଦ ହେବନାହିଁ। କାରଣ ଲୋକଙ୍କ ଏଥିପ୍ରତି ଆଗ୍ରହ ଅଛି, ତେଣୁ ଗୁରୁତ୍ୱ ଦିଆଯାଉଛି। ଆହାର ନାମ ପରିବର୍ତ୍ତନ ନେଇ ପରବର୍ତ୍ତୀ ସମୟରେ ସମୀକ୍ଷା ହେବ ବୋଲି ମନ୍ତ୍ରୀ ମତ ରଖିଛନ୍ତି। ସେ ଆହୁରି କହିଛନ୍ତି, ଖାଦ୍ୟ ଲୋକଙ୍କ ସେବା ଉଦ୍ଦେଶ୍ୟରେ ଦିଆଯାଉଛି। ତେଣୁ ଉନ୍ନତ ମାନର ଖାଦ୍ୟ ଯୋଗାଇବାର ପ୍ରାଥମିକତା ରହୁଛି। କୌଣସି ଅଭିଯୋଗ ରହିଲେ, ବିଏମ୍‌ସି କି ଜିଲାପାଳଙ୍କୁ ଜଣାଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଖାଦ୍ୟରେ ପରିବା କମ୍ ଥିବା ମନ୍ତ୍ରୀ ଅନୁଭବ କରିଥିଲେ। ସ୍ୱୟଂ ସହାୟକ ମହିଳାଙ୍କୁ ସେବା ଉଦ୍ଦେଶ୍ୟରେ ଖାଦ୍ୟ ପରିବେଷଣ କରିବାକୁ ପରାମର୍ଶ ଦେଇଛନ୍ତି। କ'ଣ କଲେ ଭଲ ହୋଇପାରିବ, ସେ ଦିଗରେ ବିଚାର ହେଉଛି। ରାଜ୍ୟ ସରକାର ୨୩ ଟଙ୍କା ଓ ଖାଉଥିବା ଲୋକ ୫ ଟଙ୍କା ଦେଉଛନ୍ତି। ଗରିବଙ୍କ ସେବା ଭାବି ଖାଦ୍ୟ ଯୋଗାଇଲେ ଆହୁରି ଭଲ ଖାଦ୍ୟ ମିଳିପାରିବ ବୋଲି ସେ ମନ୍ତ୍ରୀ କହିଛନ୍ତି।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରରେ ଖାଉଛନ୍ତି।




# ଆଇଇଡି ବିସ୍ଫୋରଣ: ୨ ଯବାନ ମୃତ, ୪ ଆହତ

ମାଲକାନଗିରି, ୧୮।୭
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ଗୁରୁବାର ଆଇଇଡି ବିସ୍ଫୋରଣ ଘଟି ୨ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଆହତ ହୋଇଛନ୍ତି। ମୃତକ ହେଲେ କନଷ୍ଟେବଳ ଭରତ ସାହୁ ଓ ସତ୍ୟେର ସିଂ କାଙ୍ଗେ। ଛତିଶଗଡ଼ ବିଜାପୁର ଜିଲା ତରେମ ଥାନା ଅଞ୍ଚଳ ଜଙ୍ଗଲରେ ଯବାନମାନେ ମାଓବାଦୀ ବିରୋଧୀ ଅଭିଯାନ ଜାରି ରଖିଥିବା ବେଳେ ଉକ୍ତ ଅଞ୍ଚଳରେ କୋମ୍ବିଂ କରୁଥିଲେ। ତେବେ ମାଓବାଦୀମାନେ ପୋଲିସ ଓ ଯବାନଙ୍କୁ ଟାର୍ଗେଟକରି ଆଇଇଡି ଖଞ୍ଜିଥିଲେ। ତାହା ବିସ୍ଫୋରଣ ହେବା ଫଳରେ ୬ ଯବାନ ଆହତ ହୋଇଥିଲେ। ସେଥିରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଆହତମାନଙ୍କୁ ତୁରନ୍ତ ବିଜାପୁର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଚିକିତ୍ସା ଜାରି ରହିଛି। ଉକ୍ତ ଅଞ୍ଚଳରେ ଏସ୍‌ଟିଏଫ୍, କୋବ୍ରା, ସିଆର୍‌ପିଏଫ ଓ ଡିଆର୍‌ଜି ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିବା ବିଜାପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



**ଆଜିର ମନ୍ତବ୍ୟ**

"ଆସାମରେ ଗତ ୭ ଦଶନ୍ଧି ମଧ୍ୟରେ ମୁସଲମାନଙ୍କ ଜନସଂଖ୍ୟା ୧୨%ରୁ ବଢ଼ି ୪୦%ରେ ପହଞ୍ଚିଛି। ଏହା କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଏହା ମୋ ପାଇଁ ଜୀବନ ଓ ମୃତ୍ୟୁର ସଂଗ୍ରାମ।
– ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍‌ସିଡିଏସ୍ ପକ୍ଷରୁ ୱାର୍କଶପ୍, ସ୍ଥାନ: ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ମାନବ ସ୍ୱାସ୍ଥ୍ୟ ଓ ଔଷଧୀୟ ବୃକ୍ଷ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆନୁଆଲ ଆଲୁମ୍ନି ମିଟ୍ ୨୦୨୪, ସ୍ଥାନ: ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରିଶ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଅଭିଲେଖାଗାରର ୪ର୍ଥ ମାସ ବାର୍ତ୍ତା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାରର ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ ୪ଟା ୩୦।
- ବିଶ୍ୱ ରସଗୋଲା ଦିବସ ପାଳନ, ସ୍ଥାନ: ପାହାଳସ୍ଥିତ ମିଠା ବଜାର ପରିସର, ସମୟ: ଅପରାହ୍ନ ୫ଟା।
- 'ଫିଲ୍ମ ଜର୍ନାଲିଷ୍ଟସ୍ ଫୋରମ୍'ର ଏକବିଂଶ ସ୍ମୃତିଛାୟା କାର୍ଯ୍ୟକ୍ରମରେ 'ଉଲ୍‌କା' ଚଳଚ୍ଚିତ୍ର ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀଜୀଉଙ୍କ ପାଖରେ ରସଗୋଲା ଭୋଗ, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- କୁଣ୍ଡାଖାଇ ସେବସଂଘ ପକ୍ଷରୁ ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାସୋଳ-ସାନପଦର ରାସ୍ତା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ରାସୋଳ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସିରିଡ଼ି ସାଇବାବା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ପାଇକରାପୁର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ସ୍ୱତନ୍ତ୍ର ଲେକଚର୍ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।
- ଫକୀରମୋହନ କଲେଜ ଓ ମିଶନ ଏଭେର କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାରିକପୁର ଡିଗ୍ରୀ କଲେଜ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଅକ୍ଷୟ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସାନବର୍ଛିକୟାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମସଭା, ସ୍ଥାନ: ନଙ୍ଗାମହଲା ମସ୍‌ଜିଦ୍, ଭଦ୍ରକ, ସମୟ: ରାତି ୯ଟା।

## କେନ୍ଦୁଝର

- ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, କେନ୍ଦୁଝର, ସମୟ: ସକାଳ ୯ ଟା।
- ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: ହରିହର ମନ୍ଦିର, ବଡବିଲ, ସମୟ: ସକାଳ ୯ଟା ୩୦।
- ଭାରତୀୟ ମଜଦୁର ସଂଘର ୨୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ, ସ୍ଥାନ: କଲ୍ୟାଣେଶ୍ୱର ମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ମେଗା ବନୀକରଣ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ନିଯୁକ୍ତି ମେଳା, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଟଣା ବ୍ଲକ୍‌ର ୱାର୍ଡ ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ, ସ୍ଥାନ: ବ୍ଲକ୍ ସଭାଗୃହ, ପାଟଣା, ସମୟ: ପୂର୍ବାହ୍ନ ୧୧ ଟା।
- ସତସଙ୍ଗ, ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଓରାଳି, ହାଟଡିହୀ, ସମୟ: ଅପରାହ୍ନ ୫ଟା।
- ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ହଦଗଡ଼, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।
- ରସଗୋଲା ଦିବସ ପାଳନ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଇନଡୋର ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମ୍ପତ୍ତି ନିଲାମ ପ୍ରକ୍ରିୟା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଗଡିଆ, ମୋରଡା, ଜୁଆଳିଭଙ୍ଗା, ଧଡ଼ାସାହି ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଅନନ୍ତ ବଳିଆ ଟ୍ରଷ୍ଟ ଆନୁକୂଲ୍ୟରେ ସଚେତନତା ସଭାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବିଏମ୍‌ସି କାଉନସିଲ ବୈଠକ, ସ୍ଥାନ: ବିଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଏଆଇଡିଏସ୍‌ଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା ବିଜେଡିର ସମୀକ୍ଷା ବୈଠକ, ସ୍ଥାନ: ଭାବାନଗର, ସମୟ: ଅପରାହ୍ନ୫ଟା।

## ଗଞ୍ଜାମ

- ୱାର୍ଡ ସଦସ୍ୟାସଦସ୍ୟଙ୍କ ପୁନଃ ନବୀକରଣ ପାଠ୍ୟକ୍ରମ ନିମନ୍ତେ ପ୍ରଶିକ୍ଷଣ, ସ୍ଥାନ: ଆସିକା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ୯ମ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ରାୟଗଡ଼ା ପଞ୍ଚାୟତ ସମିତି ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଗୁଡ଼ାରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ରାୟଗଡ଼ା ଖାଦ୍ୟ ପ୍ରକ୍ରିୟାକରଣ ସଭ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ପ୍ରେରଣା ଉତ୍ସବ, ସ୍ଥାନ: ଜବାହାର ନବୋଦୟ ବିଦ୍ୟାଳୟ, ଖାତିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- କୋରାପୁଟ ସମବାୟ ବ୍ୟାଙ୍କ ଏମ୍‌ଭି-୭୯ ଶାଖାର ଋଣ ମେଳା, ସ୍ଥାନ: କାଳିମେଳା ବ୍ୟାଙ୍କ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୁଜୁମୁରା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଭଜନ ଓ କିର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବଲବସପୁର ଜଗନ୍ନାଥ ମନ୍ଦିର, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା

- ଯୁଗ୍ମ ଜନଶୁଣାଣୀ, ସ୍ଥାନ:ବାଲିଯୋଡି, ଦକ୍ଷିଣ ରାଉରକେଲା, ସମୟ: ସକାଳ ୮ଟା ୩୦।
- ଯୁଗ୍ମ ଜନଶୁଣାଣି, ସ୍ଥାନ: ଫକୀର ମୋହନ ବିଦ୍ୟାପୀଠ, ବାଲଯୋଡି ସମୟ: ସକାଳ ୮ଟା ୩୦।
- ଡେଙ୍ଗୁ ସଚେତନତା ଶିବିର,ସ୍ଥାନ: କୁଷ୍ଠକଲୋନୀ, ମାଲଗୋଦାମ ସମୟ: ସକାଳ ୯ଟା ୩୦।
- ଦୂଷିତ ପାନୀୟ ଜଳକୁ ନେଇ ୱାଟକୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ,ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ବିରଜାପାଲୀ, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍‌ଏସ୍‌ପିରେ ସ୍ୱୀକୃତିପ୍ରାପ୍ତ ନିର୍ବାଚନ କରିବା ଦାବିରେ ଗଣବିକ୍ଷୋଭ, ସ୍ଥାନ: ସେକ୍ଟର-୫ ଆର୍‌ଏଲ୍‌ସି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ନୃସିଂହନାଥ ରେଞ୍ଜ ବନ ବିଭାଗ ପକ୍ଷରୁ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜଗଡ଼, ନୃସିଂହନାଥ, ପାଇକମାଳ ସମୟ: ସକାଳ ୮ଟା।
- ସାମ୍ବାଦିକ ଭବନର ଲୋକାର୍ପଣ, ସ୍ଥାନ: ଝାରବନ୍ଧ, ସମୟ: ସକାଳ ୯ଟା।
- ସିଆରସିସିଙ୍କ ସ୍କୁଲ ପରିଦର୍ଶନ, ସ୍ଥାନ: ବୈତାଳି ପ୍ରାଥମିକ ସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତାଙ୍କ ବୈଠକ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।
- ରୋଟାରୀ କ୍ଲବର ସ୍ଥାପନା ସମାରୋହ, ସ୍ଥାନ: ହୋଟେଲ ଗଣପତି, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ମା' ବସ୍ତୁରେନ ମାଉଲିଙ୍କ ଆଷାଢ କେନା ମଣ୍ଡେଇ ଯାତ୍ରା, ସ୍ଥାନ: କୋକସରା ବ୍ଲକ ଟେମରା, ସମୟ: ଅପରାହ୍ନ ୪ଟା।
- ଭବାନୀପାଟଣା ସହର ସୌନ୍ଦର୍ଯ୍ୟକରଣ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ଅଫିସ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣା ସବ୍‌ଡିଭିଜନ-୨ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଚାରିଛକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଚାରିଛକ. ହରଭଙ୍ଗା, ସମୟ : ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ନେଇ ଫଳ ଓ ପନିପରିବା ଉତ୍ପାଦନ ବୃଦ୍ଧି ନିମନ୍ତେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନୀଳାଦ୍ରି ବିଜେ, ସ୍ଥାନ: ଜଗନ୍ନାଥ ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଅମରପାଲି ସରକାରୀ ୟୁପି ସ୍କୁଲ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ, ସ୍ଥାନ:ତରଭା ଜଗନ୍ନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସର, ସମୟ: ସକାଳ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଶି ମନ୍ଦିର, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୁହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ଓ ହଟଲୀପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ଫୁଟବଲ ପ୍ରତିଯୋଗିତା ପାଇଁ କାର୍ଯ୍ୟ ଆରମ୍ଭ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ମନସା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପାରାଦୀପ କଲେଜ ପରିସର ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ ସଭା ଗୃହ, ସମୟ : ପୂର୍ବାହ୍ନ ୧୧ଟା।
- ଅରୋମିରା ଦିବ୍ୟଜ୍ୟୋତି ଆଶ୍ରମର ବାର୍ଷିକ ଉତ୍ସବ ଉପଲକ୍ଷେ ଦିବ୍ୟ ପାଠଚକ୍ର ଓ ଆଧ୍ୟାତ୍ମିକ ସଭା. ସ୍ଥାନ: ମହାନଦୀପଠା, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନୟାଗଡ଼

- ଲକ୍ଷ୍ମୀ ନାରାୟଣ ଭେଟ ପରେ ଶ୍ରୀଜଗନ୍ନାଥ ଜୀଉଙ୍କ ରଥ ଟଣା, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ଅପରାହ୍ନ ୪ଟା।
- ଶ୍ରୀଜୀଉଙ୍କ ନୀଳାଦ୍ରୀ ବିଜେ, ସ୍ଥାନ: ଦଶପଲ୍ଲା ସହର ସାତପାଟଣା ଜଗନ୍ନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।
- ଶ୍ରୀଜୀଉଙ୍କ ନୀଳାଦ୍ରୀ ବିଜେ, ସ୍ଥାନ: ଦଶପଲ୍ଲା ସହର କୁଞ୍ଜବନଗଡ଼ ଜଗନ୍ନାଥ ମନ୍ଦିର, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା

- ଜନଚେତନା ବହୁମୁଖୀ ସମବାୟ ସମିତି ପକ୍ଷରୁ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକ, ସ୍ଥାନ: ବ୍ଲକ ପରିସର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଗୁପ୍ତ ସୁଡ଼ଙ୍ଗ ଖୋଜିବ...

ପ୍ରଥମ ପୃଷ୍ଠାରୁ...

ପରେ ରତ୍ନଭଣ୍ଡାର ଭିତରକୁ ଯାଇଥିଲେ। ରତ୍ନଭଣ୍ଡାର ଭିତର ସ୍ଥିତି ଅନୁଧ୍ୟାନ କରାଯିବା ସହ ରତ୍ନଅଳଙ୍କାର ସ୍ଥାନାନ୍ତରଣ କାର୍ଯ୍ୟ କରାଯାଇଥିଲା। ତେବେ ଭିତର ରତ୍ନଭଣ୍ଡାର ଖୋଲିବା ପରେ ତା' ଭିତରେ ଗୁପ୍ତ ସୁଡ଼ଙ୍ଗ ଥିବା ଚର୍ଚ୍ଚା ଜୋର୍ ଧରିଛି। ଏପରି କି ରତ୍ନଭଣ୍ଡାର ତଳେ ସୁଡ଼ଙ୍ଗ ରହିଛି ବୋଲି ବିଭିନ୍ନ ମହଲରେ ଆଲୋଚନା କରାଯାଉଛି। ତେବେ ଗଜପତି ମହାରାଜ ରତ୍ନଭଣ୍ଡାର ଭିତରୁ ଆସିବା ପରେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ, ଏସ୍‌ଓପି ଅନୁସାରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ରତ୍ନଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଯାହାସବୁ ରହିଛି ତାକୁ କଢ଼ାଯାଇ ଖଟଶେଯ ଘରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର କରାଯାଉଛି। ବାହାର ରତ୍ନଭଣ୍ଡାର ସଫାହୋଇ ସମସ୍ତ ଆଲମିରା ସିନ୍ଦୁକ ବାହାରକୁ କଢ଼ାଯାଇଛି। ବାହାର ଭଣ୍ଡାର ଘରର ସମସ୍ତ ଜିନିଷ ଚାଙ୍ଗଡା ଘରେ ଓ ଫୁଲ ଘରେ ରଖାଯାଇଛି। ସମସ୍ତ ଅଳଙ୍କାରକୁ ସୁରକ୍ଷିତ ଭାବରେ ହାଇ ସିକ୍ୟୁରିଟି ମଧ୍ୟରେ ରଖାଯାଉଛି। ଅଳଙ୍କାର ସ୍ଥାନାନ୍ତର ହେବା ପରେ ଖଟଶେଯ ଘରର କବାଟକୁ ଲକ୍ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ଅନୁଯାୟୀ ଚାବିକୁ ସରକାରୀ ଟ୍ରେଜେରିରେ ରଖାଯିବ। ସମସ୍ତ ଜିନିଷ ସ୍ଥାନାନ୍ତର ହେବା ପରେ ହାଇ ଟେକ୍ନୋଲୋଜି ସ୍କାନିଂ ଇନ୍‌ଷ୍ଟ୍ରୁମେଣ୍ଟ ସାହାଯ୍ୟରେ ନିରୀକ୍ଷଣ କରାଯିବ। ନିରୀକ୍ଷଣରେ ବାହାର ଓ ଭିତର ରତ୍ନଭଣ୍ଡାର ପରିସରରେ ଆଉ କିଛି ନ ଥିବା ଜଣାପଡ଼ିବା ପରେ ଏଏସ୍‌ଆଇକୁ ମରାମତି ନିମନ୍ତେ ହସ୍ତାନ୍ତର କରାଯିବ। ଏଥିସହିତ ବାହାର ଓ ଭିତର ରତ୍ନଭଣ୍ଡାରର ମରାମତି ନିହାତି ଆବଶ୍ୟକ। କେଉଁ କାଳରୁ କେବେ ମରାମତି ହୋଇଥିଲା କେହି ଜାଣନ୍ତିନି। ୧୯୭୧ରୁ ଏଏସ୍‌ଆଇ ଦାୟିତ୍ୱ ନେବା ପରେ ଆଦୌ ମରାମତି ହୋଇନି। ତେଣୁ ମରାମତିର ଆବଶ୍ୟକତା ରହିଛି। ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ କୌଣସି ସମସ୍ୟା ହେବ ନାହିଁ। ମରାମତି କାର୍ଯ୍ୟ ସମ୍ପନ୍ନ ହେବା ପରେ ଅଳଙ୍କାରଗୁଡ଼ିକର ଗଣତିମଣତି କାର୍ଯ୍ୟ ଆରମ୍ଭ ହେବ ବୋଲି ଗଜପତି ମହାରାଜା କହିଛନ୍ତି।

## ସରକାରଙ୍କ ଏସ୍‌ଓପିରେ ସୁଡ଼ଙ୍ଗ...

ଲୋକଲୋଚନକୁ ନ ଆଣିବାକୁ ରଥ ଅନୁରୋଧ କରିଛନ୍ତି। ଭିତର ରତ୍ନଭଣ୍ଡାର ମଧ୍ୟରେ ଥିବା ସମସ୍ତ ଆଲମିରାକୁ ଘୁଞ୍ଚାଯାଇଛି। ସମସ୍ତ କାନ୍ଥକୁ ଦେଖାଯାଇଛି। ଏହାର ଭିଡିଓଗ୍ରାଫି କରାଯାଇଛି। ଏପରି କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ। ଏସ୍‌ଓପି ଅନୁଯାୟୀ ସେଠାରେ ସୁଡ଼ଙ୍ଗ ଅନୁସନ୍ଧାନର ବ୍ୟବସ୍ଥା ନାହିଁ। ତେବେ ଲୋକମାନଙ୍କ ମଧ୍ୟରେ ଗୁପ୍ତ ସୁଡ଼ଙ୍ଗ ଓ କୋଠରି ରହିଥିବା ନେଇ ଆଶଙ୍କା ରହିଛି। ତେଣୁ ଆଗାମୀ ଦିନରେ ଏକ ବୈଠକ କରାଯିବ। ଏହାର ରିପୋର୍ଟ କରାଯାଇ ସରକାରଙ୍କୁ ଅନୁରୋଧ କରାଯିବ। ସରକାର ଯାହା ଏସ୍‌ଓପି ଦେବେ, ସେହି ଅନୁଯାୟୀ କାର୍ଯ୍ୟ ହେବ। ଏଏସ୍‌ଆଇର ଲେଜର ସ୍କାନିଂ କରିବାର ଅଧିକାର ନାହିଁ, ଯାହା ଭଙ୍ଗାରୁଜା ହୋଇଛି, ତାହାର କେବଳ ସ୍କାନିଂ କରିପାରିବେ। ସରକାର ଅନୁମୋଦନ ଦେଲେ ରତ୍ନଭଣ୍ଡାର ଗୁପ୍ତ ସୁଡ଼ଙ୍ଗ ସ୍କାନିଂ କରାଯାଇପାରିବ। ଯଦି ସରକାର ନିର୍ଦ୍ଦେଶ ଦେବେ, ତେବେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ ଅନୁସରଣ କରାଯିବ ବୋଲି ଜଷ୍ଟିସ ରଥ କହିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଦାମୋଦର ମହାସୁଆର ଦାବି କରିଛନ୍ତି, 'ଅତୀତରେ ଯେତେବେଳେ ଶତ୍ରୁମାନେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ, ସେବାୟତମାନେ ଶ୍ରୀମନ୍ଦିର ଭିତରେ ଥିବା ସେହି ଗୁପ୍ତ ସୁଡ଼ଙ୍ଗ ଦେଇ ମହାପ୍ରଭୁଙ୍କ ଶ୍ରୀବିଗ୍ରହ ସ୍ଥାନାନ୍ତର କରିଥିଲେ। ଏଣୁ ଶ୍ରୀମନ୍ଦିର ତଳେ ଗୁପ୍ତ ସୁଡ଼ଙ୍ଗ ରହିଛି। ଏହାରି ଭିତରେ ମହାପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ଦୁର୍ମୂଲ୍ୟ ଅଳଙ୍କାର ତତ୍କାଳୀନ ରାଜାମାନେ ଲୁଚାଇ ରଖିଛନ୍ତି। ଆକ୍ରମଣକାରୀଙ୍କ ନଜରରୁ ହଟାଇବା ପାଇଁ ରାଜାମାନେ ଗୁପ୍ତସୁଡ଼ଙ୍ଗ କରି ଅନେକ ରତ୍ନ ଅଳଙ୍କାର ରଖିଥିଲେ।' ତେଣୁ ଏହାର ଅନୁସନ୍ଧାନ କରାଯିବା ଉଚିତ ବୋଲି ମହାସୁଆର କହିଛନ୍ତି।

## ଚଣ୍ଡିଗଡ଼-ଡିବ୍ରୁଗଡ଼ ଏକ୍ସପ୍ରେସ୍...

୨ ଜଣ ପ୍ରାଣ ହରାଇଥିଲେ। ମୃତକ ସରୋଜ କୁମାର ସିଂ(୩୧)ଙ୍କ ଘର ବିହାରର ଅରାରିଆ ଏବଂ ରାହୁଲ(୩୮)ଙ୍କ ଘର ଛତିଶଗଡ଼ରେ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ କୋଚରେ ଧୂଳି ଭର୍ତ୍ତି ହୋଇଯାଇଥିଲା ବୋଲି ସନ୍ଦିପ କୁମାର ନାମକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। କେତେଜଣ ଯାତ୍ରୀ ତାଙ୍କ ହାତ ଟାଣିନେବାରୁ ସେ ଝରକା ଦେଇ ବାହାରକୁ ବାହାରି ଆସିଥିଲେ। ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ପୋଲିସ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ସାମିଲ ହୋଇଥିଲେ। ଆହତମାନଙ୍କୁ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩ଟି ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ୨ ଜଣଙ୍କୁ ଲକ୍ଷ୍ନୌ ପଠାଯାଇଥିଲା। ଦୁର୍ଘଟଣାସ୍ଥଳରେ କେନ୍ଦ୍ରମନ୍ତ୍ରୀ ତଥା ସ୍ଥାନୀୟ ଏମ୍‌ପି କୀର୍ତ୍ତି ବର୍ଦ୍ଧନ ସିଂ ପହଞ୍ଚି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

ଟ୍ରେନ୍ ଦୁର୍ଘଟଣାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରେଳ ସୁରକ୍ଷାକୁ ବ୍ୟବସ୍ଥିତ ଢଙ୍ଗରେ ବିପଦ ମଧ୍ୟକୁ ଠେଲି ଦିଆଯାଉଥିବା ଆଜିର ଦୁର୍ଘଟଣା ଏହାର ଅନ୍ୟତମ ଦୃଷ୍ଟାନ୍ତ। ରେଲୱେରେ ବ୍ୟାପକ ତ୍ରୁଟି ପାଇଁ ପ୍ରଧାନମନ୍ତ୍ରୀ ନିଜକୁ ଦାୟୀ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ମାସେ ପୂର୍ବରୁ ସିଆଲଦା-ଅଗରତାଲା କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣାରେ ୧୧ ଜଣଙ୍କ ଜୀବନ ଯାଇଥିଲା। ଏହି ଦୁର୍ଘଟଣା ତ୍ରୁଟିକୁ ଯେପରି ଅପେକ୍ଷା କରିଥିଲା ବୋଲି ରେଳ ସୁରକ୍ଷା କମିଶନର ତାଙ୍କ ରିପୋର୍ଟରେ କହିଛନ୍ତି। ସ୍ୱୟଂକ୍ରିୟ ସିଗ୍‌ନାଲରେ ବିଫଳତା, ପରିଚାଳନା କାର୍ଯ୍ୟରେ ବିଭିନ୍ନ ସ୍ତରରେ ତ୍ରୁଟି ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଉପକରଣର ଅଭାବ ଯୋଗୁ ଦୁର୍ଘଟଣା ଘଟିଥିବା ସେ କହିଥିଲେ। ସମସ୍ତ ରେଳଲାଇନରେ କବଚ ବ୍ୟବସ୍ଥା ତୁରନ୍ତ ସ୍ଥାପନ କରିବାକୁ ଖାର୍ଗେ ଦାବି କରିଛନ୍ତି।

## ଯୁବତୀଙ୍କ ମୁଣ୍ଡରେ ୧୮...

ବିଶେଷକରି ଗ୍ରାମାଞ୍ଚଳରେ ଏଥିପାଇଁ ବହୁ ଧନଜୀବନ ନଷ୍ଟ ହେଉଛି। କିଛିବର୍ଷ ତଳେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଇଚଗାଁର ବିଷ୍ଣୁ ବେହେରାଙ୍କ ଝିଅ ରେଷ୍ମା (୧୯) କୌଣସି କାରଣରୁ ଅନେକ ସମୟରେ ଚମକି ପଡୁଥିଲେ। ପରେ ଅଚେତ ବି ହୋଇ ପଡୁଥିଲେ। ଝିଅର ଏଭଳି ଅବସ୍ଥା ଦେଖି ବାପା ତାଙ୍କୁ ଡାକ୍ତରଖାନା ନେଇଥିଲେ। ତେବେ ହସ୍ପିଟାଲରେ ବାରମ୍ବାର ଚିକିତ୍ସା ପରେ ମଧ୍ୟ ଝିଅ ଭଲ ହେଉ ନ ଥିଲା। ୨୦୨୦ରେ ଝିଅର ଏଭଳି ପ୍ରତିକ୍ରିୟା ଦେଖି କେତେଜଣ ଲୋକ ତାଙ୍କୁ ତନ୍ତ୍ର ଉପଚାର କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ଝିଅକୁ ଧରି ବିଷ୍ଣୁ କଣ୍ଟାବାଞ୍ଜି ଥାନା ଜାମୁଟଝୁଲା ଗାଁର ତନ୍ତ୍ରସାଧକ ତେଜରାଜ ରଣାଙ୍କ ପାଖକୁ ଯାଇଥିଲେ। ସେଠାରେ ରେଷ୍ମାଙ୍କ ପ୍ରତିକ୍ରିୟା ଓ ଅବସ୍ଥା ଦେଖି ତନ୍ତ୍ରସାଧକ ରଣା ଓ ତାଙ୍କ ସ୍ତ୍ରୀ ଏକ ପୋଖରୀକୁ ନେଇ ପୂଜାର୍ଚ୍ଚନା କରିବା ସହ ଗୋଟିଏ ଘରେ କିଛି ସମୟ ଧରି ତନ୍ତ୍ର ଉପଚାର କରିଥିଲେ। ଏହାପରେ ଝିଅ ଭଲ ହୋଇଯାଇଥିବା ଦେଖି ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ତେବେ କିଛିଦିନ ଗଲା ପରେ ଝିଅର ପୂର୍ବଭଳି ଲକ୍ଷଣ ଦେଖାଯାଇଥିଲା। ଏପରି କି ଝିଅର ହାତ ଆପେ କଟିଯାଇ ରକ୍ତ ଝରୁଥିବା ଦେଖିବାକୁ ମିଳୁଥିଲା। ପରିବାର ଲୋକେ ଝିଅ ଜଣକ ନିଜେ ନିଜ ହାତ କାଟି ଦେଉଥିବା ପ୍ରଥମେ ଭାବି ଝିଅକୁ ବାନ୍ଧି ଜଗି ରହୁଥିଲେ। ତେବେ ହଠାତ୍ ଝିଅର ହାତ କଟି ରକ୍ତ ବାହାରିବା ସେମାନେ କୁଆଡ଼େ ଦେଖିବାକୁ ପାଇଥିଲେ। କିଛି ଦିନ ତଳେ ଝିଅର ମୁଣ୍ଡରୁ କିଛି ଛୁଞ୍ଚି ବାହାରିଥିଲା। ଏହା ଦେଖିବା ପରେ ବୁଧବାର ପରିବାର ଲୋକେ ତାଙ୍କୁ କଣ୍ଟାବାଞ୍ଜି ହସ୍ପିଟାଲକୁ ଆଣି ଡାକ୍ତରଙ୍କୁ ଦେଖାଇଥିଲେ। କିନ୍ତୁ ସେଠାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସେଠାରେ ସ୍କାନିଂ କରାଯିବା ପରେ ଯୁବତୀଙ୍କ ମୁଣ୍ଡରେ ପୁଳାଏ ଛୁଞ୍ଚି ଫୋଡ଼ାଯାଇଥିବା ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନା ମୁତାବକ ଝିଅ ମୁଣ୍ଡରୁ ଏଯାବତ୍ ୮ଟି ଛୁଞ୍ଚି ବାହାରିଛି। ସ୍କାନିଂରେ ଝିଅଙ୍କ ମୁଣ୍ଡରେ ଆହୁରି ୧୦ରୁ ଊର୍ଦ୍ଧ୍ୱ ଛୁଞ୍ଚି ରହିଥିବା ଦେଖିବାକୁ ମିଳିଛି। ଏଭଳି ଏକାଧିକ ଛୁଞ୍ଚି ଦେଖିବା ପରେ ଡାକ୍ତର ଗୁରୁତର ଯୁବତୀଙ୍କୁ ତୁରନ୍ତ ଉଚ୍ଚତର ଚିକିତ୍ସା ପାଇଁ ବୁର୍ଲା ଭିମସାର ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଝିଅଙ୍କ ବାପାଙ୍କ ଅଭିଯୋଗ ପରେ ବୁଧବାର ରାତି ୯ଟାରେ କଣ୍ଟାବାଞ୍ଜି ଥାନା ପୋଲିସ ଜାମୁଟଝୁଲା ଗାଁରୁ ଅଭିଯୁକ୍ତ ତାନ୍ତ୍ରିକ ତେଜରାଜଙ୍କୁ ଗିରଫ କରିଛି। ତେବେ ଏନେଇ ପୋଲିସ କିମ୍ବା ଗିରଫ ତାନ୍ତ୍ରିକଙ୍କ ମତାମତ ମିଳିପାରିନାହିଁ।

## ୨୨ ଯାଏ ପ୍ରବଳ ବର୍ଷିବ

### ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୧୮।୭(ଅସମାପିକା ସାହୁ)

କେନ୍ଦ୍ରୀୟ ବଙ୍ଗୋପସାଗର ତତ୍‌ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଗୁରୁବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହ ଜଡ଼ିତ ସମ୍ପୃକ୍ତ ଘୂର୍ଣ୍ଣିବଳୟ ଦକ୍ଷିଣ-ପଶ୍ଚିମ ଦିଗକୁ ଢଳିରହିଛି। ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଉତ୍ତର -ପଶ୍ଚିମ ଦିଗରେ ଗତି କରି ଆସନ୍ତା ଦୁଇଦିନରେ ଓଡ଼ିଶା ଉପକୂଳ ଛୁଇଁବାର ସମ୍ଭାବନା ରହିଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଗୋଟିଏ ଲଘୁଚାପ ସକ୍ରିୟ ରହିଥିବାବେଳେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ପାଣିପାଗ କେନ୍ଦ୍ର ସୂଚନାନୁସାରେ, ଶୁକ୍ରବାର କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଓ ପୁରୀରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ୧୦ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିଭଳି ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ନୟାଗଡ଼, ଖୋର୍ଦ୍ଧା, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ କଟକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀଙ୍କୁ ୧୯ରୁ ୨୨ତାରିଖ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗର ତତ୍‌ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରର ସମୁଦ୍ର ମଧ୍ୟଭାଗକୁ ଯିବା ପାଇଁ ବାରଣ କରାଯାଇଛି। ଯେକୌଣସି ପରିସ୍ଥିତି ଆସିଲେ ତାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବନ୍ଧୁ ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟରେ କେତେକ ସମସ୍ୟା ହଠାତ୍ ଦେଖାଯିବା କାରଣରୁ ସ୍ଥଗିତ ରହିପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା, ମାଲିମକଦ୍ଦମା ସମ୍ବନ୍ଧୀୟ ଦୁଶ୍ଚିନ୍ତା ଲାଗିରହିବ। ସମ୍ପର୍କୀୟଙ୍କ ଉପରେ ଭରସା କରି କେଣସି କାମ କରିପାରିବେ ନାହିଁ।

**ବୃଷ**
କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ରୋହିଣୀ ନକ୍ଷତ୍ର କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ସମ୍ମାନିତ ହୋଇପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ପାଖ ପଡ଼ୋଶୀମାନେ ସହାୟତା ଆଶା କରିପାରନ୍ତି। ସଙ୍ଗୀତ କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ**
ଆଜି ପୁନର୍ବସୁ ନକ୍ଷତ୍ରର ଆକସ୍ମିକ ଦୂରଯାତ୍ରା ସାଙ୍ଗକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଆତ୍ମୀୟଙ୍କ ଆହ୍ୱାନରେ ମନୋରଞ୍ଜନ ସକାଶେ ମନ ବଳାଇ ପାରନ୍ତି। ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଅଯଥା ଦୋଷାରୋପ କରି ସମସ୍ୟାକୁ ବଢାଇଦେବେ। ପରିବାର ଭିତରେ ପୁରୁଣା କଥାକୁ ବେଶି ଦୋହରାଇଲେ କଳହ ଲାଗିପାରେ।

**କର୍କଟ**
ପ୍ରତ୍ୟେକ ପରିସ୍ଥିତିକୁ ସଜାଡି ନେବାର କଳା, କୌଶଳରୁ କାମ ହାସଲ କରିପାରିବେ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିପାରନ୍ତି। ପୁଷ୍ୟା ନକ୍ଷତ୍ରର ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହେବ।

**ସିଂହ**
ଆଜି ସକାଳୁ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇ ପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ମାତ୍ରାଧିକ ଭ୍ରମଣ ଓ କାମର ଚାପ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

**କନ୍ୟା**
ଆଜି ହସ୍ତା ନକ୍ଷତ୍ରର ପରିବାର, ଲୋକସମ୍ପର୍କ, ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲ ରହିବ। ପରିବାରର ଆବଶ୍ୟକତା ଅନୁଭବ କରି ଗୃହୋପକରଣ କ୍ରୟ ଯୋଜନା କରିବେ। ବନ୍ଧୁଙ୍କ କଥାରେ ପଡ଼ି ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ସାମୂହିକ କାମରେ ପଡ଼ୋଶୀ ସାହାଯ୍ୟ ପାଇଁ ଆଗେଇ ଆସିବେ।

**ତୁଳା**
ସ୍ୱାତୀ ନକ୍ଷତ୍ର ପାରିବାରିକ ଅଶାନ୍ତି ଲାଗିରହିବା କାରଣରୁ ମନ ଭଲ ରହି ନ ପାରେ। ଅନ୍ୟମାନଙ୍କ ସକାଶେ ଯେତେ ଭଲ କାମ କଲେ ସୁଦ୍ଧା ପର କଥା ଶୁଣି ସେମାନେ ଆପଣଙ୍କଠାରୁ ଦୂରେଇ ରହିପାରନ୍ତି। ବାଣିଜ୍ୟ, ଶିଳ୍ପ ଓ ପରିବହନରେ ସମସ୍ୟା ସମାଧାନ ହୋଇପାରେ। ଭ୍ରମଣ ଅବକାଶରେ ଖର୍ଚ୍ଚାନ୍ତ ହୋଇପାରନ୍ତି।

**ବିଛା**
ବିଭିନ୍ନ ସମସ୍ୟା ମଧ୍ୟରେ ଗତି କଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ରାଜନୀତି, ପ୍ରଶାସନିକ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗ ପାଇପାରିବେ। ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳତା ଦୂରେଇ ଯାଉଥିବା ଅନୁଭବ କରି ଆଶାବାଦୀ ହେବେ। ଦୀର୍ଘ ଦିନର ଅପେକ୍ଷା ପରେ ସାଙ୍ଗଙ୍କ ସାହାଯ୍ୟରେ ବକେୟା ଆଦାୟ କରିପାରିବେ। କ୍ରନିକ୍ ରୋଗ ସକାଶେ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ପୂର୍ବାଷାଢ଼ା ନକ୍ଷତ୍ରର ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମକର**
ବନ୍ଧୁଙ୍କ ସହାୟତାରେ ପାରିବାରିକ ଅସୁବିଧାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଲାଭ ନ ହୋଇପାରେ। ଉପରିସ୍ଥଙ୍କ ହସ୍ତକ୍ଷେପ ଫଳରେ ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ର ସମସ୍ୟା ସମାଧାନ ହୋଇଯିବ। ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**କୁମ୍ଭ**
ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଶତଭିଷା ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ**
ଆଜି ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଦିନଟି ବହୁତ ଭଲ ରହିବ। ମିତ୍ରତା ବୃଦ୍ଧି, କାର୍ଯ୍ୟ ସଫଳ, କଳା, ସାହିତ୍ୟ, ସଙ୍ଗୀତରେ ପ୍ରତିଷ୍ଠାଲାଭର ସମ୍ଭାବନା ରହିଛି। ପ୍ରଶାସନିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପକୁ ଯଥା ସାଧ୍ୟ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ନିର୍ମାଣାଧୀନ କାମର ଜଞ୍ଜାଳ ହେତୁ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଜୁଲାଇ ୧୯ ତାରିଖ, ଶୁକ୍ରବାର ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ, ଶିବଶୟନ, ଶ୍ରୀଲୋକନାଥ ଓ ଲିଙ୍ଗରାଜ ମହାପ୍ରଭୁଙ୍କ ଶୟନଯାତ୍ରା ଉତ୍ସବ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ମୂଳା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୧ମି. ଗତେ ଘ.୦୬।୧୩ ମି. ମଧ୍ୟେ, ଘ.୦୭।୦୫ମି. ଗତେ ଘ.୦୮।୩୭ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୦।୧୫ ମି. ଗତେ ଘ.୧୧।୫୨ ମି. ମଧ୍ୟେ ରାହୁକାଳ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରୂପା ରୋଶନଙ୍କୁ ଅବ୍ୟାହତି

**ଏସ୍‌ଟି, ଏସ୍‌ସି ଉନ୍ନୟନ ବିଭାଗ ସଚିବ ଦାୟିତ୍ୱ ସମ୍ଭାଳିବେ**

**ଭୁବନେଶ୍ୱର, ୧୮।୭ (ଅନିଲ ଦାସ)**

୨୦୦୬ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ରୂପା ରୋଶନ ସାହୁଙ୍କୁ ବଦଳି କରାଯାଇଛି। ତାଙ୍କୁ ଏସ୍‌ଟି, ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ରୂପା ରୋଶନ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସଚିବ ସହିତ ଅତିରିକ୍ତ ଭାବେ ଏସ୍‌ଟି ଓ ଏସ୍‌ସି ବିଭାଗର ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ। ଏହି ନିର୍ଦ୍ଦେଶନାମା ପରେ ସେ କେବଳ ଏସ୍‌ଟି ଓ ଏସ୍‌ସି ବିଭାଗର ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବେ।

# ଜେଲ ଫେରିଲେ ଛତ୍ରପୁରର ପୂର୍ବତନ ବିଧାୟକ

**ବୋମାମାଡ଼ରେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ମାମଲା**

**ବ୍ରହ୍ମପୁର, ୧୮।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଛତ୍ରପୁରର ସିନ୍ଧିଗାଁରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ବେଳେ ବୋମାମାଡ଼ରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀଙ୍କ ସମେତ ୧୩ଜଣ ଅନ୍ତରୀଣ ଜାମିନରେ ବାହାରିଥିଲେ। ଜାମିନ ଅବଧି ସରିବା ପରେ ପୂର୍ବତନ ବିଧାୟକ ରେଡ୍ଡୀ, ଚମାଖଣ୍ଡିର ଏନ. ଦିଲୀପ କୁମାର ରେଡ୍ଡୀ ଓ ଲକ୍ଷ୍ମୀପୁରର ଡି. କାମରାଜୁ ବର୍ମାଙ୍କ ସମେତ ୧୩ଜଣ କୋର୍ଟରେ ହାଜର ହୋଇଥିଲେ। ସମସ୍ତଙ୍କୁ ପୁଣି ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ୨୬ ବର୍ଷ ତଳେ ସିନ୍ଧିଗାଁଠାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ବିରୋଧ କରି ହୋଇଥିବା ବୋମା ମାଡ଼ରେ ରିଜର୍ଭ ପୋଲିସ ଇନ୍ସପେକ୍ଟର ବିନୟ ମେହେରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ହୋଇଥିବା ମାମଲାର ବିଚାର କରି ୨୦୨୩ ଜୁଲାଇ ୩୧ ତାରିଖରେ ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲାଜଜ୍ -୩ ପୂର୍ବତନ ବିଧାୟକ ରେଡ୍ଡୀଙ୍କ ସମେତ ମୋଟ ୧୩ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତଳ କୋର୍ଟର ରାୟକୁ ଚାଲେଞ୍ଜ କରି ରେଡ୍ଡୀଙ୍କ ସହ ଅନ୍ୟ ଦୋଷୀମାନେ ହାଇକୋର୍ଟରେ ମୋଟ ୫ଟି ଅପିଲ ଦାଏର କରିଥିଲେ। ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ ଆବେଦନର ଶୁଣାଣି କରିବା ସହ ସମସ୍ତ ଦୋଷୀଙ୍କୁ ଗତ ମେ ୨୧ ତାରିଖରେ ୮ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ପୂର୍ବତନ ବିଧାୟକଙ୍କ ସମେତ ଅନ୍ୟମାନେ ଜେଲରୁ ବାହାରିଥିଲେ। ଜାମିନ ଅବଧି ସରିବା ପରେ ସମସ୍ତେ କୋର୍ଟରେ ଆତ୍ମସମର୍ପଣ କରି ଜେଲକୁ ଫେରିଛନ୍ତି।

# ଯୁକ୍ତ୩ ତୃତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୧୮।୭ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ତୃତୀୟ ପର୍ଯ୍ୟାୟ ନାମଲେଖା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡ଼ିଛି। ଏହି ତୃତୀୟ ପର୍ଯ୍ୟାୟ ନାମଲେଖା ଛୁଟିଦିନ ବ୍ୟତୀତ ୨୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ତୃତୀୟ ପର୍ଯ୍ୟାୟରେ ମୋଟ ୪୪,୦୬୦ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୪,୮୭୮ ଛାତ୍ରୀ, ୧୯,୧୮୧ ଛାତ୍ର ଏବଂ ଜଣେ କିନ୍ନର ରହିଛନ୍ତି। ଏମାନଙ୍କ ମଧ୍ୟରୁ ବିଜ୍ଞାନ ବିଭାଗ ପାଇଁ ୧୪,୩୩୨ ଜଣ ଛାତ୍ରୀଛାତ୍ର ଚୟନ ହୋଇଥିବା ବେଳେ କଳାରେ ୨୫,୭୯୧, ବାଣିଜ୍ୟରେ ୨,୮୮୦, ଶାସ୍ତ୍ରୀରେ ୧୯୮, ସେଲ୍ଫ ଫାଇନାନ୍ସିଂରେ ୮୧୬ ଏବଂ ଆଇନ ବିଭାଗରେ ୪୩ ଜଣ ରହିଛନ୍ତି।




# ପୂର୍ଣ୍ଣାଙ୍ଗ ବଜେଟ ଅନୁମୋଦନ

**ଭୁବନେଶ୍ୱର, ୧୮।୭ (ଅନିଲ ଦାସ)**

**ମନ୍ତ୍ରୀ ପରିଷଦ ବୈଠକ**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ ୮୫ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆକଳନ କରିଛନ୍ତି। ଗତ ଆର୍ଥିକ ବର୍ଷ ତୁଳନାରେ ବଜେଟର ଆକାର ପ୍ରାୟ ୧୫%ରୁ ଅଧିକ ହେବ ବୋଲି କୁହାଯାଉଛି। ବଜେଟକୁ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ କରାଯାଇଛି। ଆସନ୍ତା ୨୫ରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉକ୍ତ ବଜେଟ ଉପସ୍ଥାପନ କରିବେ। ପ୍ରଥମ ଥର ଭାଜପା ସରକାର ବିଧାନସଭାରେ ଉପସ୍ଥାପନ କରିବାକୁ ଯାଉଥିବା ବଜେଟରେ କେତେ ଟଙ୍କା ବ୍ୟୟବରାଦ କରିଛନ୍ତି ତାହା ଗୋପନ ରଖାଯାଇଛି। ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦେବା ଏବଂ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫୦୦ କୋଟିର କର୍ପସ ପାଣ୍ଠିକୁ ଜୁନ୍ ୧୨ ତାରିଖ କ୍ୟାବିନେଟ୍‌ରେ ଅନୁମୋଦନ କରିଛନ୍ତି। ଏ ସବୁ ଯୋଜନା ପାଇଁ ନୂଆ ବଜେଟରେ ବ୍ୟୟବରାଦ କରାଯାଇଛି।

ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୫୫ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆକଳନ କରିଥିଲେ। ପ୍ରଥମ ୪ ମାସ (ଏପ୍ରିଲରୁ ଜୁଲାଇ) ପାଇଁ ୧ ଲକ୍ଷ ୧୮ ହଜାର କୋଟିର କାମଚଳା ବଜେଟ ପ୍ରସ୍ତୁତ କରିଥିଲେ। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ବାବଦକୁ ମୋଟ ବାର୍ଷିକ ଅଟକଳର ୧୦୦ ପ୍ରତିଶତ, ପୁଞ୍ଜିବ୍ୟୟ ପାଇଁ ୫୦ ପ୍ରତିଶତ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବ୍ୟୟ ଅଟକଳର ୪୦ ପ୍ରତିଶତକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଜୁଲାଇ ମାସରେ ଏହି ବଜେଟ ଅବଧି ଶେଷ ହେଉଥିବାରୁ ସରକାରଙ୍କୁ ମାର୍ଚ୍ଚ ଯାଏ ଖର୍ଚ୍ଚ ତୁଲାଇବାକୁ ପୂର୍ଣ୍ଣାଙ୍ଗ ବଜେଟ ଆଣିବାକୁ ହେବ।

# ପଞ୍ଚାୟତସ୍ତରରେ ପାଠାଗାର ନିର୍ମାଣ କରାଯାଉ

## ବଜେଟ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଓଏସ୍‌ଏର ପ୍ରସ୍ତାବ

**ବୋଷ୍ଟନ୍, ୧୮।୭**

ଜୁଲାଇ ୨୨ରେ ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ବିଧାନସଭାରେ ଆସନ୍ତା ୨୩ରେ ବଜେଟ ଉପସ୍ଥାପନ କରିବେ। ଏହା ପୂର୍ବରୁ ରାଜ୍ୟର ପ୍ରତି ପଞ୍ଚାୟତରେ ସର୍ବସାଧାରଣଙ୍କ ନିମନ୍ତେ ଇଣ୍ଟରନେଟଚାଳିତ ଆଧୁନିକ ଲାଇବ୍ରେରି ପ୍ରତିଷ୍ଠା ସକାଶେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଓଡ଼ିଆ ସୋସାଇଟି ଅଫ୍ ଆମେରିକା (ଓଏସ୍‌ଏ) ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ଓସିଏ ଅଧ୍ୟକ୍ଷା ଲିନା ମିଶ୍ର, ଉପାଧ୍ୟକ୍ଷ ସାରଦାକାନ୍ତ ପଣ୍ଡା ଏବଂ ଓସିଏ ପବ୍ଲିକ୍ ଲାଇବ୍ରେରି ଇନିସିଏଟିଭ୍ ମୁଖ୍ୟ ନିଶିକାନ୍ତ ସାହୁ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପଠାଇଛନ୍ତି। ଏଥିରେ ଓଡ଼ିଶା ପବ୍ଲିକ୍ ଲାଇବ୍ରେରି ଭିଜନ୍ ଏଜେଣ୍ଡା-୨୦୨୪ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିସହ ପ୍ରତି ଗ୍ରାମ ପଞ୍ଚାୟତରେ ସର୍ବସାଧାରଣଙ୍କ ପାଇଁ ପାଠାଗାର ପ୍ରତିଷ୍ଠା ଲାଗି ବଜେଟରେ ଆବଶ୍ୟକ ଆବଣ୍ଟନ କରିବା ପାଇଁ ଅନୁରୋଧ କରାଯାଇଛି।

ଓସିଏ ପକ୍ଷରୁ ପ୍ରେରିତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ପବ୍ଲିକ୍ ଲାଇବ୍ରେରି ଆକ୍ଟ-୨୦୦୧ ଏବଂ ୨୦୧୮ ଗ୍ରାମ ପଞ୍ଚାୟତ ଆଇନକୁ ତ୍ୱରିତ କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ବ୍ୟୟବରାଦ କରାଯାଉ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଓଡ଼ିଶା ସାରା ଲାଇବ୍ରେରି-କମ୍-ଏଜୁକେସନ୍‌ମେଣ୍ଟ ସେଣ୍ଟର ଖୋଲାଯାଉ। ରାଜ୍ୟ ବଜେଟ, ଆମ ଓଡ଼ିଶା/ନବୀନ ଓଡ଼ିଶା ଯୋଜନା, ସିଏସ୍‌ଆର୍, ମିନେରାଲ, ଏମ୍‌ପିଏଲ୍‌ଏଡି ଏବଂ ଏମ୍‌ଏଲ୍‌ଏଏଲ୍‌ଏଡି ପାଣ୍ଠିରୁ ଆଧୁନିକ ପାଠାଗାରର ଭିତ୍ତିଭୂମି ନିର୍ମାଣ ସହ ନଲେଜ୍ ସୋସାଇଟି ଏବଂ ଇଣ୍ଟରନେଟ୍ ଇକୋନୋମି ପାଇଁ ଅର୍ଥ ଯୋଗାଣର ନିୟମ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି।

ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ସମସ୍ତ ଜିଲା ଓ ବ୍ଲକ୍‌ସ୍ତରରେ ବର୍ଷକ ମଧ୍ୟରେ ଲାଇବ୍ରେରିଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ। ଦ୍ୱିତୀୟରେ ୨ ବର୍ଷ ମଧ୍ୟରେ ପ୍ରତି ପଞ୍ଚାୟତରେ ଆଧୁନିକ ଲାଇବ୍ରେରି ପ୍ରତିଷ୍ଠାକୁ ପ୍ରାଥମିକତା ଦିଆଯାଉ। ଏଥିଲାଗି ରାଜୀବ ସେବା କେନ୍ଦ୍ର/ଏମ୍‌ଜିଏନ୍‌ଆର୍‌ଇଜିଏସ୍ କୋଠାଗୁଡ଼ିକୁ ବ୍ୟବହାର କରାଯାଉ। ଆବଶ୍ୟକ ସ୍ଥଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ନୂଆ କୋଠା ନିର୍ମାଣ କରାଯାଇପାରେ। ଲାଇବ୍ରେରି ବିଲ୍ଡିଂଗୁଡ଼ିକୁ ଅକ୍ଷମ ଓ ଶିଶୁ ଉପଯୋଗୀ କରାଯାଇପାରିଲେ ସେଗୁଡ଼ିକ ସବୁ ବର୍ଗର ଲୋକଙ୍କ କାମରେ ଆସିବ। ଲାଇବ୍ରେରିଗୁଡ଼ିକୁ ଅଧିକ ଉପଯୋଗୀ ଓ ସମସ୍ତଙ୍କ ପାଇଁ ଉପଲବ୍ଧଯୋଗ୍ୟ କରିବା ଲାଗି ପବ୍ଲିକ୍ ଲାଇବ୍ରେରୀ ଡାଇରେକ୍ଟୋରେଟ୍ ପ୍ରତିଷ୍ଠା କରାଯାଉ। ଆଧୁନିକ ଲାଇବ୍ରେରିଗୁଡ଼ିକରେ ଫ୍ରି ଇଣ୍ଟରନେଟ ରୁମ୍, ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ଓ ବିଭିନ୍ନ ଡିଜିଟାଲ ସର୍ଭିସ୍ ଭଳି ମୌଳିକ ସେବା ପ୍ରଦାନର ବ୍ୟବସ୍ଥା କରାଯାଉ। ୱେବିନାର/ସେମିନାର, ୱାର୍କଶପ୍ ଆଦି ପାଇଁ ଅଡିଓ-ଭିଡିଓ-ଇଣ୍ଟରନେଟ୍ ଚାଳିତ କମ୍ୟୁନିଟି ସେଣ୍ଟର କରାଯାଉ। ସ୍ଥାନୀୟ ଲୋକଙ୍କ ପଠନ ନିମନ୍ତେ ରିଡିଂ ରୁମ୍‌ରେ ବିଭିନ୍ନ ପ୍ରକାର ବହି, ଖବରକାଗଜ, ମାଗାଜିନ୍ ଓ ଅନ୍ୟ ପତ୍ରପତ୍ରିକା ଉପଲବ୍ଧ କରାଯାଉ। ସେହିପରି ପବ୍ଲିକ୍ ଲାଇବ୍ରେରି ଡାଇରେକ୍ଟୋରେଟ୍ ପାଇଁ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ପଲିସି/ଗାଇଡ୍‌ଲାଇନ୍‌କୁ ପରିଭାଷିତ କରାଯାଉ। ଏଥିସକାଶେ କମ୍ପ୍ୟୁଟର ହାର୍ଡୱେର, ସଫ୍ଟୱେର ଓ ବୈଦ୍ୟୁତିକ ଉପକରଣର ବ୍ୟବହାର ସଂକ୍ରାନ୍ତ ସ୍ପଷ୍ଟ ଗାଇଡ୍‌ଲାଇନ୍ସ ଜାରି କରାଯାଉ। ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ପଞ୍ଚାୟତସ୍ତରରେ ପ୍ରତ୍ୟେକ ଲାଇବ୍ରେରିରେ ଡିଜିଟାଲ ପୁସ୍ତକ/କଣ୍ଟେଣ୍ଟ, ପ୍ରଡକ୍ଟିଭିଟି ସଫ୍ଟୱେର ଟୁଲ୍ସ ସୁବିଧା ଦିଆଯାଉ। ନ୍ୟାଶନାଲ ଇର୍ଫମେଟିକ୍ ସେଣ୍ଟର (ଏନ୍‌ଆଇସି)ର ଇ-ଗ୍ରନ୍ଥାଳୟ ବା ଅନୁରୂପ ଲାଇବ୍ରେରି ଅଟୋମେଶନ୍ ସଫ୍ଟୱେର ଉପଯୋଗ କରାଗଲେ ଲାଇବ୍ରେରିର ସୁପରିଚାଳନା କରାଯାଇପାରିବ। ପ୍ରତି ପରିବାରକୁ ବାର୍ କୋଡେଡ୍ ଲାଇବ୍ରେରି କାର୍ଡ ପ୍ରଦାନ କରାଯାଉ। ୱେବ୍‌ସାଇଟ୍ ଜରିଆରେ ପ୍ରତ୍ୟେକ ଲାଇବ୍ରେରିରେ ଡିଜିଟାଲ ଉପସ୍ଥିତି, ଇ-ମେଲ୍ ଆଇଡି ଓ ସୋସିଆଲ ମିଡିଆର ସୁବିଧା ଦିଆଯାଉ। ଜିଲା, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଡିଜିଟାଲ ଭିତ୍ତିଭୂମିରେ ସହାୟକ ହେବା ଭଳି ଉତ୍ତରଦାୟିତ୍ୱ ସ୍ଥିର କରାଯାଉ। ୱାର୍କଫ୍ଲୋ ଅଟୋମେଶନ୍ ସଫ୍ଟୱେର/ମୁଖ୍ୟମନ୍ତ୍ରୀଙ୍କ ଡ୍ୟାଶ୍‌ବୋର୍ଡ ରଖାଯାଇ ଡେଟା ସଂଗ୍ରହ ଓ ପ୍ରଦର୍ଶନ ପରିମାପ କରାଯାଉ। ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ ଲାଇବ୍ରେରି ବିଶେଷଜ୍ଞମାନଙ୍କୁ ଆଣି ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରାଯାଇପାରିବ। ପାଠାଗାରଗୁଡ଼ିକର ପରିଚାଳନା ସହ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପୂରଣ ଲାଗି ବିଶ୍ୱବିଦ୍ୟାଳୟଗୁଡ଼ିକୁ ପର୍ଯ୍ୟାପ୍ତ ଦକ୍ଷ/ତାଲିମପ୍ରାପ୍ତ ପ୍ରୋଫେଶନାଲ ଏବଂ ଲାଇବ୍ରେରିଆନ୍ ନିର୍ମାଣ ପାଇଁ ସଶକ୍ତ କରାଯାଉ।

ସେହିପରି ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ୟୁଏନ୍‌ଏସ୍‌ଡି) ହାସଲ ସକାଶେ ଲାଇବ୍ରେରିଗୁଡ଼ିକୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ସେବା ପ୍ରଦାନ କରିବା ଭଳି ସାମର୍ଥ୍ୟ ଦିଆଯାଉ। ତୃଣମୂଳ ସ୍ତରରେ ଆଧୁନିକ ଲାଇବ୍ରେରି ଓ ପଠନ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଜନ ସଚେତନତା ସୃଷ୍ଟିର ବ୍ୟବସ୍ଥା କରାଯାଉ। ସ୍ଥାନୀୟ ସିଭିଲ ସୋସାଇଟି ସଦସ୍ୟଙ୍କ ଦ୍ୱାରା ଲାଇବ୍ରେରି ପରିଚାଳନାର ନିୟମ କରାଯାଉ। ରାଜଧାନୀ ଭୁବନେଶ୍ୱରରେ ବୋଷ୍ଟନ୍ ପବ୍ଲିକ୍ ଲାଇବ୍ରେରି, ନ୍ୟୁୟର୍କ ପବ୍ଲିକ୍ ଲାଇବ୍ରେରି, ଅନ୍ନା ସେଣ୍ଟେନାରି ଲାଇବ୍ରେରି ଭଳି ଏକ ବିଶ୍ୱସ୍ତରୀୟ ପାଠାଗାର ପ୍ରତିଷ୍ଠା କରାଯାଉ। ନିୟମିତ ଭାବେ ଲାଇବ୍ରେରିର କାର୍ଯ୍ୟକାରିତାକୁ ଯାଞ୍ଚ କରିବା ପାଇଁ ଡେଟା ଭିତ୍ତିକ ପ୍ରକ୍ରିୟାର ସହଯୋଗ ନିଆଯାଉ। ସେହିପରି 'ମୋ ସ୍କୁଲ/ମୋ କଲେଜ' ଭଳି 'ମୋ ଲାଇବ୍ରେରି' ପ୍ରତିଷ୍ଠା କରାଯାଉ, ଯହିଁରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଓ ଅବଦାନ ରହିବ ବୋଲି ଓଏସ୍‌ଏ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର



**ଭୁବନେଶ୍ୱର, ୧୮।୭ (ଅନିଲ ଦାସ)**

ସିଙ୍ଗାପୁର ହାଇକମିଶନର ମି. ସାଇମନ୍ ୱାଙ୍ଗ୍ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ଲୋକସେବା ଭବନରେ ଭେଟି ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି।

ଏହି ବୈଠକରେ କେ.ଭି. କହିଛନ୍ତି, ପୁଞ୍ଜିନିବେଶ ଆକୃଷ୍ଟ କରିବା ଏବଂ ଅର୍ଥନୈତିକ ସହଯୋଗ ବୃଦ୍ଧି ପାଇଁ ଓଡ଼ିଶା ସିଙ୍ଗାପୁର ସହ ସକ୍ରିୟ ଭାବେ ଯୋଗାଯୋଗ ରଖିଛି। ଉଭୟ ଦେଶର ପାରସ୍ପରିକ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ସିଙ୍ଗାପୁର ସହିତ ଓଡ଼ିଶା ସରକାର ଦୀର୍ଘକାଳୀନ ସହଭାଗିତା କରିବାକୁ ଚାହୁଁଛନ୍ତି। କଳିଙ୍ଗ ଯୁଦ୍ଧ ପରେ ଓଡ଼ିଶାରୁ ବୌଦ୍ଧଧର୍ମର ବହୁଳ ପ୍ରଚାରପ୍ରସାର ଆରମ୍ଭ ହୋଇ ଏହା ମଧ୍ୟପ୍ରାଚ୍ୟରୁ ଦୂରପ୍ରାଚ୍ୟ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା। ଓଡ଼ିଶାରେ ଅନେକଗୁଡ଼ିଏ ବୌଦ୍ଧ କୀର୍ତ୍ତିରାଜି ଏବଂ ସୁଦୀର୍ଘ ସମୁଦ୍ରତଟ ରହିଛି। ଏ କ୍ଷେତ୍ରରେ ସିଙ୍ଗାପୁର ସରକାର ନିବେଶ କରିବାକୁ ସିଂଦେଓ ପ୍ରସ୍ତାବ ଦେଇଛନ୍ତି। ବୈଠକରେ ହାଇକମିଶନର ମି. ୱାଙ୍ଗ୍ କହିଛନ୍ତି ଯେ ଓଡ଼ିଶା ଏକ ନିବେଶ ଅନୁକୂଳ ରାଜ୍ୟ। ଆମେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବା ଯୋଜନା ରଖିଛୁ। ଅଦ୍ୟାବଧି ୧୫ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛୁ ଏବଂ ଭାରତରେ ୧୬୦ ବିଲିୟନ ନିବେଶ କରାଯାଇ ବିଭିନ୍ନ କ୍ଷେତ୍ରରେ ବିକାଶର ଧାରାକୁ ବଜାୟ ରଖାଯାଇଛି। ପର୍ଯ୍ୟଟନ ଓ ବନ୍ଦର ଆଦି କ୍ଷେତ୍ରରେ ପୁଞ୍ଜିନିବେଶକୁ ଆଗକୁ ବଢ଼ାଇବାକୁ ଆଗ୍ରହୀ ବୋଲି ମି. ୱାଙ୍ଗ୍ କହିଛନ୍ତି। ଏ ଦିଗରେ ସେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ପୁଞ୍ଜିନିବେଶ ପାଇଁ ସିଙ୍ଗାପୁରକୁ ଏକ ସହଯୋଗୀ ରାଷ୍ଟ୍ର ଭାବେ ନେବାକୁ ସେ ନିବେଦନ କରିବା ସହ ମନ୍ତ୍ରୀଙ୍କୁ ସିଙ୍ଗାପୁର ପରିଭ୍ରମଣରେ ଯିବା ପାଇଁ ଆମନ୍ତ୍ରଣ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରସ୍ତାବକୁ ସ୍ୱାଗତ କରିବା ସହ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ସହଯୋଗ କାମନା କରିଛନ୍ତି।

**ପୁଞ୍ଜିନିବେଶ ପାଇଁ ସହଯୋଗ କାମନା କଲେ କେ.ଭି.**

# ପୋଲ ମରାମତି ବେଳେ ମାଡ଼ିଗଲା ଟ୍ରକ, ୩ ଶ୍ରମିକ ମୃତ

**ଲହୁଣୀପଡା, ୧୮।୭ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ୍ ଛକ ନିକଟ ୫୨୦ ନମ୍ବର ଜାତୀୟ ରାଜପଥରେ ଏକ ପୋଲକାମ ମରାମତିବେଳେ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ରାତି ପ୍ରାୟ ସାଢ଼େ ୭ଟାରେ ମରାମତି କରୁଥିବା ଶ୍ରମିକଙ୍କ ଉପରେ ଦ୍ରୁତଗତିରେ ଆସି ଏକ ଟ୍ରକ ମାଡିଯାଇଥିଲା। ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ଦୀଲୁ ପାତ୍ର, ଶୁକରାମ ମୁଣ୍ଡା ଓ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ଏଥିସହ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୁକାନ୍ତ ମାହାନ୍ତି ଓ ଅଶୋକ ଜଗଦେ। ଲହୁଣୀପଡା ଥାନା ପୋଲିସ ମୃତଦେହ ଜବତ କରି ବଣେଇ ଉପଖଣ୍ଡ ଡାକ୍ତରଖାନା ମର୍ଗ ହାଉସ୍ ପଠାଇ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ରାଜାମୁଣ୍ଡା ବାଇପାସ୍ ଛକଠାରୁ ୫୨୦ ନମ୍ବର ଜାତୀୟ ରାଜପଥ ଭାୟା କେ.ବଲାଙ୍ଗ ହୋଇ କୋଇଡା ପଟେ ଯାଇଛି। ରାଜାମୁଣ୍ଡା ବାଇପାସ୍ ଛକଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଏକ ପୋଲ ଅଛି। ସେହି ପୋଲର ଛାତରୁ କଂକ୍ରିଟ ଗଳି ପଡିଥିଲା। ଫଳରେ ଉକ୍ତ ସ୍ଥାନକୁ ଆରକେଡି ଠିକାସଂସ୍ଥା ତରଫରୁ ରାତି ପ୍ରାୟ ସାଢ଼େ ୭ଟା ବେଳେ ମରାମତି କରାଯାଉଥିଲା। ଉକ୍ତ ସ୍ଥାନକୁ ମରାମତି କରିବା ପାଇଁ ଠିକା ସଂସ୍ଥା ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ମସଲା ମିଶା ମେଟାଲ ଗଦା କରାଯାଇଥିଲା। ଏଥିସହିତ ଗୋଟିଏ ପାର୍ଶ୍ୱରେ ସୂଚନା ଫଳକ ଦିଆଯାଇଥିଲା। ସେଠାରେ ପ୍ରାୟ ୧୧ ଜଣ ଶ୍ରମିକ କାମ କରୁଥିଲେ। ସେଥି ମଧ୍ୟରୁ ୩ ଜଣ ବ୍ରେକର ମେଶିନ ମାଧ୍ୟମରେ ପୋଲର ଛାତକୁ ଫଟାଉଥିଲେ। ଏହିସମୟରେ ରାଜାମୁଣ୍ଡା ବାଇପାସ୍ ପଟୁ ଏକ ଟ୍ରକ(ଓ-୧୪ କିୟୁ-୯୧୩୯) ଦ୍ରୁତ ଗତିରେ ଆସି ମସଲା ମିଶା ମେଟାଲ ଉପରେ ଚଢ଼ି ବ୍ରେକର ମେଶିନରେ କାମ କରୁଥିବା ୩ଜଣ ଶ୍ରମିକଙ୍କ ଉପରେ ଚଢାଇ ଦେଇ ସାମ୍ନାରେ ଥିବା ଏକ ଟ୍ୟାଙ୍କର(ଓ -୦୨ଡି-୬୦୬୫)କୁ ଧକ୍କା ଦେଇଥିଲା। ଧକ୍କା ପରେ ବ୍ରେକର ମେଶିନରେ କାମ କରୁଥିବା ଡିଲୁ ପାତ୍ର ଓ ଅନ୍ୟଜଣେ ଟ୍ରକ ଚକ ତଳେ ଚାପି ହୋଇ ଯାଇଥିଲେ। ଅନ୍ୟ ଜଣେ ଶୁକରାମ ମୁଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ଲହୁଣୀପଡା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଶୁକରାମଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ସେଠାରେ କାମ କରୁଥିବା ଶ୍ରମିକମାନେ ପ୍ରାଣ ବିକଳରେ ଯିଏ ଯୁଆଡେ ଦୌଡ଼ି ପଳାଇ ଯାଇଥିଲେ।

# ଟ୍ରକ୍ ଧକ୍କାରେ ୨ ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

**ଢେଙ୍କାନାଳ, ୧୮।୭ (ରତନ ନାୟାର)/ ଓଡ଼ାପଡ଼ା (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ମେରାମଣ୍ଡଳୀ ନିକଟସ୍ଥ ଚିନ୍ତାପୋଖରୀ ଛକଠାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ବାଇକ୍‌କୁ ଦ୍ରୁତଗାମୀ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ୨ ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କର୍ମଚାରୀ ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଚନ୍ଦ୍ରଶେଖର ପ୍ରସାଦ ଗ୍ରାମର ପିନୁ ଧଳ ଓ କଟକ ଜିଲା ସାଲେପୁର ଅଞ୍ଚଳର ସୁବ୍ରତ ମହାପାତ୍ର। ପିନୁ ଓ ସୁବ୍ରତ ଉକ୍ତ ଅଞ୍ଚଳରୁ ଗ୍ରୁପ୍ ଲୋନ୍ ଟଙ୍କା ଆଦାୟ କରି ବାଇକ୍ ଯୋଗେ ୫୫ନଂ. ଜାତୀୟ ରାଜପଥରେ ଫେରୁଥିବା ବେଳେ ପଛପଟୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ଏସ୍‌ସିବି ମେଡିକାଲରେ ପଦ୍ମଶ୍ରୀ କମଳା ପୂଜାରୀ

**କଟକ, (ଶିଳ୍ପା ପ୍ରିୟଦର୍ଶିନୀ)/କୋରାପୁଟ (ଅମିତାଭ ବେହେରା) ୧୮।୭**

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି।



ଏସ୍‌ସିବି ମେଡିକାଲରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଚିକିତ୍ସା କରାଯାଉଛି।

ଗୁରୁବାର ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କୁ ଅଣାଯାଇ ଏସ୍‌ସିବିର ଭେଷଜ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏସ୍‌ସିବି ମେଡିସିନ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ୪ ଜଣିଆ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ମେଡିସିନ ବିଭାଗ, ନେଫ୍ରୋଲୋଜି ବିଭାଗ ଓ ପଲ୍‌ମ୍ୟୁନାରୀ ମେଡିସିନ ବିଭାଗର ୪ ଜଣ ଡାକ୍ତରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ପୂର୍ବରୁ କମଳାଙ୍କ କିଡ୍‌ନୀ ଜନିତ ସମସ୍ୟା ରହିଛି। ହେଲେ ଏବେ ଜ୍ୱର ହେବାରୁ ତାଙ୍କୁ ପ୍ରଥମେ ଜୟପୁର ମେଡିକାଲ ଓ ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପ୍ରଫେସର ପଣ୍ଡା କହିଛନ୍ତି, ପାଟିରେ ସଂକ୍ରମଣ ଥିବାରୁ କିଛିଦିନ ହେବ କମଳା ଖାଦ୍ୟ ଖାଇନାହାନ୍ତି। ଏଥିସହ ଦାନ୍ତ ବ୍ୟଥା ରହିଛି। ସମସ୍ତ ପରୀକ୍ଷା କରାଯାଇଛି। ଜ୍ୱର, ରକ୍ତହୀନତା ଲକ୍ଷଣ ଓ କ୍ରିଏଟିନିନ୍ ସଂଖ୍ୟା ବଢ଼ିଥିବା ଦେଖାଦେଇଛି। ଦନ୍ତ ଚିକିତ୍ସା ଆରମ୍ଭ ହୋଇଛି। ଡାଏଲିସିସ୍‌ର ଆବଶ୍ୟକତା ନାହିଁ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ପଣ୍ଡା କହିଛନ୍ତି।



# ଗ୍ରୀଷ୍ମ ପ୍ରବାହର ମୁକାବିଲା



ରେଞ୍ଜୋ ଆର୍. ଗୁଇଣ୍ଟୋ

ସମଗ୍ର ଏସିଆର ଲୋକେ ଗ୍ରୀଷ୍ମ ପ୍ରବାହର ଶେଷ ସମୟକୁ ଅପେକ୍ଷା କରି ରହିଥିଲେ, ଯାହା ଏବେ ପାଖେଇ ଆସିଥିବା ମନେହେଉଛି। ମୋ ନିଜ ଦେଶ ଫିଲିପାଇନ୍ସରେ ବର୍ଷର ପ୍ରଥମ ସାମୁଦ୍ରିକ ଝଡ଼ ମେ' ମାସ ଶେଷରେ ଆସିଥିଲା। ଏହି ଝଡ଼ ଗ୍ରୀଷ୍ମରେ ବୃଦ୍ଧି ପାଇଥିବା ୫୦ ଡିଗ୍ରୀ ସେଲ୍‌ସିୟସ (୧୨୨ ଡିଗ୍ରୀ ଫାରେନ୍‌ହାଇଟ) ତାପମାତ୍ରାକୁ ହ୍ରାସ କରିଥିଲା। ଗତ କିଛି ମାସ ମଧ୍ୟରେ ଅତ୍ୟଧିକ ତାପମାତ୍ରା ଯୋଗୁ ସ୍କୁଲ ବନ୍ଦ ହେବା ସହ ଉତ୍ପାଦକତା ହ୍ରାସ ଏବଂ ଘରେ ରହି କାମ କରିବା ଭଳି ସ୍ଥିତି ଉପୁଜିଥିଲା। ଗମ୍ଭୀର ଗ୍ରୀଷ୍ମ ପ୍ରବାହର ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଉପରେ ପ୍ରଭାବ ଆକଳନ କରିବା କଷ୍ଟସାଧ୍ୟ ହୋଇପାରେ, କିନ୍ତୁ ସେଗୁଡ଼ିକୁ ଯେଉଁଭଳି ଭାବେ ଆମେ ଅଣଦେଖା କରିଚାଲିଛୁ ତାହା ଉଦ୍‌ବେଗଜନକ। ଏହା ଲଗାତର ଭୟ ତଥା ଅବହେଳାକୁ ସାମ୍ନାକୁ ଆଣୁଛି, ଯାହା ମହାମାରୀ ପରେ ବହୁ ସମୟରେ ଘଟୁଛି। ସମାଜଗୁଡ଼ିକ ଅତୀତର ସ୍ୱାସ୍ଥ୍ୟ ସଙ୍କଟରୁ ପାଇଥିବା ଶିକ୍ଷାକୁ ଭୁଲିଯିବା ଏବଂ ପରବର୍ତ୍ତୀ ସମୟରେ ଆଉ ଏକ ମହାମାରୀ ଆସିଲେ ଅପ୍ରସ୍ତୁତ ଥିବା ଲକ୍ଷ୍ୟ କରାଯାଉଛି।

ମହାମାରୀକୁ ମୁକାବିଲା ପ୍ରସ୍ତୁତିରେ ଆମକୁ ଉନ୍ନତି ଆଣିବାକୁ ପଡ଼ିବ ଏବଂ ସେହିଭଳି ଘାତକ ତାପମାତ୍ରାଜନିତ ସ୍ୱାସ୍ଥ୍ୟ ସଙ୍କଟ ହ୍ରାସ କରିବାକୁ ହେବ। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହ ଆଗକୁ ଏସିଆରେ ଲଗାତର ବଢ଼ି ତୀବ୍ର ହେବ ବୋଲି ଅନୁମାନ କରାଯାଉଛି। ଏହି ନୂଆ ପ୍ରକାର ସ୍ଥିତିରୁ ରକ୍ଷା ପାଇବା ଲାଗି ଅଧିକ ପାଣି ପିଇବା ଓ ଏୟାର କଣ୍ଡିସନ୍‌ଡ ବା ବାତାନୁକୂଳିତ ସ୍ଥାନରେ ରହିବା ଭଳି ଦୁର୍ବଳ ସାର୍ବଜନୀନ ସ୍ୱାସ୍ଥ୍ୟ ମାର୍ଗଦର୍ଶିକାଗୁଡ଼ିକ ଉପରେ ଆମେ ନିର୍ଭର କରି ରହିପାରିବା ନାହିଁ। ଅନ୍ତଃବସ୍ତ୍ର ନ ପିନ୍ଧି ମହିଳାମାନେ ଅତ୍ୟଧିକ ଉତ୍ତାପର ମୁକାବିଲା କରିବା ଉଚିତ ବୋଲି ନିକଟରେ ଫିଲିପାଇନ୍ସର ଜଣେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶ ମଧ୍ୟ ଗ୍ରହଣୀୟ ନୁହେଁ। ଏହା ପରିବର୍ତ୍ତେ ବିଶ୍ୱର ସରକାରଗୁଡ଼ିକ ଏକ ସକ୍ରିୟ ଦୃଷ୍ଟିକୋଣ ଆପଣାଇବା ସହ ଅତ୍ୟଧିକ ତାପମାତ୍ରାର ମୁକାବିଲା କରି ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ତ୍ୱରିତ ପ୍ରୟାସ କରିବାକୁ ପଡ଼ିବ। ପରବର୍ତ୍ତୀ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆସିବା ବେଳକୁ ସମସ୍ତ ଦେଶରେ ଏହାର ସମାଧାନ ପାଇଁ ଏକ ଜାତୀୟ ଯୋଜନା ରହିବା ଉଚିତ। ସ୍ଥାନୀୟ ସମ୍ପ୍ରଦାୟ ଏହା ସହ କିପରି ଖାପଖୁଆଇ ରହିପାରିବେ, ତାହା ଉପରେ ମଧ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ। ବାସ୍ତବରେ ଘଟୁଥିବା ଜଟିଳ ସ୍ଥିତିରେ କିଭଳି ସଫଳ ହେବା ସେଥିପାଇଁ ନୀତି ନିର୍ଦ୍ଧାରଣର ପ୍ରତ୍ୟେକ ଦିଗ ଏହା ଉପରେ ଦୃଷ୍ଟି ଦେବା ଉଚିତ। ସ୍ୱାସ୍ଥ୍ୟକ୍ଷେତ୍ର ବ୍ୟତୀତ ଗୃହ, ପରିବହନ ଏବଂ ଜଳ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ, ଯାହା ସ୍ଥାୟୀ ବିକାଶ ଲକ୍ଷ୍ୟରେ ରହିଛି।

ପ୍ରଥମେ ଘର ଉପରେ ଗୁରୁତ୍ୱ ଦେବା ଉଚିତ। ଏସିଆର



ଅନେକ ଅସୁରକ୍ଷିତ ଲୋକ ଦୁର୍ବଳ ବାୟୁ ଚଳାଚଳ କରୁଥିବା ସରକାରୀ ଘର କିମ୍ବା ଅଧିକ ଜନବହୁଳ ବସ୍ତିରେ ରୁହନ୍ତି। ବିଶ୍ୱରେ ପ୍ରାୟ ୧.୬ ବିଲିୟନ ଲୋକ ବାସସ୍ଥାନର ଅନୁପଯୁକ୍ତ ପରିବେଶ ଯୋଗୁ ପ୍ରଭାବିତ ହେଉଛନ୍ତି। ଦେଖିବାକୁ ଗଲେ ଏହି ସର୍ବେକ୍ଷଣ ସାଧାରଣତଃ ବାୟୁ ଚଳାଚଳକୁ ହିସାବକୁ ନେଇ ନାହିଁ। ଏଣୁ ଏହି ଆକଳନ କମ୍ ହୋଇପାରେ। ଗରିବ ଲୋକଙ୍କୁ ଶୀତତାପ ନିୟନ୍ତ୍ରିତ ଅଟ୍ଟାଳିକାରେ ରହିବାକୁ ପରାମର୍ଶ ଦେବା ଅପେକ୍ଷା ପରିବେଶ ସହ ଖାପଖୁଆଇ ରହିବା ପାଇଁ ଅଧିକ କାର୍ଯ୍ୟକ୍ଷମ ବିକଳ୍ପ ଅଛି। ଏହା ସହ ଏୟାରକଣ୍ଡିଶନର ମୂଲ୍ୟ ବେଶି ଓ ଏହା ଅଧିକ ବିଦ୍ୟୁତ୍ ଉପଯୋଗ କରେ। ଗବେଷକଙ୍କ ଆକଳନ ଅନୁଯାୟୀ, ବୈଶ୍ୱିକ ସବୁଜଗୃହ ବାଷ୍ପ ନିର୍ଗମନର ୩.୯% ଏୟାରକଣ୍ଡିଶନର ବ୍ୟବହାର ଯୋଗୁ ହେଉଛି। ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ପାଇଁ ଅଧିକ ଜୀବାଶ୍ମ ଇନ୍ଧନ ବ୍ୟବହାର କରିବା ପରିବର୍ତ୍ତେ ନୀତି ନିର୍ଦ୍ଧାରକମାନେ ଉଭୟ ପୃଥିବୀ ତଥା ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସହରୀ ବିକାଶ ଉପରେ ପୁନର୍ବିଚାର କରିବା ଆବଶ୍ୟକ। ଉଦାହରଣ ସ୍ୱରୂପ, ଇଣ୍ଡୋନେସିଆ ଏବଂ ସିଙ୍ଗାପୁର ସମେତ ଏସିଆର କେତେକ ଦେଶ ଏୟାର କଣ୍ଡିସନର ବିନା ଘର ଭିତରର ତାପମାତ୍ରାକୁ ହ୍ରାସ କରିବା ପାଇଁ କମ୍ ମୂଲ୍ୟର ରଙ୍ଗ ଛାତରେ ବ୍ୟବହାର ଆରମ୍ଭ କରିଛନ୍ତି।

ପରିବହନ କ୍ଷେତ୍ର ମଧ୍ୟ ଉତ୍ତାପ ବୃଦ୍ଧିର କାରଣ ହେଉଛି। ପରିବେଶ ଉପଯୋଗୀ ପରିବହନ ବ୍ୟବସ୍ଥାର ବିନିଯୋଗ ଦ୍ୱାରା ଗ୍ରୀଷ୍ମପ୍ରବାହ ସମୟରେ ଆରାମ ମିଳିଥାଏ। ଏହା ଜଳବାୟୁ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଉତ୍ତାପ ବୃଦ୍ଧିର ମୁକାବିଲା କରି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ସରକାରଗୁଡ଼ିକ ବିଶ୍ୱ ଜଳ ସଙ୍କଟକୁ ମଧ୍ୟ ସମାଧାନ କରିବା ଆବଶ୍ୟକ। ଯଦିଓ ଅତ୍ୟଧିକ ଉତ୍ତାପରୁ ରକ୍ଷା ପାଇଁ ହାଇଡ୍ରେଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତଥାପି ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ଲୋକ ସୁରକ୍ଷିତ ପାନୀୟ ଜଳ ପାଇପାରିନାହାନ୍ତି। ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ପାଣି ବୋତଲ ସମାଧାନର ପନ୍ଥା ନୁହେଁ; ଏୟାର କଣ୍ଡିସନର ଭଳି ସେସବୁ ଦାମୀ, କାର୍ବନ ନିର୍ଗମନକାରୀ ତଥା ପ୍ରଦୂଷଣକାରୀ।

ଉତ୍ତାପ ବୃଦ୍ଧି ମୁକାବିଲାର ପ୍ରସ୍ତୁତି କାର୍ଯ୍ୟକ୍ରମଗୁଡ଼ିକ ନିଶ୍ଚିତ ଭାବରେ ଅତ୍ୟଧିକ ଅସୁରକ୍ଷିତ ଅବସ୍ଥାରେ ଥିବା ଗୋଷ୍ଠୀ ଯଥା କୃଷକ ଏବଂ ମତ୍ସ୍ୟଜୀବୀ, ନିର୍ମାଣ ଏବଂ କାରଖାନା କର୍ମଚାରୀ, ବୃଦ୍ଧ ଏବଂ ରୋଗଗ୍ରସ୍ତ ଲୋକଙ୍କ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବନ୍ଦୀ, ଅଟକ ଥିବା ପ୍ରବାସୀ ଏବଂ ମାନସିକ ରୋଗୀମାନଙ୍କ ପାଇଁ ଏଭଳି ପ୍ରୟାସ ହେବା ଦରକାର। ଏମାନେ ସମସ୍ତେ ପ୍ରାୟତଃ ଅତ୍ୟଧିକ ଗରମ ଓ ସଂକୀର୍ଣ୍ଣ ସ୍ଥାନରେ ସୀମିତ ହୋଇ ରହିଥାନ୍ତି।

ବାତ୍ୟା ଓ ମହାମାରୀ ମୁକାବିଲାର ନୀତିଗତ ବ୍ୟବସ୍ଥା ପରି ଉତ୍ତାପ ବୃଦ୍ଧିକୁ ସାମ୍ନା କରିବାର ପ୍ରସ୍ତୁତିକୁ ସ୍ୱାସ୍ଥ୍ୟ ନୀତିରେ ଅନ୍ତର୍ଭୁକ୍ତ କରିବା ଜରୁରୀ। ଏଥିପାଇଁ ଏସୀୟ ଦେଶଗୁଡ଼ିକ ଉତ୍ତାପଜନିତ ରୋଗର ଆକଳନ କରିବା ପାଇଁ ସେମାନଙ୍କର ରୋଗ ନିରୀକ୍ଷଣ ପ୍ରଣାଳୀଗୁଡ଼ିକୁ ନବୀକରଣ କରିବା ଉଚିତ। ବିଶେଷକରି ତରଳ ପଦାର୍ଥଠାରୁ ଆରମ୍ଭ କରି ଥଣ୍ଡା ପୋଷାକ ଭଳି ଚିକିତ୍ସା ଉପକରଣର ପର୍ଯ୍ୟାପ୍ତ ଯୋଗାଣ ଜାରି ରଖିବା ଗୁରୁତ୍ୱପୂର୍ଣ୍ଣ। ତେବେ ଅତ୍ୟଧିକ ଉତ୍ତାପର ସମ୍ଭାବ୍ୟ ପ୍ରଭାବ ବିଷୟକୁ ଜରୁରିକାଳୀନ ଡାକ୍ତର, ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ଓ ପ୍ରାଥମିକ ଚିକିତ୍ସା ପ୍ରଦାନକାରୀଙ୍କ ଶିକ୍ଷା ଏବଂ ତାଲିମରେ ସାମିଲ କରିବା ଆବଶ୍ୟକ, ଯେଉଁମାନେ ପ୍ରାୟତଃ ଅସୁବିଧାରେ ଥିବା ରୋଗୀଙ୍କ ପାଇଁ ଯୋଗାଯୋଗର ପ୍ରଥମ ବିନ୍ଦୁ। ଦୁଃଖର ବିଷୟ, ଯେତେବେଳେ ମୁଁ ଡାକ୍ତରୀ ଛାତ୍ର ଥିଲି, ସେତେବେଳେ ହିଟ୍‌ଷ୍ଟ୍ରୋକ ବା ଅଂଶୁଘାତ ଭଳି ଉତ୍ତାପଜନିତ ରୋଗର ପରୀକ୍ଷଣ ଓ ଚିକିତ୍ସା ପରିଚାଳନା କେବଳ ଉଲ୍ଲେଖ କରାଯାଇଥିଲା।

ଶେଷରେ, ଗବେଷକମାନେ କେବଳ ଉତ୍ତାପର ମହାମାରୀ ଉପରେ ନୁହେଁ, ବରଂ ଆମର ନୀତି ଏବଂ ପଦକ୍ଷେପର ପ୍ରଭାବ ଉପରେ ଧ୍ୟାନ ଦେବା ଆବଶ୍ୟକ। ଉଦାହରଣ ସ୍ୱରୂପ, ୨୦୨୩ରେ ସିଙ୍ଗାପୁରର ନ୍ୟାଶନାଲ ୟୁନିଭରସିଟି ଉତ୍ତାପ ବୃଦ୍ଧି ସ୍ଥିତିର ମୁକାବିଲା ଓ ପ୍ରତିକାର ପାଇଁ ଏକ ଗବେଷଣା କେନ୍ଦ୍ର ଆରମ୍ଭ କରିଥିଲା। ପୃଥିବୀର ସ୍ୱାସ୍ଥ୍ୟ ଉପରେ ଏକ ନୂତନ ପଦକ୍ଷେପ ସହିତ ମୋ ଅନୁଷ୍ଠାନ ଏହି ଲକ୍ଷ୍ୟ ପୂରଣ କରିବ, ଯାହା ସାରା ଏସିଆର ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସମୁଦାୟଗୁଡ଼ିକୁ ଜଳବାୟୁଜନିତ କ୍ଷତିର ମୁକାବିଲା କରିବାରେ ସାହାଯ୍ୟ କରିବ। ବିଶ୍ୱର ତାପମାତ୍ରା ଉଦ୍‌ବେଗଜନକ ହାରରେ ବଢ଼ୁଥିବାରୁ ଏକ ଉତ୍ତପ୍ତ ବିଶ୍ୱ ସହିତ ଖାପ ଖୁଆଇ ରହିବା ଛଡ଼ା ଆମ ପାଖରେ କୌଣସି ବିକଳ୍ପ ନାହିଁ। ଏହି ସମୟରେ ବାୟୁମଣ୍ଡଳକୁ ନିର୍ଗମନ ହେଉଥିବା କାର୍ବନ ଡାଇଅକ୍ସାଇଡ ଅପସାରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଦ୍ୱାରା ବାରମ୍ବାର ପ୍ରକାଶ ପାଉଥିବା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହର ତୀବ୍ରତା ହ୍ରାସ କରିବାକୁ ସକ୍ଷମ ହୋଇପାରିବା। ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବାକୁ ସରକାର ଓ କର୍ପୋରେଶନଗୁଡ଼ିକ ଉପରେ ଚାପ ପକାଇବା ଦ୍ୱାରା ଆମେ ଉତ୍ତାପ ବୃଦ୍ଧିଜନିତ ସ୍ଥିତିର ମୁକାବିଲା ଓ ପ୍ରତିକାର କରିବା ସହ ପୃଥିବୀର ପରିବେଶରେ ଉନ୍ନତି ଆଣିପାରିବା।

**ଆସୋସିଏଟ୍ ପ୍ରଫେସର,**
**ଗ୍ଲୋବାଲ ଆଣ୍ଡ ପ୍ଲାନେଟାରି ହେଲ୍‌ଥ,**
**ଡ୍ୟୁକ-ଏନ୍‌ଏସ୍‌ୟୁ ମେଡିକାଲ କଲେଜ, ସିଙ୍ଗାପୁର**

# ପରୀକ୍ଷା ବିଭ୍ରାଟ ଓ ଶିକ୍ଷା



ପ୍ରଦୀପ୍ତ କୁମାର ମିଶ୍ର

ସମ୍ପ୍ରତି ଦେଶରେ ପରୀକ୍ଷା ବିଭ୍ରାଟ ଓ ଫଳାଫଳକୁ ନେଇ ପ୍ରବଳ ଅଶାନ୍ତି ପରିଲକ୍ଷିତ ହୋଇଛି। ଏଥିରେ ଆଶାୟୀ ପ୍ରାର୍ଥୀମାନେ ନିରାଶ ହେବା ସ୍ୱାଭାବିକ। ନିଟ୍ ପରୀକ୍ଷା ପାଇଁ ମେଧାବୀମାନେ ବହୁ କଷ୍ଟକରି ଓ ବିଭିନ୍ନ ସ୍ଥାନରେ କୋଚିଂ ନେଇଛନ୍ତି। କିନ୍ତୁ ପରୀକ୍ଷା ବିଭ୍ରାଟ ସେମାନଙ୍କ ମନକୁ ବିଷାକ୍ତ କରୁଛି। ଉତ୍ତର ପ୍ରଦେଶରେ କୌଣସି ଏକ ପ୍ରତିଯୋଗିତାମୂଳକ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଛାତ୍ରଙ୍କ ନିକଟରେ ପହଞ୍ଚିବା ନେଇ ଯେଉଁ ତମ୍ବିତୋଫାନ ହୋଇଗଲା ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ପରୀକ୍ଷା ରଦ୍ଦ କରିବାକୁ ପଡିଲା, ଯାହାର ପ୍ରଭାବ କିଛି ନା କିଛି ଗତ ନିର୍ବାଚନରେ ପଡିଛି। ହରିୟାଣା, ରାଜସ୍ଥାନ ପ୍ରଭୃତି ରାଜ୍ୟରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟର ସମସ୍ୟା ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଓଡ଼ିଶାରେ ମଧ୍ୟ ଏହି ସମସ୍ୟା କିଛି କମ୍ ନୁହେଁ। ଏହି କିଛି ଦିନ ତଳେ ଏ ବାବଦରେ ବେଶ୍ ତମ୍ବିତୋଫାନ ହୋଇଥିଲା କିନ୍ତୁ ଫଳଶୂନ୍ୟ, ମେଧାବୀମାନେ କେବଳ ଘରେ କାନ୍ଦିବା ସାର ହୋଇଥିଲା।

ଏସବୁ କିଛି ଖଳ ପ୍ରକୃତିର ମାଫିଆମାନଙ୍କ ଦ୍ୱାରା ହିଁ ହେଉଛି, ଯେଉଁମାନଙ୍କ ପଛରେ ରାଜନୈତିକ ହସ୍ତକ୍ଷେପ ରହୁଛି। ଏଥିରୁ ଚାକିରି ବାବଦରେ ପଇସା ଥିବା ପିଲାମାନଙ୍କଠାରୁ ମୋଟା ଅଙ୍କରେ ଅର୍ଥ ଆଦାୟ କରାଯାଉଥିବା ବେଳେ ମେଧାବୀ ମାନଙ୍କଠାରୁ ତାହା ଛଡାଇ ନିଆଯାଉଛି। ଯେତିକି ଜଣାପଡୁଛି ତା' ଉପରେ ତମ୍ବିତୋଫାନ ହେଉଛି, ଯେଉଁଠି ଜଣାପଡୁନି ସେଠାରେ ମେଧାବୀମାନେ ପୁଣି ପର ବର୍ଷକୁ ଅପେକ୍ଷା କରି ରହୁଛନ୍ତି।

ମାଧ୍ୟମିକ ଶିକ୍ଷା ପରିଷଦ ମାଟ୍ରିକ ପରୀକ୍ଷାରେ ବାରମ୍ବାର ପରୀକ୍ଷାନିରୀକ୍ଷା କରିବା ଦ୍ୱାରା ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପଡୁଛି, କେତେବେଳେ ଛଅ ମାସରେ ପରୀକ୍ଷା ପୁଣି ବର୍ଷରେ ଥରେ, ପରୀକ୍ଷା ପୂର୍ବରୁ ଯେଉଁ ଅନ୍ୟ ପରୀକ୍ଷା କରାଯାଉଛି ତା'ର ପ୍ରଶ୍ନପତ୍ର ବଜାରରେ ଉତ୍ତର ସହ ମିଳୁଛି। ଏବେ ବଜାର କହିଲେ ୟୁଟ୍ୟୁବ ଟେଲିଗ୍ରାମ ଆଦି ସାମାଜିକ ଗଣମାଧ୍ୟମରେ ପିଲାମାନେ କେବଳ ଚାତକ ପରି ଅପେକ୍ଷା କରିଛନ୍ତି। ଲକ୍ଷ୍ୟ କରାଯାଉଛି ଶ୍ରେଣୀ ପରୀକ୍ଷାରେ ଯେଉଁମାନେ ବିଦ୍ୟାଳୟକୁ ଆସନ୍ତିନି ସେହିମାନେ ଅନ୍ୟ ପିଲାମାନଙ୍କଠାରୁ ଅଧିକ ମାର୍କ ରଖୁଛନ୍ତି। ଏହାକୁ ବନ୍ଦ କରାଯାଇପାରୁନି ବରଂ ଦିନକୁଦିନ ଏହି ଧନ୍ଦା ଅଧିକ ହେଉଛି। ଯାହା ସର୍ବଶିକ୍ଷା ଓ ନବମ ପରୀକ୍ଷାକୁ ଗ୍ରାସ କଲାଣି। ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ବିଭ୍ରାଟ କଥା ଖବରକାଗଜରେ ବାହାରିଥିଲା ସତ କହିବାକୁ ଗଲେ ଏବେ ବିଭିନ୍ନ ଟ୍ରେନିଂ ଆଳରେ ବିଦ୍ୟାଳୟରେ ଆଉ ପୂର୍ବ ପରି ପାଠପଢ଼ା ଯାଉନାହିଁ। ବିଭିନ୍ନ କ୍ଲବ କରି ଅଧିକ ଶିକ୍ଷା ଦେବାର ଯୋଜନା କେବଳ ଫଟୋରେ ସୀମିତ ହେବାବେଳେ ମୂଳ ପାଠ ବହୁତ ପଛକୁ ଚାଲିଯାଉଛି। ଯଦ୍ୱାରା ଏଥର ପିଲାମାନଙ୍କର ଇତିହାସ ଭୂଗୋଳ ସହ ଗଣିତ ଓ ବିଜ୍ଞାନରେ ମାର୍କ ବହୁତ କମ୍ ରହିଛି। ଏଥର ପରୀକ୍ଷାରେ ଗୁଣାତ୍ମକ ମାନ କମିଗଲା ବେଳେ କେବଳ ପାସ୍ ହାର ବଢିଛି। ସେହିପରି ମାଧ୍ୟମିକ ଉଚ୍ଚଶିକ୍ଷାରେ ମଧ୍ୟ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପରେ ପରିସଂଖ୍ୟାନ ଚାପ ଏତେ ଅଧିକ ଯେ ସେ ରାତିଦିନ ଓ ଛୁଟି ଭୁଲିଯାଉଛନ୍ତି। ଯଦ୍ୱାରା ଶିକ୍ଷାଦାନ ଉପରେ ଗଭୀର ପ୍ରଭାବ ପଡୁଛି। ନାଚଗୀତ କରି ବିଦ୍ୟାଳୟରେ ପାଠ ହୁଏନି, ପାଠ ପାଇଁ ଅଭିଜ୍ଞ ଶିକ୍ଷକ ଆବଶ୍ୟକ। କିଛି ବିଦ୍ୟାଳୟରେ ଶିକ୍ଷକ କହିଲେ କେବଳ ଅତିଥି ଶିକ୍ଷକ ସାହାରା ସାଜିଛନ୍ତି। ଆଜି ପର୍ଯ୍ୟନ୍ତ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ହୋଇପାରିଲା ନାହିଁ। ତେବେ କମ୍ପ୍ୟୁଟରଗୁଡିକ ନଷ୍ଟ ହୋଇଗଲା। ବିଦ୍ୟାଳୟରେ ନବୀକରଣ ହୋଇଛି କିନ୍ତୁ ଶିକ୍ଷାର ଲାଭ ହୋଇନି। ବିଜ୍ଞାନ ଶିକ୍ଷକଙ୍କ ଉପରେ ଅନେକ ଚାପ ରହିଲାବେଳେ ସେ ଶିକ୍ଷା ଦେବାରୁ ବିରତ ରହିବାକୁ ବାଧ୍ୟ ହେଉଛନ୍ତି।

ଅନେକ ଥର ଏହା ଉପରେ ଆଲୋଚନା ଓ ସଂଘ ମଧ୍ୟ ଦୃଷ୍ଟି ଆରୋପ କରିଥିଲେ ବି ଫଳ କିଛିନାହିଁ। ଗ୍ରାମାଞ୍ଚଳରେ ଗରିବ ପିଲା ଏସବୁକୁ ଭୋଗିବା ପାଇଁ ବାଧ୍ୟ ଯେମିତି। ସହରରେ ବେସରକାରୀ ବିଦ୍ୟାଳୟରେ ପିଲା ପଢି କେବଳ ଅଧିକ ପାଠପଢ଼ା ଉପରେ ଧ୍ୟାନ ରହୁଥିବାରୁ ତାଙ୍କର ଫଳାଫଳ ସରକାରୀ ବିଦ୍ୟାଳୟ ଠାରୁ ବେଶ୍ ଉନ୍ନତ ରହୁଛି। ତେବେ ଏବେ ସମୟ ଆସିଛି ମେଧାବୀମାନଙ୍କ ସହ ଏପରି ଖେଳ ନ ଖେଳି ଆଗାମୀ ଭବିଷ୍ୟତକୁ ଗଢିବା ଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯାଉ। ବିଦ୍ୟାଳୟରେ କେବଳ ପାଠ ଓ ଶାରୀରିକ ଶିକ୍ଷା ବ୍ୟତୀତ ଅନ୍ୟସବୁକୁ ବହୁତ କମ୍ କରାଯାଇ ଶିକ୍ଷକଙ୍କୁ ପାଠ ପଢ଼ାଇବାର ସ୍ୱାଧୀନତା ଦିଆଯାଉ। ପିଲାମାନଙ୍କୁ ପ୍ରତ୍ୟହ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଆସିବା ପାଇଁ ସ୍ୱତନ୍ତ୍ର ଆଇନ କରାଯାଉ। ବିଦ୍ୟାଳୟକୁ ଏକ ମାଗଣା ବଣ୍ଟନ କ୍ଷେତ୍ରରେ ପରିଣତ ନ କରି ଏକ ଶିକ୍ଷାର ମନ୍ଦିରରେ ରଖାଯାଉ। ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଅନ୍ତର୍ନିହିତ ସ୍ୱତନ୍ତ୍ର ଗୁଣ ରହିଛି, ଯାହାକୁ ଆବିଷ୍କାର କରି ତାର ସ୍ୱତନ୍ତ୍ରତାକୁ ପାଥେୟକରି ଉପଯୁକ୍ତ ଶିକ୍ଷା ଦିଆଯାଉ। ପରୀକ୍ଷାରେ ବହୁତ କଡାକଡି କରି ତାଙ୍କ ମେଧାକୁ ଗୁରୁତ୍ୱ ଦେବା ଦରକାର। ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟରେ ପିଲାଙ୍କୁ ପାଠପଢିବା ଓ ନିୟମିତ ବିଦ୍ୟାଳୟକୁ ଆସିବାର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଉ।

**ଉପସଭାପତି, ଓଷ୍ଟା**
**ମା:୯୬୫୮୬୧୪୭୨୮**

## ଏଇ ଭାରତରେ

ନିଷ୍ଠା ଓ ଇଚ୍ଛାଶକ୍ତି ସଫଳତା ପାଇଁ ବାଟ କଢ଼ାଇ ନିଏ, ଯାହା ଘଟିଛି କେରଳର ଆର୍. ବିଶ୍ୱନଙ୍କ କ୍ଷେତ୍ରରେ। ପିଲାଦିନେ ଅସହାୟ ଜୀବନ କଟାଇବା ପରେ ସେ ଏବେ ମହୁଚାଷ କରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ଫାର୍ମରେ ଏବେ ୬,୦୦୦ ମହୁବାକ୍ସ ଅଛି ଓ ସେଥିରୁ ବର୍ଷକୁ ୯୦-୧୧୦ ଟନ୍ ମହୁ ଉତ୍ପାଦନ ହେଉଛି। ବିଶ୍ୱନଙ୍କ ଜନ୍ମ ଥିରୁଭାନନ୍ତପୁରମ ଜିଲା ନେୟାତିନ୍‌କାରା ଗାଁରେ। ଗାଁ ଲୋକ ଭାରି ଅନ୍ଧବିଶ୍ୱାସୀ । ସେ ପରିବାର ପାଇଁ ଅମଙ୍ଗଳ ବୋଲି କେତେଜଣ ଜ୍ୟୋତିଷ ତାଙ୍କ ମାତାପିତାଙ୍କୁ କହିବା ପରେ ବିଶ୍ୱନଙ୍କ ଜୀବନ ଅନ୍ଧକାର ହୋଇଯାଇଥିଲା। ତାଙ୍କୁ ପିଲାଙ୍କ ସହ ଖେଳିବାକୁ ଦିଆଯାଉ ନ ଥିଲା। ଏମିତିକି ତାଙ୍କ ପିତାଙ୍କ ବ୍ୟବସାୟରେ କ୍ଷତି ହେବାରୁ ପରିବାର ମାଲପୁରମ ଜିଲାର ନୀଳାମ୍ବୁରକୁ ଚାଲିଯାଇଥିଲେ। ହେଲେ ବିଶ୍ୱନଙ୍କୁ ରାସ୍ତାରେ ମାତ୍ର ୭ ବର୍ଷ ବୟସରେ ଛାଡ଼ି ଚାଲିଯାଇଥିଲେ। ବିଶ୍ୱନ ଦିନରେ ରାସ୍ତାକଡ଼ରେ ଓ ରାତିରେ ଫସଲ ଜଗିବା ଲାଗି ତିଆରି ହୋଇଥିବା ଟ୍ରି ହାଉସରେ ରହୁଥିଲେ। ଏପରିକି ତାଙ୍କୁ ଖାଦ୍ୟ ଚୋରି କରିବାକୁ ପଡ଼ିଥିଲା ଓ ଧରାପଡ଼ିବା ପରେ ଦୋକାନୀ ମାଲିକ ବିଶ୍ୱନଙ୍କୁ ଗାଈଚରା କାମରେ ଲଗାଇଥିଲେ। ଏହା ଥିଲା ୧୯୭୦ ଦଶକର ଘଟଣା। ଗାଈ ଜଗିବା ସମୟରେ ସେ ମହୁମାଛିମାନଙ୍କୁ ଦେଖିବା ପରେ ଚାଷ କରିବାକୁ ମନ ବଳାଇଥିଲେ। ପରେ ସେ ଗାଈଜଗା କାମ ଛାଡ଼ି ପ୍ରଥମେ ବଜାରରୁ ଗୋଟିଏ ମହୁ ବାକ୍ସ କିଣି ମହୁମାଛି ପାଳନ କରିଥିଲେ। ସେ ସମୟରେ ତାଙ୍କ ବୟସ ଥିଲା ୧୩।

## ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶପ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ ! -(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | 5 | |
| | | | | | | 6 | | |
| | | | 9 | | | | 2 | 7 |
| 8 | | | | | | | 9 | |
| | | 5 | | 4 | | 8 | | |
| 7 | | 1 | 3 | | | | | 4 |
| 2 | | | | | 5 | | 4 | 9 |
| | 6 | | | | | | 3 | 2 |
| | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 1 | 2 | 3 | 4 | 5 | 6 |
| 2 | 4 | 5 | 6 | 9 | 7 | 3 | 8 | 1 |
| 3 | 1 | 6 | 8 | 5 | 4 | 9 | 7 | 2 |
| 9 | 5 | 8 | 7 | 3 | 1 | 6 | 2 | 4 |
| 7 | 3 | 4 | 2 | 6 | 8 | 5 | 1 | 9 |
| 6 | 2 | 1 | 9 | 4 | 5 | 8 | 3 | 7 |
| 4 | 8 | 2 | 5 | 1 | 9 | 7 | 6 | 3 |
| 1 | 7 | 3 | 4 | 8 | 6 | 2 | 9 | 5 |
| 5 | 6 | 9 | 3 | 7 | 2 | 1 | 4 | 8 |

ଗତକାଲିର ଉତ୍ତର

# ପଦ୍ଧତିଗତ ନିବେଶ ଯୋଜନା



ଅନନ୍ତ ଚରଣ ସ୍ୱାଇଁ

ପଦ୍ଧତିଗତ ନିବେଶ ଯୋଜନାକୁ ନେଇ ଏବେ ଅନେକ ଚର୍ଚ୍ଚା। ଅନେକଙ୍କର ଏ ବିଷୟରେ ଧାରଣା କମ୍। ଏହା କ'ଣ ? ଏଥିରେ କିଭଳି ସୁବିଧା ସୁଯୋଗ ରହିଛି ? କ୍ଷତିହେବାର ଭୟ ବା ରିସ୍କ କେତେ ? କେଉଁମାନେ ଏଥିରେ ଟଙ୍କା ଖଟାଇ ପାରିବେ ? ଏପରି ଅନେକ ପ୍ରଶ୍ନ ନିବେଶକଙ୍କ ମନକୁ ଆନ୍ଦୋଳିତ କରିଥାଏ। ଏହି ପ୍ରବନ୍ଧ ମାଧ୍ୟମରେ ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ, ସଂକ୍ଷେପରେ ଏସ୍‌ଆଇପି(ସିପ୍) ବା ପଦ୍ଧତିଗତ ନିବେଶ ଯୋଜନା ବିଷୟରେ ଜାଣିବାର ପ୍ରଯତ୍ନ କରାଯାଇଛି।

ପଦ୍ଧତିଗତ ନିବେଶ ଯୋଜନା (ସିପ୍) ହେଉଛି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାର ଏକ ଅଭିନବ ଉପାୟ। ମ୍ୟୁଚୁଆଲ ଫଣ୍ଡ ହେଉଛି ଏକ ବୃତ୍ତିଗତ ପାଣ୍ଠି ପରିଚାଳକ ଦ୍ୱାରା ପରିଚାଳିତ ଅର୍ଥର ସମାହାର(ପୁଲ୍)। ଏହା ଏକ ଟ୍ରଷ୍ଟ, ଯାହା କି ଅନେକ ନିବେଶକଙ୍କଠାରୁ ଟଙ୍କା ସଂଗ୍ରହ କରେ ଏବଂ ସଂଗୃହୀତ ରାଶିକୁ ବିତ୍ତୀୟ ବଜାରରେ ଇକ୍ୱିଟି (ବିଭିନ୍ନ କମ୍ପାନୀର ଅଂଶଧନ) ଓ ଡେବ୍ଟ(ସରକାରୀ ସିକ୍ୟୁରିଟି, କର୍ପୋରେଟ୍ ବଣ୍ଡ, ଟ୍ରେଜେରି ବିଲ୍, ବ୍ୟାଙ୍କ ଜମା, ଅନ୍ୟାନ୍ୟ ସିକ୍ୟୁରିଟି, ଯେଉଁଥିରୁ ଏକପ୍ରକାର ସ୍ଥାୟୀ ରିଟର୍ନ ମିଳିଥାଏ)ରେ ବିନିଯୋଗ କରିଥାଏ।

ମ୍ୟୁଚୁଆଲ ଫଣ୍ଡର ଗଠନ ଓ କାର୍ଯ୍ୟକାରିତା ବିଷୟରେ ସମ୍ୟକ୍ ଧାରଣା ଦେବା ଆବଶ୍ୟକ। ମନେକର ଦଶଟି ମ୍ୟୁଚୁଆଲ ଫଣ୍ଡ ଅଛି। ସମସ୍ତେ ବଜାରରେ ନିବେଶ କରିବା ପାଇଁ ଫଣ୍ଡ ଦରକାର କରନ୍ତି। ଏଥିପାଇଁ ନିବେଶକଙ୍କଠାରୁ ଟଙ୍କା ସଂଗ୍ରହ କରିଥାଆନ୍ତି। ମ୍ୟୁଚୁଆଲ ଫଣ୍ଡର ପରିଚାଳନାଗତ ଦକ୍ଷତା, ଅତୀତର ପ୍ରଦର୍ଶନ, ଭବିଷ୍ୟତର ରିଟର୍ନ, ଏଥିରେ ଥିବା ବିପଦର ମୂଲ୍ୟାଙ୍କନ, ଇକ୍ୱିଟି ଓ ଡେବ୍ଟର ମିଶ୍ରଣ, ନିଜ ଆବଶ୍ୟକତାର ପ୍ରାଥମିକତା ଆଦି ବିଭିନ୍ନ ଦିଗକୁ ବିଚାରକୁ ନେଇ ନିବେଶ କରିବାର ନିଷ୍ପତ୍ତି ନେଇଥାଏ ନିବେଶକ। ବିଭିନ୍ନ ପ୍ରକାରର ମ୍ୟୁଚୁଆଲ ଫଣ୍ଡରେ ସଂଗୃହୀତ ପାଣ୍ଠି ଇକ୍ୱିଟି ଓ ଡେବ୍ଟରେ ପୂର୍ବ ନିର୍ଦ୍ଧାରିତ ଅନୁପାତ ହିସାବରେ ବଜାରରେ ବିଶେଷଜ୍ଞଙ୍କ ଦ୍ୱାରା ବିନିଯୋଗ କରାଯାଏ। ପାଣ୍ଠି ପରିଚାଳନାରେ ବୃତ୍ତିଗତ ଦକ୍ଷତା, ନିବେଶର ବିବିଧୀକରଣ, ମ୍ୟୁଚୁଆଲ ଫଣ୍ଡ କାରବାରରୁ ମିଳୁଥିବା ଲାଭ ନିବେଶକଙ୍କୁ ଆକୃଷ୍ଟ କରିଥାଏ।

ପଦ୍ଧତିଗତ ନିବେଶ ଯୋଜନା ବା ଏସ୍‌ଆଇପି(ସିପ୍) ହେଉଛି ବ୍ୟାଙ୍କର ଆବର୍ତ୍ତୀ ଜମା ପରି। ଏହା ମ୍ୟୁଚୁଆଲ ଫଣ୍ଡରେ ଅର୍ଥ ବିନିଯୋଗ କରିବାର ଏକ ସହଜ ଓ ଶୃଙ୍ଖଳିତ ମାର୍ଗ। ଏଥିରେ ଜଣେ ନିୟମିତ ବ୍ୟବଧାନରେ, ନିଜ ମନୋନୀତ ମ୍ୟୁଚୁଆଲ ଫଣ୍ଡରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ବିନିଯୋଗ କରିପାରିବ। ଏହାଦ୍ୱାରା ନିବେଶକଙ୍କୁ ନିୟମିତ ବିନିଯୋଗ କରିବା ଅଭ୍ୟାସରେ ପଡ଼ିଯାଏ। ଫଣ୍ଡର ନମନୀୟତା, ଅନେକଗୁଡ଼ିଏ କମ୍ପାନୀର ଅଂଶଧନରେ କାରବାର କରିବାର ସୁବିଧା, ବିନିଯୋଗ ରାଶିର ହାରାହାରି ମୂଲ୍ୟରେ ବୃଦ୍ଧି ହିଁ ଏଥିରୁ ମିଳିଥାଏ। ପଦ୍ଧତିଗତ ନିବେଶ ଯୋଜନାରେ ନିବେଶ ବ୍ୟାଙ୍କ ଓ ପୋଷ୍ଟଅଫିସ୍ ତୁଳନାରେ ଅଧିକ ଅମଳ ଦେଇଥାଏ। ସିପ୍‌ରେ ନିବେଶ ସମ୍ପୂର୍ଣ୍ଣ ବିପଦମୁକ୍ତ ନୁହେଁ। ଏଥିରେ କିଛିଟା ବିପଦ ରହିଛି। କିନ୍ତୁ ବିପଦ ତୁଳନାରେ ରିଟର୍ନ ବା ଲାଭ ଅଧିକ। ମାସକୁ ଅତି କମ୍‌ରେ ୧୦୦ ଟଙ୍କା ସିପ୍ ମାଧ୍ୟମରେ ନିବେଶ କରିହେବ। ଏହା ଛୋଟ ଓ ବଡ଼ ନିବେଶକଙ୍କୁ ସୁହାଇଲା ଭଳି ଯୋଜନା। ଏହାଦ୍ୱାରା ସାଧାରଣ ଲୋକଟି ମଧ୍ୟ ଅକ୍ଳେଶରେ ଧନୀ ହୋଇପାରିବ।



ବିଭିନ୍ନ ଉପାୟରେ ମ୍ୟୁଚୁଆଲ ଫଣ୍ଡକୁ ଲାଭ ମିଳିଥାଏ। ପରେ ଏହି ଲାଭ ନିବେଶକମାନଙ୍କ ପାଖକୁ ସେମାନଙ୍କର ନିବେଶାନୁପାତରେ ଆସେ। ସେହି ଉପାୟଗୁଡ଼ିକ ହେଲା:୧. ଟ୍ରେଡିଂ ପ୍ରଫିଟ୍ ବା ଶେୟାର କିଣାବିକାରୁ ଲାଭ। ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ଏକାଠି ହୋଇଥିବା ପାଣ୍ଠିକୁ ବଜାରରେ କିଣାବିକାରେ ଲଗାଇବା ଦ୍ୱାରା ସେଥିରୁ ଲାଭ ମିଳିଥାଏ, ୨. ଯେଉଁ କମ୍ପାନୀର ଅଂଶଧନ ମ୍ୟୁଚୁଆଲ ଫଣ୍ଡ କିଣିଥାଏ ସେହି କମ୍ପାନୀ ବ୍ୟବସାୟରୁ ପାଉଥିବା ଲାଭ ମ୍ୟୁଚୁଆଲ ଫଣ୍ଡକୁ ଆସେ, ୩. ଶେୟାର ମୂଲ୍ୟ ବୃଦ୍ଧି : ଅନେକ କମ୍ପାନୀର ଅଂଶଧନ(ଶେୟାର)ର ମୂଲ୍ୟ ବୃଦ୍ଧି ହୋଇଥାଏ। ସେହି ବର୍ଦ୍ଧିତ ମୂଲ୍ୟର ପରିମାଣ ମ୍ୟୁଚୁଆଲ ଫଣ୍ଡ ଖାତାରେ ମିଶିଥାଏ, ୪. ବୋନସ୍ ଶେୟାର : କେତେକ କମ୍ପାନୀ ମଝିରେ ମଝିରେ କମ୍ପାନୀର ଅଂଶୀଦାରମାନଙ୍କୁ କମ୍ ମୂଲ୍ୟରେ ବା ବିନାମୂଲ୍ୟରେ କିଛି କିଛି ଶେୟାର ଦେଇଥାଆନ୍ତି। ଏହାଦ୍ୱାରା ନିବେଶକ ପାଖକୁ ଅଧିକ ଶେୟାର ଆସେ ଓ ସେ ବିଶେଷ ଲାଭବାନ୍ ହୋଇଥାଏ।

ବିଭିନ୍ନ ସୂତ୍ରରୁ ମିଳୁଥିବା ଲାଭ ମୂଳ ମ୍ୟୁଚୁଆଲ ଫଣ୍ଡରେ ମିଶିବା ଫଳରେ ଏହାର ମୂଲ୍ୟ ବଢ଼ିଯାଏ। ମନେକର ଗୋଟିଏ ମ୍ୟୁଚୁଆଲ ଫଣ୍ଡରେ ଅନେକ ନିବେଶକ ମିଶି କୋଟିଏ ଟଙ୍କା ନିବେଶ କରିଛନ୍ତି। ପ୍ରତିବଦଳରେ ସେମାନଙ୍କୁ କିଛି କିଛି ୟୁନିଟ୍ ମିଳିଥାଏ। ଧରାଯାଉ, ଗୋଟିଏ ୟୁନିଟ୍‌ର ମୂଲ୍ୟ ୧୦ ଟଙ୍କା। ତାହାହେଲେ ନିବେଶକଙ୍କୁ ମୋଟ ୧୦ ଲକ୍ଷ ୟୁନିଟ୍ ମିଳିବ। ପରବର୍ତ୍ତୀ ସମୟରେ ୟୁନିଟ୍‌ର ସଂଖ୍ୟା ଅପରିବର୍ତ୍ତିତ ରହିବ। କାରବାରରୁ ମିଳୁଥିବା ଲାଭ ଏଥିରେ ମିଶିବା ଫଳରେ ୟୁନିଟ୍‌ର ମୂଲ୍ୟ ବୃଦ୍ଧି ପାଇଥାଏ। ମନେକର ଉକ୍ତ କୋଟିଏ ଟଙ୍କାର ମ୍ୟୁଚୁଆଲ ଫଣ୍ଡର ବ୍ୟବସାୟିକ ଲାଭ ଦଶ ଲକ୍ଷ ଟଙ୍କା। ତା'ହେଲେ ମ୍ୟୁଚୁଆଲ ଫଣ୍ଡର ମୋଟ ମୂଲ୍ୟ ବଢ଼ିକରି ହେବ ଏକ କୋଟି ୧୦ ଲକ୍ଷ। ଏଥିରେ ୟୁନିଟ୍ ସଂଖ୍ୟାକୁ ଭାଗକଲେ(୧/୧୦କୋଟି/୧୦ଲକ୍ଷ) ପ୍ରତି ୟୁନିଟ୍‌ର ମୂଲ୍ୟ ହେବ ୧୧ ଟଙ୍କା। ଏହି ମୂଲ୍ୟକୁ ଏନ୍‌ଏଭି କୁହାଯାଏ। ଉକ୍ତ ଉଦାହରଣରୁ ଜଣାଯାଏ ଯେ, ପ୍ରତି ୟୁନିଟ୍‌ର ମୂଲ୍ୟ ଏକ ଟଙ୍କା ବୃଦ୍ଧି ପାଇଛି ବା ପ୍ରତି ୟୁନିଟ୍ ପିଛା ଲାଭ ହେଉଛି ଏକ ଟଙ୍କା। ନିବେଶକ ପାଖରେ ଯେତେ ୟୁନିଟ ମ୍ୟୁଚୁଆଲ ଫଣ୍ଡ ଥିବ ସେତିକି ଟଙ୍କାର ଲାଭ ପାଇବ।

ପଦ୍ଧତିଗତ ନିବେଶ ଯୋଜନା ହେଉଛି ଧନୀ ହେବାର ଏକ ଅଭିନବ ରାସ୍ତା। ସବୁବର୍ଗର ଲୋକେ ସିପ୍‌ରେ ନିବେଶ କରି ଧନୀ ହୋଇପାରିବେ। ସିପ୍ ମାଧ୍ୟମରେ ଦୀର୍ଘମିଆଦୀ ନିବେଶରୁ ପ୍ରାୟ ୧୦ରୁ ୧୫% ରିଟର୍ନ ମିଳିଥାଏ। ମନେକର ବାର୍ଷିକ ବୃଦ୍ଧି ୧୨%। ମାସକୁ ମାତ୍ର ୧୦୦ ଟଙ୍କା ୬୦ ବର୍ଷ ପର୍ଯ୍ୟନ୍ତ ବିନିଯୋଗ କଲେ ବାର୍ଷିକ ୧୨% ବୃଦ୍ଧିରେ ଏହି ନିବେଶର ପରିପକ୍ୱ ମୂଲ୍ୟ ହେବ ୧।୩ କୋଟି। ସେହିପରି ସିପ୍ ମାଧ୍ୟମରେ ମାସିକ ୫୦୦ ଟଙ୍କା ୪୫ ବର୍ଷ ରଖିଲେ ବାର୍ଷିକ ୧୨% ବୃଦ୍ଧିରେ ଜଣେ କୋଟିପତି ହୋଇପାରିବ। ନିଜ ଝାଳବୁହା ଧନରୁ ଟଙ୍କା ଟଙ୍କା କରି ସଞ୍ଚୟ ଓ ସଞ୍ଚିତ ରାଶିର ଦୀର୍ଘମିଆଦୀ ନିବେଶ କରି କୋଟିଏ ଟଙ୍କା କରିବାର କଳା ସମସ୍ତେ ଶିଖିବା ସହ ତାକୁ କାମରେ ଲଗାଇବାର ସମୟ ଆସିଛି।

**ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ**
**ମୋ: ୭୩୮୧୦୪୬୪୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତଙ୍କୁ ଚାରା ଗଛ ଯୋଗାଇ ଦିଆଯାଉ

ମହାଶୟ,

ଗଛ ଆମର ପରମ ବନ୍ଧୁ। ଗଛ ଯୋଗୁ ବର୍ଷା ହୁଏ। ପରିବେଶ ଭଲ ରହେ, ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ପୂର୍ବ ଅପେକ୍ଷା ଏବେ ଲୋକେ ଗଛ ଲଗାଇବା ପ୍ରତି ସଚେତନ ହେଲେଣି। ବହୁ ଲୋକଙ୍କ ପାଖରେ ସରକାରଙ୍କ ତରଫରୁ ଗଛ ପହଞ୍ଚି ପାରି ନ ଥାଏ। ତେଣୁ ଅନେକ ଲୋକ ଗଛ ଲଗାଇବାରୁ ବଞ୍ଚିତ ହୋଇଥାଆନ୍ତି। ପ୍ରଶାସନକୁ ଅନୁରୋଧ, ସମସ୍ତ ଲୋକଙ୍କୁ ଅତି କମ୍‌ରେ ଗୋଟିଏ ଗଛ ଯୋଗାଇଦିଅନ୍ତୁ ଓ ତତ୍‌ସହ ଗଛ ପାଇଁ ଘେରି ଖଣ୍ଡେ ଲେଖାଁ ଦିଅନ୍ତୁ। ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସେହି ଗଛକୁ ନିଜ କ୍ଷେତରେ ହେଉ ଅବା ରାସ୍ତାକଡ଼ରେ ଲଗାନ୍ତୁ। ଗଛକୁ ବଡ଼ ହେବା ଯାଏ ବଞ୍ଚାଇପାରିଥିବା ସେହି ବ୍ୟକ୍ତିଙ୍କୁ ପୁରସ୍କୃତ କରିବା ବ୍ୟବସ୍ଥା ହେଉ। ନିଶ୍ଚୟ ଏହା କଲେ ସମସ୍ତେ ଗଛ ଲଗାଇବା ପ୍ରତି ଆଗ୍ରହୀ ହେବେ ଓ ଗଛ ଲଗାଇବେ। ଶୀଘ୍ର ଗଛ ଲଗାଇଲେ ତାହା ବର୍ଷା ସମୟରେ ନିଶ୍ଚୟ ବଞ୍ଚିବ।

**-ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭିତର ରତ୍ନଭଣ୍ଡାର

# ସମସ୍ତ ରତ୍ନ ଅଳଙ୍କାର ସ୍ଥାନାନ୍ତର


ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି।

ପୁରୀ,୧୮।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗୁରୁବାର ସରକାରଙ୍କ ଏସ୍ଓପି ଅନୁସାରେ ଖୋଲାଯାଇଛି। ଭିତର ରତ୍ନଭଣ୍ଡାର ଭିତରେ ଥିବା ରତ୍ନଅଳଙ୍କାର ସ୍ଥାନାନ୍ତର କରାଯାଇଛି। ତେବେ ରତ୍ନଭଣ୍ଡାର ଖୋଲିବାକୁ ନିର୍ଦ୍ଦେଶିତ କମିଟି ସଦସ୍ୟମାନେ ପ୍ରଥମେ ସିଂହଦ୍ୱାର ସମ୍ମୁଖରେ ରଥାରୂଢ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଏହାପରେ ସମସ୍ତେ ଏକାଠି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମା' ବିମଳା, ମା' ଲକ୍ଷ୍ମୀଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିବା ପରେ ପାରମ୍ପରିକ ଧୋତି ଗାମୁଛା ପରିଧାନ କରିଥିଲେ। ପରେ ଶୁଭ ମୁହୂର୍ତ୍ତ ପୂର୍ବାହ୍ନ ୯ଟା ୫୧ମିନିଟରେ ସମସ୍ତ ସଦସ୍ୟ ଭଣ୍ଡାରକୁ ପ୍ରବେଶ କରିଥିଲେ। ଟ୍ରେଜେରିରୁ ଆସିଥିବା ଚାବିରେ ଭଣ୍ଡାର ଖୋଲାଯିବା ସହ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ନେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ୍ୟ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ଗଠିତ କମିଟି ସଦସ୍ୟମାନେ ଭିତର ରତ୍ନଭଣ୍ଡାର ସମସ୍ତ ଅଳଙ୍କାରକୁ ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରିଥିଲେ। ଖୁବଶୀଘ୍ର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ)କୁ ରତ୍ନଭଣ୍ଡାର ମରାମତି ପାଇଁ ହସ୍ତାନ୍ତର କରାଯିବ। ଏଏସ୍ଆଇ ମରାମତି ଶେଷ କରିବା ପରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମରୁ ସମସ୍ତ ଅଳଙ୍କାର ରତ୍ନଭଣ୍ଡାର ଭିତରକୁ ନିଆଯିବ। ରତ୍ନଭଣ୍ଡାର ଭିତରେ ହିଁ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଅଳଙ୍କାରର ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଜାରି ମାର୍ଗଦର୍ଶିକା ଅନୁସାରେ ଗତ ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଥିଲା। ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଅଳଙ୍କାର ଏବଂ ଜିନିଷପତ୍ରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ଭାବେ ଚାଙ୍ଗଡ଼ା ଏବଂ ଫୁଲ ଘରକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ପରମ୍ପରାଗତ ବ୍ୟବସ୍ଥା ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ବନ୍ଦ କରାଯାଇଥିଲା। ପରେ ଭିତର ରତ୍ନଭଣ୍ଡାର ଖୋଲାଯିବାକୁ ପ୍ରସ୍ତୁତି ହୋଇଥିଲା। ଭିତର ରତ୍ନଭଣ୍ଡାରରେ ୩ଟି ତାଲା ଲାଗିଥିଲା। ଏହା ମଧ୍ୟରୁ ଗୋଟିଏ ଜଉମୁଦ ସିଲ୍ ହୋଇଥିଲା ଏବଂ ଅନ୍ୟ ଦୁଇଟି ସିଲ୍ ନ ହୋଇ ବନ୍ଦଥିଲା। ଜିଲା ଟ୍ରେଜେରିରୁ ଆସିଥିବା ଦୁଇଟି ଚାବିରେ ସମସ୍ତ ତାଲା ଖୋଲିବା ଉଦ୍ୟମ କରାଯାଇଥିଲା, ହେଲେ ଏହା ସମ୍ଭବ ନ ହେବାରୁ ତାଲା ସବୁକୁ ଭଙ୍ଗା ଯାଇ ନୂଆ ତାଲା ପକାଯାଇଥିଲା। ଗୁରୁବାର ନୂଆ ତାଲାର ଚାବିରେ ରତ୍ନଭଣ୍ଡାର ଖୋଲାଯିବା ସହ ସମସ୍ତ ଅଳଙ୍କାର ଆଦି ଖଟଶେଯ ଘରେ ହୋଇଥିବା ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯାଇଛି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ପ୍ରଦାନ କରି କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଭିତର ରତ୍ନଭଣ୍ଡାରର ସମସ୍ତ ରତ୍ନଅଳଙ୍କାରକୁ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସ୍ଥାନାନ୍ତର କରାଯିବା ସହ ସିଲ୍ ମଧ୍ୟ କରାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତରଣର ଏହି ଐତିହାସିକ ପ୍ରକ୍ରିୟାରେ ମାର୍ଗଦର୍ଶନ ପାଇଁ ଗଜପତି ମହାରାଜା, ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ପରିଚାଳନା କମିଟି ଓ ରତ୍ନଭଣ୍ଡାର ସମ୍ପର୍କିତ ସମସ୍ତ କମିଟିର ସଦସ୍ୟମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ଏନେଇ ସହଯୋଗ ପାଇଁ ସମ୍ପୃକ୍ତ ସେବାୟତ ନିଯୋଗ, ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଜିଲା ତଥା ପୋଲିସ ପ୍ରଶାସନକୁ ମଧ୍ୟ ମୁଖ୍ୟ ପ୍ରଶାସକ ସହଯୋଗ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେହିପରି କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ସାଢେ ସାତଘଣ୍ଟାର ପରିଶ୍ରମ କରାଯାଇ ଅପରାହ୍ନ ୫ ଟା ୧୫ ବେଳକୁ ସମସ୍ତ ଅଳଙ୍କାର ସ୍ଥାନାନ୍ତରଣ କାର୍ଯ୍ୟ ଶେଷ ହୋଇଥିଲା। କମିଟିର ୧୧ ଜଣ ସଦସ୍ୟଙ୍କ ସହ ଅନ୍ୟମାନେ ସାହାଯ୍ୟ କରିଥିଲେ। ସ୍ନେକ୍ ହେଲ୍‌ପ ଲାଇନ୍ ସଦସ୍ୟ, ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ, ହାଇମାଷ୍ଟ ଲାଇଟ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। କେବଳ ବିଦ୍ୟୁତ କର୍ମଚାରୀମାନଙ୍କ ସାହାଯ୍ୟ ନିଆଯାଇଥିଲା। ଅନ୍ୟମାନେ ବାହାରେ ଥିଲେ। ସିନ୍ଦୁକ ଓ ଆଲମାରୀକୁ ସମସ୍ତ ଅଳଙ୍କାରକୁ ସ୍ଥାନାନ୍ତର କରାଯାଇଛି। ଚାବି ପକାଇ ସିଲ୍ କରିବା ପରେ ଜିଲାପାଳଙ୍କୁ ଚାବି ହସ୍ତାନ୍ତର କରାଯାଇଛି। ଜିଲା ଟ୍ରେଜେରିରେ ଚାବି ରହିବ।


ସିଂହଦ୍ୱାର ସମ୍ମୁଖରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସହ କମିଟି ସଦସ୍ୟ ଏବଂ ସେବାୟତ।





ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ସ୍ୱାଗତ କରି ପୁରୀ ବେଳାଭୂମିରେ ବାଲୁକାଶିଳ୍ପୀ ସୁଦର୍ଶନଙ୍କ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।


ରତ୍ନଭଣ୍ଡାର ଖୋଲିବାରେ ସହଯୋଗ କରିବା ପାଇଁ ନିୟୋଜିତ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ଆଜି ଶ୍ରୀମନ୍ଦିରକୁ ବାହୁଡ଼ିବେ ମହାପ୍ରଭୁ

ପୁରୀ,୧୮।୭(ଅଜିତ୍ କୁମାର ମହାନ୍ତି)

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି ମହାପ୍ରଭୁ। ଭଉଣୀଭାଇଙ୍କ ସହ ସିଂହଦ୍ୱାର ସମ୍ମୁଖରେ ତିନିରଥ ଉପରେ ଏବେ ଅବସ୍ଥାନ କରୁଛନ୍ତି ମହାପ୍ରଭୁ। ଗୁରୁବାର ରଥଉପରେ ମହାପ୍ରଭୁଙ୍କ ଅଧରପଣା ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତିକୁ ଅପେକ୍ଷା କରିଛନ୍ତି ଭକ୍ତ। ଶୁକ୍ରବାର ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ରତ୍ନବେଦିକୁ ବିଜେ କରିବେ ଦାରୁବିଗ୍ରହ । ଏଥିସହିତ ଶେଷ ହେବ ଚଳିତବର୍ଷର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ସମସ୍ତ ନୀତି । ସେହିପରି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପରେ ଶନିବାର ଠାରୁ ଶ୍ରୀମନ୍ଦିରରେ ନୀଳାଚଳ ଅବଢ଼ା ଭକ୍ତମାନେ ପାଇବେ। କିଛି ଦିନର ବ୍ୟବଧାନ ପରେ ପୁଣି ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଓ ଚଳଚଞ୍ଚଳ ହୋଇ ଉଠିବ। ମହାପ୍ରଭୁଙ୍କ ନୀଳକନ୍ଦର ବିଜେ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନଯାତ୍ରାଠାରୁ ଅଧରପଣା ପର୍ଯ୍ୟନ୍ତ ସମସ୍ତ ନୀତି ପ୍ରାୟ ନିର୍ଦ୍ଧାରିତ ସମୟ ଠାରୁ ଯଥେଷ୍ଟ ପୂର୍ବରୁ ସମ୍ପାଦନ ହୋଇଥିବାରୁ ନୀଳାଦ୍ରି ବିଜେ ମଧ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଛି। ରଥ ଉପରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ବଡ଼ ଓଡ଼ିଆ ମଠର ମହାନ୍ତ ଶ୍ରୀମନ୍ଦିର ରତ୍ନ ସିଂହାସନ ମାଜଣା କରିବେ। ପରେ ମୁଦିରସ୍ତ ସେବକ ତିନି ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ବୀଜେ କାହାଳି ବାଜିବା ପରେ ଘୋଷ ଘଣ୍ଟୁଆଙ୍କ ଘଣ୍ଟ ନାଦ ମଧ୍ୟରେ ପହଣ୍ଡି ଆରମ୍ଭ ହେବ। ଠାକୁରମାନେ ଗୋଟି ପହଣ୍ଡିରେ ରଥରୁ ଶ୍ରୀମନ୍ଦିରକୁ ବିଜେ କରିବେ। ପ୍ରଥମେ ରଥରୁ ମହାଜନ ସେବକମାନେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥରୁ ଶ୍ରୀରାମକୃଷ୍ଣ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରୁ ଶ୍ରୀମଦନମହୋନଙ୍କୁ ବିଜେ କରାଇ ଶ୍ରୀମନ୍ଦିରକୁ ନେବାପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରୁ ଚକ୍ରରାଜ ସୁଦର୍ଶନ ପରେ ତାଳଧ୍ୱଜ ରଥରୁ ବଡ଼ ଠାକୁର ବଳଭଦ୍ର ଶ୍ରୀମନ୍ଦିରକୁ ବିଜେ କରିବେ। ମା' ସୁଭଦ୍ରାଙ୍କ ପହଣ୍ଡି ପରେ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହେବ। ପହଣ୍ଡି ଆରମ୍ଭ ହେବା ମାତ୍ରେ ମା' ମହାଲକ୍ଷ୍ମୀ ଭେଟ ମଣ୍ଡପକୁ ବିଜେ କରିବେ। ଭିତରଚ୍ଛ ମହାପାତ୍ର ଭେଟ ମଣ୍ଡପରେ ମହାଲକ୍ଷ୍ମୀ ଏବଂ ମହାପ୍ରଭୁଙ୍କ ଭେଟ କରାଇବେ। ପରେ ସେଠାରେ ବନ୍ଦାପନା ଅନୁଷ୍ଠିତ ହେବ। ତେବେ ରଥଯାତ୍ରାରେ ମା' ମହାଲକ୍ଷ୍ମୀଙ୍କୁ ମହାପ୍ରଭୁ ସାଥିରେ ନେଇ ନ ଥିବାରୁ ମହାଲକ୍ଷ୍ମୀ ଠାକୁରଙ୍କ ଉପରେ ରାଗି ରହିଥିବାବେଳେ ମହାପ୍ରଭୁ ପହଣ୍ଡି ହୋଇ ସିଂହଦ୍ୱାର ନିକଟରେ ପହଞ୍ଚିବା ମାତ୍ରେ ସିଂହଦ୍ୱାର କବାଟ ବନ୍ଦ କରିଦେବେ। ପରେ କବାଟ ଖୋଲିବା ପରେ ମହାପ୍ରଭୁ ଶ୍ରୀମନ୍ଦିର ପରିସରକୁ ବିଜେ କରିବେ। ମାତ୍ର ମହାଲକ୍ଷ୍ମୀ ଜୟବିଜୟ ଦ୍ୱାର ବନ୍ଦ କରିଦେବେ। ପରେ ଠାକୁର ଠାକୁରାଣୀଙ୍କ ବଚନିକା ହେବ, ଯାହାକୁ ଲକ୍ଷ୍ମୀ ନାରାୟଣ ବଚନିକା ବୋଲି କୁହାଯାଇଥାଏ। ନୀତି ସରିବା ପରେ ଭଣ୍ଡାରଘର ନିକଟରେ ମହାପ୍ରଭୁ ଏବଂ ଠାକୁରାଣୀଙ୍କ ବିବାହ ଗଇଠାଳ ଫିଟିବ। ପରେ ମହାପ୍ରଭୁ ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ନିମନ୍ତେ ରସଗୋଲା ଦେବେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସରିବା ପରେ ରତ୍ନସିଂହାସନକୁ ବିଜେ କରିବେ।

# ଭଣ୍ଡାର ଖୋଲାଯିବାବେଳେ ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ବନ୍ଦ

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବାବେଳେ ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାର ବନ୍ଦ ରହିଥିଲା। ସେହିପରି ରତ୍ନଭଣ୍ଡାର ତଦାରଖ କରାଯିବା ସମୟରେ ଭକ୍ତଙ୍କ ପ୍ରବେଶ କଟକଣା ରହିଥିଲା। ଯେଉଁମାନେ ଅଧିକୃତ ସେବା ପୂଜାରେ ନିୟୋଜିତ ରହିଥିଲେ ସେମାନେ ଶ୍ରୀମନ୍ଦିରକୁ ଯାଉଥିଲେ। ଅପରପକ୍ଷରେ ରତ୍ନଭଣ୍ଡାର ଖୋଲିବା ସମୟରେ ପ୍ରଶାସନ ପକ୍ଷରୁ କଟକଣା ଲାଗିଥିବାରୁ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ବ୍ୟାପକ ପୋଲିସ ନିୟୋଜନ ରହିଥିଲେ। ସେହିପରି ଭକ୍ତଙ୍କ ଶ୍ରୀମନ୍ଦିର ପରିସରରେ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। ଯାହାଫଳରେ ଭକ୍ତମାନେ ବାହାରୁ ଶ୍ରୀମନ୍ଦିର ଦର୍ଶନ କରି ଫେରିଥିଲେ। ରଥଉପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ଭକ୍ତମାନେ ରଥ ପାଖ ଦେଇ ଫେରିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାରକୁ ପୋଲିସ ବଳୟ ମଧ୍ୟରେ ରଖାଯାଇଥିଲା।

## ସାପ ବାହାରିବା କଥା ଗୁଜବ

ଭିତର ରତ୍ନଭଣ୍ଡାର ଖୋଲାହେବା ସମୟରେ ସାପ ଧରାଳି ଟିମ୍ ଉପସ୍ଥିତ ରହିଥିଲେ। ରତ୍ନଭଣ୍ଡାର ଖୋଲାହେବା ସମୟରେ ଭିତରେ କିଛି ସାପ ବାହାରିଛି ବୋଲି ଶୁଣିବାକୁ ମିଳିଥିଲା। ତେବେ ରତ୍ନଭଣ୍ଡାରରୁ ସାପ ବାହାରିବା ଗୁଜବ ବୋଲି ସ୍ନେକ ହେଲ୍ପ ଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ନିକଟରେ ଆମେ ପ୍ରସ୍ତୁତ ଥିଲୁ। କୌଣସି ସାପ ବାହାରି ନ ଥିବାରୁ ରତ୍ନଭଣ୍ଡାର ଭିତରକୁ ତାଙ୍କୁ ଡକାଯାଇନାହିଁ। ସାପ ବାହାରିବା କଥା ସମ୍ପୂର୍ଣ୍ଣ ମିଛ। ସାପ ଖସିଯିବା ଏକ ଗୁଜବ ଛଡ଼ା ଆଉ କିଛି ନୁହେଁ ବୋଲି ମଲ୍ଲିକ କହିଛନ୍ତି।

## ରତ୍ନଭଣ୍ଡାର ଭିତରେ ସୁନା ମୁକୁଟ ରହିଛି

ଜଣେ ସେବାୟତଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ପରିସରରେ ଅମୁହାଁ ଦେଉଳ ଅଛି। ସେହି ରାସ୍ତାଦେଇ ଜଣେ ବ୍ୟକ୍ତିଙ୍କୁ ଦଉଡ଼ିରେ ବାନ୍ଧି ଭିତରକୁ ଛଡ଼ାଯାଇଥିଲା। ମାତ୍ର ପରେ ଖାଲି ଦଉଡ଼ି ବାହାରିଥିଲା। ରତ୍ନଭଣ୍ଡାର ଭିତରେ ଅନେକ ଗୁପ୍ତ ରହସ୍ୟ ରହିଛି। ରାଜା ପ୍ରତାପ ରୁଦ୍ରଙ୍କ ସମୟରେ ରାଜା ଯେଉଁ ରାଜ୍ୟ ଜୟ କରିଥିଲେ, ସେଠାରୁ ଆଣିଥିବା ମୁକୁଟ ରତ୍ନ ଭଣ୍ଡାର ଭିତରେ ରହିଛି। ଅନେକ ମୁକୁଟ ରହିଛି। ଅତୀତରେ ଚିତା ତିଆରି କରିବା ନିମନ୍ତେ ବାହାରୁ ଜୋହରୀ ଆସିଥିଲେ। ମାତ୍ର ସେମାନେ ତିଆରି କରି ପାରି ନ ଥିଲେ ଓ ଅଳଙ୍କାର ଚିହ୍ନଟ କରି ନ ପାରି ଫେରିଯାଇଥିଲେ। ଅପରପକ୍ଷରେ ମହାପ୍ରଭୁଙ୍କୁ ଅନେକ ସୁନା ଦାନ ମିଳୁଛି, ତେଣୁ ମହାପ୍ରଭୁଙ୍କ ଅଳଙ୍କାରର ଗୋଟିଏ ନୂତନ ସେଟ୍ ନିର୍ମାଣ କରାଯାଉ ବୋଲି ସେବାୟତ କହିଛନ୍ତି।

## ବାକ୍ସ ସହ ଅଳଙ୍କାର ସ୍ଥାନାନ୍ତର

ଶ୍ରୀମନ୍ଦିର ପରିଚାଳନା କମିଟି ତଥା ୧୧ ଜଣିଆ କମିଟିରେ ସଦସ୍ୟ ଥିବା ଦଇତାପତି ସେବକ ଦୁର୍ଗା ଦାସ ମହାପାତ୍ର ଅଳଙ୍କାର ସ୍ଥାନାନ୍ତର ସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି, ଅଳଙ୍କାରଗୁଡ଼ିକ ଲୁହା ବାକ୍ସ ଭିତରେ ବନ୍ଦ ହୋଇ ରହିଛି। ବାକ୍ସଗୁଡ଼ିକର ଆକାର ଭିନ୍ନ ଭିନ୍ନ ପ୍ରକାରର ରହିଛି। ତା' ଭିତରେ କ'ଣ ରହିଛି ସେଗୁଡ଼ିକୁ କେହି ଦେଖିନାହାନ୍ତି। ତେବେ ୧୯୭୮ ମସିହାରେ ଯେଉଁ ଗଣତି ମଣତି ହୋଇ ଅଳଙ୍କାରଗୁଡ଼ିକ ଯେପରି ବାକ୍ସରେ ରହିଥିଲା ସେହିଭଳି ଭାବରେ ବାକ୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ବଡ଼ବଡ଼ ସିନ୍ଦୁକ ମଧ୍ୟରେ ଛୋଟଛୋଟ ବାକ୍ସ ରହିଥିଲା। ରତ୍ନଭଣ୍ଡାର ମରାମତି ପରେ ସ୍ଥାୟୀ ଅଳଙ୍କାର ସ୍ଥାନାନ୍ତର ହେବା ପରେ ଗଣତିମଣତି ସମୟରେ ବାକ୍ସରେ କ'ଣ କ'ଣ ଅଳଙ୍କାର ରହିଛି ତାହା ଜଣାପଡ଼ିବ। ଆଗକୁ ବୈଠକ ଅନୁଷ୍ଠିତ ହେବା ପରେ ପରବର୍ତ୍ତୀ ପଦକ୍ଷପ ନିଆଯିବ ବୋଲି ଦାସ ମହାପାତ୍ର କହିଛନ୍ତି।

# ଜଗତପୁରରେ ଚାଲିଥିଲା ନକଲି ଚା’ ପ୍ୟାକିଂ

**ନକଲି ଚା’ପତି କାରଖାନା ଠାବ**

- ୧୦ ବସ୍ତା ଚା’, ପ୍ୟାକିଂ ମେଶିନ, ଓଜନ କଣ୍ଟା ଜବତ
- ଜବରଦଖଲ ଉଚ୍ଛେଦବେଳେ ଜଣାପଡ଼ିଲା

ମଙ୍ଗୁଳି–ଜଗତପୁର, ୧୮।୭(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ଲକ୍ଷ୍ମଣପୁର ଅଞ୍ଚଳରୁ ଗୁରୁବାର ଏକ ନକଲି ଚା’ପତି କାରଖାନା ଠାବ ହୋଇଛି। ସେଠାରୁ ୧୦ ବସ୍ତା ନକଲି ଚା’ ପତି, ପ୍ୟାକିଂ ମେଶିନ, ଟାଟା ଚା’ କମ୍ପାନୀର ଜରି ଓ ହଲୋଗ୍ରାମ ମେଶିନ, ଓଜନ କଣ୍ଟା ଜବତ କରାଯାଇଛି। ତେବେ ଏହି କାରଖାନା କେବେଠାରୁ ଚାଲୁଥିଲା, ଏହାକୁ କିଏ ଚଳାଉଥିଲେ ସେ ସମ୍ପର୍କରେ ଜଣାପଡିନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ଜଗତପୁର ଲକ୍ଷ୍ମଣପୁର ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ ପାର୍ଶ୍ୱରେ ପ୍ରାୟ ୫ ବର୍ଷ ହେବ ବେଆଇନ ଭାବେ ୪ଟି ଗୃହ ନିର୍ମାଣ କରାଯାଇଥିଲା। ଉକ୍ତ କେନାଲ ପାର୍ଶ୍ୱରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଡ୍ରେନ୍ ନିର୍ମାଣ ଜାରି ରହିଥିବାବେଳେ ଏହି ବେଆଇନ ଗୃହ ପାଇଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସିଏମ୍‌ସି ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଏହି ଗୃହଗୁଡ଼ିକୁ ନିର୍ମାଣକାରୀଙ୍କୁ ଗତ ଏକ ମାସ ମଧ୍ୟରେ ଉଚ୍ଛେଦ କରିବାକୁ କୁହାଯାଇଥିଲା। ନଚେତ୍ ସିଏମ୍‌ସି ପକ୍ଷରୁ ତାହାକୁ ଭାଙ୍ଗି ଦିଆଯିବ ବୋଲି ଜଣାଇ ଦିଆଯାଇଥିଲା। ହେଲେ ଜବରଦଖଲକାରୀ ଏହାକୁ କର୍ଣ୍ଣପାତ କରି ନ ଥିଲେ। ଫଳରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ ସିଏମ୍‌ସି ପକ୍ଷରୁ ଜେସିବି ସହାୟତାରେ ଉକ୍ତ ଗୃହ ଭଙ୍ଗାଯାଇଥିଲା। ଏହି ସମୟରେ ସେଠାରେ ଚା’ ତିଆରି ମେଶିନ ସହ ବିପୁଳ ପରିମାଣର ଚା’ ପତି ମହଜୁଦ ଥିବା ଦେଖିବାକୁ ମିଳିଥିଲା। ଖବରପାଇ ସିଏମ୍‌ସି ଖାଦ୍ୟ ନିରାପତ୍ତା ଅଧିକାରିଣୀ ରଶ୍ମିତା ବେହେରା ସେଠାରେ ପହଞ୍ଚି ଅନ୍ୟ ଏକ ଘରର ତାଲା ଭାଙ୍ଗିବା ପରେ ଏହା ଏକ ନକଲି ଚା’ ପତି କାରଖାନା ବୋଲି ଜଣାପଡିଥିଲା। ପରେ ସେଠାରେ ନକଲି ଚା’ପତି ସହ ମେଶିନ ଜବତ କରାଯାଇଛି। ଏ ନେଇ ସିଏମ୍‌ସି ଖାଦ୍ୟ ନିରାପତ୍ତା ଅଧିକାରିଣୀ ବେହେରା କହିଛନ୍ତି, ଚଢ଼ାଉବେଳେ ସେଠାରେ ନକଲି ଚା’ ପତି କାରଖାନା ଚାଲୁଥିବା ଜଣାପଡିଥିଲା। ଅପରପକ୍ଷରେ ଜଗତପୁର ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଉକ୍ତ କାରଖାନାର ମାଲିକ କିଏ, ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ଓ ଉକ୍ତ ଚା’ପତି କେଉଁଠିକୁ ବିକ୍ରି ପାଇଁ ଯାଉଥିଲା ସେ ସମ୍ପର୍କରେ ଖୋଳତାଡ଼ ପରେ ଜଣାପଡ଼ିବ।




ଜବତ ଚା’ ବସ୍ତା ଓ ମେଶିନ।

## ୨୩ରେ ଆଉଟ୍‌ରିଚ୍ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୭(ବନ୍ଦନା ସେଠୀ)

ଜାତୀୟ ପ୍ରସାରଣ ଦିବସ ଅବସରରେ ଆଉଟ୍‌ରିଚ୍ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇପାରିବେ। ଜୁଲାଇ ୨୩ରେ ସୂଚନା ଭବନରେ ରେଡିଓ ଖବର ପଠନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ସିନିୟର୍ ଓ ସ୍କୁଲ ଛାତ୍ରୀଛାତ୍ର ତିନୋଟି ବର୍ଗ ଯଥା ସବ୍‌ଜୁନିୟର୍, ଜୁନିୟର୍ ଏବଂ ସିନିୟର୍ ବିଭାଗରେ ଭାଗ ନେଇପାରିବେ ବୋଲି ଆଉଟ୍‌ରିଚ୍ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ରିପୋର୍ଟ: ହରିଚନ୍ଦନ

**ଏସ୍‌ସିବି ମେଡିକାଲର ନୂତନ କୋଠା ନିର୍ମାଣ**

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ଏସ୍‌ସିବି ମେଡିକାଲର ନୂତନ କୋଠା ନିର୍ମାଣର ଅଗ୍ରଗତି ନେଇ ଗୁରୁବାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବା ଏହି ନୂତନ କ୍ୟାମ୍ପସ୍‌ର ନିର୍ମାଣ ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀ, ଓବିସିସି ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାଠାରୁ ମନ୍ତ୍ରୀ ହରିଚନ୍ଦନ ଜାଣିବାକୁ ଚାହିଁଥିଲେ । ୪୮ ଏକର ବିଶିଷ୍ଟ ସ୍ଥାନରେ ନିର୍ମାଣାଧୀନ ଏହି କ୍ୟାମ୍ପସ୍‌ରେ ଜେନେରାଲ ମେଡିସିନ୍, ସ୍ୱତନ୍ତ୍ର ମେଡିସିନ୍, ସ୍ୱତନ୍ତ୍ର ସର୍ଜରି, ସାଧାରଣ ସର୍ଜରି ଓ ଟ୍ରମା କେୟାର ଆଦି ବର୍ଗରେ ୨୬୬ଟି ଆଇସିୟୁ ଶଯ୍ୟା ସହ ୨୦୫୮ ଶଯ୍ୟାର ପ୍ରସ୍ତାବ ରହିଛି। ସେହିପରି ନିର୍ମାଣାଧୀନ ଏହି କ୍ୟାମ୍ପସ୍‌ରେ ବିଭିନ୍ନ ବର୍ଗର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ୧୩ଟି ଆବାସିକ ଟାୱାରରେ ୫୧୨ ୟୁନିଟ୍ ରହିବ। ୨୨୭୮ ଜଣ ବାଳିକା ଓ ବାଳକ ରହିବା ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲର ନିର୍ମାଣ ସ୍ଥିତି ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ହରିଚନ୍ଦନ ସମସ୍ତ ଅଧିକାରୀ ଓ ଠିକା ସଂସ୍ଥାର କଥା ଶୁଣିବା ସହ କ୍ୟାମ୍ପସ୍ ନିର୍ମାଣର ଗୁରୁତ୍ୱକୁ ଉପଲବ୍ଧି କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରତି ୧୫ ଦିନରେ କାର୍ଯ୍ୟର ଅଗ୍ରଗତି ନେଇ ଏକ ରିପୋର୍ଟ ପ୍ରଦାନ କରିବାକୁ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ତ୍ତ ବିଭାଗର ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସମେତ ଏନ୍‌ସିସି, ଏଲ୍ ଆଣ୍ଡ ଟି ଏବଂ ଏଇ–କମ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୋତାର୍ପିତ ହେଲା ରସଗୋଲା ସଙ୍ଗୀତ




ରସଗୋଲା ଦିବସର ଅବ୍ୟବହିତ ପୂର୍ବରୁ ଗୁରୁବାର ସୂଚନା ଭବନରେ ରସଗୋଲା ସଙ୍ଗୀତ ଶ୍ରୋତାର୍ପଣ ସମାରୋହ।

ଭୁବନେଶ୍ୱର, ୧୮।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଆଗରୁ ଆମ ଭାଷା, ସଂସ୍କୃତି, ପରମ୍ପରା ପୋଥିରେ ରହୁଥିଲା। ପରେ ଏହା କାଗଜକୁ ଆସିଲା। ଆଉ ଏବେ କ୍ଲାଉଡ୍‌କୁ ନେବାର ସମୟ ଆସିଛି। ଏହି ଯେଉଁ ରସଗୋଲା ସଙ୍ଗୀତ ପ୍ରସ୍ତୁତ ହୋଇଛି, ତାହା ନୂଆପିଢ଼ିଙ୍କୁ ପୁରୁଣା ପରମ୍ପରା ସହ ଯୋଡ଼ିବ। ରସଗୋଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣାପଡ଼ିବା ପରେ ଏହାକୁ ନେଇ ବିବାଦ ଆଉ ଦେଖାଦେଲାନାହିଁ। କାରଣ ଏହା କେଉଁଠିକାର ସବୁ ଜାଣିଗଲେ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୁରୁବାର ସୂଚନା ଭବନରେ ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ରସଗୋଲା ଦିବସର ଅବ୍ୟବହିତ ପୂର୍ବରୁ ରସଗୋଲା ସଙ୍ଗୀତ ଶ୍ରୋତାର୍ପିତ ହୋଇଯାଇଛି। ଏହାର ପରିକଳ୍ପନା ଓ ରଚନା କଥାଶିଳ୍ପି ଶୁଭ୍ରାଂଶୁ ପଣ୍ଡା କରିଥିବା ବେଳେ ସଙ୍ଗୀତ ଓ କଣ୍ଠଦାନ କରିଛନ୍ତି ଅଭିଜିତ ମିଶ୍ର। ସନ୍ଧ୍ୟାରେ ଅନ୍ୟତମ ଅତିଥି ପଦ୍ମଶ୍ରୀ ଶ୍ୟାମାମଣି ଦେବୀ କହିଲେ, ପୁରାତନ ପରମ୍ପରାକୁ ନୂଆ ପୀଢ଼ିଙ୍କ ପାଖେ ପହଞ୍ଚାଇବାର ସମୟ ଆସିଛି। ନୂଆପୀଢ଼ି ପସନ୍ଦ କରୁନାହାନ୍ତି ବୋଲି କହି ଏଡ଼ାଇ ଗଲେ ହେବନାହିଁ। ଆମେ ତାଙ୍କୁ ଏଭଳି ଦେବା ଯେମିତି ସେମାନେ ଏହାକୁ ଗ୍ରହଣ କରିବେ। ଏହି ଅବସରରେ ସଙ୍ଗୀତର ମର୍ଦ୍ଦଳ ବାଦକ ପ୍ରସନ୍ନ ମିଶ୍ର ଓ ବଂଶୀବାଦକ ଜବାହାର ମିଶ୍ରଙ୍କ ସମେତ ଅନ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରସଗୋଲା ସଙ୍ଗୀତକୁ ନେଇ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ତାଙ୍କ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

## ଆନିମିଆମୁକ୍ତ ଭାରତ ର୍‍ୟାଙ୍କ୍‌ରେ ଓଡ଼ିଶା ୪ର୍ଥ

ଭୁବନେଶ୍ୱର, ୧୮।୭(ଅସମାପିକା ସାହୁ)

ଆନିମିଆ ବା ରକ୍ତହୀନତାମୁକ୍ତ ଭାରତ ର୍‍ୟାଙ୍କ୍‌ରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଆନିମିଆମୁକ୍ତ ଭାରତ ସ୍କୋରକାର୍ଡ ୨୦୨୩–୨୪ ପ୍ରକାଶ ପାଇଛି। ପୂର୍ବରୁ ଓଡ଼ିଶା ୭ନମ୍ବର ର୍‍ୟାଙ୍କରେ ଥିବାବେଳେ ଏବେ ୪ନମ୍ବର ସ୍ଥାନରେ ରହିଛି। ରକ୍ତହୀନତା କେବଳ ଓଡ଼ିଶାର ନୁହେଁ, ବରଂ ଏହା ସମଗ୍ର ଦେଶର ସମସ୍ୟା। ଜନସଂଖ୍ୟାର ୫୦%ରୁ ଊର୍ଦ୍ଧ୍ୱ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି। ରକ୍ତହୀନତା ଯୋଗୁ ମାତୃ ଓ ଶିଶୁ ମୃତ୍ୟୁହାର ବଢ଼ିବାରେ ଲାଗିଛି। ବ୍ୟାପକ ସଚେତନତା ଓ ନିୟମିତ ଔଷଧ ସେବନ ଦ୍ୱାରା ଏହି ସମସ୍ୟା ଦୂର କରାଯାଇପାରିବ।

ରକ୍ତହୀନତାମୁକ୍ତ ଭାରତ ସ୍କୋରକାର୍ଡ ୨୦୨୩–୨୪ ଅନୁଯାୟୀ, ୨୦୨୨–୨୩ରେ ଓଡ଼ିଶା ୭ ନମ୍ବର ସ୍ଥାନରେ ରହିଥିବାବେଳେ ୨୦୨୩–୨୪ରେ ୪ ନମ୍ବର ସ୍ଥାନରେ ରହିଛି। ଯାହା ଚଳିତ ବର୍ଷ ସମସ୍ତ ୩୦ଟି ଜିଲାରେ ରିପୋର୍ଟିଂ କରାଯାଇଛି। ପ୍ରଥମ ସ୍ଥାନରେ ଆନ୍ଧ୍ରପ୍ରଦେଶ, ଦ୍ୱିତୀୟରେ ଛତିଶଗଡ଼, ତୃତୀୟରେ ତାମିଲନାଡୁ ରହିଛି। ୨୦୨୩ ଏପ୍ରିଲରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟରେ ଓଡ଼ିଶାର ତଥ୍ୟ ଦେଖିଲେ, ୬–୫୯ ମାସର ପିଲା ୭୩.୨ ପ୍ରତିଶତ ଆଇଏଫଏ (ଆଇରନ ଫୋଲିକ ଏସିଡ) ବଟିକା ସେବନ କରିଛନ୍ତି। ସେହିଭଳି ୫–୯ ବର୍ଷର ପିଲାଙ୍କୁ ୮୪.୧ ପ୍ରତିଶତ, ୧୦–୧୯ ବର୍ଷ ମଧ୍ୟରେ ୮୨.୭ ପ୍ରତିଶତ, ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ୯୫ ପ୍ରତିଶତ ଆଇଏଫ୍ଏ ବଟିକା ସେବନ କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବୁଲୁ



@ ଶକ୍ତିସିଂ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୂଆ ଫିଲ୍ମ ପଲିସି ଆସିବ




ଖବରଦାତା ସମ୍ମିଳନୀରେ ଓଡ଼ିଶା ଚଳଚ୍ଚିତ୍ର ମହାସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୮।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ନୂଆ ଫିଲ୍ମ ପଲିସି ଖୁବ୍‌ଶୀଘ୍ର ଆସିବ ଓ ସମସ୍ତ ସମସ୍ୟା ଦୂର ହେବ ବୋଲି ଗୁରୁବାର ଓଡ଼ିଶା ଚଳଚ୍ଚିତ୍ର ମହାସଂଘ ପକ୍ଷରୁ କଳିଙ୍ଗ ଷ୍ଟୁଡିଓରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟରେ ଅଧିକ ସିନେମା ହଲ ନିର୍ମାଣ, କଳାକାର ଏବଂ କୁଶଳୀ ଓ ଅଣକୁଶଳୀ କାରିଗରଙ୍କ ଦକ୍ଷତାର ବିକାଶ, ସ୍ୱାସ୍ଥ୍ୟବୀମା, ଓଡ଼ିଆ ଚଳଚ୍ଚିତ୍ରକୁ ସବ୍‌ସିଡି, କଳିଙ୍ଗ ଷ୍ଟୁଡିଓ ପୁନଃନିର୍ମାଣର ବୈଷୟିକ ଦିଗ ଉପରେ କାର୍ଯ୍ୟ ହେବା ନେଇ ଆଲୋଚନା କରାଯାଇଛି। ଧୀରେ ଧୀରେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ ପାଇଛି। ଏହି ସମ୍ମିଳନୀରେ ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ଅଭିନେତା ଶ୍ରୀତମ ଦାସ, ହରିହର ମହାପାତ୍ର, ପ୍ରଯୋଜକ ସଞ୍ଜୟ ନାୟକ, ଗଙ୍ଗାଧର ରେଡ୍ଡୀ, ପ୍ରୀତମ ସାହୁ, ସୁଧାଂଶୁ ସାହୁ, ତାପସ ସରଘରିଆ, ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷାରେ ଲେଖାହେବ ପାଠ୍ୟପୁସ୍ତକ

**୩ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ**

ଭୁବନେଶ୍ୱର, ୧୮।୭(ଅସମାପିକା ସାହୁ)

ଓଡ଼ିଆ ଭାଷାରେ ଏଣିକି ପାଠ୍ୟପୁସ୍ତକ ଲେଖାହେବ। ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଲେଖିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଭାଷା ସାହିତ୍ୟ ସମିତିର ନୋଡାଲ ବିଶ୍ୱବିଦ୍ୟାଳୟ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୨ଟି ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ଲେଖିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଆଞ୍ଚଳିକ ଭାଷାରେ ପୁସ୍ତକ ଲେଖିବାକୁ ସରକାର ଯୋଜନା କରିଛନ୍ତି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ‘ବିଶ୍ୱ ଦକ୍ଷିଣାଞ୍ଚଳ ସାହିତ୍ୟ ଅନୁବାଦ: ଆହ୍ୱାନ, ପ୍ରଶ୍ନ ଏବଂ ବିତର୍କ’ ଶୀର୍ଷକ ତିନିଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ସାହିତ୍ୟର ଅନୁବାଦ କେବଳ ଭାଷାଭିତ୍ତିକ କାର୍ଯ୍ୟ ନୁହେଁ। ଏହା ଏକ ସାଂସ୍କୃତିକ କାର୍ଯ୍ୟ, ଯାହା ଚଳନଶୀଳ ଅର୍ଥକୁ ବ୍ୟାଖ୍ୟା କରିଥାଏ ଓ ପାଠରେ ରୂପାନ୍ତରିତ ହୋଇଥାଏ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସମ୍ମିଳନୀରେ ଆଲୋଚନା ହୋଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଭାଷା ସାହିତ୍ୟ ସମିତିର ନୋଡାଲ ବିଶ୍ୱବିଦ୍ୟାଳୟ କରାଯାଇଛି। ଅନୁବାଦ ପୁସ୍ତକ ନୁହେଁ, ସରକାର ଆଞ୍ଚଳିକ ଭାଷାରେ ପୁସ୍ତକ ଲେଖିବା ପାଇଁ ଯୋଜନା କରିଛନ୍ତି। ୨୨ଟି ଆଞ୍ଚଳିକ ଭାଷାରେ ବହି ଲେଖିବାକୁ ଯୋଜନା ରଖାଯାଇଥିବା ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ପ୍ରତ୍ୟେକ ଡିଗ୍ରୀ କଲେଜରେ ପ୍ରତିଟି ବିଷୟ ଓଡ଼ିଆ ଭାଷାରେ ପ୍ରସ୍ତୁତ ହେବ। କଳା, ବାଣିଜ୍ୟ, ବିଜ୍ଞାନ ଓ ପରିଚାଳନା ପାଠ୍ୟକ୍ରମଗୁଡ଼ିକ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଲେଖିବେ। ଆମ ଐତିହ୍ୟ ଓ ଭାରତୀୟ ସଂସ୍କୃତି ବେଶ୍ ସମୃଦ୍ଧ। ଅନୁବାଦ ଆଲେଖ୍ୟ ପ୍ରକାଶନ ଭାଷାକୁ ଉଚ୍ଚତର ସୋପାନକୁ ନେଇଥାଏ, ଯାହା ଭାଷାରେ ଦକ୍ଷତା ହାସଲ ଓ ଏହାର ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମିଳନୀ ଆବାହିକା ଡ. ତନୁତୃଷ୍ଣା ପାଣିଗ୍ରାହୀ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହଯୋଗୀ ଆବାହକ ପୁଲସ୍ତ୍ୟ ଜାନି ଧନ୍ୟବାଦ ଦେଇଥିଲେ। ତିନିଦିନ ବ୍ୟାପୀ ହେବାକୁ ଥିବା ଏହି ସମ୍ମିଳନୀରେ ଦେଶବିଦେଶରୁ ବହୁ ଗବେଷକ, ପ୍ରାଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଛନ୍ତି।




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ‘ଭାରତୀୟ ଭାଷାକୁ ଗୁରୁତ୍ୱ ଦେଲେ ହିଁ ସ୍ୱଚ୍ଛତା ଆସିପାରିବ’

**କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଇଂଲିଶ ଅନୁବାଦ ଉନ୍ମୋଚିତ**

ଭୁବନେଶ୍ୱର, ୧୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଅନୁବାଦର ନିଜସ୍ୱ ମହତ୍ତ୍ୱ ରହିଛି। ଭାରତୀୟ ଭାଷାକୁ ଗୁରୁତ୍ୱ ଦେଲେ ହିଁ ସ୍ୱଚ୍ଛତା ଆସିପାରିବ। ଆମେ କେତେଦିନ ଇଂଲିଶ ସାର୍ଟିଫିକେଟ ଭ୍ରମରେ ରହିବା। ୟୁରୋପର ଅନେକ ସ୍ଥାନ ଅଛି, ଯେଉଁଠି ଇଂଲିଶ ବ୍ୟବହାର ହୁଏନାହିଁ। ଜାଗ୍ରତ ସମାଜର ଦାୟିତ୍ୱ ଏଭଳି ଭ୍ରମକୁ ପରିବର୍ତ୍ତନ କରିବା। କୌଣସି ଭାଷାରେ ଦକ୍ଷ ହେବା ଭୁଲ କଥା ନୁହେଁ, ମାତ୍ର ଦକ୍ଷତା ଓ ପ୍ରଭାବିତ ହେବା ଦୁଇଟି ଅଲଗା ଜିନିଷ। ଦୁଃଖ, କଷ୍ଟ, ସାମାଜିକ ଜୀବନକୁ ବର୍ଣ୍ଣନା କରିବା ହିଁ ସାହିତ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଗୁରୁବାର ରାଜ୍ୟ ସଂଗ୍ରହାଳୟରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଦ୍ୱାରା ରଚିତ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଇଂଲିଶ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କବିସୂର୍ଯ୍ୟ ବଳଦେବ ରଥଙ୍କ ଏହି ପୁସ୍ତକର ଇଂଲିଶ ଅନୁବାଦ ଆମେରିକୀୟ ଗବେଷକ ଡେଭିଡ୍ ଡେନିନ୍ କରିଛନ୍ତି। ଅତିଥିମାନଙ୍କ ଦ୍ୱାରା ଏହି ପୁସ୍ତକ ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ, ଓଡ଼ିଶା ଜ୍ଞାନ ଆଧାରିତ ସମାଜ ଏବଂ ଏଥିରେ ଅନେକ ତତ୍ତ୍ୱ ଅଛି। ଏହାକୁ ସମୟ ଅନୁସାରେ ବାହାରକୁ ଆଣିବା ପାଇଁ ପଡ଼ିବ। ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରୁଥିବାବେଳେ ପୁରାତନ ଓ ପ୍ରାସଙ୍ଗିକ ଓଡ଼ିଆ ସାହିତ୍ୟ ଏବଂ ପୁସ୍ତକଗୁଡ଼ିକୁ ଏଆଇ, ଡିଜିଟାଇଜେଶନ ଓ ଟେକ୍ନୋଲୋଜି ମାଧ୍ୟମରେ ବିଶ୍ୱରେ ଲୋକାଦୃତ କରିବାକୁ ହେବ। ଏହି ପୁସ୍ତକକୁ ଆହୁରି ୨୨ଟି ଭାଷାରେ ଅନୁବାଦ କରାଯାଉ। କ୍ରିଟିକାଲ ଥିଙ୍କିଂ ମୂଳ ଭାଷାରେ ପରିପ୍ରକାଶ ହେଲେ ଆଉଟପୁଟ ଅଧିକ ହେବ ବୋଲି ପ୍ରଧାନ କହିଥିଲେ। ସମ୍ମାନିତ ଅତିଥି ଭାବେ ଲୋକ ସଭା ସଦସ୍ୟ ଭର୍ତ୍ତୃହରି ମହତାବ କହିଥିଲେ, ଆମ ସାହିତ୍ୟକୁ ଏବେ ଅନ୍ୟ ଦେଶର ଗବେଷକ ଅନୁବାଦ କରୁଛନ୍ତି। ଏବେ ଭିନ୍ନ ଢଙ୍ଗରେ ଅନୁବାଦ ଆରମ୍ଭ ହୋଇଛି। ନିକଟରେ ଏକ ସର୍ଭେରୁ ଜଣାପଡ଼ିଛି, ଭାରତରେ ଅଧିକ ତାଳପତ୍ର ପୋଥି ଆମ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ହିଁ ଅଛି। ଏହାର ମାଇକ୍ରୋ ଫାଇଲିଂ ହେବ। କେନ୍ଦ୍ର ସରକାର ଏହାର ଦାୟିତ୍ୱ ନେବେ ବୋଲି ସେ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ କହିଛନ୍ତି, ଦିନ ଥିଲା ଆମେ ପାଶ୍ଚାତ୍ୟକୁ ଅନୁସରଣ କରୁଥିଲେ, ମାତ୍ର ଏବେ ପାଶ୍ଚାତ୍ୟ ଆମକୁ ଅନୁସରଣ କରିବା ଆରମ୍ଭ କଲାଣି। ଜଣେ ଆମେରିକୀୟ କବିସୂର୍ଯ୍ୟଙ୍କ ଏହି ପୁସ୍ତକର ଅନୁବାଦ କରିବା କିଛି କମ୍ କଥା ନୁହେଁ। ଏଭଳି ଏକ ଶୁଭ ମୁହୂର୍ତ୍ତ ଆଜି ଆସି ପହଞ୍ଚିଛି। ଏଥିସହ ସେ କବିସୂର୍ଯ୍ୟଙ୍କ ରଚନା ଓ ଏହି ଅନୁବାଦ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ପ୍ରଫେସର ଦାଶରଥି ଦାସ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କିଭଳି କବିସୂର୍ଯ୍ୟଙ୍କ ଗୀତ ବହି ଲେଖିଥିଲେ ଓ ଆଗରୁ କିଭଳି ଆମେ ଆମେରିକୀୟଙ୍କ ଲେଖା ଅନୁବାଦ କରୁଥିଲେ ଏବଂ ଏବେ ଆମ ଲେଖା ସେମାନେ ଅନୁବାଦ କରୁଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ ଓଡ଼ିଶାରେ ଗବେଷଣା କରି ପୁସ୍ତକ ଲେଖିବା କେତେ କଷ୍ଟ ବର୍ଣ୍ଣନା କରିଥିଲେ। ଡେଭିଡଙ୍କୁ ଏହି ପୁସ୍ତକ ଲେଖିବାରେ ସେ ସହଯୋଗ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ କଫିଟେବୁଲ ବୁକ୍ ଓ ତାଳପତ୍ର ପୋଥିର ଚିତ୍ର ଉନ୍ମୋଚିତ ହୋଇଥିଲା। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଟକ ବିଦ୍ୟାପୁରୀ ପ୍ରକାଶନର ପ୍ରକାଶକ ଧନ୍ୟବାଦ ଦେଇଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଇଂଲିଶ ଅନୁବାଦକୁ ଲୋକାର୍ପଣ କରୁଛନ୍ତି।

**କାର୍ ଧକ୍କାରେ ଅଟୋ ଓଲଟି ୭ ଆହତ**

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ):ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ବୁଧବାର ବିଳମ୍ବିତ ରାତିରେ ଟିଙ୍ଗିଡ଼ିଝର ନିକଟରେ ଏକ ଯାତ୍ରୀବାହୀ ଅଟୋର ପଛକୁ କାର୍ ଧକ୍କାଦେବାରୁ ଅଟୋ ଓଲଟି ୭ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୨ଜଣ ମହିଳା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାକୀ ଅଞ୍ଚଳର ଏହି ଯାତ୍ରୀମାନେ ଶ୍ରୀକ୍ଷେତ୍ରରୁ ସୁନାବେଶ ଦର୍ଶନ ସାରି ଫେରୁଥିବା ବେଳେ ଏହି ଘଟଣା ଘଟିଛି।

**ସଂକ୍ଷେପରେ**

## ଟ୍ରଲି ଚାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୮।୭(ସୂର୍ଯ୍ୟକାନ୍ତ ବେହେରା)

ଲିଙ୍ଗରାଜ ଥାନା ଅନ୍ତର୍ଗତ ଦିବ୍ୟବିହାର ଅଞ୍ଚଳରେ ଜଣେ ଟ୍ରଲି ଚାଳକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଅଞ୍ଚଳର ଦୁର୍ଯ୍ୟୋଧନ ରେଡ୍ଡୀ(୫୦)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି।

## ବସ୍‌ଷ୍ଟାଣ୍ଡରେ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୮।୭(ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ କ୍ରାଉନ ହୋଟେଲ ସାମ୍ନା ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଜଣେ ଯୁବକଙ୍କୁ ଲୁହାଜଗ୍‌ରେ ଜଣେ ଦୋକାନୀ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ସ୍ଥାନୀୟ ଗାନ୍ଧୀ ବସ୍ତିର ତ୍ରିଲୋଚନ ମଙ୍ଗରାଜ ମହାପାତ୍ରଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ତ୍ରିଲୋଚନ ଏନେଇ ଆକ୍ରମଣକାରୀ ମୁନା ସାହୁଙ୍କ ନାମରେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତ୍ରିଲୋଚନ ଅଭିଯୋଗ କରିଛନ୍ତି ଯେ, କ୍ରାଉନ ହୋଟେଲ ପାଖରେ ତାଙ୍କର ପୂର୍ବରୁ ଏକ ଦୋକାନ ଥିଲା। ତାହା ପାଖକୁ ମୁନାଙ୍କର ମଧ୍ୟ ଏକ ଦୋକାନ ଅଛି। ମୁନା ଅଧିକାଂଶ ସମୟ ନିଶା ସେବନ କରି ଗାଳିଗୁଲଜ କରନ୍ତି। ତ୍ରିଲୋଚନ ଏହାକୁ ବାରଣ କରିବାରୁ ସେ ରାଗ ରଖି ତାଙ୍କୁ ଆକ୍ରମଣ କରିଛନ୍ତି। ପୂର୍ବ ବିବାଦକୁ ନେଇ ଏହି ଘଟଣା ଘଟିଥିବା ଏତଲାରେ ଦର୍ଶାଯାଇଛି। ସୂଚନାନୁଯାୟୀ, ତ୍ରିଲୋଚନ ମଙ୍ଗଳବାର ରାତି ୯ଟା ୨୦ରେ ରାଞ୍ଚି ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ମୁନା ଏକ ଜଗ୍‌ରଡ୍ ଧରି ହଠାତ ଆକ୍ରମଣ କରିଥିଲେ।

## ଶ୍ରାବଣୀ ଜଳଲାଗିରେ ପ୍ଲାଷ୍ଟିକ୍ ମୁକ୍ତ ହେଉ ଶ୍ରୀଲିଙ୍ଗରାଜ ମନ୍ଦିର

### ମେଟାଲ ଡିଟେକ୍ଟର କାର୍ଯ୍ୟକ୍ଷମ କରାଯାଉ

ପୁରୁଣା ଭୁବନେଶ୍ୱର,୧୮।୭(ସୁବାସ ଚନ୍ଦ୍ର ପ୍ରଧାନ)

ଆଉ ଦିନ କେଇଟା ପରେ ଶ୍ରାବଣୀ ଜଳଲାଗି। ବହୁ ମାନସିକଧାରୀ ଜଳ ନେଇ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ମାନସିକଧାରୀ ପ୍ଲାଷ୍ଟିକ୍ କଳସରେ ଜଳ, ପଲିଥିନ୍ ବ୍ୟାଗରେ ଭୋଗ, ଶିକା କାଟିବା ପାଇଁ ବ୍ଲେଡ୍ କିମ୍ବା ଛୁରି ନେଇ ମନ୍ଦିର ଭିତରକୁ ଯାଇଥାନ୍ତି। ପରବର୍ତ୍ତୀ ସମୟରେ ମନ୍ଦିର ପରିସରରେ ଏହି ସାମଗ୍ରୀ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ମନ୍ଦିର ପ୍ରଶାସନ ଏନେଇ ବାରଣ କରିଥାନ୍ତି। ମନ୍ଦିରର ସୁରକ୍ଷା ଓ ଭକ୍ତଙ୍କ ଯାଞ୍ଚ ପାଇଁ ମନ୍ଦିର ମୁଖ୍ୟ ଦ୍ୱାରରେ ସୁରକ୍ଷା କର୍ମଚାରୀ ନିୟୋଜିତ ଥିଲେ ମଧ୍ୟ ଉକ୍ତ ସାମଗ୍ରୀ କିଭଳି ଭିତରକୁ କିପରି ପ୍ରବେଶ କରୁଛି ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ। ଶ୍ରାବଣୀ ଜଳଲାଗି ଅବସରରେ ମନ୍ଦିର ପ୍ରଶାସନ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରନ୍ତୁ। ମନ୍ଦିର ପ୍ରବେଶ ଦ୍ୱାରରେ ମେଟାଲ ଡିଟେକ୍ଟରକୁ କାର୍ଯ୍ୟକ୍ଷମ କରିବା ଲାଗି ସାହୁ ଦାବି କରିଛନ୍ତି।

# ଜଳବାୟୁ ପରିବର୍ତ୍ତନ ଏକ ବଡ଼ ଆହ୍ୱାନ

ଭୁବନେଶ୍ୱର,୧୮।୭(ଶର୍ମିଷ୍ଠା ପାଣିଗ୍ରାହୀ)



ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଟିପିସିଓଡିଏଲର ସିଜିଏମ୍ ଦୀପଙ୍କର ବେହେରାଙ୍କୁ ସମ୍ମାନିତ କରୁଛନ୍ତି।

**ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ଆଲୋଚନାଚକ୍ର ଓ ପରିବେଶ ରତ୍ନ ସମ୍ମାନ ପ୍ରଦାନ ସମାରୋହ**

ସାମାଜିକ ସଙ୍ଗଠନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନରେ ଗୁରୁବାର ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଆଜିର ଦିନରେ ବିଶ୍ୱବାସୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ଏବଂ ତାହାର ସଫଳ ମୁକାବିଲା କରିବାରେ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ଅନୁଷ୍ଠାନଗୁଡ଼ିକର ଗୁରୁଦାୟିତ୍ୱ ରହିଛି। 'ମେକନ'ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ବର୍ମା ଏହି ଅବସରରେ ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ସୁରକ୍ଷା ପାଇଁ ତାଙ୍କର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ।

ରାଜ୍ୟର ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିବା ସହ ଏହାକୁ ମୁକାବିଲା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଜିନ୍ଦଲ କମ୍ପାନୀର ଅଧ୍ୟକ୍ଷ ଅନୁପ କୁମାର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏ ସମ୍ବନ୍ଧୀୟ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଟ୍ରଷ୍ଟି ଅକ୍ଷୟ କୁମାର ପାଣି, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସମ୍ପାଦକ ଡ. କେ. ମୁରୁଗେସାନ ଉପସ୍ଥିତ ଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ 'ପରିବେଶ ରତ୍ନ ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଥିଲା। ଏହି ଆଲୋଚନାଚକ୍ରକୁ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ଏବଂ ସମ୍ପାଦିକା ଡ. ସୁକାନ୍ତି ମିଶ୍ର ପରିଚାଳନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ କିରଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମୃତଦେହ ସଂରକ୍ଷଣ ପାଇଁ ନିର୍ମାଣ ହେବ ୬ ଫ୍ରିଜର ଚାମ୍ବର

କଟକ,୧୮।୭ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ମୃତଦେହ ସଂରକ୍ଷଣ ପାଇଁ ୬ଟି ଫ୍ରିଜର ଚାମ୍ବର ନିର୍ମାଣ କରାଯିବ। ସେଥିରେ ଏକା ସଙ୍ଗରେ ପ୍ରାୟ ୩୫ଟି ମୃତଦେହ ରହିବାର ବ୍ୟବସ୍ଥା ହେବ। ଏଥିପାଇଁ ଏକ ସଂସ୍ଥା ଏସ୍‌ସିବି ମେଡିକାଲକୁ ଅର୍ଥ ପ୍ରଦାନ କରିଛି। ଏସ୍‌ସିବି ମେଡିକାଲ ପକ୍ଷରୁ ଏନେଇ ଟେଣ୍ଡର ଡକାଯାଇଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଅପରିଚିତ ବ୍ୟକ୍ତିଙ୍କ ମୃତଦେହକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲର ଫ୍ରିଜରରେ ରଖିବା ପାଇଁ ନିୟମ ରହିଛି। ହେଲେ ସେଠାରେ ମୃତଦେହ ସଂରକ୍ଷଣରେ ସମସ୍ୟା ହେବାରୁ ନୂତନ ଭାବେ ମୃତଦେହ ସଂରକ୍ଷଣ ଚାମ୍ବର ନିର୍ମାଣ ପାଇଁ ଏସ୍‌ସିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବିରେ ପୂର୍ବରୁ ମାତ୍ର ୩/୪ ମୃତଦେହ ରହିବା ପାଇଁ ବ୍ୟବସ୍ଥା ରହିଛି। ଏପରି କି ଅଧିକ ସଂଖ୍ୟକ ମୃତଦେହ ଆସିଲେ ଫ୍ରିଜରରେ ସ୍ଥାନ ନିଅଣ୍ଟ ପଡୁଛି। ପର୍ଯ୍ୟାପ୍ତ ସଂଖ୍ୟକ ମୃତଦେହ ସଂରକ୍ଷଣ ପ୍ରକୋଷ୍ଠ ନ ଥିବାରୁ ଅନେକ ସମୟରେ ବାରଣ୍ଡାରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥାଏ। ସେଥିରୁ ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷିତ ହୋଇଥାଏ। ଏଥିପାଇଁ ନୂତନ ବ୍ୟବସ୍ଥା କରିବାକୁ ଏସ୍‌ସିବି ପକ୍ଷରୁ ଯୋଜନା କରାଯାଇଛି। ଏକ ସଂସ୍ଥାଠାରୁ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬ଟି ଫ୍ରିଜର ଚାମ୍ବର ନିର୍ମାଣ କରାଯିବ। ଏହାର ତାପମାତ୍ରା -୨ରୁ -୬ ଡିଗ୍ରୀ ରହିବ। ଚାମ୍ବର ତାପମାତ୍ରା ଏଲ୍‌ଇଡିରେ ପ୍ରଦର୍ଶିତ ହେବ। ଅତ୍ୟାଧୁନିକ ବ୍ୟବସ୍ଥା ସହ ଏହି ଚାମ୍ବର ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି।

# ସମ୍ପର୍କକୁ ମଳିନ କଲା ସନ୍ଦେହ



ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ନାଟକ 'ସମ୍ପର୍କ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୮।୭ (ଶର୍ମିଷ୍ଠା ପାଣିଗ୍ରାହୀ)

**ରଂଗମ ପକ୍ଷରୁ ନାଟକ 'ସମ୍ପର୍କ' ମଞ୍ଚସ୍ଥ**

ଗଜମାଧବ ନିଜକୁ ବିବାହିତ ବୋଲି ମିଥ୍ୟା ପରିଚୟ ଦେଇ କରାଳୀ ମହାନ୍ତିଙ୍କ କୋଠାରେ ଭଡ଼ାରେ ରୁହନ୍ତି। ଅବିବାହିତଙ୍କୁ ଘରଭଡ଼ା ନ ଦେବା ସିଦ୍ଧାନ୍ତରେ ବନ୍ଧା କରାଳୀ ସତ୍ୟ ଜାଣିବା ପରେ ଗଜମାଧବଙ୍କୁ ଘରୁ ବାହାର କରିବା ପାଇଁ ବହୁ ଚେଷ୍ଟା କରି ବିଫଳ ହେବା ପରେ ଅଦାଲତର ଆଶ୍ରୟ ନିଅନ୍ତି। ଦୀର୍ଘ ୩୦ ବର୍ଷ ଧରି କେସ୍ ଚାଲିବା ପରେ କରାଳୀ ଜିତନ୍ତି। ନିର୍ଦ୍ଧାରିତ ତାରିଖ ମଧ୍ୟରେ ଘର ଖାଲି କରିବା ପାଇଁ କୋର୍ଟ ଜାରି କରିଥିବା ନୋଟିସ୍‌ର କପି ଧରି ସକାଳୁ ଆସି ପହଞ୍ଚି ଯାଆନ୍ତି ଗଜମାଧବଙ୍କୁ ଘରୁ ବାହାର କରିବା ପାଇଁ। ସେଇ ଗୋଳମାଳିଆ ପରିସ୍ଥିତି ମଧ୍ୟରେ କରାଳୀଙ୍କ ନୂଆ ଭଡ଼ାଟିଆ ନବଦମ୍ପତି ରତନ ଓ ଇନ୍ଦିରା ନିଜ ଆସବାବପତ୍ର ଧରି ପହଞ୍ଚନ୍ତି ସେହି ଘରେ ରହିବା ପାଇଁ। ଇତିମଧ୍ୟରେ ଇନ୍ଦିରା ଓ ଗଜମାଧବଙ୍କ ମଧ୍ୟରେ ଗଢ଼ି ଉଠେ ଏକ ନିବିଡ଼ ମଧୁର ସମ୍ପର୍କ। ମାତ୍ର ତାଙ୍କର ଏହି ଅନାବିଳ ସ୍ନେହଭରା ସମ୍ପର୍କକୁ ଅନ୍ୟ ଭଡ଼ାଟିଆ, ଘର ମାଲିକ କରାଳୀ, ଏମିତିକି ତାଙ୍କ ସ୍ୱାମୀ ରତନ ମଧ୍ୟ ଖରାପ ଦୃଷ୍ଟିରେ ଦେଖନ୍ତି, ଯାହା ଇନ୍ଦିରାଙ୍କୁ ଦାରୁଣ ବ୍ୟଥା ଦିଏ। ଗଜମାଧବଙ୍କ ଉପସ୍ଥିତି ଯେ, ଇନ୍ଦିରାଙ୍କର ଆହୁରି ଅଧିକ କ୍ଷତି ଘଟାଇବ, ଏଭଳି ଆଶଙ୍କା କରି ଶେଷରେ ଦୀର୍ଘ ଛତିଶ ବର୍ଷ ଧରି ରହିଆସୁଥିବା ଘର ଏବଂ ଦୁଃଖିତ ଇନ୍ଦିରାଙ୍କୁ ଛାଡ଼ି ସେ ଚାଲିଯାଆନ୍ତି ଅଜଣା ପଥରେ। ଏଭଳି ଏକ ବିଷୟବସ୍ତୁକୁ ନେଇ ନାଟକ 'ସମ୍ପର୍କ' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ରଂଗମ ନାଟ୍ୟ ସଂସ୍ଥା ପକ୍ଷରୁ ମଞ୍ଚସ୍ଥ ଏହି ନାଟକର ନିର୍ଦ୍ଦେଶନା ଦର୍ପନାରାୟଣ ସେଠୀ ଦେଇଥିବାବେଳେ ମନୋଜ ମିତ୍ର ରଚନ କରିଛନ୍ତି। ବିଜୟ ରଥ, ପାର୍ଥସାରଥି ମହାନ୍ତି, ରାଜେନ୍ଦ୍ର କୁମାର ଦାସ, ବିମଳ କୁମାର ପାଟଯୋଶୀ, ଅପୂର୍ବ ରଞ୍ଜନ ସାହୁ, ଦୁର୍ଗାପ୍ରସାଦ ନନ୍ଦ, ଚନ୍ଦ୍ର ମଲ୍ଲିକ, ସୀମାଞ୍ଚଳ ପାଢ଼ୀ ଓ ବିଉଟି ସାହୁ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।

## ଯୌତୁକଜନିତ ହତ୍ୟା ମାମଲା, ସ୍ୱାମୀ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)

ଏକ ଯୌତୁକଜନିତ ହତ୍ୟା ମାମଲାରେ ଚନ୍ଦ୍ରଶେଖରପୁର ପୋଲିସ ଅଭିଯୁକ୍ତ ସ୍ୱାମୀ ଖୋର୍ଦ୍ଧା ଜଙ୍କିଆର ସନ୍ତୋଷ ମହାରଣାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ସନ୍ତୋଷଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ୨୦୨୩ରେ ସନ୍ତୋଷ ବିବାହ କରିଥିଲେ। ବିବାହ ସମୟରେ ଝିଅଘର ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ତେବେ କିଛିଦିନ ପରେ ଦମ୍ପତିଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ୨୦୨୪ ଜୁଲାଇ ୧୫ରେ ସନ୍ତୋଷ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କୁ ପାଟିତୁଣ୍ଡ କରି ଚାଲିଯାଇଥିଲେ। କିଛି ସମୟ ପରେ ଫେରି ସ୍ତ୍ରୀ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ।

## ଶ୍ରୀଧର ଜେନା, ପ୍ରେମାନନ୍ଦ ଜେନା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚିତ

ଭୁବନେଶ୍ୱର, ୧୮।୭(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବାକି ଥିବା ଦୁଇଟି ଷ୍ଟାଣ୍ଡିଂ କମିଟି ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ପୂର୍ବାହ୍ନ ୧୦ଟା ୩୦ରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ଲାନିଂ ଆଣ୍ଡ୍ ଡେଭଲପମେଣ୍ଟ କମିଟି ଅଧ୍ୟକ୍ଷ ପଦ ପାଇଁ ୱାର୍ଡ ନଂ. ୩୨ କର୍ପୋରେଟର ଶ୍ରୀଧର ଜେନା ଏବଂ ଲାଇସେନ୍ସ ଆଣ୍ଡ୍ ଅପିଲ କମିଟି ଅଧ୍ୟକ୍ଷ ପଦ ପାଇଁ ୱାର୍ଡ ନଂ. ୨୦ କର୍ପୋରେଟର ପ୍ରେମାନନ୍ଦ ଜେନା ନାମାଙ୍କନପତ୍ର ଦାଖଲ କରିଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଆଉ କେହି ନାମାଙ୍କନ ପତ୍ର ଦାଖଲ ନ କରିବାରୁ ସେଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିଲେ। ଉଭୟ ଅଧ୍ୟକ୍ଷ ପଦ ପାଇଁ କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ମେୟର ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ଓ ସସ୍ମିତା ସାହୁ, ଡେପୁଟି କମିଶନର (କର୍ପୋରେଶନ) ପ୍ରିୟବ୍ରତ ପାଢ଼ୀ, ଡେପୁଟି କମିଶନର କାଜଲ ପ୍ରଧାନଙ୍କ ଉପସ୍ଥିତିରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ଜୁନ୍ ୨୧ରେ ସମସ୍ତ ଷ୍ଟାଣ୍ଡିଂ କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାତ୍ର ପ୍ଲାନିଂ ଓ ଡେଭଲପ୍‌ମେଣ୍ଟ ଏବଂ ଲାଇସେନ୍ସ ଓ ଅପିଲ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ପଦ ପାଇଁ ବିଳମ୍ବରେ ନାମାଙ୍କନପତ୍ର ମିଳିଥିବାରୁ ତାହାକୁ ଗ୍ରହଣ କରାଯାଇ ନ ଥିଲା। ଓଡ଼ିଶା ମହାନଗର ନିଗମ ଆଇନ୍ -୨୦୦୩ର ଧାରା ୧୧ ତଥା ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ (ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍) ରୁଲ୍ସ-୨୦୦୩ର ନିୟମ ୨୧(୩) ଅନୁଯାୟୀ ପୁନର୍ବାର ନିର୍ବାଚନ ହୋଇଥିଲା।




ବଡ଼ଗଡ଼ଠାରେ ଗୁରୁବାର ପୂର୍ବତନ କର୍ପୋରେଟର ସମୀର ପ୍ରଧାନଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ନେଇ ପ୍ରଶିକ୍ଷଣ



ଭୁବନେଶ୍ୱର,୧୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ପ୍ରାୟ ୧୭ଟି ବିଭାଗରୁ ୨୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ବୋଧନ ଦେଇଥିଲେ। ପ୍ରଶିକ୍ଷକ ଭାବେ ଡ. ହରପ୍ରସାଦ ମିଶ୍ର ଏବଂ ଡ. ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ କରାଯାଉଥିବା ସରକାରୀ କାର୍ଯ୍ୟ; ଯଥା- ନଥି, ଟିପ୍ପଣୀ ଓ ଚିଠା ଆଦି କିପରି ସହଜରେ ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ପ୍ରତିଷ୍ଠାନର ପ୍ରକଳ୍ପ ପରାମର୍ଶଦାତା ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ପ୍ରକଳ୍ପ ପରାମର୍ଶଦାତା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଡ. କ୍ଷେତ୍ରବାସୀ ମାନସେଠ୍, ତତ୍ତ୍ୱାବଧାରକ ଗୋବିନ୍ଦ ପ୍ରସାଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ନିଜ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟକୁ ଓଡ଼ିଆ ଭାଷାରେ ପ୍ରସ୍ତୁତ କରିବା ପାଇଁ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପ୍ରଶିକ୍ଷଣ ପୁସ୍ତିକା 'ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର' ପୁସ୍ତକରୁ ଖଣ୍ଡିଏ ଲେଖାଏ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷାରେ ନଥି ପ୍ରସ୍ତୁତ କରିବା ଏବଂ ଲିଖନ ଶୈଳୀରେ ଉନ୍ନତି ଆଣିବା ଦିଗରେ ଏହି ପୁସ୍ତକଟି ସେମାନଙ୍କୁ ସହାୟକ ହେବ। ପ୍ରଶିକ୍ଷଣ ଅନ୍ତିମ ଦିବସରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଆବର୍ଜନାରୁ ବାହାରିପାରୁନି ବିଏମ୍‌ସି, କେମିତି ମିଳିବ ଭଲ ର‌୍ୟାଙ୍କ୍

ଭୁବନେଶ୍ୱର, ୧୮।୭(ବନ୍ଦନା ସେଠୀ)

**ଆରମ୍ଭ ହେଲାଣି ସ୍ୱଚ୍ଛ ସର୍ବେକ୍ଷଣ**

୨୦୨୪ ସ୍ୱଚ୍ଛ ସର୍ବେକ୍ଷଣ ୯ମ ସଂସ୍କରଣର ତୃତୀୟ ପର୍ଯ୍ୟାୟ ସର୍ବେକ୍ଷଣ ଜୁଲାଇ ୫ରୁ ଆରମ୍ଭ ହୋଇଛି। ଏହି କ୍ରମରେ କେନ୍ଦ୍ରୀୟ ଟିମ୍ ବିଭିନ୍ନ ରାଜ୍ୟର ୟୁଏଲ୍‌ବି ପରିଦର୍ଶନ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ସର୍ବେକ୍ଷଣର ଥିମ୍ ଟ୍ରିପଲ୍ ଆର୍ 'ରିଡ୍ୟୁସ୍ ରିୟୁଜ୍ ରିସାଇକେଲ୍' ରହିଥିବାବେଳେ ଏଥିରେ ୪ହଜାର ୮ଶହରୁ ଊର୍ଦ୍ଧ୍ୱ ସହର ଅଂଶଗ୍ରହଣ କରିଛନ୍ତି। ଏଥର ମୋଟ୍ ୯ହଜାର ୫ଶହ ମାର୍କ ରଖାଯାଇଛି। ସେଥିମଧ୍ୟରୁ ୨୦୨୩ ସର୍ବେକ୍ଷଣରେ ସର୍ଭିସ୍ ଲେଭଲ ପ୍ରୋଗ୍ରେସ୍ ଅନ୍ତର୍ଗତ ୪ହଜାର ୮୩୦ ମାର୍କ ରହିଥିବାବେଳେ ଏଥର ତାହାକୁ ବଢାଇ ୬୦% ଅର୍ଥାତ୍ ୫ହଜାର ୭୦୫ ମାର୍କ କରାଯାଇଛି। ଏଥିରେ ସଲିଡ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ (କଠିନ ବର୍ଜ୍ୟବସ୍ତୁ ପରିଚାଳନା) ବାବଦରେ ସର୍ବାଧିକ ୧୭୦୫ ମାର୍କ ରଖାଯାଇଛି। ସେହିପରି ୨୬% ଅର୍ଥାତ୍ ୨୫ଶହ ମାର୍କ ସାର୍ଟିଫିକେଶନ୍ ଏବଂ ୧୪% ଅର୍ଥାତ୍ ୧୨୯୫ ମାର୍କ ଜନ ଆନ୍ଦୋଳନ ବାବଦରେ ରହିଛି। ତେବେ ଚଳିତଥର ଟିମ୍‌ର ଫୋକସ୍‌ରେ 'ବଲ୍କ ୱେଷ୍ଟ ଜେନେରେଟର୍ସ' (ବିଡବ୍ଲୁଜିଏସ୍)ଙ୍କ କାର୍ଯ୍ୟକଳାପ ରହିବ। ଏମାନେ ଯେଉଁ ବର୍ଜ୍ୟ ଉତ୍ପାଦନ କରୁଛନ୍ତି ତାହା କିପରି ସଂଗ୍ରହ ହେଉଛି, କିପରି ପରିବହନ କରାଯାଉଛି ଏବଂ ସବୁଠାରୁ ବଡ଼ କଥା ହେଉଛି ତାହା ଠିକ୍ ଭାବେ ପ୍ରକ୍ରିୟାକରଣ ହେଉଛି କି ନାହିଁ ତାହାର ତଦାରଖ କେନ୍ଦ୍ରୀୟ ଟିମ୍ କରିବେ। ସେହି ଅନୁପାତରେ ସ୍ୱଚ୍ଛ ସର୍ବେକ୍ଷଣରେ ବିଭିନ୍ନ ୟୁଏଲ୍‌ବିକୁ ର‌୍ୟାଙ୍କ୍ ମିଳିବ, ଯାହାକି ବିଏମ୍‌ସି ପାଇଁ ଆଦୌ ଶୁଭଙ୍କର ହେବନାହିଁ ବୋଲି ଆଶଙ୍କା କରାଯାଉଛି। ସେହିପରି ଓଦା ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା କରିବା ପାଇଁ ଏଯାଏ ପ୍ରତି ୱାର୍ଡରେ ଏମ୍‌ସିସି, ଏମ୍‌ଆର୍‌ଏଫ୍ ନିର୍ମାଣ ହୋଇପାରିନାହିଁ। ଏହାବାଦ୍ ଟିଟିଏସ୍‌ରେ ଗଦା ହୋଇଥିବା ଆବର୍ଜନା କିଛି ମାତ୍ରାରେ କମିଥିଲେ ମଧ୍ୟ ପ୍ରକ୍ରିୟାକରଣ ପରେ ସେଠାରୁ ବାହାରୁଥିବା ଆବର୍ଜନାକୁ ଠିକ୍ ଭାବେ ଖାଲି କରାଯାଇ ପାରୁନାହିଁ। ତେଣୁ ଏ ସବୁକୁ ଦେଖି ଚଳିତ ଥର ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ର‌୍ୟାଙ୍କ୍ ପାଇବାକୁ ହେଲେ ବିଏମ୍‌ସିକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମତ ପ୍ରକାଶ ପାଇଛି।

ଅପରପକ୍ଷେ ରାଜଧାନୀର ରାସ୍ତାଘାଟ ଅବସ୍ଥା ଦେଖିଲେ ଏହାକୁ ଏକ ସ୍ୱଚ୍ଛ ସହର ଭାବେ ବିବେଚନା କରିବା କଷ୍ଟକର। ସହରକୁ ସଫା କରିବାକୁ ୨ହଜାରରୁ ଊର୍ଦ୍ଧ୍ୱ ସଫେଇ କର୍ମୀ ନିୟୋଜିତ ହୋଇଥିବାବେଳେ ଏକାଧିକ ସଫେଇ ସଂସ୍ଥା ନିଯୁକ୍ତ ହୋଇଛନ୍ତି। ଏହାବାଦ୍ ବିଭିନ୍ନ ଏନ୍‌ଜିଓ ମଧ୍ୟ ସଫେଇ କାମରେ ନିୟୋଜିତ ହୋଇଛନ୍ତି। ରାତ୍ରି ସଫେଇ, ଜଟାୟୁ ମେଶିନ୍ ଦ୍ୱାରା ମୁଖ୍ୟ ରାସ୍ତା ସଫେଇ ଆଦି ବିଭିନ୍ନ କାର୍ଯ୍ୟରେ ବର୍ଷକୁ ପ୍ରାୟ ଶହେ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପରିମଳ ବ୍ୟବସ୍ଥା ତଦାରଖ କରିବାକୁ ପ୍ରତି ୱାର୍ଡରେ ୱାର୍ଡ ଅଫିସର, ସାନିଟାରି ଇନ୍‌ସପେକ୍ଟର ଅଛନ୍ତି। ବିଏମ୍‌ସି, ବିଡିଏ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ନଗର ସ୍ୱାସ୍ଥ୍ୟ ଅଧିକାରୀ ପଦବୀରେ ଜଣେ ଡାକ୍ତର ଅଛନ୍ତି। ଏସବୁକୁ ତଦାରଖ କରିବା ଓ ତ୍ୱରିତ ପଦକ୍ଷେପ ନେବାକୁ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ଡେପୁଟି କମିଶନର (ପରିମଳ) ଓ ତାଙ୍କ ଉପରେ ଜଣେ ଅତିରିକ୍ତ କମିଶନର ଦାୟିତ୍ୱରେ ଅଛନ୍ତି। ମାତ୍ର ଏତେ ଅଧିକାରୀ, କର୍ମଚାରୀ ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲେ ବି ସହରର ବିଭିନ୍ନ ରାସ୍ତାକଡ଼, ଗଳିକନ୍ଦିରେ ଅଳିଆ, ଆବର୍ଜନା, ନିର୍ମାଣଜନିତ ବର୍ଜ୍ୟ ଗଦା ହୋଇ ରହୁଛି। ନିୟମିତ ସଫେଇ ହେଉ ନଥିବାରୁ ପରିବେଶ ଆବର୍ଜନାମୟ ହେବା ସହ ଦୁର୍ଗନ୍ଧ ଜାତ ହେଉଛି। ନା ସଫେଇ ସଂସ୍ଥା ଅଳିଆ ଉଠାଉଛନ୍ତି ନା ବିଏମ୍‌ସି ଅଧିକାରୀ ତାଗିଦା କରୁଛନ୍ତି। କେବଳ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି। ଭୁବନେଶ୍ୱର ମଳମୁକ୍ତ ସହର ବୋଲି ଘୋଷଣା ହେବା ସହ ଏବେ ଓଡିଏଫ୍ ପ୍ଲସ୍ ଶ୍ରେଣୀରେ ରହିଛି। କିନ୍ତୁ ବିଭିନ୍ନ ସମୟରେ ଏଠାରେ ସଫେଇ କର୍ମଚାରୀ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିବାରୁ ଆବର୍ଜନା ଗଦା ହୋଇ ରହୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଉଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୧୭ରେ ଭୁବନେଶ୍ୱରକୁ ୯୪ତମ ର‌୍ୟାଙ୍କ ମିଳିଥିବା ବେଳେ ୨୦୧୮ରେ ୨୪୩ତମ, ୨୦୧୯ରେ ୨୮୮ତମ, ୨୦୨୦ରେ ୨୩୩ତମ ଓ ୨୦୨୧ରେ ୧୪୮ତମ, ୨୦୨୨ରେ ୮୦ତମ ଏବଂ ୨୦୨୩ରେ ୩୪ ତମ ର‌୍ୟାଙ୍କ୍ ମିଳିଥିଲା। ତେଣୁ ଏଥର କିଭଳି ଆହୁରି ଭଲ ର‌୍ୟାଙ୍କ୍ ମିଳିବ ସେଥିପାଇଁ ଜୋରଦାର ଉଦ୍ୟମ ଚାଲିଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ଯେଉଁ କାଟାଗୋରିରେ ପୂର୍ବ ବର୍ଷଗୁଡ଼ିକରେ ମାର୍କ କମିଥିଲା ସେହି କ୍ଷେତ୍ରରେ ବ୍ୟାପକ ସୁଧାର ଅଣାଯାଇଛି। ପୂର୍ବରୁ ବର୍ଜ୍ୟ ପରିଚାଳନା ଓ କଠିନ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନ ଥିବାରୁ ବହୁତ ମାର୍କ କଟୁଥିଲା। ଏବେ ସେଥିରେ ଅନେକ ସୁଧାର ହୋଇଥିବାରୁ ଭଲ ର‌୍ୟାଙ୍କ୍ ମିଳିବ ବୋଲି ବିଏମ୍‌ସି ଆଶାବାଦୀ ଅଛି।

## ସଂକ୍ଷେପରେ

### ଡେଙ୍ଗୁ ରୋଗୀ ଚିହ୍ନଟ

ଝାଁଲା,୧୮।୭(ବୁଲା ବାରିକ)

ମଦନପୁର ପଞ୍ଚାୟତ ବଡ ରଘୁନାଥପୁରର ଜଣେ ୩ବର୍ଷର ବାଳିକା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଗତ କିଛିଦିନ ହେବ ନାବାଳିକା ଜଣଙ୍କୁ ଜ୍ୱର ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରେ ରକ୍ତ ନମୁନା ଟେଷ୍ଟ କରିବାକୁ ଦିଆଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ଅଙ୍ଗନୱାଡ଼ି ଓ ଆଶା କର୍ମୀମାନେ ଲୋକଙ୍କୁ ସଚେତନ କରାଉଛନ୍ତି।

### ରାଜପଥ ମଝିରେ ଗର୍ତ୍ତ



ବେଗୁନିଆ,୧୮।୭(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ-କଣ୍ଟିଲୋ ୪୮ନମ୍ବର ରାଜ୍ୟ ରାଜପଥର ବାଘମାରୀ-ସିମୋର ମଧ୍ୟରେ ଥିବା ଶଙ୍ଖର ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବାଇକ୍ ଏବଂ ଭାରିଜାନ ପାଇଁ ବିପଦର କାରଣ ସାଜିଛି। ଏପରିକି ରାସ୍ତାପାର୍ଶ୍ୱ ଦବି ଯାଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ତୁରନ୍ତ ମରାମତି କରିବାକୁ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଦାବି କରିଛନ୍ତି।

### ବିଳାସ ଭାରତୀ କଳାକେନ୍ଦ୍ର ସୁପରିଚାଳନା ପାଇଁ ବୈଠକ

ଟାଙ୍ଗୀ,୧୮।୭(ରଘୁନାଥ ସାହୁ)

ଟାଙ୍ଗୀ ବିଳାସ ଭାରତୀ କଳାକେନ୍ଦ୍ରର ସୁପରିଚାଳନା ପାଇଁ ସଙ୍ଗୀତପ୍ରେମୀମାନଙ୍କୁ ନେଇ ଏକ ବୈଠକ ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳାକେନ୍ଦ୍ରର ପରିଚାଳନା କମିଟି ଗଠନ, ନୂତନ ଶିକ୍ଷାର୍ଥୀଙ୍କ ନାମଲେଖା, ଅଭିଭାବକ, ପୁରାତନ ଛାତ୍ରୀଛାତ୍ରମାନଙ୍କ ସହ ସମ୍ପର୍କ, ସ୍ଥାୟୀ ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ମାଧବ ମହାରଣା ଏହି ଅନୁଷ୍ଠାନକୁ ଅଧିକ କ୍ରିୟାଶୀଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଖବରଦାତା ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ମହାରଣା, ବାସୁଦେବ ସିଂ, ବିଜୟ ରାଉତ, ସୁଶୀଲ ମହାପାତ୍ର, ଲଳିତ ମୋହନ ମହାପାତ୍ର, ଅଶ୍ୱିନୀ ଦାସ, ଲିଙ୍ଗରାଜ ସାହୁ, ସୁଶାନ୍ତ ସେଠୀ, ସୁଶାନ୍ତ ବେହେରା, କିଶୋର ମହାପାତ୍ର, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ କମିଟିକୁ ପୁନଃ ଗଠନ କରିବା ପାଇଁ ୧୧ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥଲା।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ନିରାକାରପୁର,୧୮।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ ଭୋଇସାହି ଗ୍ରାମର ଧର୍ମପରାୟଣ ସୁରେଖା ମହାନ୍ତିଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୧୮।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ଟାପୁ ମଧ୍ୟରେ ଥିବା ବ୍ରହ୍ମପୁର ହାଇସ୍କୁଲର ବରିଷ୍ଠ ହିନ୍ଦୀ ଶିକ୍ଷକ ମହମ୍ମଦ ତଜମୂଲ ହୁସେନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କାବିରାଜ ଜେନା, ମୁଖ୍ୟ ବକ୍ତା ପୂର୍ବତନ ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ଜେନା, ସମ୍ମାନିତ ଅତିଥି କେଦାରନାଥ ଜେନା, ପୁରାତନ ଛାତ୍ର ଶିକ୍ଷକ ବିଶ୍ୱ ରଞ୍ଜନ ଜେନା, ଶିକ୍ଷକ ମହନ୍ତ କୁମାର ଜେନା, ବିଶ୍ୱଜିତ ସାମଲ, ଛାତ୍ର ପ୍ରଶାସନିକ ଅଧିକାରୀ ଦୀପକ କୁମାର ଜେନା, ରଘୁନାଥ ଜେନାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ହିନ୍ଦୀ ଶିକ୍ଷକ ହୁସେନଙ୍କ କାର୍ଯ୍ୟ ଶୈଳୀକୁ ପ୍ରଶଂସା କରିଥିଲେ। ହୁସେନଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

# ସୁଧୁରୁନି ସହରର ପରିମଳ ବ୍ୟବସ୍ଥା

■ ଡ୍ରେନ୍ ସଫା ନ ହେବାରୁ ପୋତିହୋଇଗଲାଣି
■ ଜମିରହିଛି ପ୍ଲାଷ୍ଟିକ୍, ପଲିଥିନ୍

ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନ୍ ସଫା ନ ହେବା ଫଳରେ ପୋତିହୋଇଗଲାଣି। ଅଧିକାଂଶ ଡ୍ରେନ୍ ପଥର ଖସି ଭୁଶୁଡ଼ିପଡ଼ିଲାଣି। ଡ୍ରେନ୍ ପୋତିହୋଇପଡ଼ିଥିବା ବେଳେ ଅଳିଆ ଆବର୍ଜନା ଜମିରହି ପଚି ଦୁର୍ଗନ୍ଧ ହେଉଛି। ଫଳରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ଅନ୍ୟପଟେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରିବାରୁ ପ୍ଲାଷ୍ଟିକ୍, ପଲିଥିନ୍ ଆଦି ଜମାହୋଇ ରହିଥିବା ଦେଖିବାକୁ ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁଯାୟୀ ଖୋର୍ଦ୍ଧା ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ଗୋଟିଏ ପଟେ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଚାଲିଥିବା ବେଳେ ଅନ୍ୟପଟେ ସହର ଡ୍ରେନ୍ ସଫେଇକୁ ତ୍ୱରାନ୍ୱିତ କରାଯାଉନାହିଁ। ଫଳରେ ଡେଙ୍ଗୁକୁ ଖୋର୍ଦ୍ଧା ପୌର ପରିଷଦ(କେଏମ୍‌ସି) ଆମନ୍ତ୍ରଣ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ୨୨ ୱାର୍ଡ ବିଶିଷ୍ଟ ଏହି ସହରର ଅଳିଆ, ଆବର୍ଜନା ଉଠାଇବା ପାଇଁ ପୌର ପ୍ରଶାସନ ପକ୍ଷରୁ ଠିକାସଂସ୍ଥାକୁ ଦିଆଯାଇଛି। ତେବେ ସହରର ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ ଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ପୌର କାର୍ଯ୍ୟାଳୟ ପାର୍ଶ୍ୱ ଡ୍ରେନ୍, ଉପଜିଲାପାଳଙ୍କ ବାସଭାବନ ପାର୍ଶ୍ୱ ଡ୍ରେନ୍ ସଫା କରାଯାଉନାହିଁ। ଏଠାରେ ଅଳିଆ, ଆବର୍ଜନ ପଡ଼ି ପୂତିଗନ୍ଧମୟ ହେଲାଣି। ନୂଆ ବସ୍‌ଷ୍ଟାଣ୍ଡରୁ କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମିତ ଡ୍ରେନ୍ ୪ବର୍ଷ ହେବ ସଫା କରାଯାଇନାହିଁ। ଫଳରେ ଡ୍ରେନ୍ ପୋତିହୋଇଗଲାଣି। ନୂଆ ବସ୍‌ଷ୍ଟାଣ୍ଡ ଡ୍ରେନ୍ ସଂଯୋଗୀକରଣ କରାଯାଇ ନ ଥିବାରୁ ବର୍ଷା ହେଲେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି ହେଉଛି। ନୂଆ ବସ୍‌ଷ୍ଟାଣ୍ଡ-ଟିଏଲ୍‌ସି ରୋଡ୍ ଭାଲିଆବାଡ଼ି ନିକଟ ଭେଣ୍ଡିଂ ଜୋନ୍ ଡ୍ରେନ୍‌ରେ ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍ ଜମି ରହିଛି। ଡ୍ରେନ୍ ସଫା ନ ହେବା ଫଳରେ ମଶାଙ୍କ ପ୍ରାଦୁର୍ଭାବ ଯୋଗୁ ନିକଟ ବସ୍ତି ଲୋକେ ଅତିଷ୍ଠ ହୋଇପଡିଲେଣି। ସମାନ ଦୃଶ୍ୟ ପୁରୁଣା ଦମକଳ ଛକରୁ ମାରୱାଡି ପଟି ଡ୍ରେନ୍‌ର ଅବସ୍ଥା। ସହରର ପରିମଳ ବ୍ୟବସ୍ଥାରେ ସ୍ୱଚ୍ଛତା ଲାଗି ଲକ୍ଷାଧିକ ଟଙ୍କା ଅର୍ଥ ଖର୍ଚ୍ଚ ହେଉଛି। ତଥାପି ସହରର ଏକାଧିକ ଗଳିକନ୍ଦିରେ ଅଳିଆ ଆବର୍ଜନା ପଡ଼ି ରହୁଛି।

**ଏମାନେ ଯାହା କୁହନ୍ତି...**

"ବର୍ଷାଦିନ ଆସିଲେ ପୌର ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ ଡ୍ରେନ୍ ସଫା କରାଯାଉଛି। ଅନ୍ୟଦିନଗୁଡ଼ିକରେ ସମାନ ସମସ୍ୟା ରହୁଛି। ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିପର୍ଯ୍ୟସ୍ତ ପରିମଳ ନେଇ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉ ନାହିଁ।

-ରଣଜିତ ମହାପାତ୍ର, ଖୋର୍ଦ୍ଧା ଜନ ଜାଗରଣ ଆବାହକ

"ଡ୍ରେନ୍ ସଫେଇ କରାଯାଉଛି। ୱାଟର ଲଗିଂ ଥିବା ଡ୍ରେନ୍‌ଗୁଡିକ ପ୍ରାଥମିକତା ଭିତ୍ତିରେ ସଫେଇ ଚାଲିଛି। ଡ୍ରେନେଜ୍, ପରିମଳରେ ସୁଧାର ଆଣିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ସଚେତନତା, ସହଭାଗିତା ଜରୁରୀ।

-ସୌର୍ଯ୍ୟରଞ୍ଜନ ମହାନ୍ତି, ପୌର ଉପାଧକ୍ଷ

## 'ସେବାକୁ ବ୍ରତ ଭାବେ ଗ୍ରହଣକର'



ବୈଠକରେ ବିଧାୟକ ପ୍ରଦୀପ ସାହୁ ଉଦ୍‌ବୋଧନ ଦେଉଛନ୍ତି।

ବୋଲଗଡ,୧୮।୭(ଦେବବ୍ରତ ହୋତା)

ଗୋଡ଼ାସ୍ଥିତ ଶ୍ରୀଲୋକନାଥ ପୀଠ ଠାରେ ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ଜନପ୍ରତିନିଧିଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଜନପ୍ରତିନିଧି ଲୋକ ମାନଙ୍କ ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ଏଥିସହ ସାଧାରଣଲୋକ ବିଜେଡି ଉପରେ ରଖିଥିବା ଭରସାକୁ ଅତୁଟ ରଖିବା ପାଇଁ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବାକୁ ଆଲୋଚନା କରିଥିଲେ। ବୋଲଗଡ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ ଛୋଟରାୟ, ସୁନନ୍ଦିତ ସାହୁ, ସୁବାସ ରାୟଗୁରୁ, ଉପାଧ୍ୟକ୍ଷ ରମେଶ ସାହୁ, ସରପଞ୍ଚ ପ୍ରଦୀପ ବାରିକ, ବୈକୁଣ୍ଠ ଚରଣ ସ୍ୱାଇଁ, ଜଳଧର ମହାନ୍ତି, ସୁନନ୍ଦା ବରାଳ, ଲକ୍ଷ୍ମୀପ୍ରିୟା ସୁନ୍ଦରା, ପୁଷ୍ପଲତା ଭଞ୍ଜ, ରଶ୍ମିତା ରାଉତରାୟ, ପ୍ରମୋଦ ରାଉତରାୟ, ରତିକାନ୍ତ ରାଉତରାୟ, ଗୀତାଞ୍ଜଳି ସାହୁ, ନଳିନୀ ବଡ଼ଜେନା, ନାରାୟଣ ସୁବୁଦ୍ଧି, ଲକ୍ଷ୍ମୀପ୍ରିୟା ମହାପାତ୍ର, ସମିତିସଭ୍ୟ ପ୍ରଦୀପ ମହାପାତ୍ର, ସଞ୍ଜୟ ଗୁମାନସିଂହ, ପ୍ରଦୀପ ପ୍ରଧାନ, ରଞ୍ଜନ ଲେଙ୍କା, ରଞ୍ଜନ ପଣ୍ଡା, ରଶ୍ମିରଞ୍ଜନ ପ୍ରଧାନ, ପ୍ରସନ୍ନ ସେଠୀ, ଚିତରଞ୍ଜନ ମହାପାତ୍ର, ନିର୍ମଳା ପ୍ରଧାନ, ବିଜୟ ସାହୁ, ତୋଫାନ ବେହେରା, ସୁଶାନ୍ତ ପାଇକରାୟ, ଶେଖ ଆଜାଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପବିତ୍ର ମୋହନ ମାଝୀ ଧନ୍ୟବାଦ ଦେଇଥିଲେ।



ତୁଳସୀପୁର ପ୍ରକୃତିବନ୍ଧୁ ସଙ୍ଗଠନ ପକ୍ଷରୁ ଗୁରୁବାର କଳାପଥର ଚନ୍ଦ୍ରଶେଖର ଦେବ ମନ୍ଦିର ପରିସରରେ ଚାରା ବଣ୍ଟନ କରାଯାଉଛି।

### ଚାରା ଲଗାଇ ଯତ୍ନନେବାକୁ ପରାମର୍ଶ

କଳାପଥର,୧୮।୭(ଗଙ୍ଗାଧର ସାହୁ)

ତୁଳସୀପୁର ପ୍ରକୃତିବନ୍ଧୁ ସଙ୍ଗଠନ ପକ୍ଷରୁ କଳାପଥର ଚନ୍ଦ୍ରଶେଖର ମନ୍ଦିର ପରିସରରେ ଗ୍ରାମର ଶତାଧିକ ବ୍ୟକ୍ତିଙ୍କୁ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଛି। ପ୍ରକୃତିବନ୍ଧୁ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଚାରା ଲଗାଇ ତାହାର ଯତ୍ନନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦୀପକ କୁମାର ସାମନ୍ତରା, ରମେଶ ପ୍ରଧାନ, ଧନଞ୍ଜୟ ମହାପାତ୍ର, ହରିବନ୍ଧୁ ନାୟକ, ସମୀର ସାହୁ, ଅକ୍ଷୟ ସାହୁ, ମାଧବ ଚନ୍ଦ୍ର ସାହୁ, ଦେବରାଜ ସାହୁ, ନୀଳାମ୍ବର ଷଡ଼ଙ୍ଗୀ, ବାସନ୍ତୀ ସାହୁ, ସୁକାନ୍ତି ସାହୁ, ଝିଲି ମହାନ୍ତି, ବୀଣାପାଣି ସାହୁ, ରଞ୍ଜୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

ବୋଲଗଡ଼,୧୮।୭(ଦେବବ୍ରତ ହୋତା)

ବୋଲଗଡ଼ ସଦର ସ୍ଥିତ ଗଣେଶ ବଜାର ଠାରେ ଅବସ୍ଥିତ ତ୍ରିନାଥ ଦେବଙ୍କ ୪୫ତମ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ସଭାପତି ବସନ୍ତ କୁମାର ମଙ୍ଗରାଜ ଓ ସମ୍ପାଦକ ରାଜେନ୍ଦ୍ର କୁମାର ରାମଙ୍କ ସମେତ ବଣିକମାନଙ୍କ ସହଯୋଗରେ ତ୍ରିନାଥ ଦେବଙ୍କ ପୂଜା ଓ ବାର୍ଷିକ ଉତ୍ସବ ସମ୍ପନ୍ନ ହୋଇଛି। ଏହି ଅବସରରେ ସନ୍ଧ୍ୟାରେ ବଜାର ଅଞ୍ଚଳକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ଖଞ୍ଜଣି ଭଜନ ଓ ପରେ ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଭକ୍ତି କୈବଲ୍ୟ ଭଜନ ସମାରୋହ ହୋଇଥିଲା। ଏହି ଭଜନ ସମାରୋହ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ସାନୁ ଅବିନାଶ ସୁବୁଦ୍ଧିଙ୍କ ପରିଚାଳନାରେ ସୁନାମଧନ୍ୟ କଳାକାରମାନେ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ।

## ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

ବେଗୁନିଆ,୧୮।୭(ହର ପ୍ରସନ୍ନ ପଣ୍ଡା)

**ଅନୁମତିଠାରୁ ଅଧିକ ମୋରମ ନେଉଥିବା ଅଭିଯୋଗ**

ବେଗୁନିଆ ତହସିଲ ଅନ୍ତର୍ଗତ ଗୋଲାପାଟଣା ମୌଜାର ଖାତା ନଂ.୨୩୬, ପ୍ଲଟ ନଂ.୧୫୬ରୁ ମୋରମ ଉଠାଇବା ପାଇଁ ଏକ ଘରୋଇ ସଂସ୍ଥାକୁ ଅନୁମତି ମିଳିଛି। ଏପରିକି ଚଳିତ ମାସ ୨ ତାରିଖରୁ ଆରମ୍ଭ କରି ୨୦ଦିନ ପାଇଁ କେବଳ ୪ ସିଏମ ମୋରମ ଉଠାଇବାକୁ ସଂସ୍ଥାକୁ ରାଜସ୍ୱ ବିଭାଗ ପକ୍ଷରୁ ଅନୁମତି ମିଳିଥିଲା। ଧାର୍ଯ୍ୟ ସମୟ ପୂରଣ ହୋଇ ନ ଥିବା ବେଳେ ଉକ୍ତ ସଂସ୍ଥା ଅନୁମତି ଠାରୁ ଅଧିକ ମୋରମ ଉଠାଇ ଚାଲିଛି। ଫଳରେ ସରକାରଙ୍କ ରାଜସ୍ୱହାନୀ ହେବା ସହ ଗାଁ ପରିବେଶ ସୁରକ୍ଷା ଦିଗରେ କ୍ଷତି ହେଉଛି। ଏନେଇ ତହସିଲଦାରଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗୁରୁବାର ଗ୍ରାମବାସର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ତାପସ ବିଶି କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ଉକ୍ତ ସଂସ୍ଥାକୁ ଅନୁମତି ଦିଆଯାଇଛି। ଅଭିଯୋଗ ପାଇବା ପରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।

## ଆକ୍ରମଣ, ମାଡ଼ ଘଟଣାକୁ ନେଇ ଉତ୍ତେଜନା

ଟାଙ୍ଗୀ,୧୮।୭(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ପଞ୍ଚାୟତ ତାଳଡିହ ଗ୍ରାମର ଲଳିତ ଭୁଜବଳଙ୍କ ଘରେ ପଶି ସୋରଣ ମୁସଲିମ ସାହିର ୨୦ରୁ ଉର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ କୁହୁଡ଼ି ଫାଣ୍ଡିରେ ଗୁରୁବାର ଅଭିଯୋଗ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେହିପରି ସୋରଣ ମୁସଲିମ ସାହିର ସାହାନବାଜ ଖାଁ କୁହୁଡି ବଜାରରୁ ପରିବା କିଣି ଫେରୁଥିବା ବେଳେ ରତନପୁର ଅଞ୍ଚଳର ୧୦ଜଣ ବ୍ୟକ୍ତି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଥାନା ପୋଲିସ ପୃଥକ୍‌ଭାବେ ଦୁଇଟି ମାମଲା (ନଂ.୫୨୧/୨୪, ୫୨୨/୨୪) ରୁଜୁକରି ତଦନ୍ତ ଜାରି ରଖିଛି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

ଅଭିଯୋଗ ମୁତାବକ, ବୁଧବାର ରାତିରେ ପ୍ରାୟ ୮ଟା ୩୦ରେ ଲଳିତ ତାଙ୍କ ବନ୍ଧୁଙ୍କ ସହିତ ଘର ଆଗରେ କଥା ହେଉଥିବା ବେଳେ ଏକ ବାଇକ୍‌ରେ ୩ ଜଣ ଯୁବକ ସେଠାରେ ପହଞ୍ଚି ଗାଳିଗୁଲଜ କରିଥିଲେ। ଲଳିତ ସେମାନଙ୍କୁ କାହିଁ ଗାଳି କରୁଛ ପଚାରିବାରୁ ଆମେ ଆସୁଛୁ କହି ସମ୍ପୃକ୍ତ ଯୁବକମାନେ ପଳାଇଥିଲେ। ପରେ ସୋରଣ ମୁସଲମାନ ସାହିର ୨୦ରୁ ଉର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ର ଧରି ଲଳିତଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସମ୍ପୃକ୍ତ ଯୁବକମାନେ ଲଳିତଙ୍କୁ ମାଡ଼ ମାରୁଥିବା ବେଳେ ତାଙ୍କ ଭାଇ ପ୍ରମୋଦ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପ୍ରମୋଦ ଗୁରୁତର ଆହତ ହୋଇଥିଲେ। ତେବେ ପୋଲିସ ପହଞ୍ଚିବା ପୂର୍ବରୁ ଆକ୍ରମଣକାରୀମାନେ ସେଠାରୁ ପଳାଇଯାଇଥିଲେ। ଅନ୍ୟପଟେ ସୋରଣ ମୁସଲିମ ସାହିର ସାହାନବାଜ ଖାଁ କୁହୁଡ଼ି ବଜାରରୁ ପରିବା କିଣି ଫେରୁଥିବା ବେଳେ ଏକ କୁକୁର ତାଙ୍କୁ ଗୋଡ଼ାଇଥିଲା। ଫଳରେ ସେ ଗାଡ଼ି ରଖି କୁକୁରଟିକୁ ଘୁଡ଼େଇବା ବେଳେ ରତନପୁର ଅଞ୍ଚଳର ୧୦ ଜଣ ବ୍ୟକ୍ତି ମାଡ଼ ମାରିଥିବା ନେଇ କୁହୁଡ଼ି ଫାଣ୍ଡିରେ ଅଭିଯୋଗ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଛି।

## କାର୍ ଧକ୍କାରେ ଅଟୋ ଓଲଟି ୭ ଆହତ

ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ବୁଧବାର ବିଳମ୍ବିତ ରାତିରେ ଚିଙ୍ଗୁଡ଼ିଝର ନିକଟରେ ଏକ ଯାତ୍ରୀବାହୀ ଅଟୋର ପଛକୁ କାର୍ ଧକ୍କାଦେବାରୁ ଅଟୋ ଓଲଟି ୭ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୨ଜଣ ମହିଳା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଙ୍କୀ ଅଞ୍ଚଳର ଏହି ଯାତ୍ରୀମାନେ ଶ୍ରୀକ୍ଷେତ୍ରରୁ ସୁନାବେଶ ଦର୍ଶନ ସାରି ଫେରୁଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ଆଦର୍ଶ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକରଖି ପଚରାଉଚୁରା ଚଳାଇଛି।

## ଚାନ୍ଦୁଆ ତାଲିମ ଶିବିର ଉଦ୍‌ଯାପିତ



କଳାପଥର,୧୮।୭(ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀଠାରେ ଚାଲିଥିବା ଚାନ୍ଦୁଆ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ୧୫ଜଣ ମହିଳା ତାଲିମ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ପ୍ରବୀଣ ନାୟକ, ହସ୍ତଶିଳ୍ପ ସମ୍ପ୍ରସାରଣ ଅଧିକାରୀ ବବିତା ମହାନ୍ତି, ଆଞ୍ଚଳିକ ଅଧିକାରୀ ଅର୍ପିତା ମହାନ୍ତି ଯୋଗଦେଇ ତାଲିମଧାରୀମାନଙ୍କୁ ମାନପତ୍ର ପ୍ରଦାନ କରିଥଲେ। ଠଣାପଲ୍ଲୀ ମିଳିତ ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାଶ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶେଷରେ ଲିପିକା ମହାପାତ୍ର ଧନ୍ୟବାଦ ଦେଇଥଲେ।

## ଧରାପଡ଼ିନାହାନ୍ତି ଫେରାର ଅଭିଯୁକ୍ତ

ବେଗୁନିଆ,୧୮।୭(ସନ୍ଧ୍ୟାରାଣୀ ମିଶ୍ର)

**ଯୌତୁକ ଦାବିରେ ମହିଳାଙ୍କୁ ମାରିଦେବାକୁ ଉଦ୍ୟମ ଘଟଣା**

ଭୁବନେଶ୍ୱର ଖଣ୍ଡଗିରି ସ୍ଥିତ ଘାଟିକିଆ ଗ୍ରାମରେ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତ ମେ' ମାସରେ ଏହି ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନାହିଁ। ଅଭିଯୋଗ ମୁତାବକ, ବାଘମାରୀ ଥାନା ଅନ୍ତର୍ଗତ ସିମୋର ଗ୍ରାମର ରବି ନାରାୟଣ ନାୟକଙ୍କ ଝିଅ ସୁନିତା ୨୦୨୩ ମସିହାରେ ବୈଦିକ ରୀତିରେ ଘାଟିକିଆ ଗ୍ରାମର ମୁରଲୀଧର ନାୟକଙ୍କ ପୁଅ ତ୍ରିନାଥଙ୍କୁ ବିବାହ କରିଥିଲେ। ତେବେ ବିବାହର କିଛିଦିନ ପରେ ବାପଘରୁ ୨ ଲକ୍ଷ ଟଙ୍କା ସହ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଆଣିବାକୁ ସୁନିତାଙ୍କୁ ଶାଶୁଘର ଲୋକେ କହିଥିଲେ। ଏପରିକି ଦାବି ମୁତାବକ ଯୌତୁକ ନ ଆଣିଲେ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ୨୦୨୪ ମେ' ୫ତାରିଖରେ ସୁନିତାଙ୍କ ଏକ କୋଠରୀରେ ପୂରାଇ ଶାଶୁଘର ଲୋକେ ମାଡ଼ ମାରିବା ସହ ମାରିଦେବାକୁ ଉଦ୍ୟମ କରିଥିଲେ। ଖବରପାଇ ରବିନାରାୟଣ ପହଞ୍ଚି ସୁନିତାଙ୍କୁ ଉଦ୍ଧାର କରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାକୁ ଦୁଇମାସ ବିତିଯାଇଥିଲେ ମଧ୍ୟ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପଦକ୍ଷେପ ନେଉନି ବୋଲି ଅଭିଯୋଗକାରିଣୀ ସୁନିତା ଗଣମାଧ୍ୟମରେ କହିଛନ୍ତି।

## ଶ୍ରୀମନ୍ଦିର ସଂସ୍କୃତି ପରମ୍ପରାରେ ଗଡ଼ଖୋର୍ଦ୍ଧା ସ୍ଥାନ ସ୍ୱତନ୍ତ୍ର

ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ବୋଧନ ଦେଉଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ଦଶମ ବାର୍ଷିକୋତ୍ସବ ଶ୍ରୀଲୀଳାକ୍ଷେତ୍ର ପରିଚାଳନା ସମିତି ଓ ଗଡ଼ଖୋର୍ଦ୍ଧା ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଅଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଏହି ଐତିହ୍ୟ ସ୍ଥାନର ପୁନରୁଦ୍ଧାର ଓ ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବିଶ୍ୱମ୍ଭର ମହାରାଜା ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଗୋପାଳକୃଷ୍ଣ ଦାସ ଏହି ଲୀଳାକ୍ଷେତ୍ରର ଇତିହାସ ଓ ଐତହ୍ୟ ସମ୍ପର୍କରେ କହିଥିଲେ। ମୋଗଲ ଆକ୍ରମଣ ସମୟରେ ଗଡ଼ ପ୍ରତିଷ୍ଠାତା ମହାରାଜା ରାମଚନ୍ଦ୍ର ଦେବ ଖ୍ରୀ ୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ ୮ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ମହାପ୍ରଭୁଙ୍କ ପ୍ରଥମ ନବକଳେବର ଏହି ସ୍ଥାନରେ ହୋଇଥିଲା। ପୁନଶ୍ଚ ଖ୍ରୀ ୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଏଠାରେ ଅବସ୍ଥାନ କରିଥିଲେ। ବହୁ ବର୍ଷ ଧରି ଏହି ମନ୍ଦିର ଭଗ୍ନ ଅବସ୍ଥାରେ ରହିବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ୨୦୧୪ ଜୁନ ୨୬ରେ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଛି। ୩ବର୍ଷ ହେବ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଏଠାରେ ଘୋଷଯାତ୍ରା ଆୟୋଜନ କରାଯାଉଛି। ଶ୍ରୀମନ୍ଦିର ସଂସ୍କୃତି ପରମ୍ପରାରେ ଗଡ଼ଖୋର୍ଦ୍ଧା ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ପରିଚାଳକ ରମାକାନ୍ତ ପଟ୍ଟଯୋଷୀ ଜଗନ୍ନାଥ ମନ୍ଦିର ଓ କୁଞ୍ଜବିହାରୀ ମନ୍ଦିର ଦ୍ୱୟର ରୀତିନୀତି ସେବାପୂଜା ଓ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଦିଲୀପ ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଇନଜୀବୀ ରମେଶ ମହାନ୍ତି ଧନ୍ୟବାଦ ଦେଇଥିଲେ।




୧୮।୭।୨୦୨୪

| ୮୦,୧୭୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ରୋଗୀସେବା ବିପର୍ଯ୍ୟସ୍ତ

ବଳଙ୍ଗା,୧୮।୭(କେଦାରେଶ୍ୱର ନନ୍ଦ)

ସ୍ୱାସ୍ଥ୍ୟସେବା ପାଇଁ ପିପିଲି, ସତ୍ୟବାଦୀ ଓ ନିମାପଡ଼ା ନିର୍ବାଚନମଣ୍ଡଳୀର ୧୭ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବଳଙ୍ଗା ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୁଃଖର ବିଷୟ, ଏହି ଡାକ୍ତରଖାନାରେ ଦୀର୍ଘ ଦିନ ହେବ ଡାକ୍ତର ନିଯୁକ୍ତି ହୋଇଥିଲେ ମଧ ସପ୍ତାହର ୭ ଦିନ ମଧ୍ୟରୁ ଦିନେ କିମ୍ବା ୨ଦିନ ଡାକ୍ତର କେବଳ ୪ ଘଣ୍ଟା ପାଇଁ ଆସୁଛନ୍ତି। ଏପଟେ ଦୀର୍ଘ ଦିନ ହେବ ଆୟୁଷ ଡାକ୍ତରଙ୍କ ପତ୍ତା ନାହିଁ। କୌଣସି ଜାଗାରେ ସ୍ୱାସ୍ଥ୍ୟସେବାରେ ତ୍ରୁଟି ପରିଲକ୍ଷିତ ହେବ ନାହିଁ ବୋଲି ସରକାର ସବୁବେଳେ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏଠାରେ ଦୀର୍ଘ ଦିନ ହେବ ସ୍ଥିତି ଓଲଟା। ଦୁଃଖର ବିଷୟ, ବଳଙ୍ଗା ଅଞ୍ଚଳର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାକୁ ନାନାଦି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ହେଲେ ଲୋକମାନଙ୍କ ସମସ୍ୟା ବଢ଼ି ଚାଲିଛି। ଏମିତିକି ପ୍ରାଥମିକ ଚିକିତ୍ସା ପାଇ ପାରୁନାହାନ୍ତି। କିଛି ଦିନ ପୂର୍ବେ ବଳଙ୍ଗା ୭୬ ଘରର ଏକ ଯୁବକ ପ୍ରାଥମିକ ଚିକିତ୍ସା ନ ପାଇ ତାଙ୍କର ମୃତ୍ୟୁ ଘଟିଥିଲା। ଖୁବ କମ୍ ସମୟ ମଧ୍ୟରେ ନିୟମିତ ଡାକ୍ତର ନିଯୁକ୍ତି ହେବ ବୋଲି ତତ୍କାଳୀନ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ପାଣିର ଗାର ଭଳି କଥା କଥାରେ ରହିଗଲା। ଯଦି ଏହି ସମସ୍ୟାର ସମାଧାନ ନ ହୁଏ, ତାହାଲେ ଆଗାମୀ ଦିନରେ ବଳଙ୍ଗା ଅଞ୍ଚଳର ଜନସାଧାରଣ ରାଜରାସ୍ତାରେ ଓହ୍ଲାଇ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

### କାର୍ ଧକ୍କାରେ ଅଟୋ ଓଲଟି ୭ ଆହତ

ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ବୁଧବାର ବିଳମ୍ବିତ ରାତିରେ ଟିଙ୍ଗୁଡ଼ିଝର ନିକଟରେ ଏକ ଯାତ୍ରୀବାହୀ ଅଟୋର ପଛକୁ କାର୍ ଧକ୍କାଦେବାରୁ ଅଟୋ ଓଲଟି ୭ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୨ଜଣ ମହିଳା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଙ୍କୀ ଅଞ୍ଚଳର ଏହି ଯାତ୍ରୀମାନେ ଶ୍ରୀକ୍ଷେତ୍ରରୁ ସୁନାବେଶ ଦର୍ଶନ ସାରି ଫେରୁଥିବା ବେଳେ ଏହି ଘଟଣା ଘଟିଛି।

# କେନାଲରେ ପାଣି ନାହିଁ, ଚାଷଜମି ଶୁଖିଲା

ସାକ୍ଷୀଗୋପାଳ,୧୮।୭
(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)



- ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି
- ଉତ୍କଟ ହେଉଛି ଚାଷୀଙ୍କ ସମସ୍ୟା

ସତ୍ୟବାଦୀରେ ଚାଷୀଙ୍କ ନିଦ ହଜାଇଲାଣି ନିଆଣ୍ଟିଆ ବର୍ଷା। ଜୁଲାଇ ମାସ ଅଧା ହେଲାଣି। କିନ୍ତୁ ଚାଷୀ ଜମିରେ ଏ ପର୍ଯ୍ୟନ୍ତ ପାଦ ଦେଇନାହାନ୍ତି। ପରମ୍ପରା ଅନୁଯାୟୀ, ଅକ୍ଷୟତୃତୀୟାଠାରୁ ଚାଷୀ ଜମିରେ ବିହନ ବୁଣି ଅଖିମୁଠି ଅନୁକୂଳ କରିଥାଏ। କିନ୍ତୁ ଚଳିତବର୍ଷ ବିଳମ୍ବିତ ମୌସୁମୀ ପ୍ରବେଶ ସହ ନିଆଣ୍ଟିଆ ବର୍ଷା ଯୋଗୁ ଚାଷୀ କ୍ଷେତକୁ ନ ଯାଇ ଚିନ୍ତାରେ ବସି ରହିଛନ୍ତି। ଏଭଳି ସ୍ଥିତିରେ ସରକାର କୃଷି କୃଷକଙ୍କ ଉନ୍ନତି ପାଇଁ କରୁଥିବା ସମସ୍ତ ଯୋଜନା ଠିକ୍ କାର୍ଯ୍ୟକାରୀ ନ କରି କେବଳ ନିଜସ୍ୱ ପ୍ରଚାର କରୁଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ସତ୍ୟବାଦୀ ବ୍ଲକରେ ଥିବା ଚାଷଜମି ମଧ୍ୟରୁ ପ୍ରାୟତଃ ୯୦% ଜମିରେ ଏପର୍ଯ୍ୟନ୍ତ ଚାଷୀ ତାର ପ୍ରାରମ୍ଭିକ ଚାଷ କାର୍ଯ୍ୟ କରିନାହିଁ। ଏଠାରେ ଚାଷୀ କେବଳ ମୌସୁମୀ ବର୍ଷା ଉପରେ ନିର୍ଭର ନ କରି କେନାଲ ପାଣି, ନିକଟସ୍ଥ ଯୋର, ପୋଖରୀ, ଲିଫ୍ଟ, ପ୍ରବାହିତ ନଦୀର ଜଳ ଉପରେ ନିର୍ଭର କରି ଖରିଫ ଚାଷ ପାଇଁ ଜମିକୁ ହଳ କରି ସଫାସୁତୁରା ରଖିବା ସହିତ ତଳି ପ୍ରସ୍ତୁତ କରି ରଖିଥାଏ। ଏହି ତଳି ମୌସୁମୀ ବର୍ଷା ଆରମ୍ଭ ହେଲେ ତାକୁ ନିଜ କ୍ଷେତରେ ରୋପଣ କରିଥାଏ। ମାତ୍ର ବର୍ଷାଜଳର ବିକଳ୍ପ ଭାବେ ସତ୍ୟବାଦୀ ବ୍ଲକରେ ରହିଥିବା ୫୫% ଚାଷଜମି କେନାଲ ପାଣି ଦ୍ୱାରା ଚାଷ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। କିନ୍ତୁ ଶତ ପ୍ରତିଶତ ଚାଷୀ ଜଳକର ଦେଉଥିଲେ ମଧ ଅନେକ ସମୟରେ ଜଳସେଚନ ବିଭାଗ ଓ କୃଷି ବିଭାଗର ଉଦାସୀନତା ଚାଷୀଙ୍କ ସମସ୍ୟା ସୃଷ୍ଟି କରୁଛି। ବାରମ୍ବାର କୃଷି କାର୍ଯ୍ୟରେ ବିଫଳତା ଯୋଗୁ ହେକ୍ଟର ହେକ୍ଟର ଚାଷଜମି ପଡ଼ିଆ ରହିବା କାରଣରୁ ଋଣ ଓ ଆର୍ଥିକ ବୋଝରେ ଚାଷୀଙ୍କ ମେରୁଦଣ୍ଡ ବଙ୍କା ହୋଇଯାଉଛି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ସମନ୍ୱୟ ସଭା ସାଙ୍ଗକୁ କୃଷିକ୍ଷେତ୍ର ପରିଦର୍ଶନ ନ କରି କେବଳ ସରକାରୀ ସ୍ତରରେ ପ୍ରଚାରପ୍ରସାର କରି ଅଫିସ୍‌ରେ ରହୁଥିବାରୁ ଚାଷକାର୍ଯ୍ୟ ଓ ଚାଷୀଙ୍କ କ୍ଷେତ୍ରରେ ଏଭଳି ଗୁରୁତର ସମସ୍ୟା ସୃଷ୍ଟି ହେଉଛି ବୋଲି ସତ୍ୟବାଦୀର ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚାଷୀ ଗୁଣନିଧି ପରିଡ଼ା କୁହନ୍ତି, ସରକାର ସବୁବେଳେ କହୁଛନ୍ତି ଚାଷୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ସତ୍ୟବାଦୀ ବ୍ଲକରେ ଆମେ ସବୁବେଳେ ଅବହେଳାର ଶିକାର ହେଉଛୁ। କେତେବେଳେ ସାରର ଠିକ୍ ସବ୍‌ସିଡି ପ୍ରଦାନ କରାଯାଉନାହିଁ ତ ବିହନ, କୀଟନାଶକ, କୃଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ କାର୍ଯ୍ୟକ୍ରମ କେବଳ କେତେଜଣ ହାତଗଣତି କୃଷକଙ୍କୁ ନେଇ କରାଯାଉଛି, ଯାହା ଠିକ୍ କୃଷକଙ୍କ ପାଖରେ ପହଞ୍ଚି ପାରୁନାହିଁ।

ସତ୍ୟବାଦୀ ଜଳସେଚନ ବିଭାଗର ଅଧିକାରୀ ମକର ବେହେରା କୁହନ୍ତି, ସତ୍ୟବାଦୀରେ ନିଆଣ୍ଟିଆ ବର୍ଷା ହେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କୃଷକଙ୍କ ଅଭିଯୋଗ ଅନୁଯାୟୀ ଆସନ୍ତା ୭ ଦିନ ଭିତରେ କେନାଲରେ ପାଣି ଛଡ଼ାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ କେନାଲକୁ ଅନୁଧ୍ୟାନ କରାଯାଇଛି।

# ୨୮ ପଞ୍ଚାୟତରେ ମଧ୍ୟାହ୍ନଭୋଜନ ଠପ୍

## ଭୋକରେ ଘରକୁ ଫେରିଲେ ଛାତ୍ରୀଛାତ୍ର

କଣାସ,୧୮।୭(ବିଭୂତି ଭୂଷଣ ତ୍ରିପାଠୀ)

ପିଲାମାନଙ୍କ ପଢ଼ିବା ଓ ବଢ଼ିବା ପାଇଁ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସହିତ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ରହିଛି। କଣାସ ବ୍ଲକ ଅନ୍ତର୍ଗତ ୨୮ଟି ପଞ୍ଚାୟତରେ ଗୁରୁବାର ପିଲାଙ୍କ ମଧ୍ୟାହ୍ନଭୋଜନ ଖାଇବା ଠପ ହୋଇଯାଇଛି। ଖବର ମୁତାବକ, ଗୁରୁବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିବାରୁ ଛାତ୍ରୀଛାତ୍ର ଭୋକରେ ଆଉଟୁ ପାଉଟୁ ହୋଇଥିଲେ। ଏ ସମ୍ପର୍କରେ ଖବର ପାଇ ମାଳିସାହି ଜାଗୁଳାଇ ପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଦ୍ୱୈତ ବେହେରା, ଆଞ୍ଚଳିକ କିଷାନ ବିଦ୍ୟାନିକେତନ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ସିରେଇ ନୋଡାଲ ୟୁପି ସ୍କୁଲ, ଗତୀଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁକାନ୍ତ ମଙ୍ଗରାଜ ପ୍ରମୁଖଙ୍କୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ କହିବା କଥା, ଅକ୍ଷୟ ପାତ୍ର ଫାଉଣ୍ଡେଶନ କଣାସ ବ୍ଲକରେ ମଧ୍ୟାହ୍ନଭୋଜନ ଯୋଗାଏ। ଗୁରୁବାର ଖାଦ୍ୟ ଆସିବ ନାହିଁ ବୋଲି ଖବର ପାଇବା ପରେ ପିଲାଙ୍କୁ ଖାଦ୍ୟ ଦିଆଯାଇପାରି ନ ଥିଲା। ଏ ସମ୍ପର୍କରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ, ମଧ୍ୟାହ୍ନଭୋଜନ ଖାଦ୍ୟ ଯୋଗାଉଥିବା ଅକ୍ଷୟପାତ୍ର ଫାଉଣ୍ଡେଶନ ଖାଦ୍ୟ ଯୋଗାଇ ନ ଥିଲା। ଫଳରେ ଆମେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦେଇପାରି ନ ଥିଲୁ । ସେଥିପାଇଁ ପିଲାମାନେ ଭୋକ ଉପାସରେ ଘରକୁ ଫେରିଥିଲେ।

# ହସ୍ତଶିଳ୍ପ କାରିଗରଙ୍କ ବଜାର ସୁବିଧା କର୍ମଶାଳା

ସାକ୍ଷୀଗୋପାଳ,୧୮।୭
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପାରମ୍ପରିକ ହସ୍ତଶିଳ୍ପ କାରିଗରଙ୍କୁ ବଜାର ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଦ ସଭାଗୃହରେ ଆୟୋଜିତ କର୍ମଶାଳାରେ ସ୍ୱାଦର ସମ୍ପାଦିକା ବୀଣାପାଣି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଦ୍ରୁତ ଆଧୁନିକୀକରଣ ଆଗରେ ବଳି ପଡୁଛି କଳା, କାରିଗରି। ହସ୍ତଶିଳ୍ପୀଙ୍କ ବେଉସା ଉଜୁଡ଼ିଗଲାଣି। ପୂର୍ବ ପୁରୁଷର କୌଳିକ ବୃତ୍ତିରୁ ଯୁବପିଢ଼ି ମୁହଁ ଫେରାଇ ନେଉଛନ୍ତି। ସ୍ୱଳ୍ପ ସଂଖ୍ୟକ କାରିଗର ପ୍ରସ୍ତୁତ କରୁଥିବା ହସ୍ତଶିଳ୍ପ ସାମଗ୍ରୀର ବିକ୍ରିବଟା ସମସ୍ୟାର ସମାଧାନ ଜରୁରୀ ହୋଇଛି ବୋଲି ମିଶ୍ର କହିଥିଲେ। ସେହିପରି ଉତ୍କଳିକା ସଂଯୋଜକ ରାଧାକାନ୍ତ ମିଶ୍ର ଅନ୍‌ଲାଇନ ଟ୍ରେଡ଼ିଂ ଉପରେ ଗୁରୁତ୍ୱ ଦେଇଥିଲେ। ଡିଜିଟାଲ ଟ୍ରେଡର ଅଜିତ ସ୍ୱାଇଁ ପ୍ରମୁଖ ଆଧୁନିକ ଜ୍ଞାନକୌଶଳ ସହିତ ଡିଜିଟାଲ ମାର୍କେଟିଂ ପ୍ରତି ଯତ୍ନଶୀଳ ହେଲେ ହିଁ ସମସ୍ୟା ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱାର୍ଥର ଶିଶିର ମିଶ୍ର ଓ ପ୍ରିୟଙ୍କା ଆୟାର କର୍ମଶାଳାର ସଂଯୋଜନା ଓ ପରିଚାଳନା କରିଥିଲେ। ସ୍ୱର୍ଣ୍ଣ, ରୌପ୍ୟ କାରିଗର ମହାସଂଘର ସୁରେନ୍ଦ୍ର ସାହୁ ଓ ପଥର ଖୋଦେଇ ଶିଳ୍ପୀ ରେଣୁବାଳା ମହାରଣା ନିଜ ଅଭିଜ୍ଞତାରୁ ପରାମର୍ଶ ଦେଇଥିଲେ। ରାଉରକେଲା ଓ ସ୍ଥାନୀୟ ବଳପୁର ଗ୍ରାମର ୨୫ ଜଣ ପଟଚିତ୍ର ଓ ପଥର ଖୋଦେଇ ଶିଳ୍ପୀ ଏହି କର୍ମଶାଳାରେ ଯୋଗଦେଇଥିଲେ।

# 'ଆମ ସରକାର ଏବେ ଜନପ୍ରତିନିଧିଙ୍କ ହାତରେ'




ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୧୮।୭
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ରାଜ୍ୟର ନୂତନ ସରକାର ତଥା ଆମ ସରକାର ସାଧାରଣ ଜନତାଙ୍କ ସରକାର। ଏବେ ସରକାର ଜନପ୍ରତିନିଧିଙ୍କ ହାତରେ ଅଛି। ସରକାର ଆଉ ପ୍ରଶାସନ ହାତରେ ନାହିଁ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ, ବିକାଶମୂଳକ ଯୋଜନାର ସଫଳ ରୂପାୟନ ପାଇଁ ସରକାରୀ କର୍ମଚାରୀ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିମାପଡ଼ାର ପ୍ରଥମ ମହିଳା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ନିମାପଡ଼ା ପଞ୍ଚାୟତ ସମିତି ବୈଠକ ଓ ପଞ୍ଚାୟତ ସମିତିର ୫ମ ଅଧିବେଶନ ବୈଠକ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଯୋଗାଣ କ୍ଷେତ୍ରରେ ବିକାଶ ଆମ ସରକାରର ପ୍ରାଥମିକତା। ନିମାପଡ଼ା ଅଞ୍ଚଳକୁ ରାଜ୍ୟରେ ଏକ ବିକଶିତ ଅଞ୍ଚଳ ଭାବେ ଗଢ଼ି ତୋଳିବାକୁ ଓ ନିମାପଡ଼ାର ସାମଗ୍ରିକ ବିକାଶ ମୋର ମୁଖ୍ୟ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ବ୍ଲକ ସରକାରୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ଚନ୍ଦ୍ରମଣି ଖଟୋଇ, ସିଡିପିଓ ତନୁପ୍ରଭା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ପକ୍ଷରୁ ନୂତନ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଲ ହେମ୍ବ୍ରମ, ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ ମହାନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ନିମାପଡ଼ା ଓ ଚାରିଛକ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡ. କ୍ଷମାନିଧି ସେଠୀ, ଡ. ପ୍ରଶାନ୍ତ ସାମନ୍ତରାୟ, ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ୍‌ଙ୍କ ସମେତ ଉଦ୍ୟାନ, ବନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗୀୟ ପଦସ୍ଥ ଅଧିକାରୀ, ବରିଷ୍ଠ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କୁଞ୍ଜଲତା ସାମଲଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ବ୍ଲକର ସମସ୍ତ ଅଧିକାରୀ ଯନ୍ତ୍ରୀ, ବ୍ଲକ ଜିପିଓ ଗୁଣନିଧି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବରାଳ ଜଗନ୍ନାଥ ମନ୍ଦିରରେ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ସାକ୍ଷୀଗୋପାଳ,୧୮।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ କାଦୁଆ ପଞ୍ଚାୟତରେ ପ୍ରତିଷ୍ଠିତ ଶୈବପୀଠ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ପୀଠ ନିକଟ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ପ୍ରାଙ୍ଗଣରେ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ସୋମବାର ଅଧିବାସ ଓ କଳସ ଯାତ୍ରା, ମଙ୍ଗଳବାର ରାମ ପରାୟଣ ଓ ବୁଧବାର ଅନ୍ତିମ ଦିବସରେ ଯଜ୍ଞର ପୂର୍ଣ୍ଣାହୁତି ଓ ସମବେତ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର କର୍ତ୍ତା ଭାବେ ଓ ପାର୍ବତୀ ମହାପାତ୍ର କର୍ତ୍ତ୍ରୀ ଭାବେ ଯୋଗ ଦେଇଥିଲେ। ପୂଜକ ନାରଣ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା, ଦେବେନ୍ଦ୍ର ଦାସ ମହାପାତ୍ର, ବଟକୃଷ୍ଣ ସାହୁ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଦୀପ ମହାପାତ୍ର, ସୋନି ମହାପାତ୍ର, ପ୍ରଣବ ମହାପାତ୍ର, ହରପ୍ରିୟା ମହାପାତ୍ର, ନିରୁପମା ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଅନ୍ନପୂର୍ଣ୍ଣା ମହାପାତ୍ର, ସନ୍ତୋଷୀ ମହାପାତ୍ରଙ୍କ ସମେତ ବରାଳ ଗ୍ରାମବାସୀ ସମୂହ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

### ଡେଙ୍ଗୁ ରୋଗୀ ଚିହ୍ନଟ

ଯାଁଳା,୧୮।୭(ବୁଲା ବାରିକ):

ମଦନପୁର ପଞ୍ଚାୟତ ବଡ଼ ରଘୁନାଥପୁରର ଜଣେ ୩ବର୍ଷର ବାଳିକା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଗତ କିଛିଦିନ ହେବ ନାବାଳିକା ଜଣଙ୍କୁ ଜ୍ୱର ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରେ ରକ୍ତ ନମୁନା ପରୀକ୍ଷା କରିବାକୁ ଦିଆଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଲୋକଙ୍କୁ ସଚେତନ କରାଉଛନ୍ତି।

# ପିପିଲି ଓକିଲ ସଂଘ ପକ୍ଷରୁ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା




ପିପିଲି ଓକିଲ ସଂଘ ପକ୍ଷରୁ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ପିପିଲି, ୧୮।୬(ଦୁର୍ଗାମାଧବ ମିଶ୍ର):

ପିପିଲି ଓକିଲ ସଂଘ ପକ୍ଷରୁ ପୁରୀ ଏମ୍‌ପି ସମ୍ବିତ ପାତ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ରାଜ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓକିଲ ସଂଘରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ପିପିଲି ଏଡିଜେ କୋର୍ଟ ଖୋଲିବା କ୍ଷେତ୍ରରେ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଓକିଲ ସଂଘର ଉନ୍ନତି କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଥିଲେ। ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଆଇନଜୀବୀ ନିରଞ୍ଜନ ପତି, ସୁରେନ୍ଦ୍ରନାଥ ପରିଡା, ରସାନ୍ତ କୁମାର ପରିଡା, ପ୍ରସନ୍ନ କୁମାର ଚମ୍ପତି, ସୁଧିର କୁମାର ମହାନ୍ତି, ବିଭୁ ପ୍ରସାଦ ବୈରିଗଞ୍ଜନ, ସୂର୍ଯ୍ୟ ନାରାୟଣ ନାୟକ, ଅନୀଲ ଦଳାଇ, ରମାକାନ୍ତ ସାହୁ, ହାଡୁବନ୍ଧୁ ଜେନା, ଶିବସୁନ୍ଦର ଜେନା, ଅକ୍ଷୟ କୁମାର ଦୀକ୍ଷିତ, ଅନିଲ ଦାସ, ସନ୍ତୋଷ ଦାସ, ବିନାୟକ ପ୍ରଧାନ, ବୀରେନ୍ଦ୍ର ଭୁଜବଳ, ବସନ୍ତ କୁମାର ଦାଶ, ଧନେଶ୍ୱର ପ୍ରଧାନ, ସୁବାସ ଚନ୍ଦ୍ର ମିଶ୍ର, ସୁରେଖା ଦାସ, ଚିତ୍ତରଞ୍ଜନ ପରିଡ଼ା, ବିଚିତ୍ର ଭୂଷଣ ମହାପାତ୍ର, ଶଙ୍କର୍ଷଣ ପ୍ରଧାନ, ନିର୍ମଳ ଯାଦବ, ହେମନ୍ତ କୁମାର କର, ରସିଦ ଖାଁ, ଅମରେନ୍ଦ୍ର ପ୍ରଧାନ, ପ୍ରମୋଦ ସାହୁ, ରମେଶ ଚନ୍ଦ୍ର ଦାଶ, ସ୍ୱାତୀ ସସ୍ମିତା ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# 'ଦଳବଦଳକୁ ଘୃଣା କରୁଥିଲେ ସୁରବାବୁ'

ଗୋପ,୧୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ବର୍ଷୀୟାନ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ରାଜନୈତିକ ଜୀବନ କାଳ ମଧ୍ୟରେ ସେ କେବେ ବି ଦଳବଦଳ କରିନାହାନ୍ତି। କାହିଁକି ନା ସୁରବାବୁ ସାଧାରଣ ମଣିଷ ଭଳି ସାଧାରଣ ମଣିଷ ସହିତ ଥିଲେ ବୋଲି ଗୁରୁବାର ଗୋପସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଗୋପ ବ୍ଲକ କଂଗ୍ରେସ କମିଟି ସଭାପତି ଭାସ୍କର ସେଠ ମତବ୍ୟକ୍ତ କରିଥିଲେ। ଏଥିରେ ସୁରେନ୍ଦ୍ରନାଥ ନାୟକଙ୍କ ସୁପୁତ୍ର ସ୍ୱାଧୀନ ନାୟକ ଯୋଗଦେଇଥିଲେ। ଗାପ ବ୍ଲକ ଅଞ୍ଚଳର ସୁରବାବୁଙ୍କୁ ଭଲ ପାଉଥିବା ନେତୃତ୍ୱମାନେ ଯୋଗଦେଇ ତାଙ୍କ ରାଜନୈତିକ ଜୀବନ ମଧ୍ୟରେ ସେ କିପରି ରାଜନୀତି କରୁଥିଲେ, ସେ ସମ୍ପର୍କରେ ମତ ରଖିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ନେତୃତ୍ୱ ଓ କର୍ମୀମାନେ ସୁରବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଦୀପ୍ତ ମହାନ୍ତି, ମନୋଜ ପରିଡ଼ା, ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ବାୟାପଡ଼ା ମହିମା ଆଶ୍ରମରେ ବନ ମହୋତ୍ସବ

ଅସ୍ତରଙ୍ଗ,୧୮।୭(ମମତା ଜେନା)

ଦେବୀନଦୀ କୂଳରେ ଥିବା ଶିଖର ଗ୍ରାମପଞ୍ଚାୟତ ବାୟାପଡ଼ା ମହିମା ଆଶ୍ରମ ପରିସରରେ ମହିମା ଅଲେଖ ଆଶ୍ରମ ସୁରକ୍ଷା ସମିତି ଆନୁକୂଲ୍ୟରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରର ତହସିଲଦାର ପ୍ରଭାତ ତରାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମହିମା ଆଶ୍ରମର କୌପିଧାରୀ ଅଲେଖ ବାବା ନକୁଳ ଦାସ, ବାବା ନବ ଦାସ, ସାମାଜିକ କର୍ମୀ ଉପେନ୍ଦ୍ର ନାଥ ବିଶ୍ୱାଳ, ଶିକ୍ଷାବିତ୍ ନିଲୁ ରାମ ଜେନା, ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱପ୍ନେଶ୍ୱର ସାହୁ, ଜ୍ଞାନ ରଞ୍ଜନ ସାହୁ, ସମରେନ୍ଦ୍ର ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁସ୍ଥ ପରିବେଶ ପାଇଁ ସବୁଠି ସବୁଜିମା ହେବା ଦରକାର। ଏଣୁ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ ପାଇଁ ଆଗ୍ରହ ପ୍ରକାଶ କରିବା ସହ ସେହି ବୃକ୍ଷକୁ ବଞ୍ଚାଇ ରଖିବାକୁ ଅଧିକ ଯତ୍ନବାନ ହେବା ଉଚିତ୍ ବୋଲି ନିମନ୍ତ୍ରିତ ବକ୍ତାମାନେ କହିଥିଲେ। ମହିମା ଅଲେଖ ଆଶ୍ରମ ସୁରକ୍ଷା ସମିତି ସଭାପତି ଯୁଧିଷ୍ଠିର ତରାଇ, ସମ୍ପାଦକ ରତ୍ନାକର ତରାଇଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମିତି ଉପସଭାପତି ଭାସ୍କର ତରାଇ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର, ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କବୟିତ୍ରୀ, କବି ଓ ବାୟାପଡ଼ା ଗ୍ରାମରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆଶ୍ରମ ପରିସର ଓ ନଦୀକୂଳରେ ଏକାଧିକ ଚାରାରୋପଣ କରାଯାଇଥିଲା । ଏଥିରେ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ଜ୍ୟୋତିର୍ମୟୀ ବେହେରା, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସାଧୁ ଚରଣ ବିଶ୍ୱାଳଙ୍କ ସମେତ ବହୁ ବ୍ୟକ୍ତି ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।



ବନ ମହୋତ୍ସବ ଅବସରରେ ଚାରାରୋପଣ କରାଯାଉଛି ।

# କାଞ୍ଜିଆହୁଦା ନାହିଁ, ମୁଖ୍ୟରାସ୍ତାରେ ବୁଲାଗୋରୁ

ନିମାପଡ଼ା,୧୮।୭(ବିଚିତ୍ରାନନ୍ଦ ସାହୁ)



ନିମାପଡ଼ା ବଜାର ମୁଖ୍ୟ ରାସ୍ତାରେ ବୁଲାଗୋରୁ ଡେରା ପକାଇଛନ୍ତି।

- ଗାଡ଼ି ଚଳପ୍ରଚଳରେ ଉପୁଜୁଛି ସମସ୍ୟା
- ହଇରାଣ ହେଉଛନ୍ତି ପଥଚାରୀ

ନିମାପଡ଼ା- ପାଟପୁର ମୁଖ୍ୟରାସ୍ତା, ବଡ଼ ବଜାର ରାସ୍ତା, ଦୋଳବେଦି ଛକ ରାସ୍ତା ଏବେ ବୁଲା ଗୋରୁଙ୍କ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି। ମୁଖ୍ୟ ରାସ୍ତା, ବ୍ଲକ ଛକ, ତହସିଲ ଅଫିସ ଛକ, ଥାନା ଛକ, ଦୋଳବେଦି ଛକ ଉପରେ ଦୈନିକ ବହୁ ବୁଲା ଗୋରୁ ଶୋଇରହି ରାସ୍ତା ଅବରୋଧ କରୁଥିବାରୁ ଯାନବାହନ ଚଳାଚଳ, ସାଧାରଣ ଯାତାୟାତ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଗୋରୁଙ୍କ ମଧ୍ୟରେ ମରାମରି ଓ ମୁଖ୍ୟରାସ୍ତା ଅବରୋଧ ଯୋଗୁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ପଥଚାରୀ ଓ ଗାଡ଼ି ଚାଳକମାନେ ଆହତ ହେଉଥିବା ନଜିର ରହିଛି। ହେଲେ ଏ ଦିଗରେ ସ୍ଥାନୀୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଆଦୌ ଦୃଷ୍ଟି ପଡୁ ନ ଥିବା ବିଭିନ୍ନ ମହଲରୁ ତଥା ବଜାରର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ମୁଖ୍ୟ ରାସ୍ତା, ବିଭିନ୍ନ ଛକ ଜାଗାଗୁଡ଼ିକରେ ରାସ୍ତା ଅବରୋଧ କରି ରହୁଥିବା ବୁଲା ଗୋରୁଙ୍କୁ ହଟାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଦିଗରେ ଏନ୍‌ଏସି ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି। ତୁରନ୍ତ ମୁଖ୍ୟରାସ୍ତା, ବିଭିନ୍ନ ଛକଗୁଡ଼ିକରେ ରାସ୍ତା ଅବରୋଧ କରି ରହୁଥିବାରୁ ବୁଲା ଗୋରୁଙ୍କୁ ହଟାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଯୁବନେତା ପୂର୍ଣ୍ଣଚନ୍ଦ୍ର ସାହୁ, ସନ୍ତୋଷ ଓଝା, କାଶୀନାଥ ବେହେରା, ବ୍ୟବସାୟୀ କୈଳାସ ବେହେରା, ରାମଚନ୍ଦ୍ର ସାହୁ, ଭରତ ବେହେରା ପ୍ରମୁଖ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟଙ୍କୁ ପଚାରିବାରେ ଏନ୍‌ଏସି ପକ୍ଷରୁ ଡେଙ୍ଗୁରା, ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ଗୋରୁଙ୍କୁ ମୁଖ୍ୟ ରାସ୍ତାକୁ ନ ଛାଡ଼ି ଲୋକେ ନିଜ ନିଜ ଘରେ ବାନ୍ଧି ରଖିବାକୁ ବାରମ୍ବାର ଅବଗତ କରାଯିବା ସହ ସଚେତନ କରାଯାଉଥିବା କହିଛନ୍ତି। ଅନ୍ୟପକ୍ଷରେ ବୁଲା ଗୋରୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା, ମୁଖ୍ୟରାସ୍ତା, ବିଭିନ୍ନ ଛକଗୁଡ଼ିକରୁ ହଟାଯିବା ନେଇ ପରିଷଦର ଏହି ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି ବହୁ ବୁଦ୍ଧିଜୀବୀ ଓ ପୌରବାସୀ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଏନ୍‌ଏସି ପକ୍ଷରୁ କାଞ୍ଜିଆହୁଦାର ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସେମାନେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘବର୍ଷ ପୂର୍ବରୁ ବୁଲାଗୋରୁଙ୍କୁ ରଖାଯିବା ପାଇଁ ଏନ୍‌ଏସି ପକ୍ଷରୁ ହାଟ ଛକଠାରେ ଏକ କାଞ୍ଜିଆହୁଦା ଗୃହର ବ୍ୟବସ୍ଥା ଥିଲା। ହେଲେ ଦୀର୍ଘ ୩୦ ବର୍ଷ ହେଲା ଏହି କାଞ୍ଜିଆହୁଦା ଗୃହଟି ଭାଙ୍ଗିରୁଜି ନିଶ୍ଚିହ୍ନ ହୋଇଯାଇଛି।

## ସଂକ୍ଷେପରେ

### ରଶି ଲଗାଇ ଆତ୍ମହତ୍ୟା

**କଟକ ସଦର,୧୮।୭(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଥାନା ଅନ୍ତର୍ଗତ ସରିଚୁଆଁ ଗ୍ରାମର ସୁଶାନ୍ତ ବେହେରା(୫୦) ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ବାଉଁଶରେ ଝୁଲୁଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ କରି ତଦନ୍ତ ଚଳାଇଛି।

### ରେଲୱେ ସାମଗ୍ରୀ ଚୋରି, ଯୁବକ ଗିରଫ

**କଟକ,୧୮।୭ (କାର୍ତ୍ତିକ ସାହୁ)**

ରେଳ ସାମଗ୍ରୀ ଚୋରି ଅଭିଯୋଗରେ କଟକ ଆର୍‌ପିଏଫ୍ ଜଣେ ଅଭିଯୁକ୍ତଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ନହଭଙ୍ଗର ପପୁନା ଭୋଇ(୨୮)। ତାଙ୍କ ନିକଟରୁ ଜବତ ହୋଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୨୫, ୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସୂଚନା ଅନୁସାରେ, କଟକ ଆର୍‌ପିଏଫ୍‌ର ଅଧିକାରୀ ଓ କର୍ମଚାରୀ ବୁଧବାର ରାତିରେ ପାଟ୍ରୋଲିଂ କରୁଥିଲେ। ସେମାନେ କଟକ ଓ କନ୍ଦରପୁର ରେଲୱେ ସେକ୍ସନ ମଧ୍ୟରେ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିଥିଲେ। ସେମାନେ ମାଛଗାଁ କେନାଲ ପୋଲ ଅଞ୍ଚଳରୁ ଉପରୋକ୍ତ ଅଭିଯୁକ୍ତଙ୍କୁ ବୁଧବାର ରାତି ପ୍ରାୟ ୨ଟା ୨୦ ସମୟରେ ଧରିଥିଲେ। ତାଙ୍କୁ ପଚରାଉଚରା କରିବା ପରେ ସେ ମୂଲ୍ୟବାନ ରେଲୱେ ସାମଗ୍ରୀ ଚୋରି କରିଥିବା ଓ ଅଭ୍ୟାସଗତ ଭାବେ ଚୋରି କରିଆସୁଥିବା ଆରପିଏଫ୍ ନିକଟରେ ସ୍ୱୀକାର କରିଥିଲେ। ଏନେଇ ଏକ ମାମଲା (ନଂ.୧୧/୨୪) ରୁଜୁ ହୋଇଛି।

### ଡ୍ରୋନ୍‌ରେ ସାର, ଔଷଧ ପ୍ରୟୋଗ ପ୍ରଦର୍ଶିତ

**ଟିଗିରିଆ,୧୮।୭(ଜାଫର ଖାଁ)**

କୃଷକଙ୍କୁ ଚାଷ କାର୍ଯ୍ୟରେ ସହାୟତା ପାଇଁ ଡ୍ରୋନ ଦିଦିଙ୍କ ଦ୍ୱାରା କିପରି ସାର ଏବଂ ଔଷଧ କମ୍ ଖର୍ଚ୍ଚରେ ଡ୍ରୋନ ସହାୟତାରେ ଚାଷଜମିରେ ପ୍ରୟୋଗ ହୋଇପାରିବ ତାହା ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାଠାରେ ପ୍ରଦର୍ଶିତ କରାଯାଇଛି। କେନ୍ଦ୍ର ସରକାରଙ୍କ ଡ୍ରୋନ ଦିଦି ଯୋଜନାରେ ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ବାସୁଦେବପୁର ଗ୍ରାମର ନିର୍ମଳ କୁମାର ପାଣିଗ୍ରାହୀଙ୍କ ସ୍ତ୍ରୀ ଦୀପ୍ତିଲତା ପଣ୍ଡା ମହାରାଷ୍ଟ୍ରର ପୁନେଠାରେ ଡ୍ରୋନ ଦିଦି ପ୍ରଶିକ୍ଷଣ ନେଇଛନ୍ତି। ସେ ଡ୍ରୋନ ଆଣି ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଖେଳ ପଡିଆଠାରେ କିପରି ସାର ଓ କୀଟନାଶକ ଔଷଧ ଫସଲ ଜମିରେ ପ୍ରୟୋଗ କରାଯିବ ତାହା ପ୍ରଦର୍ଶିତ କରିଥିଲେ।

### ଶୋଭାଯାତ୍ରାରେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା

**କଟକ,୧୮।୭ (କାର୍ତ୍ତିକ ସାହୁ)**

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ପଲିଟେକ୍‌ନିକ୍ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ପରିବେଶ ସୁରକ୍ଷା ଓ ଜନ ସଚେତନତା ସୃଷ୍ଟି କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ସହ ପ୍ଲାଷ୍ଟିକ୍ ବର୍ଜନ ଓ ପରିବେଶ ସୁରକ୍ଷା ଆଧାରିତ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ବଜାର ପରିକ୍ରମା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧକ୍ଷା ତପସ୍ୱିନୀ ସାହୁ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧାପକ ଅଙ୍ଗଦ କୁମାର ଲେଙ୍କା, ପ୍ରାଧାପକ ସତ୍ୟ ରଞ୍ଜନ ପାଣିଗ୍ରାହୀ, ଦେବାଶିଷ ଦାସ, ରାକେଶ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ହେବ ଧବଳେଶ୍ୱର ପୀଠ

## ବୋଲ୍‌ବମ୍ ଭକ୍ତ ପ୍ଲାଷ୍ଟିକ୍ ଢାଳରେ ଜଳ ଆଣିବେ ନାହିଁ

**ଖୁଣ୍ଟୁଣୀ,୧୮।୭(ସଚ୍ଚିଦାନନ୍ଦ ପଣ୍ଡା)**

ଆସନ୍ତା ୨୨ ତାରିଖ ଶ୍ରାବଣ ମାସର ପ୍ରଥମ ସୋମବାରରେ ବିଭିନ୍ନ ସ୍ଥାନରୁ ବୋଲ୍‌ବମ୍ ଭକ୍ତମାନେ ଆସି କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ଜଳଲାଗି କରିବେ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଆଠଗଡ଼ ଦେବୋତ୍ତର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଧବଳେଶ୍ୱର ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଆଠଗଡ଼ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଶ୍ରାବଣ ମାସରୁ ଧବଳେଶ୍ୱର ପୀଠକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍‌ମୁକ୍ତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ପୀଠରେ ପରିମଳ ବ୍ୟବସ୍ଥା, ଭକ୍ତଙ୍କ ନିମନ୍ତେ ପାନୀୟ ଜଳ ସୁବିଧା, ସ୍ୱାସ୍ଥ୍ୟସେବା, ମନ୍ଦିର ନିକଟରୁ ନୂତନ କଂକ୍ରିଟ ପୋଲ ପର୍ଯ୍ୟନ୍ତ ଆଲୋକୀକରଣ, ଆଇନଶୃଙ୍ଖଳା ବ୍ୟବସ୍ଥା, ଅଗ୍ନିଶମ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଉପରେ ତହସିଲଦାର ସ୍ୱାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନାକରି ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ବୋଲ୍‌ବମ୍ ଭକ୍ତମାନେ ପ୍ଲାଷ୍ଟିକ୍ ଢାଳରେ ଜଳ ନେଇ ମନ୍ଦିରକୁ ଆସିପାରିବେ ନାହିଁ। ଯଦି କେହି ପ୍ଲାଷ୍ଟିକ୍ ଢାଳରେ ଜଳ ଆଣି ଆସନ୍ତି ତେବେ ନୂତନ କଂକ୍ରିଟ୍ ପୋଲ ନିକଟରେ ଗୁରୁଡିଝାଟିଆ ଓ ଧବଳେଶ୍ୱର ପୋଲିସ ସେମାନଙ୍କୁ ଅଟକାଇବ। ଏହା ପରେ ଯଦି କେହି ଲୁଚାଛପାରେ ମହାପ୍ରଭୁଙ୍କ ନିକଟକୁ ପ୍ଲାଷ୍ଟିକ୍ ସାମଗ୍ରୀ ଆଣନ୍ତି ତେବେ ପୂଜକ ସମାଜ ଜଳ ଲାଗି କରିବ ନାହିଁ। ସେହିପରି ପଲିଥିନ୍‌ରେ ଭୋଗ ଆଣିବା ପାଇଁ ମଧ୍ୟ ବାରଣ କରାଯାଇଛି। ବାହୁଙ୍ଗିଗୁଡିକ ପୀଠ ବାହାରେ ମଞ୍ଚେଶ୍ୱର ପଟେ ରଖିବାକୁ ସ୍ଥାନ ନିରୂପଣ କରି ବ୍ୟାରିକେଡ୍ କରିବାକୁ ପୋଲିସ ଓ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ସାହା, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା. ଦିଲୀପ କୁମାର ଦାସ, ସେବାୟତ ସଂଘ ସଭାପତି ବିଷ୍ଣୁ ଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା, ଟାଟା ପାୱାର ପରିଚାଳକ ସନ୍ତୋଷ ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଆଠଗଡ଼ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ବୈଠକରେ ସଂଯୋଜନା କରିଥିଲେ।



ପ୍ରସ୍ତୁତି ବୈଠକରେ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ଓ ଅନ୍ୟମାନେ।

## ଉନ୍ନତମାନର କାମ ପାଇଁ ବିଧାୟିକାଙ୍କ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ସହ ଅନ୍ୟମାନେ।

**କଟକ,୧୮।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସହରର ରାସ୍ତାଘାଟ ସମସ୍ୟାକୁ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଗୁରୁବାର ସ୍ଥାନୀୟ ସର୍କିଟ୍ ହାଉସରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଯୋଗଦେଇ ସହରରେ ଆର୍‌ଆଣ୍ଡବି ଅଧୀନରେ ଥିବା ରାସ୍ତାଘାଟ ଓ କୋଠାବାଡିର ସ୍ଥିତି, ରାସ୍ତା ମରାମତି ଓ ନିର୍ମାଣ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏନେଇ ସୋଫିଆ କହିଛନ୍ତି, ଗତ ପାଞ୍ଚ ମଧ୍ୟରେ ସହରରେ ଅଧା ରହିଥିବା କାର୍ଯ୍ୟର ରିପୋର୍ଟ ଅଧିକାରୀମାନେ ଉପସ୍ଥାପନ କରିଛନ୍ତି। ଠିକ୍ ସମୟରେ ସମସ୍ତ କାମ ଶେଷ କରିବା, ତୁରନ୍ତ ରାସ୍ତା ମରାମତି ଓ ଉନ୍ନତମାନର କାମ ପାଇଁ ନିର୍ଦ୍ଦେଶ ଦେଇଛି। ଏହି କାର୍ଯ୍ୟକ୍ରମରେ ଯନ୍ତ୍ରୀ ପ୍ରଭାସ ମାଝୀ, ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପଶାୟତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କରତ ଶିଳ୍ପପୁଞ୍ଜରେ ଶ୍ରମିକ ଅଶାନ୍ତି

**ଚୌଦ୍ୱାର,୧୮।୭(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତର ଗୋପାଳପୁରଠାରେ ଥିବା କରତ ଶିଳ୍ପପୁଞ୍ଜରେ ଶ୍ରମିକ ଆଶାନ୍ତି ଦେଖାଦେଇଛି । ଶ୍ରମିକମାନଙ୍କ ନ୍ୟାଯ୍ୟ ବେତନ ପ୍ରଦାନ, ବିନା କାରଣରେ ଶ୍ରମିକ ଛଟେଇ ବନ୍ଦ କରିବା, ସରକାରୀ ନିୟମ ଅନୁଯାୟୀ ଶ୍ରମିକଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ପ୍ରଦାନ ଦାବିରେ ଏଠାରେ ରହିଥିବା ପ୍ରାୟ ୨୩ଟି କରତକଳ କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା କିଛି କମ୍ପାନୀର ମାଲିକଙ୍କ ସହିତ ଆଲୋଚନା କରିବା ସହିତ ଶ୍ରମିକଙ୍କ ତରଫରୁ ହୋଇଥିବା ଦାବିଗୁଡିକ ଉପରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା ୭ଦିନ ଭିତରେ କମ୍ପାନୀର ସମସ୍ତ ମାଲିକ, କାର୍ଯ୍ୟରତ ଶ୍ରମିକ ଓ ପୂର୍ବତନ ସରପଞ୍ଚଙ୍କ ଉପସ୍ଥିତିରେ ତ୍ରିସ୍ତରୀୟ ଆଲୋଚନା କରାଯାଇ ଦାବିଗୁଡିକ ଉପରେ ବିଚାର ପାଇଁ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ତୀର୍ଥାନନ୍ଦ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ

### ସମ୍ବର୍ଦ୍ଧନା ପାଇଁ ୨ ଗୋଷ୍ଠୀ ମୁହାଁମୁହିଁ

**ନିଶ୍ଚିନ୍ତକୋଇଲି,୧୮।୭ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲିସ୍ଥିତ ଅହେମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ମାହାଙ୍ଗାର କେତେଜଣ ଭାଜପା ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ଓ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ତହସିଲ ଛକ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇଙ୍କ ସମର୍ଥକ ଓ ଦଳୀୟ କର୍ମୀମାନେ ଏକାଠି ହୋଇଥିଲାବେଳେ ସିନେମାହଲ ନିକଟରେ ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସମର୍ଥକମାନେ ଏକାଠି ହୋଇ ସ୍ୱାଗତ ପାଇଁ ଅପେକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଆସିବା ସମୟରେ ହଠାତ ତହସିଲ ଛକରେ ବିଧାୟକ ପ୍ରଧାନଙ୍କ ସମର୍ଥକମାନେ ପହଞ୍ଚି ସ୍ୱାଗତ କରିବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଓ ହାତାହାତି ଭଳି ପରିସ୍ଥିତି ଉପୁଜିଥିଲା। ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ପରେ ସିନେମା ହଲ ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରି ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ଆସିଥିବା ଭାଜପା ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇଙ୍କୁ ବିଧାୟକଙ୍କ ସମର୍ଥକମାନେ ଅଟକାଇଥିଲେ ଓ ଫେରିଯିବା ପାଇଁ ବାଧ କରିଥିଲେ। ଫଳରେ ସେ ଅଧାବାଟରୁ ଫେରିଯାଇଥିଲେ। ଏହି ଘଟଣାକୁ ନେଇ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

#### ଶୋଭାଯାତ୍ରା ମଝିରେ ବର୍ଷା, ହଟହଟା ହେଲେ ସମର୍ଥକ

ମୁଖ୍ୟମନ୍ତ୍ରୀଙ୍କ ଶୋଭାଯାତ୍ରା ସିନେମାହଲ ନିକଟରୁ ବାହାରିବା ବେଳେ ହଠାତ ଡୁହା ଡୁହା ବର୍ଷା ହୋଇଥିଲା। ଫଳରେ ଶୋଭାଯାତ୍ରା କିଛି ସମୟ ପାଇଁ ବନ୍ଦ ହେବା ପରେ ପୁଣି ଆରମ୍ଭ ହୋଇଥିଲା। ସୁସଜ୍ଜିତ ଗାଡିରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ କଟକ ଏମପି ଯାଇଥିବା ବେଳେ ସ୍ୱାଧୀନ ବିଧାୟକ ଚାଲି ଚାଲି ଯିବା ଓ କେନ୍ଦ୍ରାପଡା ଏମପି ଗାଡିରେ ଯାଇଥିବା ଦେଖିବାକୁ ମିଳିଥିଲା। ତେବେ ବର୍ଷା ପାଇଁ କିଛି ସମୟ କର୍ମୀ ଓ ସମର୍ଥକ ମାନଙ୍କୁ ହଟହଟା ହେବାକୁ ପଡିଥିଲା।

#### ସଭାରେ ସ୍କୁଲ ପିଲାଙ୍କୁ ନ ପାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖିବା ସମୟରେ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଖୋଜିଥିଲେ। ମଞ୍ଚ ତଳେ ସେମାନଙ୍କୁ ନ ପାଇ ଅଭିଭାଷଣ ମାଧ୍ୟମରେ କହିଥିଲେ,ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଆଗରେ ବସିବା କଥା ସେମାନେ କାହିଁକି ଆସିନାହାନ୍ତି। ଏହି ସମୟରେ କେତେଜଣ ପିଲା ଗ୍ୟାଲେରିରେ ବସିଥିବା ଓ ସଭାମଞ୍ଚରେ ଏକପାଖରେ କେତେଜଣ ପିଲା ବସିଥିବାନେଇ ମଞ୍ଚରେ ସ୍ପଷ୍ଟୀକରଣ ଦିଆଯାଇଥିଲା।

#### ଫଟୋଚିତ୍ର ଓ କଳାକାରଙ୍କୁ ମଞ୍ଚକୁ ଡାକିଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ୨ଜଣ କଳାକାର ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ରକୁ ସଭାମଞ୍ଚ ତଳୁ ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ପଡିବା ପରେ ତୁରନ୍ତ ପୋଲିସ ମାଧ୍ୟମରେ ଫଟୋଚିତ୍ର ଓ ଉକ୍ତ କଳାକାରମାନଙ୍କୁ ମଞ୍ଚକୁ ଡକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଦେଖି କଳାକାରମାନେ ଉତ୍ସାହିତ ହୋଇଥିଲେ।

## ଟିକାକରଣରେ ଦୂରହେବ ଗର୍ଭାଶୟ କର୍କଟ

**କଟକ,୧୮।୭ (କାର୍ତ୍ତିକ ସାହୁ)**

କଟକ ଇନର ହୁଇଲ୍ କ୍ଲବ ପକ୍ଷରୁ ବିଡ଼ାନାସୀସ୍ଥିତ ମମତା ସୁଧାର ଗୃହରେ ଗର୍ଭାଶୟ କର୍କଟ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀଙ୍କ ମଧ୍ୟରୁ ୧୯ ଜଣଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟିକା ପ୍ରଦାନ କରାଯାଇଥିଲା। ଏଥିରେ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ରେଡିଏସନ ଆଣ୍ଡ୍ ଅଙ୍କୋଲୋଜି ବିଭାଗର ମୁଖ୍ୟ ଡା. ଭାଗ୍ୟଲକ୍ଷ୍ମୀ ନାୟକ କହିଛନ୍ତି, ଟିକାକରଣ ଦ୍ୱାରା ଗର୍ଭାଶୟ କର୍କଟ ରୋଗ ଦୂରହେବ। ଟିକା ଗ୍ରହଣ କରିବାର ପ୍ରମାଣ ସ୍ୱରୂପ ଅନ୍ତେବାସୀଙ୍କୁ ସେମାନଙ୍କର ନାମ ତଥା ଆଧାର ନମ୍ବର ଥାଇ ଏକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ମମତା ପଣ୍ଡା, ଲୋରାମିତ୍ରା ରଥ, ପ୍ରଭାତୀ ମିଶ୍ର ଏବଂ ରୀତିମୁକ୍ତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୃତଦେହ ସଂରକ୍ଷଣ ପାଇଁ ନିର୍ମାଣ ହେବ ୬ ଫ୍ରିଜର ଚାମ୍ବର

**କଟକ,୧୮।୭(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲରେ ମୃତଦେହ ସଂରକ୍ଷଣ ପାଇଁ ୬ଟି ଫ୍ରିଜର ଚାମ୍ବର ନିର୍ମାଣ କରାଯିବ। ସେଥିରେ ଏକା ସଙ୍ଗରେ ପ୍ରାୟ ୩୫ଟି ମୃତଦେହ ରହିବାର ବ୍ୟବସ୍ଥା ହେବ। ଏଥିପାଇଁ ଏକ ସଂସ୍ଥା ଏସ୍‌ସିବି ମେଡିକାଲକୁ ଅର୍ଥ ପ୍ରଦାନ କରିଛି। ଏସ୍‌ସିବି ମେଡିକାଲ ପକ୍ଷରୁ ଏନେଇ ଟେଣ୍ଡର ଡକାଯାଇଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଅପରିଚିତ ବ୍ୟକ୍ତିଙ୍କ ମୃତଦେହକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲର ଫ୍ରିଜରରେ ରଖିବା ପାଇଁ ନିୟମ ରହିଛି। ହେଲେ ସେଠାରେ ମୃତଦେହ ସଂରକ୍ଷଣରେ ସମସ୍ୟା ହେବାରୁ ନୂତନ ଭାବେ ମୃତଦେହ ସଂରକ୍ଷଣ ଚାମ୍ବର ନିର୍ମାଣ ପାଇଁ ଏସ୍‌ସିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବିରେ ପୂର୍ବରୁ ମାତ୍ର ୩/୪ ମୃତଦେହ ରହିବା ପାଇଁ ବ୍ୟବସ୍ଥା ରହିଛି। ଏପରି କି ଅଧିକ ସଂଖ୍ୟକ ମୃତଦେହ ଆସିଲେ ଫ୍ରିଜରରେ ସ୍ଥାନ ନିଅଣ୍ଟ ପଡୁଛି। ପର୍ଯ୍ୟାପ୍ତ ସଂଖ୍ୟକ ମୃତଦେହ ସଂରକ୍ଷଣ ପ୍ରକୋଷ୍ଠ ନ ଥିବାରୁ ଅନେକ ସମୟରେ ବାରଣ୍ଡାରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥାଏ। ସେଥିରୁ ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷିତ ହୋଇଥାଏ। ଏଥିପାଇଁ ନୂତନ ବ୍ୟବସ୍ଥା କରିବାକୁ ଏସ୍‌ସିବି ପକ୍ଷରୁ ଯୋଜନା କରାଯାଇଛି। ଏକ ସଂସ୍ଥାଠାରୁ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬ଟି ଫ୍ରିଜର ଚାମ୍ବର ନିର୍ମାଣ କରାଯିବ। ଏହାର ତାପମାତ୍ରା -୨ରୁ -୬ ଡିଗ୍ରୀ ରହିବ। ଚାମ୍ବର ତାପମାତ୍ରା ଏଲ୍‌ଇଡିରେ ପ୍ରଦର୍ଶିତ ହେବ। ଅତ୍ୟାଧୁନିକ ବ୍ୟବସ୍ଥା ସହ ଏହି ଚାମ୍ବର ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି।

## ଏସ୍‌ସିବିରେ ରକ୍ତ ପାଇଁ ଅଟକିଛି ସୁନୀତାଙ୍କ ଚିକିତ୍ସା

**କଟକ,୧୮।୭(ଶିଳ୍ପା ପ୍ରିୟଦର୍ଶିନୀ)**

- ୩ ଦିନ ହେବ ଡୋନର ଖୋଜୁଛନ୍ତି ମା'ବାପା
- ଗୁରୁତର ହେଉଛି ସ୍ୱାସ୍ଥ୍ୟାବସ୍ଥା

ଏସ୍‌ସିବି ମେଡିକାଲରେ ରକ୍ତ ପାଇଁ ସମ୍ବଲପୁର ଜିଲା ଚକଳିଆବାହଳ ଅଞ୍ଚଳର ସୁନିତା ଖାରସେଲ୍(୮)ଙ୍କ ଚିକିତ୍ସା ଅଟକି ରହିଛି। ତାଙ୍କ ଚିକିତ୍ସା ପାଇଁ ରକ୍ତ ଆବଶ୍ୟକତା ରହିଛି। ରକ୍ତ ପାଇଁ ତାଙ୍କ ବାପା ଦୁର୍ଯ୍ୟୋଧନ ଖାରସେଲ୍ ରକ୍ତ ଭଣ୍ଡାରକୁ ଗଲେ ଡୋନର ଆଣିବାକୁ କହି କର୍ମଚାରୀ ଫେରାଇ ଦେଉଛନ୍ତି। ଫଳରେ ସୁନୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଉଥିବା ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ସିବି ହେମାଟୋଲୋଜି ବିଭାଗରେ ସୁନୀତା ଗତ ଜୁନ୍ ୨୦ରୁ ଚିକିତ୍ସିତ ହେଉଛନ୍ତି। ଚିକିତ୍ସାର ୭ ଦିନ ମଧ୍ୟରେ ଡାକ୍ତର ସୁନୀତାଙ୍କୁ ତିନୋଟି ରକ୍ତ ଦିଆଯିବା ନେଇ କହିଥିଲେ। ଏସ୍‌ସିବି ରକ୍ତ ଭଣ୍ଡାରକୁ ଦୁର୍ଯ୍ୟୋଧନ ଯାଇଥିବାବେଳେ ସେଠାରେ ସୁରକ୍ଷା କର୍ମୀ ୩୦୦୦ ଟଙ୍କା ଦେଲେ ଡୋନର ଯୋଗାଡ କରିଦେବା ପାଇଁ କହିଥିଲେ। କୌଣସି ଉପାୟ ନ ପାଇ ଦୁର୍ଯ୍ୟୋଧନ ଉକ୍ତ କର୍ମଚାରୀଙ୍କୁ ୩୦୦୦ ଟଙ୍କା ଦେଇଥିଲେ। ଫଳରେ କର୍ମଚାରୀ ଜଣକ ବାହାରୁ ଡୋନର ଯୋଗାଡ଼ କରିବା ସହ ରକ୍ତ ବଦଳ କରି ଏକ ୟୁନିଟ୍ ରକ୍ତ ଦେବା ସହ ପରଦିନ ଆଉ ଏକ ୟୁନିଟ୍ ରକ୍ତ ବିନା କୌଣସି ଡୋନରରେ ଯୋଗାଡ଼ କରିଦେଇଥିଲେ। ଏ ସମ୍ପର୍କରେ ଗତ ୨୭ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ନେତୃତ୍ୱରେ ଘଟଣାର ତଦନ୍ତ କରାଯାଇ ଉକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦିଆଯାଇଥିଲା। ଏପରି କି ମେଡିକାଲ କର୍ତ୍ତୃପକ୍ଷ ସୁନୀତାଙ୍କୁ ରକ୍ତ ଯୋଗାଇ ଦେଇଥିଲେ। ଗତ ୩ ଦିନ ହେବ ସୁନୀତାଙ୍କୁ ରକ୍ତର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ଓ କଟକରେ କୌଣସି ସମ୍ପର୍କୀୟ ନ ଥିବାରୁ ଡୋନର ମିଳିବା କଷ୍ଟକର ହୋଇଯାଇଛି। ଏପରି କି ୩ ଦିନ ହେବ ରକ୍ତ ଭଣ୍ଡାରକୁ ଦୁର୍ଯ୍ୟୋଧନ ଯାଉଥିବାବେଳେ ଡୋନର ଆଣିବା ପାଇଁ କହି କର୍ମଚାରୀ ଫେରାଇ ଦେଉଛନ୍ତି। ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲରେ ରକ୍ତ ସଙ୍କଟ ରହିଛି ସତ ହେଲେ ଜରୁରିକାଳୀନ ପରିସ୍ଥିତିରେ ଆବଶ୍ୟକ କରୁଥିବା ରୋଗୀଙ୍କୁ କିପରି ରକ୍ତ ମିଳିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେଡିକାଲରେ ପ୍ରତିଦିନ ୧୫୦ ଜଣଙ୍କ ପାଇଁ ବିନା ବଦଳରେ ରକ୍ତ ଦିଆଯାଉଥିବାବେଳେ ସେଥିମଧ୍ୟରୁ ୧୦୦ ଜଣ ଥାଲାସେମିଆ ରୋଗୀ ଓ ଅନ୍ୟ ୫୦ ଜଣ ଦୁର୍ଘଟଣାଗ୍ରସ୍ତ ସମେତ ଅନ୍ୟମାନଙ୍କ ପାଇଁ ରହିଛି। ତେବେ ଏହି ବ୍ୟବସ୍ଥା ଏସ୍‌ସିବିରେ ଥିବା ସତ୍ତ୍ୱେ ଜରୁରିକାଳୀନ ପରିସ୍ଥିତିରେ ଗୋଟିଏ ୟୁନିଟ୍ ରକ୍ତ ସୁନୀତାଙ୍କୁ ୩ ଦିନ ହେବ ନ ମିଳିପାରିବା ରୋଗୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏନେଇ ଦୁର୍ଯ୍ୟୋଧନ କହିଛନ୍ତି, ରକ୍ତ ପାଇଁ ୩ ଦିନ ହେବ ଅସୁବିଧାର ସମ୍ମୁଖୀନ ହେଉଛି। ବହୁ ଚେଷ୍ଟା ସତ୍ତ୍ୱେ ଡୋନର ମିଳୁନାହାନ୍ତି। ପାଖରେ ଯାହା ଟଙ୍କା ଥିଲା ପୂର୍ବରୁ ରକ୍ତ ପାଇଁ ତାହାକୁ ଦେଇଦେଇଛି। ଏବେ କେହି ଗୁହାରି ଶୁଣୁନାହାନ୍ତି। ଅପରପକ୍ଷରେ ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡ. ରାଉତ କହିଛନ୍ତି, ଏବେ ରକ୍ତ ସଙ୍କଟ ଦେଖାଦେଇଛି। ପୂର୍ବରୁ ଉକ୍ତ ରୋଗୀକୁ ରକ୍ତ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏବେ ତାଙ୍କର ରକ୍ତ ଆବଶ୍ୟକ ଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏଥିପାଇଁ ସମସ୍ତ ଚେଷ୍ଟା କରିବୁ ବୋଲି ରାଉତ କହିଛନ୍ତି।




ଟାଙ୍ଗୀସ୍ଥିତ ଡ୍ରିମ୍ସ ପଲିଟେକ୍‌ନିକ୍ ପକ୍ଷରୁ ଅନୁଷ୍ଠିତ ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ।



କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରୀଜୀଉଙ୍କ ନିକଟରେ ଅଧରପଣା ଲାଗି କରାଯାଉଛି।

**ହରିୟାଣାର ସବୁ ଆସନରେ ଏକାକୀ ଲଢ଼ିବ ଆପ୍**

ନୂଆଦିଲ୍ଲୀ,୧୮।୭ : ଲୋକ ସଭା ନିର୍ବାଚନରେ ହରିୟାଣାର ୧୦ ଆସନ ମଧ୍ୟରୁ ୯ଟିରେ କଂଗ୍ରେସ ଏବଂ ଗୋଟିଏ ଆସନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଲଢ଼ିଥିଲା। ସେଥିରୁ କଂଗ୍ରେସକୁ ୫ ଆସନ ମିଳିଥିବାବେଳେ ଆପ୍ ଖାତା ଖୋଲିପାରି ନ ଥିଲା। ଆସନ୍ତା ନଭେମ୍ବରରେ ରାଜ୍ୟର ୯୦ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ସମସ୍ତ ଆସନରେ ଆପ୍ କଂଗ୍ରେସ ସହ ମେଣ୍ଟ ନ କରି ଏକୁଟିଆ ଲଢ଼ିବ ବୋଲି ଗୁରୁବାର ଦଳୀୟ ଏମ୍‌ପି ସଞ୍ଜୟ ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପ୍ରାଣୀଙ୍କ ସହ ନିଷ୍ଠୁରତା ବିରୋଧରେ ସଚେତନତା

ଭୁବନେଶ୍ୱର, ୧୮।୭
(ଅସମାପିକା ସାହୁ)

## ଅଲିମ୍ପିକ କୁସ୍ତିଯୋଦ୍ଧା ସାକ୍ଷୀ ମଲ୍ଲିକ ସାମିଲ



ପ୍ରାଣୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅନ୍ୟାୟ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରାଣୀ ସୁରକ୍ଷା ସଙ୍ଗଠନ 'ମର୍ସି ଫର୍ ଆନିମାଲ୍ସ ଇଣ୍ଡିଆ ଫାଉଣ୍ଡେଶନ' ସହ ପୂର୍ବତନ ଅଲିମ୍ପିକ କୁସ୍ତିଯୋଦ୍ଧା ସାକ୍ଷୀ ମଲ୍ଲିକ ସାମିଲ ହୋଇଛନ୍ତି। 'ମର୍ସି ଫର ଆନିମାଲ୍ସ'ର ଏକ ବିଜ୍ଞାପନରେ ସାକ୍ଷୀ ତାଙ୍କ ପ୍ରଶଂସକଙ୍କୁ ପ୍ରାଣୀ ନିଷ୍ଠୁରତା ବିରୋଧରେ ମୁହଁ ଖୋଲିବାକୁ ଆହ୍ୱାନ ଦେଇଛନ୍ତି। ତସ୍ମ ମାଲହୋତ୍ରା ଓ ମନିଷ ଶେରାୱତ ଏହି ବିଜ୍ଞାପନ ସୁଟିଂ କରିଛନ୍ତି। ଅଲିମ୍ପିକ ପଦକ ଜିତିଥିବା ପ୍ରଥମ ମହିଳା କୁସ୍ତିଯୋଦ୍ଧା ସାକ୍ଷୀ କହିଛନ୍ତି, 'ମଣିଷ ହେଉ ବା ପଶୁ, ସେମାନଙ୍କ ବିରୋଧରେ ଅନ୍ୟାୟ କରିବା ଯେତିକି ଭୁଲ, ଏହାକୁ ସହ୍ୟ କରିବା ମଧ୍ୟ ସେତିକି ଭୁଲ'। 'ପଶୁମାନେ ଜୀବନ୍ତ ପ୍ରାଣୀ, ଯେଉଁମାନେ କି ଆମ ଭଳି ଯନ୍ତ୍ରଣା, ଭୟ ଓ ଖୁସି ଅନୁଭବ କରିଥାଆନ୍ତି। ଦୈନିକ ଲକ୍ଷାଧିକ ପଶୁ ନିଷ୍ଠୁରତା ଓ ଅନ୍ୟାୟକୁ ସହ୍ୟ କରିଥାନ୍ତି। କାରଣ ସେମାନେ ନିଜ ପାଇଁ ମୁହଁ ଖୋଲିବାକୁ ଅସମର୍ଥ'।

ସଂସଦରେ ଆଗତ ଓ ଗୃହୀତ ହେବା ଅପେକ୍ଷାରେ ଥିବା ପ୍ରାଣୀ ନିଷ୍ଠୁରତା ନିରୋଧ (ସଂଶୋଧନ) ଆଇନ ପାଇଁ 'ମର୍ସି ଫର ଆନିମାଲ୍ସ ଇଣ୍ଡିଆ ଫାଉଣ୍ଡେଶନ'ର ନିବେଦନକୁ ସାକ୍ଷୀ ସମର୍ଥନ ଜଣାଇଛନ୍ତି। ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ୧୯୬୦ ମସିହାରେ ପ୍ରାଣୀ ନିଷ୍ଠୁରତା ନିରୋଧ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ଅପ୍ରଚଳିତ ଜରିମାନା(ସର୍ବାଧିକ ୫୦ ଟଙ୍କା) ଜାରି ରହିଛି ଏବଂ ଅନେକ ପ୍ରାଣୀ ନିଷ୍ଠୁରତା ଆଚରଣ (ପିଟିବା ଓ ହତ୍ୟା କରିବା)କୁ ଧର୍ତ୍ତବ୍ୟ ଅପରାଧ ଭାବେ ଗଣ୍ୟ କରିବାରେ ବିଫଳ ହୋଇଛି। ଏହାକୁ ନିବୃତ୍ତ କରିବା ଏବଂ ପ୍ରବର୍ତ୍ତନ କରିବା ଶକ୍ତିର ଅଭାବ ଆଇନକୁ ଦୁର୍ବଳ କରୁଛି। ପ୍ରାଣୀମାନଙ୍କ ସ୍ୱର ଉତ୍ତୋଳନ କରିବା ଦିଗରେ ଆମର ଉଦ୍ୟମରେ ସାକ୍ଷୀ ସାମିଲ ହୋଇଥିବାରୁ ଆମେ ଆନନ୍ଦ ଅନୁଭବ କରୁଛୁ ବୋଲି 'ମର୍ସି ଫର ଆନିମାଲ୍ସ'ର ସିଇଓ ନିକୁଞ୍ଜ ଶର୍ମା କହିଛନ୍ତି। 'ସାକ୍ଷୀ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣାର ସ୍ରୋତ ଏବଂ ପ୍ରାଣୀ ନିର୍ଯାତନା ବିରୋଧରେ ତାଙ୍କର ଆହ୍ୱାନ ଅତ୍ୟଧିକ ପ୍ରଭାବ ପକାଇବ ବୋଲି ଶର୍ମା ମତବ୍ୟକ୍ତ କରିଛନ୍ତି।

# ୬ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ୬ ଜଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ତେବେ ଏଫ୍ ଆଣ୍ଡ ଏଆର୍‌ଡି ବିଭାଗରେ କାର୍ଯ୍ୟ କରୁଥିବା ଅନୁ ସଚିବ ପ୍ରଦୀପ କୁମାର ସାମଲଙ୍କୁ ବଦଳିକରି ସଂସଦୀୟ ବ୍ୟାପାର ବିଭାଗ ଅଧୀନରେ ଯୋଗଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେ ଏବେଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାମ କରିବେ। ସେହିପରି ବିଶ୍ୱଜିତ୍ ସାମଲଙ୍କୁ ପୂର୍ତ୍ତ ବିଭାଗ ସେକ୍ସନ ଅଫିସର ପଦରୁ ବଦଳିକରି ସଂସଦୀୟ ବ୍ୟାପାର ବିଭାଗରେ ଯୋଗଦେବାକୁ କୁହାଯାଇଛି। ସେ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗଦେବେ। ଅର୍ଥ ବିଭାଗ ଅଧୀନରେ ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିବା ରୋହିତ ରଞ୍ଜନ ନାଏକ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ସେକ୍ସନ ଅଫିସର ପଦରେ କାର୍ଯ୍ୟ କରୁଥିବା ଦୀପକ ମାଝୀ, ଏସ୍‌ଟି ଆଣ୍ଡ ଟିଇ ବିଭାଗ ଅଧୀନରେ ଏଏସ୍‌ଓ ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ କୁମାର ସୋରେନ ଏବଂ ସତ୍ୟ ସଙ୍କେତ ଜେନାଙ୍କୁ ମଧ୍ୟ ସଂସଦୀୟ ବ୍ୟାପାର ବିଭାଗ ଅଧୀନରେ ଯୋଗଦେବା ଲାଗି କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ କୁହାଯାଇଛି।

**ଧର୍ମଶାଳାରେ କଳାପଥର ଲୁଟ୍**

# ପୁନଃ ମାପଚୁପ, ଜରିମାନା ଧାର୍ଯ୍ୟ ହେବ

ଯାଜପୁର,୧୮।୭(ହର୍ଷବର୍ଦ୍ଧନ ବେହେରା)



ମାପଚୁପ ସମୟରେ ରାଜ୍ୟ ଖଣି ବିଭାଗର ଅଧିକାରୀ ଓ ବିଧାୟକ ହିମାଂଶୁ ଶେଖର ସାହୁ ଉପସ୍ଥିତ ରହିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା କଳାପଥର ଖାଦାନଗୁଡ଼ିକରେ ଅନୁମୋଦନଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଛି । ଏଥିପାଇଁ ଜରିମାନା ଆଦାୟ ଲାଗି ଗୁରୁବାର ରାଜ୍ୟ ଖଣି ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ଯୁଗ୍ମ ଖଣି ନିର୍ଦ୍ଦେଶକ ଏନ୍.ଏନ୍. ସିଂହଦେଓ, ଉପନିର୍ଦ୍ଦେଶକ ଟି.ବି. ମୁଣ୍ଡା, ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ, ଜେନାପୁର ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ ଓ ତଦନ୍ତ କରାଯାଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏଥିରେ ସାମିଲ ହୋଇ କଳାପଥର ଲୁଟ୍‌କାରୀଙ୍କୁ ଛଡା ଯିବ ନାହିଁ, ପୁନଃ ମାପଚୁପ କରି ଉପଯୁକ୍ତ ଭାବେ ଜରିମାନା ଆଦାୟ କରାଯିବ। ଯେଉଁମାନେ ଜରିମାନା ନିର୍ଦ୍ଦେଶର ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହାସହ କଳାପଥର ଉତ୍ତୋଳନ ଯୋଗୁ ସୃଷ୍ଟି ହୋଇଥିବା ଗଭୀର ଗର୍ତ୍ତଗୁଡ଼ିକୁ ମାଟି ଓ ଫ୍ଲାଏଆଶ୍‌ରେ ପୋତି ସେଠାରେ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ୨୦୨୨ ଶେଷ ବେଳକୁ କଳାପଥର ଲୁଟ୍ ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରାଯାଇ ୨୨ ଜଣଙ୍କ ନାମରେ ୨୯୮ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଥିଲା। ସେତେବେଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ମାପଚୁପରେ ରଫାଦଫା ହେବା ସହ ଉପଯୁକ୍ତ ଭାବେ ଜରିମାନା ଧାର୍ଯ୍ୟ ହୋଇ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ରାହାଡ଼ପୁର ପାହାଡ଼ରେ କଳାପଥର ଲୁଟ୍ ଅଭିଯୋଗ ଉପରେ ହୋଇଥିବା ସାଟେଲାଇଟ୍ ମାପଚୁପ ନାମରେ ବିପୁଳ ଅର୍ଥ ହେରଫେର୍ କରାଯାଇଥିଲା। ମାପଚୁପ ରିପୋର୍ଟ ପ୍ରକାଶ ପାଇବା ପରେ ଧର୍ମଶାଳା ତହସିଲ ପକ୍ଷରୁ ପ୍ରାୟ ୫୦୦ କୋଟି ଟଙ୍କା ବଦଳରେ ମାତ୍ର ୧୫ କୋଟି ୪୦ ଲକ୍ଷ ୬୫ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଲିଜ୍‌ଧାରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ସାଟେଲାଇଟ୍ ମାପଚୁପ ସଂସ୍ଥା ମାଇ ୱାର୍ଲଡ କନ୍‌ସଲଟେନ୍ସି କର୍ତ୍ତୃପକ୍ଷ ଓ କେତେଜଣ ରାଜସ୍ୱ ବିଭାଗ ଅଧିକାରୀ ଲିଜ୍‌ଧାରୀଙ୍କ ସହ ହାତ ମିଳାଇ କମ୍ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଧାୟକଙ୍କ ଦାବି ଅନୁସାରେ ଖାଦାନଗୁଡ଼ିକର ତଦନ୍ତ ହୋଇଛି। ଅଧିକ ଉତ୍ତୋଳନ ଉପରେ ନିରୀକ୍ଷଣ କରାଯାଇଛି । ପୁନଃ ମାପଚୁପ କରାଯିବ। ଜରିମାନା ଦେଇ ନ ଥିବା ଲିଜ୍‌ଧାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୩୫୦ ଫୁଟ୍ ଖାଇକୁ ଖସି ଇନ୍‌ଫ୍ଲୁଏନ୍ସର ଆନ୍‌ଭିଙ୍କ ମୃତ୍ୟୁ



ଆନ୍‌ଭି କାମ୍‌ଦାର

ମୁମ୍ବାଇ,୧୮।୭

ମହାରାଷ୍ଟ୍ରର ସୋସିଆଲ ମିଡିଆ କ୍ରିଏଟର ତଥା ଟ୍ରାଭେଲ ଇନ୍‌ଫ୍ଲୁଏନ୍ସର ଆନ୍‌ଭି କାମ୍‌ଦାର ଶୁଟିଂ ବେଳେ ୩୫୦ ଫୁଟ୍ ଗଭୀର ଖାଇକୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ୨୬ ବର୍ଷୀୟା ଆନ୍‌ଭି ବୁଧବାର ରାଏଗଡ଼ ଜିଲା ମନଗାଁଓସ୍ଥିତ କୁମ୍ଭେ ଜଳପ୍ରପାତକୁ ସାଙ୍ଗମାନଙ୍କ ସହ ରିଲ୍ସ ଶୁଟିଂ ପାଇଁ ଯାଇଥିଲେ। ଜଳପ୍ରପାତରେ ଭିଡିଓ ଶୁଟିଂ ବେଳେ ତାଙ୍କ ପାଦ ଖସିଯାଇଥିଲା। ଫଳରେ ସେ ୩୫୦ ଫୁଟ ଗଭୀର ଖାଇକୁ ଖସିପଡ଼ିଥିଲେ। ସୂଚନା ପାଇ ସଶ୍ୟାଦ୍ରି ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି ଏବଂ ମନଗାଁଓ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ରାଏଗଡ଼ ଏସ୍‌ପି ସୋମନାଥ ଘାରେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଜୁନ୍ ୩୦ରେ ପୁଣେସ୍ଥିତ ଲୋନାଭାଲାର ଭୁଶି ଡ୍ୟାମ ନିକଟ ଜଳପ୍ରପାତରେ ଖସିପଡ଼ି ଏକ ପରିବାରର ୫ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଦୁଃସାହସିକପୂର୍ଣ୍ଣ ସ୍ଥାନଗୁଡ଼ିକରେ ସେଲ୍‌ଫି ନେବା ଓ ରିଲ୍ ଶୁଟିଂ କରିବା ଉପରେ ବାରଣ କରାଯାଇଛି।

# ବିଜ୍‌ନେସ ଆଡଭାଇଜରି କମିଟିରେ ଭର୍ତ୍ତୃହରି, ବୈଜୟନ୍ତ

ନୂଆଦିଲ୍ଲୀ,୧୮।୭

ଆସନ୍ତା ୨୨ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଆଇନ ସଂଶୋଧନ ସମେତ ୬ ନୂଆ ବିଲ୍ ଆଗତ ହେବ। ସରକାର ଅର୍ଥ ବିଲ୍ ସମେତ ସରକାର ଭାରତୀୟ ବାୟୁଯାନ ବିଧେୟକ, ବଏଲର୍ସ ବିଲ୍, କଫି (ପ୍ରୋତ୍ସାହନ ଓ ଉନ୍ନୟନ) ବିଲ୍ ଏବଂ ରବର (ପ୍ରମୋଶନ ଆଣ୍ଡ ଡେଭେଲପ୍‌ମେଣ୍ଟ) ବିଲ୍ ଆଣିବାକୁ ଯାଉଛନ୍ତି। ଏହା ପୂର୍ବରୁ ଲୋକ ସଭା ବାଚସ୍ପତି ଗୁରୁବାର ରାତିରେ ବିଜ୍‌ନେସ ଆଡଭାଇଜରି କମିଟି (ବିଏସି) ଗଠନ କରିଛନ୍ତି। ସଂସଦୀୟ କାର୍ଯ୍ୟସୂଚୀ ସ୍ଥିର କରୁଥିବା ଉକ୍ତ କମିଟିରେ ବାଚସ୍ପତି ମୁଖ୍ୟ ଥିବାବେଳେ ଭର୍ତ୍ତୃହରି ମହତାବ, ବୈଜୟନ୍ତ ପଣ୍ଡା, ସଞ୍ଜୟ ଜୟସ୍ୱାଲ, ଅନୁରାଗ ଠାକୁର, ପି.ପି. ଚୌଧରୀ, ନିଶିକାନ୍ତ ଦୁବେ ପ୍ରମୁଖ ଭାଜପା ଏମ୍‌ପି ସଦସ୍ୟ ରହିଛନ୍ତି। ସେହିପରି ସୁଦୀପ ବନ୍ଦୋପାଧ୍ୟାୟ(ଟିଏମ୍‌ସି), ଲଭୁ ଶ୍ରୀକ୍ରିଷ୍ଣା ଦେବରାୟଲୁ (ଟିଡିପି), ଗୌରବ ଗୋଗୋଇ, କେ. ସୁରେଶ (କଂଗ୍ରେସ), ଦିଲେଶ୍ୱର କାମାତ(ଜେଡିୟୁ), ଦୟାନିଧି ମାରାନ (ଡିଏମ୍‌କେ), ଅରବିନ୍ଦ ସାୱନ୍ତ (ଶିବସେନା–ୟୁବିଟି), ଲାଲ୍‌ଜୀ ବର୍ମା (ଏସ୍‌ପି)ଙ୍କୁ ମଧ୍ୟ କମିଟିରେ ସାମିଲ କରାଯାଇଛି।

# ବାଲ୍ୟବିବାହ ଆଇନରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୧୧%

ନୂଆଦିଲ୍ଲୀ, ୧୮।୭ (ପି.ଟି.)

ଦେଶରେ ରହିଥିବା ବାଲ୍ୟବିବାହ ନିବାରଣ ଆଇନ ଅନୁଯାୟୀ ମାତ୍ର ୧୧% ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଉଥିବା ବେଳେ ଅନ୍ୟ ସମସ୍ତ ଅପରାଧ ପାଇଁ କେବଳ ୩୪% ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଉଛନ୍ତି। ସେହିପରି ୨୦୨୨ରେ ବାଲ୍ୟ ବିବାହ ଆଇନ ଅନୁଯାୟୀ ୩,୫୬୩ଟି ମାମଲା ରୁଜୁ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା କେବଳ ୧୮୧ଟି ମାମଲାର ଶୁଣାଣି ଶେଷ ହୋଇପାରିଥିବା ନେଇ ଶିଶୁ ଅଧିକାର ସଂସ୍ଥା 'ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ' (ଏନ୍‌ସିପିସିଆର୍) ଓ ଭାରତ ଶିଶୁ ସୁରକ୍ଷା (ଆଇସିପି)ର ରିସର୍ଚ୍ଚ ଟିମ୍ ପକ୍ଷରୁ ଗୁରୁବାର ମିଳିତ ଭାବେ ଜାରି ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି। ସେହିପରି ବର୍ତ୍ତମାନର ହାରକୁ ଦେଖିଲେ ୨୦୨୨ରେ ରୁଜୁ ହୋଇ ବିଚାରାଧୀନ ଅବସ୍ଥାରେ ପଡ଼ି ରହିଥିବା ସମସ୍ତ ମାମଲାର ସମାଧାନ ପାଇଁ ଆହୁରି ୧୯ ବର୍ଷ ସମୟ ଲାଗିବ। ଏହି ରିପୋର୍ଟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ପଞ୍ଜୀକୃତ ହୋଇଥିବା ସମସ୍ତ ବାଲ୍ୟ ବିବାହ ମାମଲା ଦେଶର ଗୋଟିଏ ଦିନରେ ବିବାହ କରୁଥିବା ହାରାହାରି ବାଳିକାମାନଙ୍କ ସଂଖ୍ୟା ତୁଳନାରେ କମ୍। ବାଲ୍ୟବିବାହ ଆଇନ ଅନୁଯାୟୀ ୨୦୨୨ରେ ପ୍ରତି ଜିଲାରେ ହାରାହାରି ଗୋଟିଏ ମାମଲା ରୁଜୁ ହୋଇଥିବା ଏହି ରିପୋର୍ଟ କହିଛି। ଅନ୍ୟପକ୍ଷରେ ଅପହୃତ ହୋଇ ୨୦୨୨ରେ ଉଦ୍ଧାର ହୋଇଥିବା ୬୩,୫୧୩ ଜଣ ଶିଶୁଙ୍କ ମଧ୍ୟରୁ କେବଳ ୧୫,୭୪୮ ଜଣ(୨୫%) ଶିଶୁଙ୍କ ଅପହରଣ ବିବାହ କିମ୍ବା ଅବୈଧ ସମ୍ପର୍କ ଉଦ୍ଦେଶ୍ୟରେ ହୋଇଥିବା ଉକ୍ତ ରିପୋର୍ଟ ପ୍ରକାଶ କରିଛି।

# ରାଜନେତା କ'ଣ ଗୁପ୍‌ଚୁପ୍ ବିକିବେ

## ଶଙ୍କରାଚାର୍ଯ୍ୟଙ୍କୁ କଙ୍ଗନାଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୧୮।୭





ରାଜନେତାମାନେ ରାଜନୀତି ନ କରି କ'ଣ ଗୁପ୍‌ଚୁପ୍ ବିକେବେ ବୋଲି ଭାଜପା ଏମ୍‌ପି କଙ୍ଗନା ରାଣାୱତ୍ ସୋସିଆଲ ମିଡିଆରେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କୁ ପ୍ରଶ୍ନ କରିଛନ୍ତି। ନିକଟରେ ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ମାତୋଶ୍ରୀ ବାସଭବନରେ ଶଙ୍କରାଚାର୍ଯ୍ୟ ପୂଜାର୍ଚ୍ଚନା କରି ତାଙ୍କୁ ଆଶୀର୍ବାଦ ଦେଇଥିଲେ। ଉଦ୍ଧବଙ୍କ ସହ ବିଶ୍ୱାସଘାତ କରାଯାଇ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇଦିଆଯାଇଛି। ସେ ପୁନର୍ବାର ମୁଖ୍ୟମନ୍ତ୍ରୀ ନ ହେବା ଯାଏ ମୋତେ ଶାନ୍ତି ମିଳିବ ନାହିଁ ବୋଲି ଶଙ୍କରାଚାର୍ଯ୍ୟ କହିଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଶଙ୍କରାଚାର୍ଯ୍ୟଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଥିଲା। ଜଣେ ଧର୍ମଗୁରୁ ହୋଇ ରାଜନୀତି ଉପରେ ଏପରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ ବୋଲି ଶାସକ ଦଳର ନେତାମାନେ ସମାଲୋଚନା କରିଥିଲେ। ଏହି ପ୍ରସଙ୍ଗରେ ଅଭିନେତ୍ରୀରୁ ନେତ୍ରୀ ସାଜିଥିବା କଙ୍ଗନା ବୁଧବାର ମୁହଁ ଖୋଲିଛନ୍ତି। ଉଦ୍ଧବଙ୍କ ବିରୋଧୀ ଭାବେ ଜଣାଶୁଣା କଙ୍ଗନା କହିଛନ୍ତି, ଯଦି ଜଣେ ନେତା ରାଜନୀତି ନ କରିବେ, ତେବେ ସେ କ'ଣ ଗୁପ୍‌ଚୁପ୍ ବିକିବେ। ରାଜନୀତିରେ ଦଳ ପରିବର୍ତ୍ତନ ଏବଂ ସହଯୋଗୀମାନଙ୍କୁ ନେଇ ମେଣ୍ଟ ଗଢ଼ିବା ଏକ ସ୍ୱାଭାବିକ ତଥା ସାମ୍ବିଧାନିକ ପ୍ରକ୍ରିୟା। ଶଙ୍କରାଚାର୍ଯ୍ୟ ନିଜ ପ୍ରଭାବ ଓ ଧର୍ମୀୟ ଶିକ୍ଷାର ଦୁରୁପଯୋଗ କରିଛନ୍ତି। ସେ ଛୋଟ ଛୋଟ କଥାରେ ହିନ୍ଦୁମାନଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଛନ୍ତି।

## ୟୁଟ୍ୟୁବର ସବୁକ୍କୁ ଶଙ୍କରଙ୍କୁ ସୁପ୍ରିମକୋର୍ଟ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୮।୭

ଗୁଣ୍ଡା ଆଇନ ବଳରେ ତାମିଲନାଡୁ ପୋଲିସ ଦ୍ୱାରା ଗିରଫ ହୋଇଥିବା ୟୁଟ୍ୟୁବର ସବୁକ୍କୁ ଶଙ୍କରଙ୍କୁ ଗୁରୁବାର ସୁପ୍ରିମକୋର୍ଟ ଆଶ୍ୱସ୍ତି ମିଳିଛି। ଶଙ୍କରଙ୍କୁ ମୁକ୍ତ କରିବା ପାଇଁ ସର୍ବୋଚ୍ଚ ଅଦାଲତ ତାମିଲନାଡୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସବୁକ୍କୁ ଶଙ୍କର ୟୁଟ୍ୟୁବରେ ତାମିଲନାଡୁ ସରକାର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ସଚେତନତା ସୃଷ୍ଟି କରୁଥିଲେ। ଗତ ମେ' ୧୨ରେ ପୋଲିସ ତାଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ଶଙ୍କରଙ୍କ ମାଆ ଏ. କମଳା ତାଙ୍କ ମୁକ୍ତି ଦାବିରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାଡ୍ରାସ ହାଇକୋର୍ଟଙ୍କ ରାୟ ଆସିବା ପର୍ଯ୍ୟନ୍ତ ଶଙ୍କରଙ୍କୁ ଜେଲରେ ରଖାଯାଇପାରିବ ନାହିଁ। କାରଣ ସେ ଜାତୀୟ ସୁରକ୍ଷା ପ୍ରତି ବିପଦ ନୁହନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

**ଫୁର୍‌ସତ**

# ୬ ଦିନରେ ସପ୍ତାଶ୍ଚର୍ଯ୍ୟ ଭ୍ରମଣ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ



**କାଇରୋ:** ସମଗ୍ର ବିଶ୍ୱରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାର ଅନନ୍ୟ ରେକର୍ଡକୁ ସାଧାରଣତଃ ଗିନିଜ ୱାର୍ଲ୍ଡ ରେକର୍ଡସ୍(ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ କରାଯାଇଥାଏ। ତେବେ ଇଜିପ୍ଟର ଜଣେ ବ୍ୟକ୍ତି ସବୁଠୁ କମ୍ ସମୟ ମଧ୍ୟରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ ଦେଖି ଏକ ନୂତନ ପ୍ରକାରର ବିଶ୍ୱ ରେକର୍ଡ ସ୍ଥାପନ କରି ଜିଡବ୍ଲ୍ୟୁଆର୍‌ରେ ନିଜ ନାମକୁ ରେକର୍ଡ କରିଛନ୍ତି। ମାଗ୍‌ଡି ଆଇସା(୪୫) ନାମକ ଏହି ବ୍ୟକ୍ତି ମାତ୍ର ୬ ଦିନ ୧୧ ଘଣ୍ଟା ୫୩ ମିନିଟରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ ଭ୍ରମଣ କରି ଏହି ରେକର୍ଡ ସୃଷ୍ଟି କରିଛନ୍ତି। ତେବେ ମାଗ୍‌ଡି ବିଶ୍ୱର ସପ୍ତାଶ୍ଚର୍ଯ୍ୟକୁ ଭ୍ରମଣ କରିବା ପାଇଁ କେବଳ ସାଧାରଣ ପରିବହନ ବ୍ୟବସ୍ଥାକୁ ହିଁ ବ୍ୟବହାର କରିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ରେକର୍ଡ କରି ସେ ଇଂଲଣ୍ଡର ଜାମି ମ୍ୟାକ୍‌ଡୋନାଲ୍ଡଙ୍କ ଦ୍ୱାରା ଗତବର୍ଷର ରେକର୍ଡକୁ ଭାଙ୍ଗିଛନ୍ତି।

ଜିଡବ୍ଲ୍ୟୁଆରକୁ ସାକ୍ଷାତ୍କାର ଦେଇ ମାଗ୍‌ଡି କହିଛନ୍ତି, ଏହି ରେକର୍ଡ ଭାଙ୍ଗିବା ପାଇଁ ଯୋଜନା ପ୍ରସ୍ତୁତ କରିବା ତାଙ୍କ ପାଇଁ ଏକ କଷ୍ଟକର କାର୍ଯ୍ୟ ହୋଇଥିଲା, ଯେଉଁଥିପାଇଁ ତାଙ୍କୁ ପ୍ରାୟ ଦେଢ଼ ବର୍ଷ ସମୟ ଲାଗି ଯାଇଥିଲା। ତାଙ୍କୁ ଏହି ସପ୍ତାଶ୍ଚର୍ଯ୍ୟ ଥିବା ବିଭିନ୍ନ ଦେଶର ବିମାନ, ଟ୍ରେନ୍, ବସ୍, ମେଟ୍ରୋ ଏବଂ ପରିବହନ ହବ୍ ଆଦିର ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥିଲା। ଏହି ଯାତ୍ରାରେ ଗୋଟିଏ ବି ବାଧା ଆସିଥିଲେ ସମଗ୍ର କାର୍ଯ୍ୟ ଏପଟ ସେପଟ ହେବା ସହ ତାଙ୍କର ପୂରା ପରିଶ୍ରମ ବ୍ୟର୍ଥ ହୋଇ ଯାଇଥାନ୍ତା ବୋଲି ମାଗ୍‌ଡି କହିଛନ୍ତି। ଚାଇନାର ଗ୍ରେଟ୍‌ୱାଲରୁ ମାଗଡି ପ୍ରଥମେ ନିଜ ଯାତ୍ରା ଆରମ୍ଭ କରିଥିଲେ। ଏହାପରେ ସେ ଭାରତର ତାଜ୍‌ମହଲ, ଜୋର୍ଡାନର ପ୍ରାଚୀନ ସହର ପେଟ୍ରା, ରୋମ୍‌ର କୋଲୋଜିୟମ୍, ବ୍ରାଜିଲର କ୍ରାଇଷ୍ଟ ଦି ରିଡିମର, ପେରୁର ମାଚୁ ପିଚୁ ଏବଂ ଶେଷରେ ମେକ୍ସିକୋର ପ୍ରାଚୀନ ମାୟାନ୍ ସହରର ଚିଚେନ୍ ଇଟ୍‌ଜା ପରିଦର୍ଶନ କରିଥିଲେ।

# ଗ୍ରାହକଙ୍କ ମନ ଜିଣୁଛି ପେଚା କାଫେ




**ଆବୁଧାବି:** ଗ୍ରାହକଙ୍କ ମନୋରଞ୍ଜନ ପାଇଁ ପୂର୍ବରୁ ବିଶ୍ୱର ବିଭିନ୍ନ ସ୍ଥାନରେ ପୋଷା ପ୍ରାଣୀଙ୍କୁ ନେଇ ଅନେକ କାଫେ ହୋଇଛି। ଏହାରି ମଧ୍ୟରେ ଆବୁଧାବିରେ ମଧ୍ୟ ଏକ ପେଚା କାଫେ ଖୋଲାଯାଇଛି, ଯାହା ଏବେ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। 'ବୁମାହ ଦି ଓଲ୍ କାଫେ' ନାମକ ଏହି କାଫେରେ ୯ଟି ପେଚା ବାସ କରନ୍ତି। ସମସ୍ତ ପେଚାଙ୍କ ଯତ୍ନ ନେବା ପାଇଁ ଉକ୍ତ କାଫେରେ ପ୍ରଶିକ୍ଷକମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଉକ୍ତ ପେଚାମାନଙ୍କର ସୁରକ୍ଷା ହିଁ 'ବୁମାହ କାଫେର ସର୍ବୋତ୍ତମ ପ୍ରାଥମିକତା ହୋଇଥିବା ଏହାର ମାଲିକ ମହମ୍ମଦ ଅଲ ଶେହି କହିଛନ୍ତି।

ଗ୍ରାହକଙ୍କ ପାଇଁ ଏହି କାଫେ ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଫଳରେ କାଫେରେ ରହୁଥିବା ପେଚାମାନଙ୍କୁ ରାତିସାରା ଓ ସକାଳେ ବିଶ୍ରାମ କରିବାର ସୁଯୋଗ ମିଳେ ବୋଲି ଶେହି କହିଛନ୍ତି। ସେହିପରି କାଫେ ବନ୍ଦ ଥିବା ସମୟରେ ଏହି ପେଚାମାନଙ୍କୁ ମୁକ୍ତ ଭାବରେ ବୁଲିବାକୁ ମଧ୍ୟ ଛାଡିଦିଆଯାଏ। ତେବେ ଉକ୍ତ କାଫେରେ ଥିବା ୨ଟି ପେଚା ସେମାନଙ୍କ ଶାରୀରିକ ଅକ୍ଷମତା ହେତୁ ବହୁ ଦୂରକୁ ଉଡ଼ି ପାରୁ ନାହାନ୍ତି, ତେଣୁ ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସେମାନଙ୍କର ଯତ୍ନ ନିଆଯାଉଛି ବୋଲି ସେଲି କହିଛନ୍ତି। ସମ୍ପ୍ରତି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଏହି ନିଆରା କାଫେର ଏକ ଭିଡିଓକୁ କଣ୍ଟେଣ୍ଟ କ୍ରିଏଟର ଲିଟିଲ୍ ଫୁଡିଙ୍କ ପକ୍ଷରୁ ଶେୟାର କରାଯାଇଛି। ଉକ୍ତ କ୍ଲିପ୍‌ରେ ଅନେକ ପେଚା ଏକ କାଠ ବୋର୍ଡ ନିକଟରେ ରହି ସେମାନଙ୍କ ନାମ ଏବଂ ପ୍ରଜାତି ସମ୍ପର୍କରେ ସୂଚନା ଦେଉଥିବା ନଜର ଆସିଛନ୍ତି।

# 'ସ୍ତ୍ରୀ ୨' ଟ୍ରେଲର ରିଲିଜ୍



ଶ୍ରଦ୍ଧା କପୁର

ମୁମ୍ବାଇ:୨୦୧୮ରେ 'ସ୍ତ୍ରୀ' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ଯାହା ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଉକ୍ତ ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ 'ସ୍ତ୍ରୀ ୨' ଖୁବ୍‌ଶୀଘ୍ର ପରଦାକୁ ଆସୁଛି। ଫିଲ୍ମର ପୋଷ୍ଟର ଏବଂ ଟିଜର୍ ପୂର୍ବରୁ ରିଲିଜ ହୋଇସାରିଥିବା ବେଳେ ଗୁରୁବାର ଏହାର ଟ୍ରେଲର ରିଲିଜ ହୋଇଛି।

ଫିଲ୍ମର ଟ୍ରେଲର 'ଜିଓ ଷ୍ଟୁଡିଓଜ୍'ର ଆଧିକାରିକ ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରିଛି। ଏହାପରେ ଚଳଚ୍ଚିତ୍ର ସହ ଜଡିତ ସମସ୍ତ ତାରକା ଏହାକୁ ସେମାନଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଶ୍ରଦ୍ଧା କପୁର ଏହି ଫିଲ୍ମର ଟ୍ରେଲରକୁ ଶେୟାର କରି କ୍ୟାପଶନରେ ଲେଖିଛନ୍ତି, "ଏହା ହେଉଛି 'ସ୍ତ୍ରୀ ୨' ଟ୍ରେଲର, ଚନ୍ଦେରୀର ନୂଆ ଆତଙ୍କ ବିରୋଧରେ ଲଢ଼ିବାକୁ ଭାରତର ବହୁ ପ୍ରତୀକ୍ଷିତ ଗ୍ୟାଙ୍ଗ୍ ଫେରି ଆସିଛି।" ଏହି ହରର କମେଡି ଫିଲ୍ମର ଟ୍ରେଲରକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ତେବେ ଏହି ଫିଲ୍ମରେ 'ସ୍ତ୍ରୀ'ର ଅଧିକାଂଶ ତାରକା ନଜର ଆସିବେ। ଅମର କୌଶିକଙ୍କ ନିର୍ଦ୍ଦେଶିତ ଏବଂ ଦିନେଶ ଭିଜାନ ଓ ଜ୍ୟୋତି ଦେଶ୍‌ପାଣ୍ଡେଙ୍କ ପ୍ରଯୋଜିତ ଏହି ଫିଲ୍ମରେ ଶ୍ରଦ୍ଧାଙ୍କ ବ୍ୟତୀତ ରାଜକୁମାର ରାଓ, ପଙ୍କଜ ତ୍ରିପାଠୀ, ଅପାରଶକ୍ତି ଖୁରାନା ଓ ଅଭିଷେକ ବାନାର୍ଜୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଆସନ୍ତା ଅଗଷ୍ଟ ୧୫ରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ।

୩ ଦିନ ପରେ ବିଧାନସଭା

# ବିଧାୟକ ଦଳ ନେତା ବାଛିପାରିନି କଂଗ୍ରେସ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସରକାର ଆସିବା ପରେ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନକୁ ମାତ୍ର ୩ ଦିନ ବାକି ଥିବାବେଳେ ଏ ପର୍ଯ୍ୟନ୍ତ କଂଗ୍ରେସ ତା'ର ବିଧାୟକ ଦଳ ନେତା ଚୟନ କରିପାରିନାହିଁ। ବିଧାୟକ ଦଳ ନେତା କେବେ ହେବେ ଓ କାହାଙ୍କୁ କରାଯିବ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ପାଖରେ ମଧ୍ୟ ଖବର ନାହିଁ। ତେବେ କୌଣସି ସମୟରେ ଦଳ ଏନେଇ ଘୋଷଣା କରିପାରେ ବୋଲି ଶରତ କହିଛନ୍ତି। ମୁଖ୍ୟତଃ ୨ଜଣ ନେତାଙ୍କ ମଧ୍ୟରୁ କାହାକୁ ଏହି ପଦବୀ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ନାମ ରାଜନୈତିକ ମହଲରୁ ଶୁଣିବାକୁ ମିଳୁଛି। ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଏକ ଘରୋଇ ହୋଟେଲରେ ବିଧାୟକମାନଙ୍କ ସହ ସାକ୍ଷାତ୍ କରି ଜଣ ଜଣ କରି ସମସ୍ତଙ୍କ ମତ ନେଇଥିଲେ। ଏହାପରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ନେତୃତ୍ୱରେ କେତେଜଣ ବିଧାୟକ ଯାଇ ନୂଆଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସାକ୍ଷାତ୍ କରିଥିଲେ। ଇତିମଧ୍ୟରେ ବିଧାୟକ ଦଳ ନେତା କାହାକୁ କରାଯିବ, ସେନେଇ ପ୍ରସ୍ତୁତ କରାଯାଇଥିବା ମତାମତ ସମ୍ପର୍କିତ ରିପୋର୍ଟ ଏଆଇସିସି ନିକଟରେ ଦାଖଲ କରାଯାଇଥିବା ଅଜୟ କୁମାର ମଧ୍ୟ କିଛିଦିନ ତଳେ ସୂଚନା ଦେଇସାରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ବିଧାୟକ ଦଳ ନେତା ଘୋଷଣା ନ ହେବା ଦଳ ମଧ୍ୟରେ ବିଶେଷ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏନେଇ ଶରତ କହିଛନ୍ତି, ୨ ବରିଷ୍ଠ ନେତାଙ୍କ ମଧ୍ୟରୁ କାହାକୁ ଏହି ଦାୟିତ୍ୱ ମିଳିପାରେ ବୋଲି ଅନୁମାନ କରାଯାଉଛି। ହେଲେ ଜାତୀୟ ଦଳ ଭାବେ ଏଆଇସିସି କେଉଁ ପ୍ରକାର ନିଷ୍ପତ୍ତି ନେବ ସେକଥା ଏବେଠାରୁ କୁହାଯାଇପାରିବ ନାହିଁ। ତେଣୁ କୌଣସି ସମୟରେ ଏ ନେଇ ଘୋଷଣା ହୋଇପାରେ, ତାହାକୁ ହିଁ ଅପେକ୍ଷା।



ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି, ଉପରାଜ୍ୟପାଳଙ୍କୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ ପ୍ରତିବାଦରେ ଗୁରୁବାର ଜମ୍ମୁ-କଶ୍ମୀର ରାଜଭବନ ଘେରାଉ କରିବାକୁ ଯାଉଥିବା କଂଗ୍ରେସ ନେତାମାନଙ୍କୁ ପୋଲିସ ଓ ସୁରକ୍ଷା ଯବାନ ଅଟକାଉଛନ୍ତି।

# ପୁରୀରେ ଆଜିଠାରୁ ୨ଦିନିଆ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

**ଉଦ୍‌ଘାଟନ କରିବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା**

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଏବଂ ଶନିବାର ୨ଦିନ ଧରି ପୁରୀ ଠାରେ ଅନୁଷ୍ଠିତ ହେବ। ଏନେଇ ଦଳ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଶେଷ ହୋଇସାରିଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନ ସାଢ଼େ ୨ଟା ସମୟରେ ଏହି କାର୍ଯ୍ୟକ୍ରମ ସମୁଦ୍ରକୂଳ ନିକଟସ୍ଥ ଏକ ଘରୋଇ ହୋଟେଲ ପଡ଼ିଆରେ ହେବ ବୋଲି ଜଣାପଡିଛି। ଭାଜପା ରାଜ୍ୟରେ ପ୍ରଥମ ଥର ସରକାର ଗଠନ କରିବା ପରେ ଏହା ହେଉଛି ପ୍ରଥମ କାର୍ଯ୍ୟକାରିଣୀ। ତେଣୁ ଏଥିରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ନଡ୍ଡା ଦିନ ୧୧ଟା ସମୟରେ ଭୁବନେଶ୍ୱର ଠାରେ ପହଞ୍ଚିବା ପରେ ସିଧା ପୁରୀ ଅଭିମୁଖେ ଗସ୍ତ କରିବେ। ସେଠାରେ ସେ ଜଗନ୍ନାଥଙ୍କ ଦର୍ଶନସାରି କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବେ। ନଡ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ପ୍ରଥମେ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହେବ।

ବୈଠକରେ ନଡ୍ଡାଙ୍କ ସମେତ ଅନ୍ୟ କେନ୍ଦ୍ରୀୟ ନେତାମାନଙ୍କ ମଧ୍ୟରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏଥିରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ ବୋଲି କାର୍ଯ୍ୟକ୍ରମ ଥିବାବେଳେ ପରବର୍ତ୍ତୀ ସମୟରେ ଏହା ବାତିଲ କରାଯାଇଛି। ତେବେ ରାଜ୍ୟରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସବୁ ଏମ୍‌ପି, ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତି, ସାଧାରଣ ସମ୍ପାଦକ, ଲୋକ ସଭା ଓ ବିଧାନସଭାର ସମସ୍ତ ସଂଯୋଜକ ଏବଂ ପ୍ରଭାରୀ, ବିଭିନ୍ନ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନେ ଏହି ବୈଠକରେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ତେବେ ଏଥିରେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି।

# ପୂର୍ବରୁ ଏମିତି ହୋଇଥିଲେ ବିରୋଧୀ ଦଳରେ ବସିବାକୁ ପଡ଼ି ନ ଥା'ନ୍ତା: ଅମର

ଭୁବନେଶ୍ୱର,୧୮।୭(ଅନିଲଦାସ)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ବିଜେଡି ବିଧାୟକମାନଙ୍କୁ ବିଭିନ୍ନ ସରକାରୀ ବିଭାଗର ଦାୟିତ୍ୱ ଦେଇଛନ୍ତି। ପ୍ରତି ବିଭାଗର କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ବିଜେଡି ବିଧାୟକଙ୍କୁ କୁହାଯାଇଛି। ଦାୟିତ୍ୱ ପାଇବା ପରେ ବିଧାୟକମାନେ ତର୍ଜମା ଆରମ୍ଭ କଲେଣି। ତେବେ ଏହି ଛାୟା କ୍ୟାବିନେଟ ସମ୍ପର୍କରେ ବିଜେଡି ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ଆଗରୁ ଏଭଳି କରିଥିଲେ, ହୁଏତ ଆମେ ଆଜି ବିରୋଧୀ ସିଟରେ ନ ଥାଆନ୍ତୁ। ପୂର୍ବରୁ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ କରିବାର ଥିଲା। ତଥାପି ସେ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।



ଅମର ପ୍ରସାଦ ଶତପଥୀ

ତେବେ ଶାସକ ଭାଜପା ଏପରି ନିଷ୍ପତ୍ତିର କଡ଼ା ସମାଲୋଚନା କରିଛି। ଏ ନିଷ୍ପତ୍ତି ତାମିଲ ବାବୁଙ୍କର। ଦଳ ସରକାରରୁ ଚାଲିଯାଇଥିଲେ ବି ହ୍ୟାଙ୍ଗ୍ ଓଭର୍ ଏଯାଏ ଯାଇନି। ସେହିଭଳି କଂଗ୍ରେସ କହିଛି, ଏହା କେବଳ ଆଇ ୱାଶ୍।

# ନବୀନ ପଟ୍ଟନାୟକଙ୍କ ବିରୋଧରେ ଏତଲା

## ବିଜେଡି ସରକାର ଠିକାଦାର ସଂଘକୁ ଧୋକା ଦେଇଥିବା ଅଭିଯୋଗ

ଭୁବନେଶ୍ୱର,୧୮।୭(ସତ୍ୟଜିତ୍ ରାଉତ)

ନିଖିଳ ଓଡ଼ିଶା ଠିକାଦାର ମହାସଂଘକୁ ବିଜେଡି ସରକାର ଧୋକା ଦେଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୨୫ବର୍ଷ ହେବ ଓଡ଼ିଶାର କାମକୁ ଅନ୍ୟ ରାଜ୍ୟର ଠିକାଦାରମାନଙ୍କୁ ଦେଇ ଓଡ଼ିଶାର ଠିକାଦାରମାନଙ୍କ ସହ ଛଳନା କରାଯାଇଥିବା ଠିକାଦାର ସଂଘ ପକ୍ଷରୁ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏନେଇ ସଂଘ ପକ୍ଷରୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଏତଲା ଦିଆଯାଇଛି। ପୂର୍ବ ବିଜେଡି ସରକାର ଠିକାଦାରଙ୍କ ଦାବିଗୁଡିକୁ ପୂରଣ କରିବାକୁ କମିଟି ଗଢ଼ିଥିବାବେଳେ ଏହି ସଦସ୍ୟମାନେ ଚୁପ ବସିଯାଇଥିଲେ। ତେଣୁ କମିଟି ସଦସ୍ୟ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୂର୍ବତନ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ବର୍ତ୍ତମାନର ପୂର୍ତ୍ତ ବିଭାଗ ସଚିବ ବୀରବିକ୍ରମ ଯାଦବଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି କରି ଠିକାଦାର ସଂଘ ଏତଲା ଦେଇଛି। ସଂଘର ସଭାପତି ପ୍ରଭାତ ଦାଶ ଏହି ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ, ୨୦୧୯ରେ ଠିକାଦାର ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଧାରଣା ଦିଆଯାଇଥିଲା। ଉକ୍ତ ଆନ୍ଦୋଳନରେ ୧୫ ହଜାର ଠିକାଦାର ସାମିଲ ହୋଇଥିଲେ। ସଂଘର ଦାବି ରହିଛି ଯେ, ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡର ପାଇବାକୁ ଥିବା ମାନଦଣ୍ଡଗୁଡ଼ିକୁ ଉଠାଇ ଦିଆଯାଉ। ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରଗୁଡ଼ିକୁ ଲାଇସେନ୍ସ ଭିତ୍ତିରେ ଓଡ଼ିଶାର ଠିକାଦାରମାନଙ୍କୁ ଦିଆଯାଉ। ଓଡ଼ିଶାର ବିଭିନ୍ନ କାମକୁ ଏକାଠି କରି ବଡ଼ ମୂଲ୍ୟର ଟେଣ୍ଡର କରା ନ ଯାଉ। ୫୦ କୋଟି ଯାଏ କୌଣସି ଟେଣ୍ଡରକୁ ଅନ୍ୟ ରାଜ୍ୟର ଠିକାଦାରଙ୍କୁ ଦିଆ ନ ଯାଉ। ପ୍ରତିବର୍ଷ ଟେଣ୍ଡର ମୂଲ୍ୟରେ ପରିବର୍ତ୍ତନ କରାଯାଉ ଆଦି ୧୦ ଦଫା ଦାବି ଉଲ୍ଲେଖ କରାଯାଇଛି। ଏହାପରେ ୨୦୧୯ ଡିସେମ୍ବର ୧୭ରେ ରାଜ୍ୟ ସରକାର ଏକ ୭ଜଣିଆ କମିଟି ଗଠନ କରିଥିଲେ। ଏହି କମିଟିରେ ନିରଞ୍ଜନ ପୂଜାରୀ ଅଧ୍ୟକ୍ଷ ଏବଂ ବୀର ବିକ୍ରମ ଯାଦବ ସଂଯୋଜକ ଦାୟିତ୍ୱରେ ଥିଲେ। ଗୋଟିଏ ମାସକ ମଧ୍ୟରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଦୀର୍ଘ ୫ ବର୍ଷ ଧରି ଠିକାଦାର ସଂଘ ସହ ବିଜେଡି ସରକାର ଛଳନା କରିଥିବା ସଭାପତି ଦାଶ ଅଭିଯୋଗ କରିଛନ୍ତି।




ମଞ୍ଚେଶ୍ୱର ଥାନାକୁ ଏତଲା ଦେବାକୁ ଯାଇଥିବା ନିଖିଳ ଓଡ଼ିଶା ଠିକାଦାର ମହାସଂଘର କର୍ମକର୍ତ୍ତା।

# ଜମ୍ମୁ ରାଜଭବନ ଘେରାଉ ଉଦ୍ୟମ ପଣ୍ଡ: କଂଗ୍ରେସ ନେତା ଅଟକ

ଜମ୍ମୁ,୧୮।୭(ପି.ଟି.)

ଜମ୍ମୁ-କଶ୍ମୀରରେ ଆତଙ୍କବାଦ ରୋକିବାରେ ବିଫଳ ହୋଇଥିବା କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ବିଧାନସଭା ନିର୍ବାଚନ ପୂର୍ବରୁ ଉପରାଜ୍ୟପାଳଙ୍କୁ ସମସ୍ତ କ୍ଷମତା ପ୍ରଦାନ କରିଛି। ଏହାର ପ୍ରତିବାଦରେ କଂଗ୍ରେସ ଗୁରୁବାର ରାଜଭବନ ଘେରାଉ ଉଦ୍ୟମ କରୁଥିବାବେଳେ ପୋଲିସ ଏହାକୁ ପଣ୍ଡ କରିଦେଇଛି। ଜମ୍ମୁ-କଶ୍ମୀରର ଏଆଇସିସି ପ୍ରଭାରୀ ଭରତ ସିଂ ସୋଲାଙ୍କି, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭିକାର ରସୁଲ୍ ୱାନିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ରାଜଭବନ ଅଭିମୁଖେ ବାହାରିଥିଲେ। ସେମାନଙ୍କ ସହ କେତେଜଣ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ମଧ୍ୟ ସାମିଲ ହୋଇଥିଲେ। ତେବେ ସେମାନେ ବାରିକେଡ୍ ଅତିକ୍ରମ କରିବା ପରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି, ଉପରାଜ୍ୟପାଳଙ୍କ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନର ପ୍ରତିବାଦ ଏବଂ ବିଧାନସଭା ନିର୍ବାଚନ ପୂର୍ବରୁ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇଦେବା ଦାବିରେ କଂଗ୍ରେସ ପକ୍ଷରୁ ଏହା ପ୍ରଥମ ଯୋଜନାବଦ୍ଧ ଆନ୍ଦୋଳନ ଥିଲା।

# ପିଏମ୍ କିଷାନ ନିଧି ଯୋଜନାରେ ୭୫ଲକ୍ଷ ଚାଷୀଙ୍କୁ ସାମିଲ କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ନିକଟରେ ରାଜ୍ୟ ସରକାର ପିଏମ୍ କିଷାନ ନିଧି ଯୋଜନାରେ ଅଧିକ ୬ଲକ୍ଷ ଚାଷୀଙ୍କୁ ସାମିଲ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୁନ୍ ୧୮ରେ ବରଗଡ଼ରେ ପିଏମ୍ କିଷାନର ୧୭ତମ କିସ୍ତି ବଣ୍ଟନ ଉତ୍ସବରେ ଯୋଗଦେଇ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଥିଲେ। ଯଦି ଏହି ୩୭ ଲକ୍ଷ ୬୨ ହଜାର ଚାଷୀ ପିଏମ୍ କିଷାନ ନିଧି ତାଲିକାରେ ଅନ୍ତର୍ଭୁକ୍ତ ହେଉଛନ୍ତି, ତେବେ ରାଜ୍ୟରେ ବଳକା ୩୭ ଲକ୍ଷ ୩୮ ହଜାର ଚାଷୀଙ୍କୁ କାହିଁକି ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ଚାଷୀଙ୍କୁ ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ସହାୟତା ଦେଉଛନ୍ତି। କିନ୍ତୁ ବର୍ତ୍ତମାନ ଯେପରି କୃଷି ଉତ୍ପାଦ ପାଇଁ ଆବଶ୍ୟକ ଦରଦାମ ବୃଦ୍ଧି ଏଥିରେ ଚାଷୀର ଆୟ ଦ୍ୱିଗୁଣିତ ହୋଇପାରୁନାହିଁ। ତେଣୁ କେନ୍ଦ୍ର ଓଡ଼ିଶାର ସମସ୍ତ ୭୫ ଲକ୍ଷ ଚାଷୀଙ୍କୁ ପିଏମ୍ କିଷାନ ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ବର୍ଷକୁ ୩ଟି କିସ୍ତିରେ ଅନ୍ତତଃ ୫ ହଜାର ଟଙ୍କା ଲେଖାଏ ମୋଟ ୧୫ ହଜାର ଟଙ୍କା ଦେବାକୁ ସରକାରଙ୍କୁ କଂଗ୍ରେସ ପକ୍ଷରୁ ଦାବି କରାଯାଉଥିବା ଅମିୟ କହିଛନ୍ତି।

# ଅନନ୍ତଙ୍କ ବିଜୟକୁ ଜଗନ୍ନାଥଙ୍କ ଚ୍ୟାଲେଞ୍ଜ

କଟକ,୧୮।୭ (କାର୍ତ୍ତିକ ସାହୁ)

**ଅସିଦ୍ଧ ଘୋଷଣା ପାଇଁ ହାଇକୋର୍ଟରେ ପିଟିଶନ**

ସାଧାରଣ ନିର୍ବାଚନରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ପାଇଁ ହାଇକୋର୍ଟରେ ଗୁରୁବାର ଏକ ପିଟିଶନ ଦାୟର ହୋଇଛି। ସ୍ୱଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଏହି ପିଟିଶନ ଜରିଆରେ ଜେନାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଆବେଦନକାରୀ ପ୍ରଧାନ ପିଟିଶନରେ ଦର୍ଶାଇଛନ୍ତି, ଭୋଟ ଗଣତିରେ ଜାଲିଆତି କରି ବିଧାୟକ ଜେନା ବିଜୟୀ ହୋଇଛନ୍ତି। ଜେନାଙ୍କ ବିଜୟ ପଛରେ ରିଟର୍ନିଂ ଅଫିସରଙ୍କ ଅସାଧୁ ମେଣ୍ଟ ରହିଛି। ରିଟର୍ନିଂ ଅଫିସର ଅସାଧୁ ଉପାୟ ଅବଲମ୍ବନ କରି ଜେନାଙ୍କୁ ବେଆଇନ ଭାବେ ବିଜୟୀ ଘୋଷିତ କରିଛନ୍ତି। ସେମାନେ ଜନ ପ୍ରତିନିଧି ଆଇନକୁ ଉଲ୍ଲଂଘନ କରିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଧାନ ମାତ୍ର ୩୭ ଖଣ୍ଡ ଭୋଟ୍ ବ୍ୟବଧାନରେ ଜେନାଙ୍କଠାରୁ ପରାଜିତ ହୋଇଛନ୍ତି। ପାଖାପାଖି ୪୦ ଖଣ୍ଡ ପୋଷ୍ଟାଲ ବାଲଟ ଯାହା ଗଣତି ଯୋଗ୍ୟ ନୁହେଁ, ସେଗୁଡ଼ିକ ରିଟର୍ନିଂ ଅଫିସର ଅନ୍ୟାୟ ଭାବେ ଗଣତି କରି ଜେନାଙ୍କ ସପକ୍ଷରେ ନେଇ ତାଙ୍କୁ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ଏଣୁ ଜେନାଙ୍କ ବିଜୟ ଆଇନତଃ ଅଗ୍ରହଣୀୟ। ତେଣୁ ଫଳାଫଳକୁ ଅସିଦ୍ଧ ଘୋଷଣା କରି ସାନି ନିର୍ବାଚନ କରାଇବା ପାଇଁ ଆବେଦନକାରୀ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି। ଏଥିରେ ତାଙ୍କୁ ଅଦ୍ୱିତୀୟ ଶତପଥୀ, ସୌମିକସ୍ପନ୍ଦନ ତ୍ରିପାଠୀ, ପ୍ରୀତମ ପ୍ରଧାନ, ସୁମନ ପ୍ରିୟଦର୍ଶିନୀ ଓ ପ୍ରୀତିପ୍ରଜ୍ଞା ଦାଶ ପ୍ରମୁଖ ସହାୟତା କରୁଛନ୍ତି।

# ଆଜି ବିଜେଡି ସଂସଦୀୟ ଦଳ ବୈଠକ

ଭୁବନେଶ୍ୱର,୧୮।୭(ଅନିଲ ଦାସ)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ନବୀନ ନିବାସଠାରେ ବିଜେଡି ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ପାର୍ଲାମେଣ୍ଟ ଅଧିବେଶନରେ ଦଳର ରଣନୀତି ନେଇ ବୈଠକରେ ଆଲୋଚନା ହେବ। ଉଲ୍ଲେଖଯୋଗ୍ୟ, ବିଜେଡିର ଲୋକ ସଭାରେ କୌଣସି ଏମ୍‌ପି ନ ଥିବା ବେଳେ ରାଜ୍ୟ ସଭାରେ ୯ ଜଣ ସଦସ୍ୟ ରହିଛନ୍ତି। ରାଜ୍ୟ ସଭା ସଦସ୍ୟଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହେବ। ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ସହ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଜେଡି ରାଜ୍ୟ ସଭାରେ ଦାବି ଉଠାଇବ।

# ଶ୍ରୀୟାସ୍ମିତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

କଂଗ୍ରେସ ନେତ୍ରୀ ଶ୍ରୀୟାସ୍ମିତା ପଣ୍ଡାଙ୍କ ବିରୋଧରେ ଲାଗିଥିବା ନିଲମ୍ବନ ଆଦେଶକୁ ଗୁରୁବାର ପ୍ରତ୍ୟାହାର କରିନିଆଯାଇଛି। ଶ୍ରୀୟାସ୍ମିତାଙ୍କ ଅନୁରୋଧ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଆବେଦନକ୍ରମେ ଦଳର ହାଇକମାଣ୍ଡ ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ସାଙ୍ଗଠନିକ ସ୍ଥିତିକୁ ସଙ୍ଗଠିତ କରିବା ପାଇଁ ଆଗାମୀ ଦିନରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏନେଇ ଦଳର ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜାଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି। ଗତ କିଛି ଦିନ ପୂର୍ବେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପରେ ହୋଇଥିବା କାଳିମାଡ଼ ଘଟଣାରେ ତାଙ୍କ ସମ୍ପୃକ୍ତି ନେଇ ଶ୍ରୀୟାସ୍ମିତାଙ୍କୁ କଂଗ୍ରେସରୁ ନିଲମ୍ବନ କରାଯାଇଥିଲା। ଏହାର ପ୍ରତିବାଦରେ ସେ କଂଗ୍ରେସ ଭବନ ସମ୍ମୁଖରେ କିଛିଦିନ ଧାରଣାରେ ବସିଥିଲେ।

# ଗୃହ ସମ୍ପର୍କ ଅଭିଯାନ ସଫଳତା ଦେଲା: ଅମର ନାୟକ

ଚଣ୍ଡିଖୋଲ/ବଡ଼ଚଣା,୧୮।୭(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

୨୦ ବର୍ଷ ହେଲା ଲୋକଙ୍କ ସହ ଯୋଡ଼ି ହୋଇ ରହିଛୁ। ଆମ ଦଳ ପ୍ରତି ଲୋକମାନଙ୍କ ବହୁ ଭଲ ପାଇବା ରହିଛି। ସେଥିପାଇଁ ୨୦୧୯ ବିଧାନସଭା ନିର୍ବାଚନରେ ମାତ୍ର ୧,୪୦୦ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲୁ। ୨୦୨୪ ବିଧାନସଭା ନିର୍ବାଚନ ପୂର୍ବରୁ ଦଳ ଦେଇଥିବା ଗୃହ ସମ୍ପର୍କ ଅଭିଯାନ ଦାୟିତ୍ୱକୁ ଆମର କାର୍ଯ୍ୟକର୍ତ୍ତା ସଫଳତାର ସହ କରିଥିଲେ। ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୩ ପଞ୍ଚାୟତର ଘରକୁ ଘର ଯାଇ ସମ୍ପର୍କ ସୁଦୃଢ଼ କରିଥିଲୁ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମୁଁ ଓ ମୋର କାର୍ଯ୍ୟକର୍ତ୍ତା ପ୍ରତ୍ୟେକ ପରିବାରକୁ ଭେଟି ଯେଉଁ ଗୃହ ସମ୍ପର୍କ ସ୍ଥାପନ କଲୁ ତାହା ବିଜୟ ସୁନିଶ୍ଚିତ କଲା। ଗୁରୁବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ବଡ଼ଚଣା ନିର୍ବାଚନମଣ୍ଡଳୀସ୍ତରୀୟ ନିର୍ବାଚନୀ ସମୀକ୍ଷା ବୈଠକରେ ଯୋଗଦେଇ ବିଧାୟକ ଅମର କୁମାର ନାୟକ ଏକଥା ପ୍ରକାଶ କରିଛନ୍ତି।

ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ସମୀର ମହାନ୍ତି ଯୋଗଦେଇ ଆଗକୁ ଦଳ କିପରି ଲୋକଙ୍କ ସମସ୍ୟା ସମାଧାନ କରିବ ସେଥିନେଇ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ଭାବରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସୁକାନ୍ତ କୁମାର ବିଶ୍ୱାଳପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଅ: ପ୍ରତାପ ଷଡ଼ଙ୍ଗୀ

**ଖୋର୍ଦ୍ଧା ଭାଜପାର ନିର୍ବାଚନୀ ସମୀକ୍ଷା ବୈଠକ**

ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ଜିଲାର ନିର୍ବାଚନୀ ସମୀକ୍ଷା ବୈଠକ ସ୍ଥାନୀୟ ବରୁଣେଇସ୍ଥିତ ଡାକବଙ୍ଗଳାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଭାରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଜନମତ ଏବଂ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ଭାଜପା ପାଇଁ ବରଦାନ ପାଲଟିଥିଲା। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଖୋର୍ଦ୍ଧା, ଏକାମ୍ର ଭୁବନେଶ୍ୱରରେ ଦଳକୁ ବହୁମତ ମିଳିଛି। ଏଥିସହିତ ଚିଲିକା ବିଧାନସଭା ଆସନରେ ମଧ୍ୟ ଦଳ ବିଜୟ ଲାଭ କରିଛି। ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଓଡ଼ିଶାରେ ସରକାର ଗଠନ କରିଛି। ଭାଜପା ସରକାର ହେଉଛି ଲୋକଙ୍କ ସରକାର। ନିର୍ବାଚନ ସମୟରେ ଦଳ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଦଳ ପ୍ରତି ଆସ୍ଥା, ବିଶ୍ୱାସ ପ୍ରକଟ କରିଥିବା ଜନସାଧାରଣଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବା ଲାଗି ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ବିକଶିତ ଓଡ଼ିଶା ଗଠନର ବିନ୍ଧାଣି ହେବାକୁ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ସମୃଦ୍ଧ, ପ୍ରଗତିଶୀଳ ଓଡ଼ିଶା ଗଠନ କରିବାକୁ ହେଲେ ପରସ୍ପର ମଧ୍ୟରେ ରହିଥିବା ମନୋମାଳିନ୍ୟ ଭୁଲି ଲକ୍ଷ୍ୟପଥରେ ଅଗ୍ରସର ହେବାକୁ କହିଥିଲେ। ଗ୍ରାମାଞ୍ଚଳରେ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଯତ୍ନବାନ ହେବାକୁ ସେ ଜନପ୍ରତିନିଧି, ନେତା ଓ କର୍ମୀଙ୍କୁ ଷଡ଼ଙ୍ଗୀ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲା ସଭାପତି ରଶ୍ମି ମହାପାତ୍ର, ବରିଷ୍ଠ ଭାଜପା ନେତା ସୁଦୀପ୍ତ ରାୟ, ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଭାଜପା ନେତା ଅରବିନ୍ଦ ଢାଲି, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ରଣବିଜୁଳି, ସୁବାସ ଜେନା, ବିଶ୍ୱରଞ୍ଜନ ବଡ଼ଜେନା, ରାଜୀବ ଷଡ଼ଙ୍ଗୀଙ୍କ ସମେତ ମଣ୍ଡଳସ୍ତରୀୟ କର୍ମୀ, ନେତା ଉପସ୍ଥିତ ଥିଲେ।




ବରୁଣେଇସ୍ଥିତ ଡାକବଙ୍ଗଳାରେ ଗୁରୁବାର ଖୋର୍ଦ୍ଧା ଜିଲାର ଭାଜପା ନିର୍ବାଚନୀ ସମୀକ୍ଷା ବୈଠକରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ନେତାମାନେ।

# ଷ୍ଟକ୍ ଏକ୍ସଚେଞ୍ଜର ନୂତନ ମାଇଲଖୁଣ୍ଟ

■୮୧,୦୦୦ ଉପରେ ସେନ୍‌ସେକ୍ସ
■ନିଫ୍ଟି ୨୫,୦୦୦ ନିକଟବର୍ତ୍ତୀ



ନୂଆଦିଲ୍ଲୀ,୧୮।୭ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିବାରୁ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ ଏକ ଐତିହାସିକ ସଫଳତା (ସର୍ବୋଚ୍ଚ ସ୍ତରର କାରବାର) ସହ ନୂତନ ରେକର୍ଡ ହାସଲ କରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ମଧ୍ୟ ନୂତନ ରେକର୍ଡ ସହ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ବିଶେଷକରି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର ୮୧,୦୦୦ ଅଙ୍କ ଉପରେ ପହଞ୍ଚିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ମଧ୍ୟ ୨୫, ୦୦୦ ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାର କାରବାରରେ ଉଭୟ ଏନ୍‌ଏସ୍‌ଇ ଓ ବିଏସ୍‌ଇ ପ୍ରାରମ୍ଭରୁ ଲାଭରେ ଚାଲିଥିଲାବେଳେ ଶେଷ ବେଳକୁ କାରବାର କିଛି ପରିମାଣରେ ହ୍ରାସ ପାଇଥିଲା। ଏପରିକି ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲା। ଏପରିକି ୮୦, ୭୦୦ ଅଙ୍କରୁ କାରବାର ଆରମ୍ଭ ହୋଇଥିଲାବେଳେ ସେନ୍‌ସେକ୍ସ ଅଲ୍ ଟାଇମ ହାଇ ୮୧,୫୨୨ ଅଙ୍କରେ ପହଞ୍ଚିଥିଲା। ବୁଧବାର ବଜାର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୮୧, ୩୪୩.୪୬ ଅଙ୍କରେ ବନ୍ଦ ହୋଇଥିଲା। ସେହିପରି ଏନ୍‌ଏସ୍‌ଇ ନିଫ୍ଟି୫୦ର କାରବାର ମଧ୍ୟ ପ୍ରାରମ୍ଭରେ ସର୍ବୋଚ୍ଚ ୨୪,୯୦୦ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ଏହା ୨୪, ୮୦୦.୮୫ ଅଙ୍କରେ କାରବାର ବନ୍ଦ କରିଥିଲା।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର କାରବାର ୦.୭୮% ବୃଦ୍ଧି ଘଟିଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ର କାରବାର ମଧ୍ୟ ୦. ୭୬% ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ଏବଂ ବିଏସ୍‌ଇ ମିଡ୍‌କ୍ୟାପ କାରବାର ବୃଦ୍ଧି ପାଇଥିଲା। ନିଫ୍ଟି ମିଡ୍‌କ୍ୟାପର କାରବାର ୫୫୨. ୯୦ ପଏଣ୍ଟ ବା ୦.୯୬% ହ୍ରାସ ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୭୫.୨୫ ପଏଣ୍ଟ ବା ୦. ୮୫% କମିଥିଲା। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ) ର କାରବାର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ କାରବାର ଶେଷ ସୁଦ୍ଧା ୨୨୩. ୯୦ ପଏଣ୍ଟ ବା ୦.୪୩% ବୃଦ୍ଧି ପାଇ ୫୨,୬୨୦.୭୦ ଅଙ୍କରେ କାରବାର ବନ୍ଦ କରିଥିଲା ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜୀକୃତ ନିବେଶକଙ୍କ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍ବାଧିକ ଲାଭବାନ୍ ହୋଇଥିଲାବେଳେ ଭାରତୀ ଏୟାରଟେଲ, ଅଲଟ୍ରାଟେକ୍ ସିମେଣ୍ଟ, ପାୱାର ଗ୍ରୀଡ୍ କର୍ପୋରେଶନ, ଆକ୍ସିସ ବ୍ୟାଙ୍କ, ଟେକ୍ ମହିନ୍ଦ୍ରା ଭଳି ନିବେଶକମାନେ ମଧ୍ୟ ଲାଭବାନ୍ ହୋଇଛନ୍ତି। ଏପରିକି ସେକ୍ଟୋରାଲ କ୍ଷେତ୍ରରେ ଅଟୋ, ଆଇଟି, ଟେଲିକମ୍, ମେଟାଲ, ଏଫ୍‌ଏମ୍‌ସିଜି, ଫାର୍ମା, ହେଲ୍‌ଥ କେୟାର ଏବଂ ଘରୋଇ ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ନିବେଶ ସଂସ୍ଥାର ନିବେଶ ପୂର୍ବଦିନ ଅପେକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି।

## ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୨୭ (୬୨୬.୯୧) ପଏଣ୍ଟ ବଢ଼ି ୮୧,୩୪୩(୮୧,୩୪୩.୪୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୮ (୧୮୭.୮୫) ପଏଣ୍ଟ ବୃଦ୍ଧି ଘଟି ୨୪,୮୦୧ (୨୪,୮୦୦.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ପିଏନ୍‌ବିର ସ୍ଥାନାନ୍ତରିତ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୭ (ଅଭୟ ଦାଶ)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି),ବ୍ରହ୍ମପୁର ମଣ୍ଡଳର ସ୍ଥାନାନ୍ତରିତ (ଦୁରା ଶାଖାର ନୂତନ ପରିସର) ଶାଖା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲା ବ୍ରହ୍ମପୁର ତହସିଲ ଅଧୀନ ପିଏନ୍‌ବି ଦୁରା ଶାଖାକୁ ନିକଟରେ ସ୍ଥାନାନ୍ତର କରାଯାଇଛି। ଏହି ଅବସରରେ ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ରାଜେଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡ. ଆଲୋକ ରଞ୍ଜନ ସେନାପତି, ଦୁରା ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲାବେଳେ ପିଏନ୍‌ବି ମଣ୍ଡଳ ମୁଖ୍ୟ ପ୍ରବନ୍ଧକ ସୁବ୍ରତ କୁମାର ସେଠୀ, ପ୍ରବନ୍ଧକ ଜଗଜ୍ୟୋତି ମିଶ୍ର, ପ୍ରବନ୍ଧକ ଡି.ମାହେଶ୍ୱରୀ ପାତ୍ର ଏବଂ ଶାଖାର ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଶାଖା ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା, ଯେଉଁଥିରେ ପିଏନ୍‌ବିର ଆଞ୍ଚଳିକ ମୁଖ୍ୟ ରାଜେଶ କୁମାର ବ୍ୟାଙ୍କର ଡିଜିଟାଲ ଉତ୍ପାଦ, ଅନ୍‌ଲାଇନ ଋଣ ସୁବିଧା ଏବଂ ବ୍ୟାଙ୍କିଙ୍ଗ୍ ସେବାକୁ ଗ୍ରାହକଙ୍କ ପାଇଁ ସହଜ କରିବାର ପ୍ରତିବଦ୍ଧତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ପିଏନ୍‌ବି ବ୍ରହ୍ମପୁର ମଣ୍ଡଳର ମୁଖ୍ୟ ଡ. ସେନାପତି ଗ୍ରାହକ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉନ୍ନତମାନର ଜୀବନଶୈଳୀ ପାଇଁ ଋଣ ଉତ୍ପାଦ ଓ ଏହାର ଉପଯୋଗିତା ଉପରେ ସମ୍ବୋଧିତ କରିଥିଲେ।

ପରିଶେଷରେ ଶାଖା ମୁଖ୍ୟ ସୀମାଞ୍ଚଳ ସାହୁ, ଉପପ୍ରବନ୍ଧକ ଶ୍ରୀନିବାସ ପଣ୍ଡା ଗ୍ରାହକ ଓ ବରିଷ୍ଠ ଅଧିକାରୀମାନଙ୍କୁ ସେମାନଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇସାର ନୂତନ ଅଭିଯାନ

ଭୁବନେଶ୍ୱର,୧୮।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍‌ର ସହଯୋଗୀ କମ୍ପାନୀ ବା ପ୍ରମୁଖ ପେଣ୍ଟ ବ୍ରାଣ୍ଡ 'ହାଇସା ପେଣ୍ଟସ୍'ର ଆଙ୍ଗୁଠି-ଷ୍ଟାମ୍ପିଂ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ମହୋତ୍ସବରେ ହାଇସା ପେଣ୍ଟସ୍‌ର ଏକ ଆକର୍ଷଣୀୟ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍ ଜରିଆରେ ଅଗଣିତ ଜଗନ୍ନାଥପ୍ରେମୀଙ୍କ ହାତରେ 'ଆଙ୍ଗୁଠି-ଷ୍ଟାମ୍ପିଂ' କରାଯାଇଥିଲା। ଏହି ଅବସରରେ ହାଇସା ପେଣ୍ଟସ୍ ପକ୍ଷରୁ ଓଡ଼ିଶାର ପଟ୍ଟଚିତ୍ର, ଚାନ୍ଦୁଆ, କାଗଜ ମୁଖା ଓ ବନ୍ଧକଳା ଭଳି ଭିନ୍ନ ଭିନ୍ନ କଳା ଉପରେ ଆଲୋକପାତକରି ନୂଆ ରଙ୍ଗ ପୁସ୍ତକ ଉନ୍ମୋଚିତ କରାଯାଇଛି। ଏହି ପୁସ୍ତକରେ ଓଡ଼ିଶାର ସାମୂହିକ ଐତିହ୍ୟରୁ ଅନୁପ୍ରାଣିତ ହୋଇ ଏହାର ମର୍ଯ୍ୟାଦାକୁ ଗର୍ବର ସହ ଉପସ୍ଥାପନ କରାଯାଇଛି। ଏହି ଅବସରରେ ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ବା ହାଇସା ପେଣ୍ଟସ୍‌ର କନ୍‌ଷ୍ଟ୍ରକ୍ସନ କେମିକାଲ୍ସ ମୁଖ୍ୟ ବ୍ୟବସାୟ ଅଧିକାରୀ ସଲିଲ ଦଲାଲ କହିଛନ୍ତି,ଆମେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ସମଗ୍ର ପର୍ବପର୍ବାଣିରେ ଆମର ଅଂଶଗ୍ରହଣ ସମ୍ପ୍ରଦାୟକୁ ନିୟୋଜିତ କରିବା ଏବଂ ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ସେହିଭଳି ଆଙ୍ଗୁଠିରେ ଷ୍ଟାମ୍ପିଂ ଅଭିଯାନ ବ୍ୟତୀତ ହାଇସା ପେଣ୍ଟସ୍ ପକ୍ଷରୁ 'ସ୍ପିନ୍ ଦ ହ୍ୱିଲ୍' ଗେମ୍‌ର ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ପ୍ରତିଯୋଗୀମାନେ ସାମିଲହୋଇ ଟୋଟ୍ ବ୍ୟାଗ୍, କି-ଚେନ୍ ଏବଂ ହ୍ୟାଣ୍ଡ ଫ୍ୟାନ୍ ଭଳି ବିଭିନ୍ନ ସାମଗ୍ରୀ ପୁରସ୍କାର ଲାଭ କରିଛନ୍ତି। ଏପରିକି ଆଙ୍ଗୁଠି ଷ୍ଟାମ୍ପିଂ ଅଭିଯାନରେ ସାମିଲ ହୋଇଥିବା ଅଂଶଗ୍ରହଣକାରୀମାନେ ମଧ୍ୟ ଲକି ଡ୍ର ପାଇଁ ମନୋନୀତ ହୋଇପାରିବେ। ଅପରପକ୍ଷରେ ଅଂଶଗ୍ରହଣକାରୀ ମହୋତ୍ସବ ଶେଷ ଦିନ ହାଇସା ପେଣ୍ଟସ୍‌ର ଉତ୍ପାଦ ଉପରେ ସ୍ୱତନ୍ତ୍ର ଗିଫ୍ଟ ଭାଉଚର ପାଇବେ ବୋଲି ଘୋଷଣା କରାଯାଇଛି।

# ବଜାରରେ ରୟାଲ ଏନ୍‌ଫିଲ୍ଡର ଗରିଲା ୪୫୦



ଭୁବନେଶ୍ୱର,୧୮।୭ (ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରିମିୟମ ବାଇକ୍ ତଥା ଗ୍ଲୋବାଲ ମୋଟର ସାଇକେଲ ବ୍ରାଣ୍ଡ 'ରୟାଲ ଏନ୍‌ଫିଲ୍ଡ'ର ବହୁ ପ୍ରତୀକ୍ଷିତ ଏବଂ ପ୍ରିମିୟମ ମଡର୍ନ ରୋଡ୍‌ଷ୍ଟର 'ରୟାଲ ଏନ୍‌ଫିଲ୍ଡ ଗରିଲା୪୫୦'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଏକ ଉନ୍ନତ ଚାଳନା ଅନୁଭୂତି ଦେବା ପାଇଁ ଠିକ୍ ଭାବେ ନିର୍ମିତ ଗରିଲା ୪୫୦ ଲମ୍ବା ଯାତ୍ରା, ଶୁଦ୍ଧ ଓ ପ୍ରାଥମିକ ଆନନ୍ଦ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ରହିଛି। ସେହିଭଳି ରୟାଲ ଏନ୍‌ଫିଲ୍ଡ ଗରିଲା ବର୍ଗରେ ୩ଟି ଭାରିଆଣ୍ଟ ଯଥା ଆନାଲଗ୍, ଡ୍ୟାଶ ଓ ଫ୍ଲାଶ୍ ସାମିଲ ରହିଛି। ଏପରିକି ୫ଟି ଆକର୍ଷଣୀୟ କଲର (ରଙ୍ଗ)ରେ ଉପଲବ୍ଧ ଏହି ମଡେଲର ବୁକିଂ ଆରମ୍ଭ ହୋଇଯାଇଛି ଏବଂ ୨୦୨୪ ଅଗଷ୍ଟରୁ ଡେଲିଭରି ମଧ୍ୟ ଆରମ୍ଭ ହେବ। ସେହିପରି ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଗରିଲା ୪୫୦ ସହିତ 'ବର୍ଡରଲେସ୍ ୱାରେଣ୍ଟି ପ୍ରୋଗ୍ରାମ' ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ଚାଳକମାନଙ୍କୁ ସେମାନଙ୍କର ରୟାଲ ଏନ୍‌ଫିଲ୍ଡର ମୋଟରସାଇକେଲ ଉପରେ ବିନା ସୀମାରେ ଅଧିକ ଚାଳନା କରିବା ଓ ଆବିଷ୍କାର କରିବା ପାଇଁ ସ୍ୱାଧୀନତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଯାହା ୭୦ରୁ ଅଧିକ ଦେଶ ତଥା ବିଶ୍ୱବ୍ୟାପୀ ୩୦୦୦ରୁ ଅଧିକ ସର୍ଭିସ୍ ସେଣ୍ଟରର ଏକ ବିସ୍ତୃତ ନେଟ୍‌ୱର୍କ ଦ୍ୱାରା ସମର୍ଥିତ ।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଇଓ ବି. ଗୋବିନ୍ଦରାଜନ କହିଛନ୍ତି, ଗରିଲା ୪୫୦ହେଉଛି ଏକ ନିଶ୍ଚିତ ଭାବେ ଆକର୍ଷଣୀୟ ଓ ଗେମ୍ ଚେଞ୍ଜିଂ ରୋଡ୍‌ଷ୍ଟର। ଯେତେବେଳେ ଆମେ ସେର୍‌ପା ୪୫୦ପ୍ଲାଟ୍‌ଫର୍ମ ସହ ଆରମ୍ଭ କରିଥିଲୁ ଆମେ ଏକ ଆଡ୍‌ଭେଞ୍ଚର ଟୁଅରର୍ ଓ ଏକ ସୁପରଲେଟିଭ ରୋଡ୍‌ଷ୍ଟର୍‌ର ପରିକଳ୍ପନା କରିଥିଲୁ ଯାହା ସ୍ୱତନ୍ତ୍ର ଭାବେ ରୟାଲ ଏନ୍‌ଫିଲ୍ଡ ହେବ। ଗରିଲା ୪୫୦ ଠିକ୍ ଏକ ରୋଡ୍‌ଷ୍ଟର ଭଳି ଚରିତ୍ର ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ । ହିମାଳୟାନ ସହ ସମାନ୍ତରାଳ ଭାବେ ବିକଶିତ ଗରିଲାକୁ ସହରାଞ୍ଚଳ ଚାଳନା ସମେତ ଅସମତଳ ସଡକରେ ସପ୍ତାହାନ୍ତର ଚାଳନା ପାଇଁ ସଠିକତା ଲାଗି ଟ୍ୟୁନ୍ କରାଯାଇଛି।

# ଜିଡିପିର ଅନୁମାନ ୭%କୁ ବୃଦ୍ଧି କଲା ଆଇଏମ୍‌ଏଫ୍

ନୂଆଦିଲ୍ଲୀ, ୧୮।୭ (ଅଭୟ ଦାଶ)




ବିଶ୍ୱର ପ୍ରମୁଖ ଆର୍ଥିକ ସଂସ୍ଥା ତଥା ଆମେରିକାର ପ୍ରତିଷ୍ଠିତ ପ୍ରତିଷ୍ଠାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ଆକଳନ ଅନୁଯାୟୀ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପିର ପୂର୍ବାନୁମାନ ୭% କୁ ବୃଦ୍ଧି ପାଇଛି। ଏପରିକି ଆଇଏମଏଫ ଭାରତର ଜିଡିପିକୁ ୨୦ବେସିସ୍ ପଏଣ୍ଟ ବୃଦ୍ଧି କରି ୭% ରେ ପହଞ୍ଚାଇଛି। ୨୦୨୪ ଏପ୍ରିଲରେ ସଂସ୍ଥାର ପୂର୍ବ ଆକଳନ ୬.୮% ରହିଥିବା ବେଳେ ବର୍ତ୍ତମାନ ଆଇଏମ୍‌ଏଫ ତା'ର ପୂର୍ବାନୁମାନକୁ ସଂଶୋଧନ କରିଛି।ଅପରପକ୍ଷରେ ଆଇଏମଏଫର ସଦ୍ୟତମ 'ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍'ରିପୋର୍ଟ ସୂଚାଉଛି, ଚଳିତ ବର୍ଷ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନକୁ ମଧ୍ୟ ୭.୦% କୁ ବୃଦ୍ଧି କରାଯାଇଛି। ବିଶେଷ କରି ଗ୍ରାମାଞ୍ଚଳ ଉପଭୋକ୍ତା ସମ୍ଭାବନାରେ ଉଲ୍ଲେଖନୀୟ ବୃଦ୍ଧି ପରିପ୍ରେକ୍ଷୀରେ ଏହି ଅଭିବୃଦ୍ଧି ଘଟିଛି। ଏହା ସହିତ ଉଦୀୟମାନ ବଜାର ଏବଂ ବିକାଶଶୀଳ ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ଭାବେ ନିଜର ସ୍ଥିତି ବଜାୟ ରଖିଛି। ସେହିଭଳି ଉଦୀୟମାନ ବଜାର ଓ ବିକାଶଶୀଳ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧିର ପୂର୍ବାନୁମାନକୁ ସଂଶୋଧନ କରାଯାଇଛି। ଏପରିକି ଏସିଆ ବିଶେଷ କରି ଚାଇନା ଏବଂ ଭାରତରେ ଦୃଢ଼ କାର୍ଯ୍ୟକଳାପ ଯୋଗୁଁ ଏହି ବୃଦ୍ଧି ଘଟିଛି। ସେହିପରି ଆଇଏମ୍‌ଏଫ୍ ରିପୋର୍ଟରେ କୁହାଯାଇଛି, ଚଳିତ ବର୍ଷ ଭାରତରେ ଅଭିବୃଦ୍ଧିର ପୂର୍ବାନୁମାନକୁ ୭%କୁ ସଂଶୋଧନ କରାଯାଇଛି, ଯାହା ୨୦୨୩ରେ ଅଭିବୃଦ୍ଧିକୁ ଆହୁରି ଅଧିକ କରୁଛି ଏବଂ ବିଶେଷ କରି ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାରର ଉନ୍ନତ ସମ୍ଭାବନାକୁ ପ୍ରତିଫଳିତ କରୁଛି ବୋଲି ଆଇଏମଏଫ ରିପୋର୍ଟରେ କୁହାଯାଇଛି।

# ଯକ୍ଷ୍ମା ଦୂର କରିବ ଭେଜି ବାଇଗଣ

ପତଂଜଲି

ଭୁବନେଶ୍ୱର୧୮।୭(ଅନୁରାଧା ମହାରଣା)

ଯକ୍ଷ୍ମାରୋଗ ନିରାକରଣରେ ଛୋଟି କଟେଲି ବା ଭେଜି ବାଇଗଣ ଉପଯୋଗୀ। ପତଞ୍ଜଳି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ଏପରି ତଥ୍ୟ ପ୍ରକାଶ ପାଇଛି। ଏହି ଅଧ୍ୟୟନର ଉଦ୍ଦେଶ୍ୟ ଥିଲା ଯକ୍ଷ୍ମା ପାଇଁ ଆୟୁର୍ବେଦିକ ଚିକିତ୍ସା ବିକାଶ କରିବା ବୋଲି ପତଞ୍ଜଳି ପକ୍ଷରୁ ସୂଚନା ଦିଆଯାଇଛି ; ଯାହା ଏକାକୀ କିମ୍ବା ବର୍ତ୍ତମାନର ପ୍ରଚଳିତ ଯକ୍ଷ୍ମା ଔଷଧ ସହ ବ୍ୟବହାର କରାଯାଇପାରିବ। ଅଧ୍ୟୟନ ଅନୁସାରେ ଏହାର ଛୋଟ କଣ୍ଟା ଯକ୍ଷ୍ମା ଜୀବାଣୁ ବୃଦ୍ଧି ହାରକୁ ହ୍ରାସ କରିଥାଏ ବୋଲି ଜଣାପଡ଼ିଛି। ଏସ୍‌ଇଏମ୍ ଏବଂ ଟିଏଲ୍‌ସି ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ,ଏସ୍‌ଭିଇ ଚିକିତ୍ସା ବ୍ୟାକ୍ଟେରିଆ କୋଷ ଗଠନକୁ ଦୁର୍ବଳ କରିଥାଏ। ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ପତଞ୍ଜଳି ପାଇଁ ଏହା ଅତ୍ୟନ୍ତ ଆନନ୍ଦଦାୟକ ବିଷୟ ଯେ ଏହି ଅଧ୍ୟୟନ 'ଫ୍ରଣ୍ଟିଅର୍ସ ଇନ୍ ମାଇକ୍ରୋବିଓଲୋଜି' ପତ୍ରିକାରେ ସ୍ଥାନ ପାଇଛି। ଏହି ଅନୁସନ୍ଧାନ ଯକ୍ଷ୍ମା ଉପରେ ଭବିଷ୍ୟତରେ ଅଧ୍ୟୟନର ମୂଳଦୁଆ ଭାବରେ କାର୍ଯ୍ୟ କରିବ, ଯାହା ଯକ୍ଷ୍ମାକୁ ରୋକିବା ପାଇଁ ଜନସାଧାରଣଙ୍କୁ ନୂତନ ସମ୍ଭାବନା ପ୍ରଦାନ କରିବ ବୋଲି ସେ କହିଛନ୍ତି। ଯକ୍ଷ୍ମା ଏକ ସଂକ୍ରାମକ ରୋଗ ହୋଇଥିବାବେଳେ ଏହା ମଣିଷର ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ଏହା କାଶ, ଛିଙ୍କ ଏବଂ ସଂକ୍ରମିତ ବ୍ୟକ୍ତିଙ୍କ ଛେପ ଦ୍ୱାରା ବ୍ୟାପିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୨୦୨୨ ମସିହାରେ ବିଶ୍ୱରେ ୧ କୋଟିରୁ ଅଧିକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହି ରୋଗ ବିଶ୍ୱର ପ୍ରାୟ ସମସ୍ତ ଦେଶରେ ବ୍ୟାପିଛି ଏବଂ ଭାରତରେ ମଧ୍ୟ ୧୯୬୨ ମସିହାରୁ ଏହାର ନିରାକରଣ ପାଇଁ ସରକାରୀ ଯୋଜନା ଚାଲିଛି।

# 'ଅର୍ଥ ମନ୍ତ୍ରଣାଳୟ ନିକଟରୁ ୨ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆଶା କରୁଛୁ'

ଆଗାମୀ ବଜେଟ ନିମନ୍ତେ ଆମେ ସରକାରଙ୍କ ନିକଟରୁ ବିଶେଷକରି ଅର୍ଥ ମନ୍ତ୍ରଣାଳୟ ନିକଟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆଶା କରୁଛୁ। ପ୍ରଥମତଃ ଆମେ ସୁନା ଆମଦାନୀ ଉପରେ ଲାଗୁ କରାଯାଉଥିବା ଶୁଳ୍କ ହ୍ରାସ କରିବା ନେଇ ଦୀର୍ଘଦିନରୁ ଆମ ଅନୁରୋଧକୁ ଦୋହରାଉଛୁ। ଏହି ପଦକ୍ଷେପ ସଫଳତାର ସହ ଆନ୍ତର୍ଜାତିକ ମାନକ ସହିତ ଘରୋଇ ସୁନା ମୂଲ୍ୟ ମଧ୍ୟର ତାଳମେଳ ରଖିବ ଏବଂ ତଦ୍ୱାରା ଚାଲିଥିବା ଅସାଧୁ କାରବାରକୁ ରୋକାଯାଇପାରିବ। ପ୍ରାୟ ୨ ରୁ ୩%



ମିତେଶ ଖିମ୍‌ଜୀ
ଡାଇରେକ୍ଟର ଖିମ୍‌ଜୀ ଜୁଏଲର୍ସ

ଶୁଳ୍କ ହ୍ରାସ ଦ୍ୱାରା ତାହା ଏହି ଲକ୍ଷ୍ୟ ହାସଲ ଦିଗରେ ଉଲ୍ଲେଖନୀୟ ଅବଦାନ ରଖିବ। ଦ୍ୱିତୀୟତଃ ପାନ୍‌କାର୍ଡ ଏବଂ ଅନୁରୂପ ପରିଚୟ ସମ୍ପର୍କିତ କାଗଜ ନିମନ୍ତେ ୨ ଲକ୍ଷ ଟଙ୍କା କାରବାର ନେଇ ସମ୍ପ୍ରତି ରହିଥିବା ସୀମା ସମ୍ପର୍କରେ ଆମେ ଦୃଷ୍ଟି ଆକର୍ଷଣ କରୁଛୁ। ଗତ ୨ବର୍ଷ ମଧ୍ୟରେ ସୁନା ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ପରିପ୍ରେକ୍ଷୀରେ ୫ବର୍ଷ ତଳେ ନିର୍ଦ୍ଧାରଣ କରାଯାଇଥିବା ଏହି ସୀମା ଆଉ ପ୍ରଚଳିତ ବଜାର ବ୍ୟବସ୍ଥାକୁ ପର୍ଯ୍ୟାପ୍ତ ଭାବେ ପ୍ରତିଫଳିତ କରୁ ନାହିଁ। ସେଥିପାଇଁ ପାନ୍‌କାର୍ଡ ସୀମା ୩.୫ ରୁ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଗଲେ ତାହା ଉତ୍ତମ ହେବ। ଏହା ଶିଳ୍ପ ପାଇଁ ସହାୟକ ହେବ ଏବଂ ଗ୍ରାହକମାନଙ୍କୁ ଅନେକ କାଗଜପତ୍ର କାମରୁ ରକ୍ଷା କରିବ।

# ଏଚ୍‌ଏସ୍‌ବିସି ମ୍ୟୁଚୁଆଲ ଫଣ୍ଡର ଡିଜିଟାଲ କ୍ୟାମ୍ପେନ

ଭୁବନେଶ୍ୱର,୧୮।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏଚ୍‌ଏସ୍‌ବିସି ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ 'ଅପ୍‌ନେ ଏସ୍‌ଆଇପି କୋ ଦୋ ପ୍ରମୋଶନ'ର ଶୁଭାରମ୍ଭ ହୋଇଯାଇଛି। ଏପରିକି ଏହି ଅଭିଯାନ ଜରିଆରେ ଏକ ନୂଆ ଡିଜିଟାଲ କ୍ୟାମ୍ପେନର ମଧ୍ୟ ଉନ୍ମୋଚନ କରାଯାଇଛି। ଏହି କ୍ୟାମ୍ପେନରେ ୩୦ ସେକେଣ୍ଡ ଲେଖାଏ ୩ଟି ସର୍ଟ ଫିଲ୍ମର ଏକ ସିରିଜ ରହିଛି, ଯାହା ନିବେଶକଙ୍କୁ ସେମାନଙ୍କ ଏସ୍‌ଆଇପି ଉପରେ ଏକ ଟପ୍ ଅପ୍ ସୁବିଧା ପାଇଁ ବିକଳ୍ପ ଚୟନକରି ସେମାନଙ୍କ ଅର୍ଥକୁ ଏକ ଯୋଗ୍ୟ ପ୍ରମୋଶନ ଦେବାର ବିଚାରଧାରାକୁ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଏ ସମ୍ପର୍କରେ ଏଚ୍‌ଏସ୍‌ବିସି ମ୍ୟୁଚୁଆଲ ଫଣ୍ଡର ସିଇଓ କୈଳାସ କୁଲ୍‌କର୍ଣ୍ଣୀ କହିଛନ୍ତି, ଆମର ଅପ୍‌ନେ ଏସ୍‌ଆଇପି କୋ ଦୋ ପ୍ରମୋଶନ ଶୀର୍ଷକ କ୍ୟାମ୍ପେନ ମାଧ୍ୟମରେ ଆମେ ଯୌଗିକର ଶକ୍ତି ଉପରେ ଗୁରୁତ୍ୱ ଦେବାକୁ ଚାହୁଁଛୁ, ଯାହା ଏକ ଏସ୍‌ଆଇପି ଟପ୍-ଅପ୍ ଆଣୁଛି।

# ରଥଯାତ୍ରାରେ ଜେଏସ୍‌ପି ଫାଉଣ୍ଡେଶନର ମାଗଣା ଭୋଜନ

ଭୁବନେଶ୍ୱର,୧୮।୭ (ଅଭୟ ଦାଶ)




ଦେଶର ପ୍ରମୁଖ ଇସ୍ପାତ ନିର୍ମାତା 'ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର' ବା ଜେଏସ୍‌ପିର ସାମାଜିକ ପ୍ରତିଷ୍ଠାନ ଜେଏସ୍‌ପି ଫାଉଣ୍ଡେଶନ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଭକ୍ତମାନଙ୍କ ସେବା କରିବାର ପରମ୍ପରାକୁ ବଜାୟ ରଖିଛି। ଏପରିକି ରଥଯାତ୍ରା ଅବସରରେ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଦେୟମୁକ୍ତ ଭୋଜନ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ୧୨ ଦିନିଆ ରଥଯାତ୍ରା ମହୋତ୍ସବରେ ୧୪.୨୬ ଲକ୍ଷରୁ ଅଧିକ ଦେୟମୁକ୍ତ ଭୋଜନ ବଣ୍ଟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୬ରୁ ଆରମ୍ଭକରି ସୁନାବେଶ ପର୍ଯ୍ୟନ୍ତ ଫାଉଣ୍ଡେଶନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟ ପୁରୀ ବସ୍‌ଷ୍ଟାଣ୍ଡଠାରେ ପ୍ରତିଦିନ ପାରମ୍ପରିକ ଓଡ଼ିଆ ଖାଦ୍ୟ ଯୋଗାଇ ଦିଆଯାଇଥିଲା।

ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ରଥଯାତ୍ରା ଆଧ୍ୟାତ୍ମିକତା,ଭକ୍ତି ଓ ଏକତାର ପ୍ରତୀକ। ଏହି ପବିତ୍ର ରଥଯାତ୍ରାରେ ଖାଦ୍ୟ, ପାନୀୟ ଜଳ, ଓଆର୍‌ଏସ୍ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରି ଭକ୍ତଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞ। ସେବା ଯୋଗାଇବାରେ ସହଯୋଗ ନିମନ୍ତେ ସେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ସେବା ପାଇଁ ପୁରୀ ବସ୍‌ଷ୍ଟାଣ୍ଡରେ ଏକ ଅସ୍ଥାୟୀ ରୋଷେଇଶାଳା ଏବଂ ଭୋଜନ ପରିବେଷଣ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଭକ୍ତମାନଙ୍କ ସେବା ପାଇଁ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ ଜେଏସ୍‌ପିର କର୍ମଚାରୀ ଏହି କେନ୍ଦ୍ରରେ ନିୟୋଜିତ ହୋଇ ସଦ୍ୟ ପ୍ରସ୍ତୁତ ରନ୍ଧାଖାଦ୍ୟ ବଣ୍ଟନ କରୁଥିଲେ। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନରେ ପରିଚ୍ଛନ୍ନତା ଏବଂ ନିରାପତ୍ତା ମାନଦଣ୍ଡ ପାଳନ ନିମନ୍ତେ ଫାଉଣ୍ଡେଶନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିଲା। ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ସମଙ୍ଗ ପାର୍କିଂ ସ୍ଥଳରେ ମଧ୍ୟ ଏକ ସ୍ୱତନ୍ତ୍ର ରୋଷେଇଶାଳ ଓ ଭୋଜନ ପରିବେଷଣ କେନ୍ଦ୍ରରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା।

# ୧୮ ଲକ୍ଷ ଚାକିରି ଅଛି, ପ୍ରାର୍ଥୀ ନାହାନ୍ତି

ଭୁବନେଶ୍ୱର, ୧୮।୭(ଅନୁରାଧା ମହାରଣା)




ବେକାରି ସମସ୍ୟାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି। ଓଡ଼ିଶା ସମେତ ଛତିଶଗଡ଼, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଉତ୍କଟ ବେକାରି ସମସ୍ୟା ରହିଛି। ନିକଟରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ଏକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଦେଶର ମୋଟ ବେକାରିଙ୍କ ମଧ୍ୟରୁ ୮୩% ଯୁବବର୍ଗ ବୋଲି ଜଣାପଡ଼ିଛି। ଅନ୍ୟପଟେ ଦେଶରେ ଫାଇନାନ୍ସ ସେକ୍ଟରରେ ୧୮ ଲକ୍ଷ ଚାକିରି ଥିଲେ ମଧ୍ୟ ଏହି ଚାକିରି କରିବାକୁ କେହି ନାହାନ୍ତି। ଆର୍ଥିକ ଯୋଜନା ମାନକ ବୋର୍ଡ (ଏଫ୍‌ପିଏସ୍‌ବି)ର ସିଇଓ କୃଷ୍ଣ ମିଶ୍ର ଏକ ସାକ୍ଷାତ୍କାରରେ କହିଛନ୍ତି, ୨୦୨୩ ମସିହାରେ ଆମ ଦେଶରେ ଆର୍ଥିକ ସେବାରେ ୪୬.୮୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିଲା, ମାତ୍ର ସେଥିମଧ୍ୟରୁ କେବଳ ୨୭.୫ ଲକ୍ଷ ପଦବୀ ପୂରଣ ହୋଇଥିଲା। ଏହି ତଥ୍ୟରୁ ଏହା ସ୍ପଷ୍ଟ ଯେ ଏହି କ୍ଷେତ୍ରରେ ୧୮ ଲକ୍ଷ ଚାକିରି ଥିଲା, କିନ୍ତୁ ସେମାନଙ୍କୁ ନେବାକୁ କେହି ନ ଥିଲେ। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ କ୍ୟାରିୟର ପୋର୍ଟାଲର ତଥ୍ୟ ଭିତ୍ତିରେ ମିଶ୍ର ଏହି ସୂଚନା ଉପସ୍ଥାପନ କରିଛନ୍ତି। ମିଶ୍ରଙ୍କ ସୂଚନାନୁସାରେ ନ୍ୟାଶନାଲ କ୍ୟାରିୟର ସର୍ଭିସ୍ ପୋର୍ଟାଲର ତଥ୍ୟ ଅନୁଯାୟୀ ଗତ ବର୍ଷ ଏହି ୧୮ ଲକ୍ଷ ପଦବୀ ପୂରଣ ନ ହେବାର ଅନ୍ୟତମ କାରଣ ହେଉଛି ଆବେଦକାରୀଙ୍କ ପାଖରେ ଆବଶ୍ୟକୀୟ ଯୋଗ୍ୟତାର ଅଭାବ। ଏହି କ୍ଷେତ୍ରର ବ୍ୟାଙ୍କ, ଇନ୍‌ସୁରାନ୍ସ କମ୍ପାନୀ, ବ୍ରୋକ୍‌ରେଜ୍ ହାଉସ ଏବଂ ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ଏହି ଟ୍ରେଣ୍ଡକୁ ବୁଝିପାରୁଥିବା ବ୍ୟକ୍ତିଙ୍କୁ ଚୟନ କରୁଥାଏ। ଫାଇନାନ୍ସ ସେକ୍ଟରରେ ଡାଟା ଆନାଲିଟିକ୍ସ, ଫାଇନାନ୍ସ ମଡେଲିଂ ଓ ଫିନ୍‌ଟେକ୍ ଆଦି ସମ୍ପର୍କିତ ଜ୍ଞାନ ରଖୁଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେଇଥାଏ। ତେବେ ଆଶାୟୀଙ୍କଠାରେ ଏ ସମ୍ପର୍କିତ ଜ୍ଞାନର ଅଭାବ କାରଣରୁ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ଦେଶରେ ପର୍ସନାଲ ଫାଇନାନ୍ସ ସେକ୍ଟରକୁ ଅଣଦେଖା କରାଯାଇଥାଏ। ଫାଇନାନ୍ସିଆଲ ପ୍ଲାନିଂ କେବଳ ଅଭିଜିତ ଶ୍ରେଣୀର ଲୋକଙ୍କ ପାଇଁ ବୋଲି ଅନେକେ ବିଶ୍ୱାସ କରନ୍ତି। ସେହିପରି ଅନ୍‌ଲାଇନ ଚାକିରି ଖୋଜୁଥିବା ଆଶାୟୀମାନେ ଜାଣିରଖିବା ଦରକାର ଯେ, ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନିଂ ପ୍ରଫେଶନାଲଙ୍କ ସଂଖ୍ୟା ଦେଶରେ ଖୁବ୍ କମ୍ ରହିଛି। ଦେଶରେ ଥିବା ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନିଂ ପ୍ରଫେଶନାଲଙ୍କ ପାଇଁ ପ୍ରାୟ ୪୦ ଗୁଣ ଅଧିକ ଚାକିରି ଅଛି। ବର୍ତ୍ତମାନ ସୁଦ୍ଧା ଭାରତରେ ପ୍ରାୟ ୧୦,୦୦୦ ସିପିଏଫ୍ ପ୍ରଫେସନାଲ ରହିଥିବାବେଳେ ୨୦୩୦ ସୁଦ୍ଧା ଏହି କ୍ଷେତ୍ରକୁ ୧ ଲକ୍ଷରୁ ଅଧିକ ସିଏଫପି ଆବଶ୍ୟକ ପଡ଼ିବେ। ସିପିଏଫ୍ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତି ଫାଇନାନ୍ସିଆଲ ପ୍ଲାନିଂ, ବୀମା ପ୍ଲାନିଂ, ବିନିଯୋଗ ପ୍ଲାନିଂ, ଟିକସ ପ୍ଲାନିଂ, ରିଟାଏରମେଣ୍ଟ ପ୍ଲାନିଂ, ଇଷ୍ଟେଟ ପ୍ଲାନିଂ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ସୂଚନା ଥାଉକି, ଦେଶର ଅର୍ଥନୈତିକ ବିକାଶରେ ଫାଇନାନ୍ସ ସେକ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବ୍ୟାଙ୍କିଙ୍ଗ୍, ବୀମା, ପୁଞ୍ଜିବଜାର, ପୁଞ୍ଜି ବିନିଯୋଗ ସେବା ଏବଂ ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ ପ୍ରମୁଖ ଏହି କ୍ଷେତ୍ରରେ ଅନ୍ତର୍ଭୁକ୍ତ। ଅନ୍ୟପଟେ ଆଇଏଲ୍‌ଓ ପକ୍ଷରୁ ନିକଟରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି , ୨୦୦୦ ତୁଳନାରେ ଭାରତର ମୋଟ ବେକାରିଙ୍କ ମଧ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଏହାପୂର୍ବରୁ ୨୦୦୦ ମସିହାରେ ବେରୋଜଗାରି ଶିକ୍ଷିତ ଯୁବକମାନଙ୍କ ସଂଖ୍ୟା ସମୁଦାୟ ବେରୋଜଗାରର ୩୫.୨ ପ୍ରତିଶତ ଥିଲା। ୨୦୨୨ରେ ଏହି ସଂଖ୍ୟା ୬୫.୭ ପ୍ରତିଶତକୁ ବୃଦ୍ଧି ପାଇଛି ଏଥିରେ କେବଳ ସେହି ଶିକ୍ଷିତ ଯୁବକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁମାନେ ଅନ୍ୟୂନ ମାଟ୍ରିକ୍ ପାସ୍ କରିଛନ୍ତି।

# ଧରାପଡ଼ିଲା ଆନ୍ତଃରାଜ୍ୟ ତ୍ରିଚୀ ଗ୍ୟାଙ୍ଗ୍: ୪ ଗିରଫ

**୪ ଲାପ୍‌ଟପ୍, ୨୫ ମୋବାଇଲ, ରଡ୍, ବାଟୁଲିଖଡ଼ା ଜବତ**

- **ବାଟୁଲି ମାରି କାର୍ କାଚ ଭାଙ୍ଗୁଥିଲେ**
- **ଟ୍ରେନରେ ଯାତ୍ରା, ଷ୍ଟେଶନରେ ରହଣି**

ଭୁବନେଶ୍ୱର,୧୮ା୭(ସତ୍ୟଜିତ୍ ରାଉତ)



ଟ୍ରେନ୍‌ରେ ସୁଯୋଗ ଦେଖି ପକେଟ୍‌ମାର୍ କରିବା ସହ 'ମୋ ବସ୍'ରେ ଯାଇ ମୋବାଇଲ ଫୋନ୍ ଚୋରି କରୁଥିଲେ। ବାଟୁଲି ମାରି କାର୍ କାଚ ଭାଙ୍ଗି ଲାପ୍‌ଟପ୍ ଆଦି ଦାମୀ ସାମଗ୍ରୀ ଲୁଟି ନେଉଥିଲେ। ତାମିଲନାଡୁରୁ ଓଡ଼ିଶା ଆସି ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିବା ଏହି ଚୋର ଗ୍ୟାଙ୍ଗର ୪ ଜଣ ଧରାପଡ଼ିଛନ୍ତି। କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଭୁବନେଶ୍ୱରରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସମସ୍ତେ ତାମିଲନାଡୁର ତିରୁଚିରାପଲ୍ଲୀ ତଥା ତ୍ରିଚୀ ଜିଲାର ହୋଇଥିବାରୁ ଗ୍ୟାଙ୍ଗକୁ ତ୍ରିଚୀ ଗ୍ୟାଙ୍ଗ୍ କୁହାଯାଉଛି। ଗିରଫ ଅଭିଯୁକ୍ତମାନେ ହେଲେ ବି. ମୋହିତ୍(୪୮), ପି. ମୂର୍ତ୍ତି(୪୨), ନନ୍ଦ କୁମାର(୪୭) ଏବଂ ଏସ୍. ଦିନେଶ(୪୭)। ସେମାନଙ୍କ ନିକଟରୁ ୪ଟି ଲାପଟପ୍, ୨୫ଟି ମୋବାଇଲ, ଗୋଟିଏ ଲୁହାରଡ୍ ଏବଂ ଏକ ବାଟୁଲିଖଡ଼ା ଜବତ କରାଯାଇଛି। ଶହୀଦନଗର ଥାନା ମାମଲାରେ ଅଭିଯୁକ୍ତମାନଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

### ଦେଶବ୍ୟାପୀ ବୁଲିବୁଲି ଚୋରି, ରଥଯାତ୍ରା ପାଇଁ ଓଡ଼ିଶାରେ ପ୍ରବେଶ

ଏହି ଗ୍ୟାଙ୍ଗର ସଦସ୍ୟମାନେ ପିଢ଼ି ପରେ ପିଢ଼ି ଚୋରିରେ ସାମିଲ ହୋଇଥାନ୍ତି। ସେମାନେ ଚୋରି କରିବା ପାଇଁ ଦେଶର ବିଭିନ୍ନ ମୁଖ୍ୟ ସହରଗୁଡ଼ିକୁ ଯାଆନ୍ତି। ଟ୍ରେନ୍‌ରେ ଯାଇ ଷ୍ଟେଶନରେ ରହନ୍ତି। ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ କୃତ୍ରିମ ଭିଡ଼ ସୃଷ୍ଟି କରି ପକେଟ୍ ମାର୍ କରିଥାନ୍ତି। ଅଭିଯୁକ୍ତମାନଙ୍କ ଅପରାଧ ଇତିହାସ ସମ୍ପର୍କରେ ଜାଣିବାକୁ କମିଶନରେଟ୍ ପୋଲିସ ଅନ୍ୟାନ୍ୟ ରାଜ୍ୟ ପୋଲିସ ସହ ଯୋଗାଯୋଗ କରୁଛି। ଗିରଫ ଅଭିଯୁକ୍ତମାନେ ରଥଯାତ୍ରା ପାଇଁ ଓଡ଼ିଶା ଆସିଥିଲେ। ସେମାନେ ପ୍ରଥମେ ପୁରୀ, ପରେ କଟକ ଓ ଭୁବନେଶ୍ୱରରେ କାଣ୍ଡ ଭିଆଇଥିଲେ।

### ଟ୍ୱିନ୍ ସିଟିର ଗୋଟିଏ ସପ୍ତାହରେ ୧୦ ମାମଲା

ଏକ ସପ୍ତାହ ମଧ୍ୟରେ ଅଭିଯୁକ୍ତମାନେ ଭୁବନେଶ୍ୱରରେ ୯ଟି ଓ କଟକରେ ଗୋଟିଏ ଆପରାଧିକ ମାମଲା ଘଟାଇଛନ୍ତି। ଏହି ୧୦ ମାମଲା ମଧ୍ୟରୁ ୪ଟି କାର୍ କାଚ ଭାଙ୍ଗି ଚୋରି, ୪ଟି ମାର୍କେଟ୍‌ରେ ପକେଟ୍‌ମାର୍ ଏବଂ ୨ଟି 'ମୋ ବସ୍'ରୁ ଚୋରି ମାମଲା ରହିଛି। ଏସବୁ ମାମଲାରେ ଶହୀଦନଗରରେ ୨, ମଞ୍ଚେଶ୍ୱରରେ ୨, କ୍ୟାପିଟାଲରେ ୨, ଖଣ୍ଡଗିରିରେ ଗୋଟିଏ, ମୈତ୍ରୀ ବିହାର, ନୟାପଲ୍ଲୀ, ବାଦାମବାଡ଼ିରେ ଗୋଟିଏ ଲେଖାଏ ମାମଲା ରହିଛି। ବଡ଼ଗଡ଼ ବ୍ରିଟ୍ କଲୋନୀର ସୁବ୍ରତ କୁମାର ସାହୁ ଜୁଲାଇ ୧୫ ତାରିଖ ରାତି ପ୍ରାୟ ୮ଟା ୪୫ରେ ବାଣୀବିହାର ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବାବେଳେ ଗିରଫ ଅଭିଯୁକ୍ତମାନେ ତାଙ୍କୁ ଟାର୍ଗେଟ୍ କରିଥିଲେ। କୌଶଳ କରି ଅଭିଯୁକ୍ତମାନେ ତାଙ୍କୁ ଘେରି ରହିଥିଲେ। ଏହି ସମୟରେ ସେମାନେ ସୁବ୍ରତଙ୍କଠାରୁ ମୋବାଇଲ ଚୋରି କରି ନେଇଥିଲେ। ପରେ ତାଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା (ନଂ. ୩୪୫/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ସେହିପରି ଉକ୍ତଦିନ ରସୁଲଗଡ଼ ଛକସ୍ଥିତ ଜଲାରାମ ସୁଇଟ୍‌ସ ନିକଟରେ ଏକ କମ୍ପାନୀର ସିନିୟର ମ୍ୟାନେଜର ଅତିଶ ସାହୁ କାର୍ ପାର୍କିଂ କରି ନିକଟକୁ ଯାଇଥିଲେ। ସନ୍ଧ୍ୟା ୬ଟାରୁ ୬ଟା ୩୦ ମଧ୍ୟରେ ଅଭିଯୁକ୍ତମାନେ ତାଙ୍କ କାର୍ ପଛକାଚକୁ ଭାଙ୍ଗି ଲାପଟପ୍‌ଭର୍ତ୍ତି ବ୍ୟାଗ୍ ନେଇଯାଇଥିଲେ। ଅନ୍ୟପକ୍ଷରେ ଜୁଲାଇ ୧୬ ସନ୍ଧ୍ୟାରେ ଗୋପବନ୍ଧୁ ଛକ ନିକଟରେ ସାର୍ଥକ ସୌରଭ ମହାପାତ୍ର କାର୍ ପାର୍କିଂ କରିଥିବାବେଳେ ଅଭିଯୁକ୍ତମାନେ ପଛକାଚ ଭାଙ୍ଗି ତାଙ୍କ ଲାପଟପ୍ ଚୋରି କରିନେଇଥିଲେ।

### ଚୋରି ସାମଗ୍ରୀକୁ ତାମିଲନାଡୁ ତ୍ରିଚୀ ମାର୍କେଟରେ ବିକୁଥିଲେ

– ଅଭିଯୁକ୍ତମାନେ ଲାପଟପ୍ ଆଦି ଦାମୀ ସାମଗ୍ରୀକୁ ଓଡ଼ିଶାରେ ବିକ୍ରି କରୁ ନ ଥିଲେ। ସେମାନେ ଟ୍ରେନ୍ ଯୋଗେ ଉକ୍ତ ଚୋରି ସାମଗ୍ରୀକୁ ତାମିଲନାଡୁ ନେଇଯାଉଥିଲେ। ସେଠାକାର ତ୍ରିଚୀ ମାର୍କେଟ୍‌ରେ ଅଭିଯୁକ୍ତମାନେ ବୁଲି ବୁଲି ବିକ୍ରି କରୁଥିଲେ। ଏହି ଟଙ୍କାରେ ସେମାନେ ସେଠାରେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ।

### ମୋବାଇଲ ବିକ୍ରିବେଳେ ଧରାପଡ଼ିଲେ

– ଅଭିଯୁକ୍ତମାନେ କିଛି ଚୋରି ମୋବାଇଲକୁ ଭୁବନେଶ୍ୱରରେ ବିକ୍ରି କରି ଟଙ୍କା କମାଇବାକୁ ଚାହିଁଥିଲେ। ସେଥିପାଇଁ ସେମାନେ ଗ୍ରାହକ ଖୋଜୁଥିଲେ। ବୁଧବାର ଶହୀନଗର ଥାନା ଅନ୍ତର୍ଗତ ସାଇନ୍ସ ପାର୍କ ନିକଟରେ ଅଭିଯୁକ୍ତମାନେ କମ୍ ଦାମ୍‌ରେ ମୋବାଇଲ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିଲେ। ଏନେଇ ପୋଲିସ ଟିମ୍ ଖବର ପାଇ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

**ପଦ୍ମକେଶରପୁର ଗୋଷ୍ଠୀ ସଂଘର୍ଷ ଘଟଣା**

# ଆଉ ୨ ଗିରଫ

- **ମୋଟ ଧରାପଡ଼ିଲେଣି ୬**
- **ଗାଁରେ ପୋଲିସ ମୁତୟନ**

ଭୁବନେଶ୍ୱର,୧୮ା୭ (ସୂର୍ଯ୍ୟକାନ୍ତ ବେହେରା)


ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର ପଦ୍ମକେଶରପୁର ଗଣ୍ଡଗୋଳ ଓ ସୁଧ କାରବାର ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗାଁ ତଳସାହିର ସୁବ୍ରତ ଦାସ ଓ ମଝିସାହିର ତ୍ରିଭେନ୍ଦ୍ରମ ଦାସ। ଘଟଣା ପରଠୁ ଫେରାର ଥିବା ଉକ୍ତ ଅଭିଯୁକ୍ତଦ୍ୱୟଙ୍କୁ କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜରେ ଚଢ଼ାଉ କରି ଗିରଫ କରାଯାଇଛି। ସେହିପରି ଗାଁରେ ସୁଧ କାରବାର କରୁଥିବା ଆଉ କେତେଜଣ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ବେଆଇନ ସୁଧ କାରବାର କରୁଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ପୂର୍ବରୁ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏବେ ଗିରଫ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଅପରପକ୍ଷେ ଗାଁରେ ଯେମିତି କୌଣସି ବିଶୃଙ୍ଖଳା ଭଳି ପରିସ୍ଥିତିର ପୁନରାବୃତ୍ତି ନ ହୁଏ, ସେଥିପାଇଁ ପୋଲିସ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏପରିକି ପୋଲିସ ଫୋର୍ସ ମୁତୟନ କରାଯାଇଥିବାରୁ ବର୍ତ୍ତମାନ ପଦ୍ମକେଶରପୁର ଗ୍ରାମରେ ସ୍ଥିତି ସ୍ୱାଭାବିକ ରହିଛି।

ସୂଚନାନୁସାରେ, ଜୁଲାଇ ୬ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ କେଳାସାହିର ତଳସାହି ଓ ଉପର ସାହିର କେତେଜଣ ଲୋକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ବିବାଦ ହୋଇଥିଲା। ପରେ ପରସ୍ପର ଉପରକୁ ଟେକା ପଥର, କାଚ ବୋତଲ ଫିଙ୍ଗିବା ଓ ବୋମା ମାଡ଼ କରିବାରୁ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଅଶାନ୍ତି ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

# ଶ୍ମଶାନକୁ ନେବାବେଳେ ମୃତଦେହ ଜବତ

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

ଛେଣ୍ଡିପଦା,୧୮ା୭ (ଅଜିତ ଧଳ)

ଜଣେ ମହିଳାଙ୍କ ମୃତଦେହ ସତ୍କାର ପାଇଁ ଗାଁ ମଶାଣିକୁ ନିଆଯାଉଥିବା ବେଳେ ଗୁରୁବାର ତାହାକୁ ଜବତ କରିଛି ଅନୁଗୋଳ ଜିଲା ବାଗଡ଼ିଆ ଥାନା ପୋଲିସ। ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ଖବର ମିଳିଥିବା ପୋଲିସ କହିବା ସହ ତାହାକୁ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

ପୋଲିସ କହିଛି, ବାଗଡ଼ିଆ ଥାନା ପାତ୍ରପଡ଼ା ଗାଁର ବିଧବା ମହିଳା ଜନ୍ମୀ ବେହେରା(୪୫) ପୁଅଙ୍କ ସହ ରହୁଥିଲେ। ବୁଧବାର ରାତିରେ ଜନ୍ମୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିବା ଖବର ମିଳିଥିଲା। ଗୁରୁବାର ସମ୍ପର୍କୀୟମାନେ ଗ୍ରାମର କେତେଜଣ ଲୋକଙ୍କ ସହାୟତାରେ ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ନେଉଥିବା ଖବରପାଇ ପୋଲିସ ତାହାକୁ ଜବତ କରିଥିଲା। ଏଥିସହ ମୃତ ମହିଳାଙ୍କ ଜଣେ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ନଂ.୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏସ୍‌ଆଇ ଚଞ୍ଚଳା ନାୟକ ପ୍ରକାଶ କରିଛନ୍ତି।

# ଜମିବାଡ଼ି ବିବାଦରୁ ପୁତୁରାକୁ ହତ୍ୟା

ବଲାଙ୍ଗୀର,୧୮ା୭(ବୀରେନ୍ଦ୍ର କୁମାର ଝାଙ୍କର)

**କକା, କାକୀ ଅଟକ, କକା ପୁଅ ଭାଇ ଫେରାର**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅଏଁଲାସାରି ଗାଁରେ ଜମିବାଡି ବିବାଦକୁ କେନ୍ଦ୍ର କରି ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ସମୀର ଭୋଇ(୩୦)। ସମୀରଙ୍କୁ ତାଙ୍କ କକାଙ୍କ ପରିବାର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଇଁତଲା ଥାନା ପୋଲିସ ଅଭିଯୁକ୍ତ କକା ଓ କାକୀଙ୍କୁ ଅଟକ ରଖିଛି। ଅଭିଯୁକ୍ତ କକାଙ୍କ ପୁଅ ଫେରାର ହୋଇଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଗତ କିଛି ବର୍ଷ ହେଲା ଜମିବାଡିକୁ ନେଇ କକାଙ୍କ ପରିବାର ସହ ସମୀରଙ୍କ ବିବାଦ ଲାଗି ରହିଥିଲା। ବରଗଡ ଅଞ୍ଚଳରେ କାମ କରୁଥିବା ସମୀର କିଛି ଦିନ ତଳେ ଗାଁକୁ ଫେରିଥିଲେ। ଗାଁରେ ଜମିବାଡିକୁ ନେଇ କକା, କକାପୁଅ ଭାଇଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ ନେଇ ସକାଳେ କକା, କାକୀ ଓ କକା ପୁଅ ଭାଇଙ୍କ ମିଳିତ ଆକ୍ରମଣରେ ସମୀର ଗାଁ ମୁଖ୍ୟ ରାସ୍ତାରେ ଟଳି ପଡିଥିଲେ । ଟାଙ୍ଗିଆ ଓ ଅନ୍ୟ ମାରଣାସ୍ତ୍ରରେ ସମୀରଙ୍କୁ ଆକ୍ରମଣ କରାଯାଇଥିବା ଜଣାପଡିଛି। ପୋଲିସ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖି ଖୋଜଇ ଗୋରା ତୋରା
ନଭେ ଯେସନ ଚନ୍ଦ୍ର ତାରା ।**

ଚନ୍ଦ୍ର, ତାରା ଦୃଶ୍ୟମାନ ହେଉଥିଲେ ଆକାଶଟା ଖୁବ ସୁନ୍ଦର ଲାଗିଥାଏ। ସେହିପରି ରୂପବତୀ କନ୍ୟା ସଭିଙ୍କ ମନକୁ ଅଚିରେ ମୋହି ଦେଇଥାଏ। ସୁନ୍ଦରୀ ଗୌରବର୍ଣ୍ଣା ଯୁବତୀର ସାମାନ୍ୟ ଟିକେ ଝଲକ ପାଇବା ନେଇ ମନ ଉଚ୍ଚାଟ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ଆମ୍ବଡ଼ା ଶିମିଳି ଫଳ
ଫଗୁଣ ପାଣିରେ ସବୁ ନିର୍ମୂଳ।**

କୁହୁଡ଼ିରେ ଆମ୍ବ ବଉଳ ଝଡ଼ିପଡ଼ିଥାଏ। ସେହିପରି ଆମ୍ବଡ଼ା ଓ ଶିମିଳି ଗଛର କଷି ଫଳ ମଧ୍ୟ କୁହୁଡ଼ି ଯୋଗୁ ନଷ୍ଟ ହୋଇଯାଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଇସ୍ ମିଲ୍ ମାଲିକଙ୍କୁ ଅପହରଣ ଘଟଣା: ୧୩ ଗିରଫ

ବୋରିଗୁମ୍ମା,୧୮ା୭ (ବିଜୟ ସାହୁ)

**ଟଙ୍କା, ୩ ବନ୍ଧୁକ, ଖଣ୍ଡା, ଜୀବନ୍ତ ଗୁଳି, ୧୩ ମୋବାଇଲ ଜବତ**



ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ଅବିନାଶ ସୋନକର ସୂଚନା ଦେଉଛନ୍ତି।

କୋରାପୁଟ ଜିଲା ପେରାହାଣ୍ଡି ରାଇସ୍ ମିଲ୍ ମାଲିକ ଏ.ରମେଶ ପାତ୍ରଙ୍କୁ ଅପହରଣ ଘଟଣାରେ କୋରାପୁଟ ପୋଲିସ ୧୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୨୪ ଲକ୍ଷ ୮୫ ହଜାର ଟଙ୍କା, ୩ଟି ବନ୍ଧୁକ, ୧୨ଟି ଜୀବନ୍ତ ଗୁଳି , ୩ଟି ଖଣ୍ଡା ଓ ୧୩ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ଗୁରୁବାର ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ଅବିନାଶ ସୋନକର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ଖ୍ରୀଷ୍ଟିୟାନ ସାହି ପ୍ରଥମ ଗଳିର ଅଭିଜିତ ମହୁରିଆ, ଜୟପୁର ପାରାବେଡ଼ା ଗ୍ରାମର ଟୁଲୁ ଖୋସ୍‌ଲା, ଖ୍ରୀଷ୍ଟିଆନ ସାହିର ରୋହିତ ସୁନା, ଇରିଗେଶନ କଲୋନିର ଫିରୋଜ ନାଗ, ସୁନାବେଡ଼ା ଗଞ୍ଜାମ କଲୋନିର ସନ୍ତୋଷ ବେନିଆ, କୁନ୍ଦୁଲିର ଜୁନେସ ପଡ଼ାସେଠୀ, ଅଭିଜିତ ମହୁରିଆଙ୍କ ଭଉଣୀ ମୀନାକ୍ଷୀ, ଅଭିଜିତଙ୍କ ମାଆ ପ୍ରବୀଣା, ଅଭିଜିତଙ୍କ ସ୍ତ୍ରୀ ତାରାନୁମ ବେଗମ, ରୋଶନ ବାଗ, ଜୟପୁର ଟାଉନ ଥାନା ଅନ୍ତର୍ଗତ ଡଙ୍ଗାଗୁଡା ଗ୍ରାମର ପ୍ରସାଦ ଖିଲ, ଡମୁ ନାୟକ ଓ କୋଟପାଡ଼ ଥାନା ଅନ୍ତର୍ଗତ ମୁଣ୍ଡିଗୁଡା ଗ୍ରାମର ରଘୁନାଥ ହରିଜନ। ଅଭିଜିତ ଘଟଣାର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି।

ଖବରଦାତା ସମ୍ମିଳନୀରେ ଏସ୍‌ପି କହିଥିଲେ, ୧୨ତାରିଖ ରାତି ୮ଟାରେ ପେରାହାଣ୍ଡି ରାଇସ୍ ମିଲ୍‌ରୁ ମାଲିକ ଏ.ରମେଶ କାର୍‌ରେ ନିଜ ଗ୍ରାମ କୁମୁଲିପୁଟକୁ ଫେରୁଥିଲେ। ଏହି ସମୟରେ ଏକ ଅଲ୍‌ଟୋ କାର୍ ଯୋଗେ ୪ଜଣ ଦୁର୍ବୃତ୍ତ ରମେଶଙ୍କ କାର୍‌କୁ ପିଛାକରି ମିଲ୍‌ଠାରୁ ୨୦୦ ମିଟର ଦୂରରେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ମିଲ୍ ମାଲିକ ରମେଶ କାର୍ କାଚ ନ ଖୋଲିବାରୁ ଦୁର୍ବୃତ୍ତମାନେ ଖଣ୍ଡାରେ କାଚକୁ ଭାଙ୍ଗି କାର୍ ସହ ତାଙ୍କୁ ଅପହରଣ କରିନେଇଥିଲେ। ସେମାନେ ଫୋନକରି ରମେଶଙ୍କ ପରିବାର ଲୋକଙ୍କୁ ୯୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଟଙ୍କା ନ ଦେଲେ ତାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ଛାନ୍‌ଭିନ୍ ଚଳାଇ ଏସ୍‌ପି ଅଭିନବ ସୋନକରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ବୋରିଗୁମ୍ମା ଥାନା କେସ୍ ନଂ. ୨୬୪/୧୩।୭।୨୪, ଦଫା ୧୪୦(୨), ୩(୫)ରେ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ମିଲ୍ ମାଲିକ ରମେଶଙ୍କ ପରିବାର ଲୋକେ ତାଙ୍କୁ ମୁକୁଳାଇବାକୁ ଦୁର୍ବୃତ୍ତମାନଙ୍କୁ ୨୫ ଲକ୍ଷ ଟଙ୍କା ଦେଇଥିଲେ। ଗତ ୧୪ତାରିଖରେ ପୋଲିସ ସେମିଳିଗୁଡା ଥାନା ଅନ୍ତର୍ଗତ ଆର୍. ମାଳିଗୁଡା ନିକଟରୁ ରମେଶଙ୍କୁ ଉଦ୍ଧାର କରିଥିଲା। ପରେ ଧରପଗଡ଼କୁ ଜୋର୍‌ଦାର କରି ଅପହରଣ ମାମଲାରେ ସମ୍ପୃକ୍ତ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଜିତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୨ଟି ମାମଲା ରହିଥିବା ବେଳେ ଟୁଲୁ ଖୋସ୍‌ଲାଙ୍କ ନାମରେ ୪ଟି, ସନ୍ତୋଷ ବେନିଆଙ୍କ ନାମରେ ୪ଟି ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଜୟପୁର ଏସ୍‌ଡିପିଓ ଅଙ୍କିତ ବର୍ମା, ବୋରିଗୁମ୍ମା ଏସ୍‌ଡିପିଓ ତପସ୍ୱିନୀ କହଁର,ବୋରିଗୁମ୍ମା ଆଇଆଇସି ଯୁଗଳ କିଶୋର ସା, ଜୟପୁର ସଦର ଥାନା ଆଇଆଇସି ଈଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ହନୁମାନ ମୁଦ୍ରା ଚୋରି ମାମଲାରେ ୪ ଗିରଫ

ମାଲକାନଗିରି,୧୮ା୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ହନୁମାନ ମୁଦ୍ରା ଚୋରି ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ସିରିସି ଗ୍ରାମର କୁଞ୍ଜବିହାରୀ ଭତ୍ରା, କୋରାପୁଟ ଜିଲା ଜୟପୁର ସଦର ଥାନା ପରଜାଗୁଡା ଗ୍ରାମର କନ୍ଧା ଜାନି, ମାଲକାନଗିରି ଥାନା କାଦବାହାଲ ଗ୍ରାମର ପାଣ୍ଡୁ ସୋଡି ଓ ତର୍ଣ୍ଣିକି ଗ୍ରାମର ଜୟପ୍ରକାଶ କରଣ ଓରଫ୍ ଲୁକୁ। ଏ ନେଇ ନଂ. ୪୪୮/୨୪ରେ ମାମଲା ରୁଜୁ ପରେ ଏମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ମାଲକାନଗିରି ସଦର ବ୍ଲକ ତର୍ଣ୍ଣିକି ଗ୍ରାମର ଚେକର ନାରାୟଣ ଚୋରି ନେଇ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ୪ ଜଣଙ୍କୁ ଗିରଫ କରିଥିଲା। ଚେକର ନାରାୟଣଙ୍କ ନିକଟରେ ଏକ ଚୁମ୍ବକୀୟ ଶକ୍ତି ହନୁମାନ ମୁଦ୍ରା ଥିବା ତର୍ଣ୍ଣିକି ଗ୍ରାମର ଜୟପ୍ରକାଶ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଜୟପ୍ରକାଶ ପାଣ୍ଡୁ ସୋଡିଙ୍କୁ ଖବର ଦେଇଥିଲେ। ପାଣ୍ଡୁ ଏ ନେଇ ଜୟପୁରର ୨ଜଣଙ୍କୁ ଜଣାଇଥିଲେ। ପରେ ସମସ୍ତେ ହନୁମାନ ମୁଦ୍ରା ଚୋରି କରିବା ସମୟରେ ଏହା ଜାଣି ଗ୍ରାମବାସୀ ପୋଲିସକୁ ଖବର ଦେଲା ପରେ ଏମାନଙ୍କୁ ଗିରଫ କରିଥିଲା।

# ଲୁଟ୍ ଉଦ୍ୟମ ଅଭିଯୋଗରେ ୩ ଗିରଫ

ବାଲେଶ୍ୱର,୧୮ା୭(ମାନସ ବିଶ୍ୱାଳ)

ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ ବଡ଼ଖୁଆ ରୋଡ୍‌ରେ ଲୁଟ ଉଦ୍ୟମ ଅଭିଯୋଗରେ ଟାଉନ ଥାନା ପୋଲିସ ଉମେଶ ମାଝୀ, ଗୋବିନ୍ଦ ମୁର୍ମୁ ଏବଂ ଲକ୍ଷ୍ମଣ ମାଝୀଙ୍କୁ ଗିରଫ କରିଛି। ଗତ ୧୭ତାରିଖ ରାତିରେ ଜଣେ ପଥଚାରୀ ଓ ଅନ୍ୟ ଜଣେ ବାଇକ୍ ଅରୋହୀଙ୍କୁ ଅଭିଯୁକ୍ତମାନେ ତେଲେଙ୍ଗା କଟୁରୀ ଓ ଛୁରୀ ସାହାଯ୍ୟରେ ଲୁଟ୍ ଉଦ୍ୟମ କରୁଥିଲେ। ଖବରପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ସହିତ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏନେଇ ଟାଉନ ଥାନାରେ ବିଏନ୍‌ଏସ୍ ଦଫା ୩୦୯(୫), ୩୧୨, ୩(୫) ଏବଂ ଆର୍ମସ ଆକ୍ଟର ଦଫା ୨୭ରେ ଏକ ମାମଲା (ନଂ. ୨୬୦/୨୦୨୪) ରୁଜୁ ହୋଇଛି। ଏହି ଘଟଣାରେ ମୋଟ ୪ ଜଣ ଜଡ଼ିତ ଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଅନେକ ଡକାୟତୀ ଓ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତ ଉମେଶ ଏବଂ ଲକ୍ଷ୍ମଣଙ୍କ ଘର ପାତ୍ରପଡ଼ା ଅଞ୍ଚଳରେ ହୋଇଥିବାବେଳେ ଗୋବିନ୍ଦଙ୍କ ଘର ବଡ଼ଖୁଆ ଅଞ୍ଚଳରେ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ତେଲେଙ୍ଗା କଟୁରୀ ଜବତ କରାଯାଇଛି।

# ଶିମିଳିପାଳରେ ଝିଙ୍କ ଶିକାର

- **ଶିକାରୀ, ପ୍ରଧାନ ଶିକ୍ଷକ ଗିରଫ**
- **ବନ୍ଧୁକ, ଧନୁତୀର ଜବତ**

ବାରିପଦା,୧୮ା୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ୨ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ଝିଙ୍କ ଶିକାର ଅଭିଯୋଗରେ ବନ ବିଭାଗ ଜଣେ ପ୍ରଧାନ ଶିକ୍ଷକ ଓ ଶିକାରୀଙ୍କୁ ଗିରଫ କରିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ ଅଞ୍ଚଳରେ ଜଣେ ଶିକାରୀ ଝିଙ୍କ ଶିକାର କରିବା ପରେ ତା'ର ମାଂସକୁ ବିକ୍ରି କରୁଥିଲେ। ପ୍ରଧାନ ଶିକ୍ଷକ ମାଂସ କିଣୁଥିବା ବେଳେ ଉଭୟଙ୍କୁ ବନ ବିଭାଗ କାବୁକରିବାରେ ସକ୍ଷମ ହୋଇଛି। ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ ୧୯୭୨ ଅନୁଯାୟୀ ବେଆଇନ ଶିକାର ଅଭିଯୋଗରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କୁଳିଅଣା ଥାନା ଅଧୀନ ଆଲୁବଣି ଗ୍ରାମର ଶିକାରୀ ଚାମଟୁ ହେମ୍ବ୍ରମ(୪୦) ଓ ଗ୍ରାହକ ବାଇଧର ସୋରେନ(୫୪)। ବାଇଧର ଶାମାଖୁଣ୍ଟା ବ୍ଲକ୍ ହଳଦୀବଣି ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଚାମଟୁଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଧନୁ, ୩ଟି ତୀର, ଏକ ପନିକି, ୧କିଲୋ ୧୫ଗ୍ରାମ ମାଂସ, ୮୮ଟି ଝିଙ୍କ କାଠି ଜବତ ହୋଇଛି। ବିଲୁପ୍ତପ୍ରାୟ ପ୍ରାଣୀଙ୍କ ମଧ୍ୟରେ ଝିଙ୍କକୁ ସିଡ୍ୟୁଲ୍ଡ-୧ ପ୍ରଜାତିର ବନ୍ୟପ୍ରାଣୀ ଭାବେ ବିବେଚନା କରାଯାଉଥିବାରୁ ବନ ବିଭାଗ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଝିଙ୍କ ମାଂସ କିଣିବା ଅଭିଯୋଗରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଅଭିଯୁକ୍ତ କରାଯାଇଛି।

ଶିମିଳିପାଳକୁ ଶିକାରୀମୁକ୍ତ କରିବା ନିମନ୍ତେ 'କ୍ଲିନ୍ ଶିମିଳିପାଳ' ଅପରେଶନ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ତାହା ଠିକ୍ ଭାବେ କରାଯାଉନାହିଁ। ଶିମିଳିପାଳ ପାଦଦେଶ ଓ ଆଭ୍ୟନ୍ତରୀଣ ଅଞ୍ଚଳରୁ ଦେଶୀବନ୍ଧୁକ ଜବତକରିବା ପାଇଁ ପୋଲିସ ଓ ବନ ବିଭାଗ ମିଳିତ ଅପରେଶନ ଚଳାଇ କେତେକାଂଶରେ ସଫଳତା ହାସଲ କରିଛି। ଉଭୟ ବିଭାଗ ଶତାଧିକ ବନ୍ଧୁକ ଜବତ କରିଥିଲା। ତେବେ ବିଭାଗୀୟ ଅଧିକାରୀଙ୍କ ବଦଳିହେବାରୁ ଏହି ଅଭିଯାନ ଏବେ ବନ୍ଦ ରହିଛି। ଫଳରେ ଶିକାରୀମାନେ ଅଧିକ ସକ୍ରିୟ ହୋଇ ବନଜନ୍ତୁ ଶିକାର କରିବାରେ ଲାଗିଛନ୍ତି। ଶିମିଳିପାଳର ପ୍ରବେଶ ପଥଗୁଡ଼ିକରେ କଡ଼ାକଡ଼ି ଯାଞ୍ଚ କରାଯାଉଥିଲେ ମଧ୍ୟ ଶିକାରୀମାନେ ଗଳାବାଟ ଦେଇ ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁଛନ୍ତି। ଏପରିକି ବନ୍ୟଜନ୍ତୁଙ୍କ ବାସସ୍ଥଳୀ ନିକଟରେ ପହଞ୍ଚି ଅତି ସହଜରେ ଶିକାର ସାରି ଫେରି ଆସୁଛନ୍ତି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରିବା ସହ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରାଣୀପ୍ରେମୀମାନେ ମତପ୍ରକାଶ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ସଂହତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟି୨୦ରେ ସୂର୍ଯ୍ୟକୁମାର ଅଧିନାୟକ

**ନୂଆଦିଲ୍ଲୀ,୧୮।୭(ପି.ଟି.)**

ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ କ୍ରିକେଟ ଦଳ ଗୁରୁବାର ଘୋଷଣା କରାଯାଇଛି। ରୋହିତ ଶର୍ମା ଟି୨୦ରୁ ଅବସର ନେଇଥିବା ବେଳେ ତାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ କରାଯାଇଛି। ଅନ୍ୟ ପକ୍ଷରେ ରୋହିତ ଶର୍ମା ଦିନିକିଆ ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି। ଓପନର ତଥା ଜିମ୍ବାୱେ ସିରିଜ ପାଇଁ ଅଧିନାୟକ ରହିଥିବା ଶୁବମନ୍ ଗିଲ୍‌ଙ୍କୁ ଉଭୟ ଦିନିକିଆ ଓ ଟି୨୦ ଦଳର ଉପ ଅଧିନାୟକ ମନୋନୀତ କରାଯାଇଛି। ଆସନ୍ତା ସପ୍ତାହରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରି ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବ। ଜୁଲାଇ ୨୭, ୨୮ ଓ ୩୦ ତାରିଖରେ ଭାରତ ଟି୨୦ ଓ ଅଗଷ୍ଟ ୨, ୪ ଓ ୭ ତାରିଖରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ନିକଟରେ ଟି୨୦ରୁ ଅବସର ନେଇଥିବା ରବୀନ୍ଦ୍ର ଜାଡେଜାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିନାହିଁ। ଜିମ୍ବାୱେ ବିପକ୍ଷ ସିରଜ୍‌ରେ ଶତକ ହାସଲ କରିଥିବା ଅଭିଷେକ ଶର୍ମାଙ୍କୁ ଦଳରେ ସ୍ଥାନ ମିଳି ନ ଥିବା ବେଳେ ରିୟାନ ପରାଗ ଆଶ୍ଚର୍ଯ୍ୟଜନକ ଭାବରେ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଦିଲ୍ଲୀର ପେସ୍ ବୋଲର ହର୍ଷିତ ରାଣାଙ୍କୁ ପ୍ରଥମ ଥର ଟି୨୦ ଦଳକୁ ଡାକରା ମିଳିଛି।

ଏହି ଦଳ ଘୋଷଣାରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନିରାଶ ହେବାକୁ ପଡିଛି। ଟି୨୦ ବିଶ୍ୱକପ ବିଜୟୀ ଦଳର ଉପ ଅଧିନାୟକ ରହିଥିବା ପାଣ୍ଡ୍ୟାଙ୍କୁ ପରବର୍ତ୍ତୀ ଅଧିନାୟକ ବିବେଚନା କରାଯାଉଥିଲା। ତେବେ ପାଣ୍ଡ୍ୟାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଅଧିନାୟକ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାଣ୍ଡ୍ୟାଙ୍କ ସହ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏ ସମ୍ପର୍କରେ ଆଲୋଚନା କରିଥିବା କୁହାଯାଇଛି। ତେବେ ପାଣ୍ଡ୍ୟା ଟି୨୦ ସିରିଜ୍ ଖେଳିବାକୁ ଥିବା ବେଳେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଦିନିକିଆ ସିରିଜ୍‌ରୁ ଓହରି ଯାଇଛନ୍ତି। କେନ୍ଦ୍ରୀୟ ଚୁକ୍ତିରୁ ବାଦ ପଡିଥିବା ଶ୍ରେୟସ ଆୟର ଓ ଉଇକେଟ କିପର ବ୍ୟାଟର ଲୋକେଶ ରାହୁଲ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିଷଭ ପନ୍ତ ଉଭୟ ଦଳରେ ଉଇକେଟ କିପର ରହିଥିବା ବେଳେ ସଞ୍ଜୁ ସାମସନଙ୍କୁ ଟି୨୦ ଦଳରେ ଅତିରିକ୍ତ ଉଇକେଟ କିପର ଭାବରେ ସାମିଲ କରାଯାଇଛି।

**ଭାରତୀୟ ଟି୨୦ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଙ୍କୁ ସିଂ, ରିୟାନ ପରାଗ, ରିଷଭ ପନ୍ତ (ଉଇକେଟକିପର), ସଞ୍ଜୁ ସାମସନ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ଖଲିଲ ଅହମ୍ମଦ, ମହମ୍ମଦ ସିରାଜ।

**ଭାରତୀୟ ଦିନିକିଆ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ବିରାଟ କୋହଲି, କେ.ଏଲ୍ ରାହୁଲ (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ଶ୍ରେୟଶ ଆୟର, ଶିବମ ଦୁବେ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ର୍ୟାନ ପରାଗ, ଅକ୍ଷର ପଟେଲ, ଖଲିଲ ଅହମଦ, ହର୍ଷିତ ରାଣା।


ସୂର୍ଯ୍ୟକୁମାର ଯାଦବ

## ଶ୍ରୀଲଙ୍କା ସିରିଜ୍ ପାଇଁ ଭାରତୀୟ ଦଳ

- ଉଭୟ ଫର୍ମାଟରେ ଗିଲ୍ ଉପ ଅଧିନାୟକ
- ହର୍ଷିତ ରାଣା ନୂଆ ମୁହଁ, ଫେରିଲେ ରାହୁଲ,ଆୟର

# ଓଡ଼ିଶା ପୁରୁଷ ଦଳର ୪ର୍ଥ ବିଜୟ


ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ପୂର୍ବାଞ୍ଚଳ ଜୁନିୟର ହକି

**ଭୁବନେଶ୍ୱର, ୧୮।୭ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଆନୁକୂଲ୍ୟରେ କୋଲକାତାଠାରେ ଚାଲିଥିବା ପୂର୍ବାଞ୍ଚଳ (ମହିଳା ଓ ପୁରୁଷ) ଜୁନିୟର ହକି ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି। ନିଜର ପ୍ରଥମ ୩ଟି ମ୍ୟାଚରେ ଆସାମ, ବେଙ୍ଗଲ ଓ ବିହାରକୁ ହରାଇଥିବା ଓଡ଼ିଶା ଗୁରୁବାର ୨-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁନୀଲ ଲାକ୍ରା ୪୪ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲଟି ଦେଇଥିବାବେଳେ ୪୮ତମ ମିନିଟରେ ଫିଲ୍ଡ ଗୋଲ ସ୍କୋର କରିଥିଲେ ଦୀପକ ପ୍ରଧାନ। ଅନ୍ୟ ୨ଟି ମ୍ୟାଚରେ ବିହାର ୭-୨ରେ ଆସାମ ଓ ମଣିପୁର ୨-୧ ଗୋଲରେ ବେଙ୍ଗଲକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଓଡ଼ିଶା ମହିଳା ଦଳ ପ୍ରତିଯୋଗିତାରେ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ପ୍ରଥମ ୩ଟି ମ୍ୟାଚରେ ଆସାମ, ମଣିପୁର ଓ ବିହାରକୁ ପରାସ୍ତ କରିଥିବା ଓଡ଼ିଶା ୪ର୍ଥ ମ୍ୟାଚରେ ବେଙ୍ଗଲଠାରୁ ୦-୩ ଗୋଲରେ ହାରିଯାଇଛି। ବେଙ୍ଗଲ ପକ୍ଷରୁ ଶାନ୍ତି ହୋରୋ ୨୭, ଅଧିନାୟିକା ସୁବିଲା ତିର୍କୀ ୩୩ ଓ ଲାଲ୍‌ଲାନ୍‌ଚୁଙ୍ଗି ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ୨ଟି ମ୍ୟାଚରେ ମଣିପୁର ୧୨-୦ରେ ଆସାମକୁ ଏବଂ ଝାଡ଼ଖଣ୍ଡ ୧୦-୦ରେ ବିହାରକୁ ପରାସ୍ତ କରିଛି।

## ଅଂଶୁମାନ, ଆଲିସାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୮।୭ (ବିଜୟ ରଣା):** ଭୁଟାନରେ ଚାଲିଥିବା ୮ମ ସାଉଥ ଏସିଆନ୍ କରାଟେ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ସମେତ ୫ପଦକ ହାସଲ କରିଛି। ଅଂଶୁମାନ ଆଚାର୍ଯ୍ୟ ଫାଇଟ୍‌ରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଆଲିସା ସୁବୁଦ୍ଧି ବ୍ୟକ୍ତିଗତ କାଟାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଭାଲିନା ଭାଲେଣ୍ଟିନା ବ୍ୟକ୍ତିଗତ କାଟାରେ ରୌପ୍ୟ ଲାଭ କରିଛନ୍ତି। ଶୁଭମ ମହାନ୍ତି ବ୍ୟକ୍ତିଗତ ଫାଇଟ୍‌ରେ ବ୍ରୋଞ୍ଜ ଓ ଭାଲିନା, ସୁରମିତା, ଦୀପିକା ଦଳଗତ କାଟାରେ ଓଡ଼ିଶା ପାଇଁ ରୌପ୍ୟ ପଦକ ଆଣି ଦେଇଛନ୍ତି।

## ଅଲଗା ହେଲେ ହାର୍ଦ୍ଦିକ-ନତାଶା

**ମୁମ୍ବାଇ,୧୮।୭:** ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ଅଭିନେତ୍ରୀ ନତାଶା ଷ୍ଟାଙ୍କୋଭିକ୍ ପରସ୍ପର ଠାରୁ ଅଲଗା ହୋଇଛନ୍ତି। ଟି୨୦ ବିଶ୍ୱକପ ସମୟରେ ଉଭୟଙ୍କ ଛାଡପତ୍ର ଚର୍ଚ୍ଚା ଜୋର ଧରିଥିଲା। ତେବେ ଗୁରୁବାର ହାର୍ଦ୍ଦିକ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ କରି ଡିଭୋର୍ସ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଦୀର୍ଘ ୪ ବର୍ଷ ଏକାଠି ରହିବା ପରେ ମୁଁ ଓ ନତାଶା ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ ବୋଲି ଲେଖିଛନ୍ତି ହାର୍ଦ୍ଦିକ। ସମ୍ପର୍କକୁ ବଞ୍ଚାଇ ରଖିବା ପାଇଁ ଆମେ ସବୁ ଚେଷ୍ଟା କରି ବିଫଳ ହେବା ପରେ ଉଭୟଙ୍କ ଖୁସିକୁ ଦୃଷ୍ଟିରେ ରଖି ଅଲଗା ହେବାକୁ ନିଷ୍ପତ୍ତି ନେଲୁ ବୋଲି ସେ ଲେଖିଛନ୍ତି। ଏହି ନିଷ୍ପତ୍ତି ବେଶ କଷ୍ଟସାଧ ରହିଥିଲା। ପୁତ୍ର ଅଗସ୍ତ୍ୟକୁ ଉଭୟ ମିଳିତ ଭାବରେ ପାଳିବା ସହିତ ସେମାନଙ୍କ ଗୋପନୀୟତାକୁ ଗୁରୁତ୍ୱ ଦେବା ପାଇଁ ଫ୍ୟାନମାନଙ୍କୁ ଅନୁରୋଧ କରିଛନ୍ତି।



## କାର୍ଗିଲ ବିଜୟ ସ୍ମରଣରେ ମୋଟର ରାଲି

**ଭୁବନେଶ୍ୱର, ୧୮।୭ (ତପନ ସ୍ୱାଇଁ):** ୨୫ ତମ କାର୍ଗିଲ ବିଜୟ ଦିବସ ପାଇଁ ଭୁବନେଶ୍ୱର କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଏକ ମୋଟର ରାଲିର ଆୟୋଜନ କରାଯାଉଛି। ଆସନ୍ତା ୨୧ରେ ନୂଆଦିଲ୍ଲୀରୁ ରାଲି ବାହାରି ଅଟାରି ୱାଘା, ଭାରତ ପାକିସ୍ତାନ ସୀମା, ଶ୍ରୀନଗର ଦେଇ କାର୍ଗିଲ ବିଜୟ ମେମୋରିଆଲଠାରେ ପୁଷ୍ପମାଲ୍ୟ ଅର୍ପଣ କରିବା। ଏଠାରେ ସୂଚାଇ ଦିଆଯାଉଛି ଯେ ଓଡ଼ିଶାର ୮ ଜଣଙ୍କ ସହିତ ୫୧୯ ବୀରପୁତ୍ର ଏହି ଯୁଦ୍ଧରେ ନିଜ ପ୍ରାଣକୁ ଦେଶ ପାଇଁ ଆହୁତି ଦେଇଥିଲେ ଓ ଆମ ଦେଶକୁ ଜୟଯୁକ୍ତ କରାଇଥିଲେ। ସେହି ବୀରପୁତ୍ରଙ୍କୁ ସ୍ମରଣ କରି ୨୫ ତମ କାର୍ଗିଲ ବିଜୟ ଦିବସ ପାଇଁ ଭୁବନେଶ୍ୱରରେ ଥିବା କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ ଦ୍ୱାରା ଏହି ମୋଟର ରାଲି ଆୟୋଜନ କରାଯିବ। ଏଥିରେ ୧୭ଟି ମୋଟର ଗାଡି ଏବଂ ୬୦ ଜଣ ଅଭିଜ୍ଞ ମୋଟର ଚାଳକ ଦେଶର ବିଭିନ୍ନ କୋଣରୁ ଆସି ଭାଗନେବେ। ଚାଳକଙ୍କ ମଧ୍ୟରେ ୧୭ ମହିଳା ସାମିଲ ରହିବେ। ଏହି ରାଲି ୩୦୦୦ କିଲୋମିଟର ପାହାଡିଆ ଏବଂ ଦୁର୍ଗମ ରାସ୍ତା ଅତିକ୍ରମ କରି ଅଗଷ୍ଟ ୨ରେ ଦିଲ୍ଲୀ ଫେରିବ।

## ବାଜବଲ୍ ଫେରିଲା: ଇଂଲଣ୍ଡ ସ୍କୋର କଲା ଦ୍ରୁତତମ ଅର୍ଦ୍ଧଶତକ

**ନଟିଂହାମ, ୧୮।୭ (ପି.ଟି.):** ଟେଷ୍ଟ କ୍ରିକେଟରେ ଇଂଲଣ୍ଡ ଏହାର ଆକ୍ରମଣାତ୍ମକ ଆଭିମୁଖ୍ୟ ବଜାୟ ରଖିଛି। ଗୁରୁବାର ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ଦଳ ୪.୨ ଓଭରରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ଏକ ରେକର୍ଡ ପ୍ରତିଷ୍ଠା କରିଛି। ଏହି ସମୟରେ ଓପନର ବେନ୍ ଡକେଟ (୧୪ ବଲ୍‌ରୁ ୩୩ ରନ) ଏବଂ ଓଲି ପୋପ୍ (୯ ବଲ୍‌ରୁ ୧୭ ନଟ୍‌ଆଉଟ) ମିଳିତ ଭାବେ ୧୦ ଚୌକା ଲାଗାଇଥିଲେ। ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡ ନାମରେ ହିଁ ରହିଥିଲା। ଦଳ ୧୯୯୪ରେ ଦି ଓଭାଲଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ୪.୩ ଓଭରରେ ୫୦ ରନ କରି ରେକର୍ଡ କରିଥିଲା। ଦ୍ରୁତତମ ଟିମ୍ ଅର୍ଦ୍ଧଶତକ ତାଲିକାରେ ତୃତୀୟ ସ୍ଥାନରେ ମଧ୍ୟ ଇଂଲଣ୍ଡ ରହିଛି। ୨୦୦୨ରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡଠାରେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ୫ ଓଭରରେ ଅର୍ଦ୍ଧଶତକ ହାସଲ କରିଥିଲା। ଶ୍ରୀଲଙ୍କା ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛି। ୨୦୦୪ରେ ଦଳ କରାଚୀଠାରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ୫.୨ ଓଭରରେ ଏହି ମାଇଲଖୁଣ୍ଟ ହାସଲ କରିଥିଲା। ତାଲିକାର ୫ମ ସ୍ଥାନରେ ରହିଥିବା ଭାରତ ୨୦୦୮ରେ ଚେନ୍ନାଇରେ ମାତ୍ର ୫.୩ ଓଭରରେ ୫୦ ରନ କରିଥିଲା। ଏହି ଭଳି ଅନ୍ୟ ଏକ କୀର୍ତ୍ତିମାନ ଦଳ ୨୦୨୩ରେ ପୋର୍ଟ ଅଫ୍ ସ୍ପେନ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିଲା।


# Classified Everyday

**0674-2580101, 2549949**



**REAL ESTATE**

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

ନଖରା ସମ୍ ହସ୍ପିଟାଲ-2ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-775

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75761

Apartment sale near Sum Hospital, Malipada, Bhubaneswar sqft.- 4200/-, Contact- 9777433701. D-75975




750sqft. space for Showroom, Rabi Talkies, Cuttack Puri main road, BBSR. Contact- 6370061224. D-76015




Relax, refresh your body, mind by expert therapist. Contact: 9938843929. D-768

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Full body massage experience, good looking therapist @ 999 (Bhubaneswar). 9078484455.** D-676

Newly open health benefits SPA special Offer @ 999 Bapujinagar. 8018429809. D-76134

**AFFIDAVIT**

I, SWAPNA KARVE MOHANTY, D/o- Vishwanath Karve, resident of BL-80, Basanti Colony, Rourkela, Sundergarh, 769012, Odisha declare by this affidavit No.- 1475 dated 16.07.2024 that now onwards I shall be known as SWAPNA KARVE for all future purposes. D-774


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


### LEGAL NOTICE

ମହକମେ ଶ୍ରୀମାନ ଦେୱାନୀ ଜଜ୍ (ବରିଷ୍ଠ ବିଭାଗ) ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗୀର (ଓଡ଼ିଶା), ସିଭିଲ ସୁଟ୍ ନଂ.-୧୩/୨୦୧୧
(I.A 11/2011, CMA 14/2017)
ଶ୍ରୀମତୀ ମିଥିଳା ସିଂ ଓଗେର, ୭୫ବର୍ଷ, ସ୍ୱା- ମଦନ ସିଂ, ନି- କୁସକେଲା, ଥାନା- ସିନ୍ଧେକେଲା, ମୁନସିଫି- ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗୀର (ଓଡ଼ିଶା) .....ବାଦୀ
ବନାମ
ସନ୍ତୋଷ କୁମାର କେଜ୍ରିୱାଲ ଓଗେର ୫୦ବର୍ଷ, ନି- ଠିକାଦରାପଡ଼ା ଟିଟିଲାଗଡ଼, ଥା- ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗୀର (ଓଡ଼ିଶା) ....ପ୍ରତିବାଦୀ
ଦେୱାନୀ କାର୍ଯ୍ୟବିଧି ସଂହିତା ହୁକୁମ ୫, ଆଇନ ୨୦ ମୁତାବକ ବିଜ୍ଞପ୍ତି

ପ୍ରାପ୍ତେଷୁ, ସନ୍ତୋଷ କୁମାର କେଜ୍ରିୱାଲ, ପିତା- ୰ଘନଶ୍ୟାମ ଦାସ କେଜ୍ରିୱାଲ, ୫୭ବର୍ଷ, ନି- ଠିକାଦରପଡ଼ା ଟିଟିଲାଗଡ଼, ଥା- ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗୀର (ଓଡ଼ିଶା), ୭୬୭୦୩୩

ଯେହେତୁ ପ୍ରତୀତ ହେଉଛି କି ଉପରୋକ୍ତ ମକଦ୍ଦମା ସଂକ୍ରାନ୍ତରେ ଆପଣଙ୍କୁ ବାରମ୍ବାର ନୋଟିସ କରାଗଲେ ସୁଦ୍ଧା ଆପଣ ଅନୁପସ୍ଥିତ ରହୁଛନ୍ତି କିମ୍ବା ନୋଟିସ ଅଗ୍ରାହ୍ୟ କରୁଛନ୍ତି। ତେଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଗଲା ଯେ, ଆଗାମୀ ତା୦୯।୦୮।୨୦୨୪ ଦିନ ଘ.୧୦.୩୦ମି ସମୟରେ ଉପରୋକ୍ତ ମକଦ୍ଦମାର ପେସି ଧାର୍ଯ୍ୟ ହୋଇଅଛି। ନିଜର କାଗଜାତ ସହ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହେବେ। ଯଦି ଏହି ମୋକଦ୍ଦମା ସମ୍ବନ୍ଧେ କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଲିଖିତ ଆକାରରେ ଦାଖଲ କରିବେ, ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମକଦ୍ଦମାର ବିଚାର କରାଯିବ।
ଅଦ୍ୟ ତା୦୯।୦୭।୨୦୨୪ ଦିନ ଆମ୍ଭ ସ୍ୱାକ୍ଷର ଏବଂ ଅଦାଲତର ସିଲ
ସ୍ୱା./- ଦେୱାନୀ ଜଜ୍ (ବରିଷ୍ଠ ବିଭାଗ), ଟିଟିଲାଗଡ଼
ଧ-୭୭୩

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ନିରୁପମା ପରିଡ଼ା**
ଓଳସିଂହ, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୫।୧୯୫୬
ତିରୋଧାନ: ୦୯।୦୭।୨୦୨୪

ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୭୬

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ସୁକାନ୍ତି କୁମାରୀ ମହାଖୁଡ଼**
କଣ୍ଟାପାଳ, ଢେଙ୍କାନାଳ
ଆବିର୍ଭାବ: ୧୫।୦୮।୧୯୪୨
ତିରୋଧାନ: ୦୯।୦୭।୨୦୨୪

ଆମକୁ ଶୋକ ସାଗରରେ ଭସାଇ ଦେଇ କେଉଁ ଅଜଣା ରାଇଜକୁ ଚାଲିଗଲୁ ଯେଉଁଠି ଥାଆନା କାହିଁକି, ମା' ମଙ୍ଗଳା ତୋର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।

**ଶୋକସନ୍ତପ୍ତ:** ପୁଅ: ବୁଲୁ, ଟୁଲୁ, ସିଲୁ, ଲୁଲୁ, ବୋହୂ: ମମତା, ରାଜଶ୍ରୀ, ସସ୍ମିତା, ମୀନାକ୍ଷୀ, ଝିଅ: ପ୍ରଭାସିନୀ, ନାତି: ପିନୁ, ଲକି, ବିକି, ଶକ୍ତି, ମୁକ୍ତି, ଶାଶ୍ୱତ, ନାତୁଣୀ: ସ୍ନେହା, ପୂର୍ବାସା, ଅନ୍ୟାସା, ଲିଜା, ଲିମା, ଲିସା, ଲିନା ଏବଂ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୭୫୪୩

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବଳରାମ ସାହୁ**
ଗାଡ଼କଣ, ଉପରସାହି, ଭୁବନେଶ୍ୱର
ଧରାବତରଣ- ୨୮.୦୭.୧୯୪୬
ସ୍ୱର୍ଗାରୋହଣ- ୦୮.୦୭.୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅଶେଷ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।

-ଶୋକସନ୍ତପ୍ତ-
ତୁମର ଧର୍ମପତ୍ନୀ- ସଞ୍ଜୁକ୍ତା, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଭଣଜା-ଭାଣିଜି, ଝିଆରୀ-ପୁତୁରା ଏବଂ ସମସ୍ତ ପଦ୍ମାଭବନ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୬୧୩୬


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q19972384 6@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



ଅଶୋକ ମହାନ୍ତି

# ପ୍ରଖ୍ୟାତ ଅଲିମ୍ପିଆନ୍ସଙ୍କ ଅବିଶ୍ୱସନୀୟ ପ୍ରଦର୍ଶନ

**ଅଦମ୍ୟ ଇଚ୍ଛାଶକ୍ତି, ଗଭୀର ଆତ୍ମବିଶ୍ୱାସ, ଅସୀମ ସହନଶକ୍ତି, ନିରନ୍ତର ଅଭ୍ୟାସ, ଶୃଙ୍ଖଳିତ ଆଚରଣ ଓ ଜୀବନଶୈଳୀ ଦ୍ୱାରା ଜଣେ କ୍ରୀଡ଼ାବିତ୍ ଅସମ୍ଭବକୁ ସମ୍ଭବ କରିପାରେ। ଜଣେ କ୍ରୀଡ଼ାବିତ୍ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଅଲିମ୍ପିକ୍ କ୍ରୀଡ଼ାରେ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିବା ଅତ୍ୟନ୍ତ କଷ୍ଟସାଧ ସାବ୍ୟସ୍ତ ହେଉଥିବା ବେଳେ ଲଗାତର ୪ଟି ବା ତା'ଠାରୁ ଅଧିକ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରି ଅବିଶ୍ୱସନୀୟ କୀର୍ତ୍ତିମାନ ସ୍ଥାପନ କରିଥିବା କେତେଜଣ କ୍ରୀଡ଼ାବିତ୍‌ଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

**(ଲଗାତର ୪ଟି ବା ତା'ଠାରୁ ଅଧିକ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜେତାଙ୍କ ଉପରେ ଆଧାରିତ ଅବିସ୍ମରଣୀୟ ଗାଥା)**



ଆଲିସନ ଫେଲିକ୍ସ



ଲେସ୍‌ଲି କ୍ଲାଉଡିଅସ୍



କାର୍ଲ ଲୁଇସ



ମାଇକେଲ ଫେଲପ୍ସ

ଜୁଲାଇ ୨୬ରୁ ବିଶ୍ୱ ପ୍ରସିଦ୍ଧ ଫ୍ୟାଶନ ସହର ପ୍ୟାରିସ୍‌ଠାରେ ଆରମ୍ଭ ହେବାକୁ ଯାଉଛି କ୍ରୀଡ଼ା ମହାକୁମ୍ଭ ୩୩ତମ ଅଲିମ୍ପିକ କ୍ରୀଡ଼ା। ମାନ୍ୟତାପ୍ରାପ୍ତ ଏବଂ ସର୍ବାଧିକ ଆଦୃତ କ୍ରୀଡ଼ା ସମାରୋହ ହେଉଛି ଅଲିମ୍ପିକ୍ସ। ୪ ବର୍ଷ ବ୍ୟବଧାନରେ ହେଉଥିବା ଏହି ବହୁ ଶୃଙ୍ଖଳାବିଶିଷ୍ଟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ସ୍ୱପ୍ନ ହୋଇଥିବା ବେଳେ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିବା ସେମାନଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ ହୋଇଥାଏ। ଜଣେ ଜଣେ କ୍ରୀଡ଼ାବିତ୍ ଯେତେବେଳେ କୌଣସି ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୁଅନ୍ତି ତାହା ତାଙ୍କର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନର ଶ୍ରେଷ୍ଠ ନିଦର୍ଶନ ଭାବେ ସ୍ୱୀକୃତିଲାଭ କରିଥାଏ। ବର୍ଷ ବର୍ଷ ଧରି ନିରନ୍ତର ଅଭ୍ୟାସ, ସାଧନା, ଝାଳବୁହା ପରିଶ୍ରମ ଏବଂ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଜଣେ କ୍ରୀଡ଼ାବିତ୍ ଅଲିମ୍ପିକ ସ୍ୱର୍ଣ୍ଣପଦକ ଜିତିବାରେ ସକ୍ଷମ ହୋଇଥାଏ। ଅନ୍ତର୍ଜାତୀୟ ଅଲିମ୍ପିକ ସଂଘ ଦ୍ୱାରା ଅନୁବନ୍ଧିତ ଶତାଧିକ ଦେଶ (ପ୍ୟାରିସ୍‌ରେ ୨୦୬ଟି ଦେଶ ଭାଗ ନେଉଛନ୍ତି)ଗୁଡ଼ିକର ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ହେଉଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିବା ପରେ ଜଣେ କ୍ରୀଡ଼ାବିତ୍‌ଙ୍କୁ ସେଇ କ୍ରୀଡ଼ା ଶୃଙ୍ଖଳାରେ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ମିଳିଥାଏ। ଜଣେ କ୍ରୀଡ଼ାବିତ୍ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଅଲିମ୍ପିକ୍ କ୍ରୀଡ଼ାରେ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିବା ଅତ୍ୟନ୍ତ କଷ୍ଟସାଧ ସାବ୍ୟସ୍ତ ହେଉଥିବା ବେଳେ, ଲଗାତାର ଭାବେ ୪ଟି ବା ତା'ଠାରୁ ଅଧିକ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରି ଅବିଶ୍ୱସନୀୟ କୀର୍ତ୍ତିମାନ ସ୍ଥାପନ କରି ବିରଳ କୃତିତ୍ୱ କରିଥିବା କେତେଜଣ ହାତ ଗଣତି କ୍ରୀଡ଼ାବିତ୍ ତାଙ୍କ ପ୍ରଦର୍ଶନ ଦ୍ୱାରା ପ୍ରମାଣ କରିଛନ୍ତି ଯେ ଅଦମ୍ୟ ଇଚ୍ଛାଶକ୍ତି, ଗଭୀର ଆତ୍ମବିଶ୍ୱାସ, ଅସୀମ ସହନଶକ୍ତି, ନିରନ୍ତର ଅଭ୍ୟାସ, ଶୃଙ୍ଖଳିତ ଆଚରଣ ଓ ଜୀବନଶୈଳୀ ଦ୍ୱାରା ଜଣେ ମଣିଷ ବା କ୍ରୀଡ଼ାବିତ୍ ଅସମ୍ଭବକୁ ସମ୍ଭବ କରିପାରେ। ବିଭିନ୍ନ ନିର୍ଭରଯୋଗ୍ୟ ସୂତ୍ରରୁ ଉପଲବ୍ଧ ତଥ୍ୟ ଆଧାରରେ ୧୨୮ ବର୍ଷର ଅଲିମ୍ପିକ କ୍ରୀଡ଼ା ଇତିହାସରେ ଏହି ବିରଳ କୃତିତ୍ୱର ଅଧିକାରୀ ୧୮ କ୍ରୀଡ଼ାବିତ୍‌ଙ୍କ ନାମ ଓ କୀର୍ତ୍ତିକୁ ନେଇ ଏଇ ପ୍ରସ୍ତୁତି...

ସର୍ବପ୍ରଥମେ ଏହି ତାଲିକାରେ ଏକ ବ୍ୟତିକ୍ରମ ଭାବେ ଦୁଇଜଣ ଭାରତୀୟ ହକି ଖେଳାଳିଙ୍କ ନାମକୁ ସାମିଲ କରାଯାଇଛି। ଲଗାତାର ୪ଥର ଭାରତୀୟ ହକି ଦଳର ସଦସ୍ୟ ଭାବେ ୩ ସ୍ୱର୍ଣ୍ଣ (୧୯୫୨, ୧୯୫୬ ଓ ୧୯୬୪) ଏବଂ ଗୋଟିଏ ରୌପ୍ୟ (୧୯୬୦) ପଦକ ହାସଲ କରିଥିବା ଖେଳାଳି ହେଲେ ପଞ୍ଜାବର ଉଦ୍ଧାମ ସିଂ ଏବଂ କଲିକତାର ଲେସ୍‌ଲି କ୍ଲାଉଡିଅସ୍। ଅଲିମ୍ପିକ୍ସ ହକି ଇତିହାସରେ ଆଉ କୌଣସି ଖେଳାଳି ଏହି କୀର୍ତ୍ତିମାନର ସମକକ୍ଷ ହୋଇପାରି ନାହାନ୍ତି। ଯେ କୌଣସି ବହୁ ଶୃଙ୍ଖଳାବିଶିଷ୍ଟ କ୍ରୀଡ଼ା ପ୍ରତିଯୋଗିତାରେ ଆଥ୍‌ଲେଟିକ୍ସ ବା ଦୌଡ଼କୁଦର ବିଶେଷ ଆକର୍ଷଣ ରହିଥାଏ। ଅଲିମ୍ପିକ୍ସ ଇତିହାସରେ କେବଳ ୩ଜଣ କ୍ରୀଡ଼ାବିତ୍ ଲଗାତାର ଭାବେ ୪ଟି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ସେମାନେ ହେଲେ ୧–ଆଲ୍ ଓରେଟର (ଆମେରିକାର ଡିସ୍‌କସ୍ ଥ୍ରୋ ସ୍ୱର୍ଣ୍ଣ ପଦକ ବିଜେତା ୧୯୫୨ ହେଲେସିଂକି, ୧୯୫୬ ମେଲବୋର୍ନ, ୧୯୬୦ ରୋମ୍ ଏବଂ ୧୯୬୪ ଟୋକିଓ)। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରତ୍ୟେକ କ୍ରୀଡ଼ାରେ ଓରେଟର ନୂତନ ଅଲିମ୍ପିକ ରେକର୍ଡ ସ୍ଥାପନ କରିଥିଲେ। ୨–କାର୍ଲ ଲୁଇସ୍ (ଆମେରିକା– ଜେସି ଓଏନ୍ସଙ୍କ ପରେ ଦ୍ୱିତୀୟ ଆଥ୍‌ଲେଟ୍ ଭାବେ ଗୋଟିଏ ଅଲିମ୍ପିକ୍ସରେ ୪ ସ୍ୱର୍ଣ୍ଣ ପଦକ ବିଜେତା। ୧୯୮୪ରେ ୧୦୦ମି, ୨୦୦ମି, ଲଙ୍ଗଜମ୍ପ ଏବଂ ୪x ୧୦୦ ମି. ରିଲେ ଏବଂ ପରବର୍ତ୍ତୀ ୩ଟି ଅଲିମ୍ପିକ୍ସ ୧୯୮୮, ୧୯୯୨, ୧୯୯୬ରେ ଲଙ୍ଗଜମ୍ପ ସ୍ୱର୍ଣ୍ଣ ପଦକ ବିଜେତା)। ୩–ଆଲିସନ ଫେଲିକ୍ସ (ଆମେରିକା– ୨୦୦୮ରେ ୪x୪୦୦ ମିଟରରେ ଗୋଟିଏ ସ୍ୱର୍ଣ୍ଣ, ୨୦୧୨ରେ ୨୦୦ମି, ୪x୧୦୦ମି ଓ ୪x–୪୦୦ମିଟରରେ ୩ ସ୍ୱର୍ଣ୍ଣ, ୨୦୧୬ରେ ୪x୪୦୦ମି ଓ ୪x୧୦୦ ମିଟରରେ ୨ ସ୍ୱର୍ଣ୍ଣ ଏବଂ ୨୦୨୦ରେ ୪x୪୦୦ ମିଟର ରିଲେରେ ୧ ସ୍ୱର୍ଣ୍ଣ ସହିତ ସମୁଦାୟ ୭ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୧ ବ୍ରୋଞ୍ଜ ପଦକ ବିଜେତା।

**ସର୍ବାଧିକ ସ୍ୱର୍ଣ୍ଣ ବିଜେତା**

ଅଲିମ୍ପିକ୍ସ କ୍ରୀଡା ଇତିହାସରେ ସର୍ବାଧିକ ୨୩ ସ୍ୱର୍ଣ୍ଣ ପଦକ ବିଜେତା ହେଲେ ଆମେରିକାର ମାଇକେଲ ଫେଲପ୍ସ। ସେ ୨୦୦୪ରୁ ୨୦୧୬ ମଧ୍ୟରେ ୪ଟି ଅଲିମ୍ପିକ୍ସରେ ସମୁଦାୟ ୨୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ ଜିତି ଏକ ଅବିଶ୍ୱସନୀୟ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫେଲପ୍ସ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଏକାକୀ ୮ଟି ସ୍ୱର୍ଣ୍ଣ ପଦକ ଜିତି ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ତାଙ୍କ ଦେଶର ଅନ୍ୟତମ କିମ୍ବଦନ୍ତୀ ସନ୍ତରଣକାରୀ ମାର୍କ ସ୍ପିଜ୍‌ଙ୍କ (୭ ସ୍ୱର୍ଣ୍ଣପଦକ)କୀର୍ତ୍ତିମାନକୁ ଅତିକ୍ରମ କରିଥିଲେ। ସେହିପରି ଆମେରିକାର ରେୟନ ଲକ୍‌ଟି ୨୦୦୪ରୁ ୨୦୧୬ ମଧ୍ୟରେ ୪ଟି ଅଲିମ୍ପିକ୍ସରେ ଲଗାତାର ସ୍ୱର୍ଣ୍ଣପଦକ ବିଜେତା ( ୨୦୦୪– ୧ ସ୍ୱର୍ଣ୍ଣ, ୨୦୦୮– ୨ ସ୍ୱର୍ଣ୍ଣ, ୨୦୧୨– ୨ ସ୍ୱର୍ଣ୍ଣ, ୨୦୧୬– ୧ ସ୍ୱର୍ଣ୍ଣ)। ଏତଦ୍ ବ୍ୟତୀତ ସେ ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲେ। ରୁଷୀୟ ଲଳନା ସ୍ୱେତଲନା ରୋସାସିନା ସିଙ୍କ୍ରୋନାଇଜଡ ସନ୍ତରଣରେ ୨୦୦୮ରୁ ୨୦୨୦ ମଧ୍ୟରେ ୪ଟି ଅଲିମ୍ପିକ୍ସରେ (୨୦୦୮–୧ ସ୍ୱର୍ଣ୍ଣ, ୨୦୧୨–୨ ସ୍ୱର୍ଣ୍ଣ, ୨୦୧୬–୨ ସ୍ୱର୍ଣ୍ଣ ଏବଂ ୨୦୨୦– ୨ ସ୍ୱର୍ଣ୍ଣ) ୭ ସ୍ୱର୍ଣ୍ଣ ଜିତି ଏକ ନିଆରା କୀର୍ତ୍ତିମାନ ସୃଷ୍ଟି କରିଥିଲେ।

ରୋଇଂ: ଗ୍ରେଟ୍ ବ୍ରିଟେନର କିମ୍ବଦନ୍ତୀ ରୋଇଂ ଚାମ୍ପିୟନ ଷ୍ଟିଭ ରେଡଗ୍ରେଭଙ୍କୁ ଅଲିମ୍ପିକ କ୍ରୀଡା ଇତିହାସର ଅନ୍ୟତମ ଶ୍ରେଷ୍ଠ କ୍ରୀଡାବିତ୍‌ର ମାନ୍ୟତା ଦିଆଯାଇଥାଏ। ୧୯୮୪ରୁ ୨୦୦୦ ପର୍ଯ୍ୟନ୍ତ ଲଗାତାର ୫ଟି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ସେ ଅବିଶ୍ୱସନୀୟ ରେକର୍ଡ ସ୍ଥାପନ କରିଥିଲେ।

କାନୋଇଂ: ପୂର୍ବଜର୍ମାନୀ/ଜର୍ମାନୀର ବ୍ରିଜିଟ୍ ଫିସର ୧୯୮୦ରୁ ୨୦୦୪ ପର୍ଯ୍ୟନ୍ତ ୬ଟି ଅଲିମ୍ପିକ୍ସରେ (୧୯୮୦–୧ ସ୍ୱର୍ଣ୍ଣ, ୧୯୮୮–୨ ସ୍ୱର୍ଣ୍ଣ, ୧୯୯୨– ୧ ସ୍ୱର୍ଣ୍ଣ, ୧୯୯୬– ୧ ସ୍ୱର୍ଣ୍ଣ, ୨୦୦୦– ୨ ସ୍ୱର୍ଣ୍ଣ, ୨୦୦୪– ୧ ସ୍ୱର୍ଣ୍ଣ) ଭାଗ ନେଇ ସମୁଦାୟ ୮ ସ୍ୱର୍ଣ୍ଣ ସହିତ ୪ଟି ରୌପ୍ୟ ପଦକ ହାସଲ କରିଥିଲେ। ତନ୍ମଧ୍ୟରୁ ୧୯୮୮ରୁ ୨୦୦୪ ମଧ୍ୟରେ ଲଗାତାର ୫ଟି ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲେ ଏହି ମହିଳା କ୍ରୀଡାବିତ୍।

ବାସ୍କେଟବଲ: ଆମେରିକାର ମହିଳା ବାସ୍କେଟବଲ ଖେଳାଳି ଡାଏନା ଟୋରସି ୨୦୦୪ରୁ ୨୦୨୦ ମଧ୍ୟରେ ଲଗାତାର ଭାବେ ୫ଟି ଅଲିମ୍ପିକ୍ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଆମେରିକା ଦଳର ପ୍ରମୁଖ ସଦସ୍ୟ ଥିଲେ।

ଅପେକ୍ଷାକୃତ କମ ଶାରୀରିକ ଦକ୍ଷତା, ଶକ୍ତିର ପ୍ରୟୋଗ ଅପେକ୍ଷା ଅଧିକ ଏକାଗ୍ରତା ଓ କୌଶଳ ଆବଶ୍ୟକ ହେଉଥିବା କ୍ରୀଡ଼ା ଶୃଙ୍ଖଳା ଯଥା ଅସିଚାଳନା (Fencing)ରେ ସର୍ବାଧିକ କ୍ରୀଡ଼ାବିତ୍ ଲମ୍ବା ସମୟ ଧରି ସଫଳ ହୋଇଥିବା ପରିଲକ୍ଷିତ ହୁଏ।

ଅସିଚାଳନା: (୧) ଆଲାଦାର କେରେଭିଚ୍ (ହଙ୍ଗେରି):୧୯୩୨ରୁ ୧୯୬୦ ମଧ୍ୟରେ ଲଗାତାର ଭାବେ ୬ଟି ଅଲିମ୍ପିକ୍ସରେ ୭ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ବିଜେତା। (୨) ଏଡୋଆର୍ଡୋ ମାଙ୍ଗିଆରୋଟି (ଇଟାଲୀ): ୧୯୩୨ରୁ ୧୯୬୦ ମଧ୍ୟରେ ୬ ସ୍ୱର୍ଣ୍ଣ, ୫ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ ବିଜେତା। (୩) ଭାଲେଣ୍ଟିନା ଭେଜାଲି (ଇଟାଲୀ): ୧୯୯୬ରୁ ୨୦୧୨ ମଧ୍ୟରେ ୫ଟି ଅଲିମ୍ପିକ୍ସରେ ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ ବିଜେତା। (୪) ଜିରୋନା ଟ୍ରିଲିନି (ଇଟାଲୀ): ୧୯୯୨ରୁ ୨୦୦୮ ମଧ୍ୟରେ ୪ଟି ଅଲିମ୍ପିକ୍ସରେ ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ ପଦକ। (୫) ପଲ କୋଭିକ୍ସ (ହଙ୍ଗେରି):୧୯୩୬ରୁ ୧୯୬୦ ମଧ୍ୟରେ ୫ଟି ଅଲିମ୍ପିକ୍ସରେ ୬ ସ୍ୱର୍ଣ୍ଣ ଏବଂ ୧ ବ୍ରୋଞ୍ଜ ପଦକ ବିଜେତା। (୬) ରୁଡୋଲଫ୍ କାରପଟି (ହଙ୍ଗେରି): ୧୯୪୮ରୁ ୧୯୬୦ ମଧ୍ୟରେ ୪ ଅଲିମ୍ପିକ୍ସରେ ୬ ସ୍ୱର୍ଣ୍ଣ ପଦକ ବିଜେତା।

ଅଶ୍ୱଚାଳନା: (୧) ହାନ୍ସ ଗୁଣ୍ଟର ଉଇଙ୍କଲର (ଜର୍ମାନୀ)– ୧୯୫୬ରୁ ୧୯୭୬ ମଧ୍ୟରେ ୬ଟି ଅଲିମ୍ପିକ୍ସରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ ପଦକ ବିଜେତା। (୨) ଇସାବେଲ୍ ୱେର୍ଥ (ମହିଳା, ଜର୍ମାନୀ)– ୧୯୯୨ରୁ ୨୦୨୦ ମଧ୍ୟରେ କେବଳ ୨୦୦୪ ବ୍ୟତୀତ ଅନ୍ୟ ୬ଟି ଅଲିମ୍ପିକ୍ସରେ ୭ ସ୍ୱର୍ଣ୍ଣ ସହ ୫ ରୌପ୍ୟ ପଦକ ବିଜେତା।

ସାଇକେଲ ଚାଳନା: କ୍ରିସ୍ ହଏ – ଗ୍ରେଟ୍‌ବ୍ରିଟେନ୍‌ର କ୍ରିସ୍ ହଏ ଜଣେ କିମ୍ବଦନ୍ତୀ ସାଇକ୍ଲିଂ ଚାମ୍ପିୟନ ଭାବେ ପରିଚିତ। ୨୦୦୦ରୁ ୨୦୧୨ ମଧ୍ୟରେ ୪ଟି ଅଲିମ୍ପିକ୍ସରେ ଭାଗନେଇ ୬ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ସେ ୨୦୦୦ ସିଜନ୍‌ରେ ଗୋଟିଏ ରୌପ୍ୟ ପାଇଥିଲେ ମଧ୍ୟ ପରବର୍ତ୍ତୀ ୨୦୦୪ରେ ୧ ସ୍ୱର୍ଣ୍ଣ, ୨୦୦୮ରେ ୩ ସ୍ୱର୍ଣ୍ଣ, ୨୦୧୨ରେ ୨ ସ୍ୱର୍ଣ୍ଣପଦକ ଜିତିଥିବାରୁ ତାଙ୍କୁ ଏହି ବିରଳ ତାଲିକାରେ ସ୍ଥାନ ଦିଆଯାଇଛି। (୨) ଜାସନ କେନି (ଗ୍ରେଟ୍ ବ୍ରିଟେନ): ୨୦୦୮ରୁ ୨୦୨୦ ମଧ୍ୟରେ ଲଗାତାର ଭାବେ ୪ଟି ଅଲିମ୍ପିକ୍ସରେ ୭ ସ୍ୱର୍ଣ୍ଣପଦକ (୨୦୦୮ରେ ୧ ସ୍ୱର୍ଣ୍ଣ, ୨୦୧୨ରେ ୨ ସ୍ୱର୍ଣ୍ଣ, ୨୦୧୬ରେ ୩ ସ୍ୱର୍ଣ୍ଣ, ୨୦୨୦ରେ ୧ ସ୍ୱର୍ଣ୍ଣ) ସହିତ ୨ଟି ରୌପ୍ୟ ପଦକ ବିଜେତା।

ବି.ଦ୍ର.– ଏହି ଲେଖାଟିରେ କେବଳ ଲଗାତାର ଭାବେ (ଦୁଇଟି ବ୍ୟତିକ୍ରମ ବ୍ୟତୀତ) ୪ଟି ବା ତା'ଠାରୁ ଅଧିକ ଅଲିମ୍ପିକ୍ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜେତାଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ ଏକାଧିକ ପ୍ରଖ୍ୟାତ କ୍ରୀଡ଼ାବିତ୍ ଯଥା ବିଶ୍ୱର ସର୍ବକାଳୀନ ଅନ୍ୟତମ ଶ୍ରେଷ୍ଠ ସ୍ପ୍ରିଣ୍ଟର ଜାମାଇକାର ଉସେନ ବୋଲ୍ଟ (୨୦୦୮ରୁ ୨୦୧୬ ମଧ୍ୟରେ ୩ଟି ଅଲିମ୍ପିକ୍ସରେ ୮ଟି ସ୍ୱର୍ଣ୍ଣପଦକ ବିଜେତା), ମାଇକେଲ ଫେଲପ୍ସଙ୍କ ପରେ ୩ଟି ଅଲିମ୍ପିକ୍ସରେ ସର୍ବାଧିକ ୧୮ଟି ପଦକ ବିଜେତା ସୋଭିଏତ୍ ରୁଷ ଜିମ୍‌ନାଷ୍ଟ ଲାରିସା ଲାଟିନିନା (ସ୍ୱର୍ଣ୍ଣ–୯, ରୌପ୍ୟ–୫, କାଂସ୍ୟ–୪), ୧୯୩୬ ବର୍ଲିନ୍ ଅଲିମ୍ପିକ୍ସରେ ୪ଟି ସ୍ୱର୍ଣ୍ଣ ପଦକ (୧୦୦ ମି, ୨୦୦ ମି, ଲଙ୍ଗଜମ୍ପ ଏବଂ ୪x୧୦୦ ମିଟର ରିଲେ)ବିଜେତା ଜେସି ଓଏନ୍ସ, ୧୯୪୮ ଓ ୧୯୫୨ ଅଲିମ୍ପିକ୍ସରେ ୪ଟି ସ୍ୱର୍ଣ୍ଣ (୧୯୪୮–୧୦,୦୦୦ ମି. ସ୍ୱର୍ଣ୍ଣ, ୧୯୫୨–୫୦୦୦ ମି, ୧୦,୦୦୦ ମି . ଓ ମାରାଥନ୍‌ରେ ସ୍ୱର୍ଣ୍ଣ) ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ଚେକୋସ୍ଲୋଭାକିଆର ଏମିଲି ଜାଟୋପେକ୍, ଆମେରିକାର ମହିଳା ସନ୍ତରଣକାରୀ କେଟି ଲେଡେକି (୩ଟି ଅଲିମ୍ପିକ୍ସ ୨୦୧୨ରୁ ୨୦୨୦ ମଧ୍ୟରେ ୭ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ବିଜେତା) ଏବଂ ଆହୁରି ଅନେକଙ୍କ ନାମକୁ ସାମିଲ କରାଯାଇ ପାରିନାହିଁ।

## ଲଭଲିନା, ଅମିତଙ୍କଠାରୁ ପଦକ ଆଶା

ସ୍ୱାଗତ ସମ୍ପଦ

**ପ୍ୟାରିସ୍ ଅଲିମ୍ପିକ୍ ବକ୍ସିଂରେ ଭାରତର ୬ ବକ୍ସର ପ୍ରତିଦ୍ୱନ୍ଦ୍ୱିତା କରିବେ। ଏମାନଙ୍କ ମଧ୍ୟରେ ୪ ମହିଳା ଓ ୨ ପୁରୁଷ ବକ୍ସର ସାମିଲ। ବିଶେଷ କରି ଲଭଲିନା ବୋର୍ଗୋହେନ ଓ ଅମିତ ପଙ୍ଘାଲଙ୍କଠାରୁ ଭାରତର ପଦକ ଆଶା ଅଧିକ ରହିଛି...**

ପ୍ୟାରିସ ଅଲିମ୍ପି'କ୍ ବକ୍ସିଂରେ ଭାରତର ୬ ଜଣ ବକ୍ସର ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୨୨ଏସୀୟ କ୍ରୀଡ଼ାରେ ୪ଜଣ ମହିଳା ବକ୍ସର ସେମିଫାଇନାଲକୁ ଉଠିବା ପରେ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଥିଲେ। ଅନ୍ୟପକ୍ଷରେ ଅମିତ ପଙ୍ଘାଲ(୫୧କେଜି) ଓ ନିଶାନ୍ତ ଦେବ (୭୧କେଜି) ସବୁ ଅନିଶ୍ଚିତତାକୁ ଦୂରେଇ ଦେଇଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଅନୁଷ୍ଠିତ ୨ୟ ତଥା ଅନ୍ତିମ ବିଶ୍ୱ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଏହି ଦୁଇଜଣ ପ୍ୟାରିସ ଟିକେଟ ହାସଲ କରିଛନ୍ତି। ଲଭଲିନା ବୋର୍ଗୋହେନ୍ ୭୫କେଜି, ପ୍ରୀତି ପାୱାର ୫୪କେଜି, ଜସ୍ମିନ୍ ଲାମ୍ବୋରିଆ ୫୭କେଜି ଓ ନିଖତ ଜରିନ୍ ୫୦କେଜି ବର୍ଗରେ ଭାଗ ନେବେ। ପର୍ବିନ୍ ହୁଦା ଡୋପ୍ ପରୀକ୍ଷା ପାଇଁ ଅନୁପସ୍ଥିତ ରହିବାରୁ ଏହି ବୈଷୟିକ କାରଣରୁ ୨୨ମାସ ନିଲମ୍ବିତ ହୋଇଥିଲେ। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ)ର ଏହି କାର୍ଯ୍ୟାନୁଷ୍ଠାନ ଫଳରେ ପର୍ବିନ୍‌ଙ୍କ ଅଲିମ୍ପିକ୍ ଯୋଗ୍ୟତା ପ୍ରତ୍ୟାହାର ହୋଇଥିଲା। ୬୦ କେଜି ବର୍ଗରେ ଜସ୍ମିନ୍ ଲାମ୍ବୋରିଆ ଉଭୟ ଏସିଆଡ୍ ଓ ଚଳିତ ବର୍ଷ ମାର୍ଚ୍ଚରେ ଇଟାଲୀରେ ଅନୁଷ୍ଠିତ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟରେ ପରାଜୟ ବରଣ କରିଥିଲେ। ପର୍ବିନ୍‌ଙ୍କ ନିଲମ୍ବନ କଟକଣା କିନ୍ତୁ ଜସ୍ମିନ୍‌ଙ୍କ ପାଇଁ ପଥ ପରିଷ୍କାର କରିଥିଲା। ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର ଅନୁମୋଦନ କ୍ରମେ ଜସ୍ମିନ ବ୍ୟାଙ୍କକ ଯୋଗ୍ୟତା ପର୍ଯ୍ୟାୟରେ ୬୦ ପରିବର୍ତ୍ତେ ୫୭କେଜି ବର୍ଗରେ ଲଢ଼େଇ କରିଥିଲେ। ଜସ୍ମିନ୍‌ଙ୍କର ଏହା ହେବ ପ୍ରଥମ ଅଲିମ୍ପିକ୍ସ। ୫୧କେଜି ବର୍ଗରେ ଦୀପକ ଭୋରିଆ ଅଗ୍ରାଧିକାର ପାଇଥିଲେ ହେଁ ସେ କିନ୍ତୁ ହାଙ୍ଗ୍‌ଝୋ ଏସିଆଡ୍ ଓ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟରେ ହାରିଯାଇଥିଲେ। ଅଲିମ୍ପିକ୍ ସ୍ଥାନ ବଜାୟ ରଖିବାକୁ ବିଏଫ୍‌ଆଇର ପ୍ରାଥମିକତା ଅମିତଙ୍କ ପାଇଁ ବାଟ ଫିଟାଇଥିଲା। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଅମିତ ବ୍ୟାଙ୍କକ୍ ଟୁର୍ନାମେଣ୍ଟରେ ଭାରତର ଲକ୍ଷ୍ୟ ପୂରଣ କରିଥିଲେ। ୭୧କେଜି ବର୍ଗରେ ବିଶ୍ୱ ଚମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ନିଶାନ୍ତ ଦେବ୍ ବ୍ୟାଙ୍କକରେ ପ୍ୟାରିସ୍ ଟିକେଟ ଅର୍ଜନ କରିଥିଲେ। ଏସିଆଡ୍ କ୍ୱାର୍ଟର ଫାଇନାଲରେ ସେ ହାରିଯାଇଥିଲେ। ନିଶାନ୍ତ ଅସୁସ୍ଥତା ଯୋଗୁ ପ୍ରଥମ ଯୋଗ୍ୟତା ଟୁର୍ନାମେଣ୍ଟ ମିସ୍ କରିଥିଲେ। ଟୋକିଓ ଅଲିମ୍ପିକ୍ ବକ୍ସିଂରେ ପ୍ରଥମ ମ୍ୟାଚ ହାରିଯାଇ ଅମିତ ବିଦାୟ ନେଇଥିଲେ। ପ୍ୟାରିସ୍‌ରେ ତାଙ୍କଠାରୁ ଭାରତ ପଦକ ପାଇବ ବୋଲି ଆଶା କରାଯାଉଛି।



ଲଭଲିନା ବୋର୍ଗୋହେନ୍

## ସୁନା

କୋପା ଆମେରିକା କପ୍ ଫୁଟବଲ
ଚାମ୍ପିୟନ ଆର୍ଜେଣ୍ଟିନା
ସବ୍‌ଷ୍ଟିଚ୍ୟୁଟ ଖେଳାଳି ମାର୍ଟିନେଜ
ପଡ଼ିଆକୁ ଗଲା ଅନା
କଲମ୍ବିଆ ଆଶା ଚୂନା
କ୍ୟାରିୟରର ଅଣତିରିଶତମ ଏହି ଗୋଲ
ସ୍କୋର ବନିଗଲା ସୁନା।

ଏଥରକୁ ନେଇ ଷୋହଳଥର ଆର୍ଜେଣ୍ଟିନା
ଜିତି ଏହି ଟାଇଟଲ
ପଛରେ ଉରୁଗୁଏ, ଟପ୍‌ରେ ରହି
ମେସି ସେନା ମାଲାମାଲ
ଦେଖ ଲଉଟାରୋ ମୂଲ
ଗୋଲ୍ଡେନ ବୁଟ୍ ମୁଣ୍ଡେ ଧରି ନାଚୁଅଛି
ସୁନା ତା' ସଂସ୍କାର ଝୁଲ।



ୟୁରୋ କପ୍ ଫୁଟବଲ ଚାମ୍ପିୟନ
ସ୍ପେନ୍ ମୋଡୁଅଛି ନିଶ
ମିଳିତଭାବେ ଛ'ଜଣଙ୍କୁ
ଗୋଲ୍ଡେନ ବଲ୍
ୟୁରୋ କପ୍ ଇତିହାସ
ଥାଉ ପାଖେ ମୋତି କ୍ୟାଶ
ସବୁଠାରୁ ମୂଲ ଗୁଡ୍‌ମ୍ୟାନର ଆଉ
ସୁଚରିତ୍ର ଥିଲେ କୁଶ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୯/୨୦୨୪ Bhubaneswar, Friday, July 19/ 2024

# କିଟ୍‌ର ୧୧ ଅଲିମ୍ପିଆନ୍‌ଙ୍କୁ ଭର୍ଚୁଆଲ ସମ୍ବର୍ଦ୍ଧନା



କିଟ୍‌ର ଅଲିମ୍ପିଆନ୍‌ମାନଙ୍କ ପାଇଁ ଗୁରୁବାର ଅନୁଷ୍ଠିତ ଭର୍ଚୁଆଲ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ରାଜ୍ୟର ତାରକା ଖେଳାଳି ଓ ଅତିଥିବୃନ୍ଦ।(ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର,୧୮।୭**
**(ସରୋଜ ଜେନା)**

ଭାରତ ପକ୍ଷରୁ ବୁଧବାର ଏହାର ଅଲିମ୍ପିକ୍ସ ଦଳ ଘୋଷଣା କରାଯାଇଥିଲା। ୧୧୭ ଜଣ ଖେଳାଳି ଓ ୧୪୦ ସପୋର୍ଟ ଷ୍ଟାଫ୍‌ଙ୍କୁ ପ୍ୟାରିସ୍ ୨୦୨୪ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଛି। ଏହା ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟର ୧୧ ଜଣ ଆଥ୍‌ଲେଟ ଓ ଜଣେ ଅଫିସିଆଲ ସ୍ଥାନ ପାଇଥିବା ବେଳେ ଗୁରୁବାର ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ୧୧ ଜଣ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ହକି ଖେଳାଳି ଅମିତ ରୋହିଦାସ ଓ ଜାଭେଲିନ୍ ଥ୍ରୋୟର କିଶୋର ଜେନା ସାମିଲ ଥିଲେ। ଏହା ବ୍ୟତୀତ ୩୦୦୦ ମିଟର ଷ୍ଟିପଲଚେଜ ଓ ୫୦୦୦ ମିଟର ରେସ୍‌ରେ ପାରୁଲ ଚୌଧାରୀ, ୨୦ କି.ମି. ରେସ୍ ୱାକ ଓ ମାରାଥନ ରେସ୍ ୱାକ ମିକ୍ସଡ ରିଲେରେ ପ୍ରିୟଙ୍କା ଗୋସ୍ୱାମୀ, ମହିଳା ଜାଭେଲିନ୍ ଥ୍ରୋରେ ଅନୁ ରାଣୀ, ୧୦୦ ମି. ହର୍ଡଲ୍ସରେ ଜ୍ୟୋତି ୟାରାଜୀ, ଶଟପୁଟ୍‌ରେ ତାଜିନ୍ଦର ପାଲ ସିଂ ତୁର, ୪x୪୦୦ ମିଟର ରିଲେ ଦଳ ସଦସ୍ୟ ପ୍ରାଚୀ ଚୌଧାରୀ, ୫୦୦୦ ମିଟର ରେସ୍‌ରେ ଅଙ୍କିତା ଧ୍ୟାନୀ, ୨୦ କି.ମି. ରେସ୍ ୱାକ୍‌ରେ ପରମଜିତ ସିଂ ବିସ୍ତ ଓ ମାରାଥନ ରେସ୍ ୱାକ ମିକ୍ସଡ ରିଲେରେ ସୁରଜ ପନୱାରଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି।

ସମସ୍ତ ଖେଳାଳି ଅଲିମ୍ପିକ୍ସ ପାଇଁ ବିଦେଶରେ ଅଭ୍ୟାସ କରୁଥିବା କାରଣରୁ ଭିଡିଓ କନ୍‌ଫରେନ୍ସ

### ସମସ୍ତଙ୍କୁ ମିଳିବ ୭ ଲକ୍ଷ ଟଙ୍କା

ମାଧ୍ୟମରେ ଯୋଗ ଦେଇଥିଲେ। ଏହି ଅବସରରେ ଅଲିମ୍ପିକ୍ସ ଦଳରେ ସାମିଲ ଥିବା ସମସ୍ତ ଖେଳାଳିଙ୍କ ପାଇଁ ୭ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ କ୍ରୀଡା ବିଭାଗ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ,ମୁଖ୍ୟ ଆଥ୍‌ଲେଟିକ୍ କୋଚ୍ ସଞ୍ଜୟ କୁମାର ଗଡନାୟକ, କୁଳପତି ପ୍ରଫେସର ଶରଣଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଯୁଗ୍ମ ସମ୍ପାଦକ ବଲଜିତ ସିଂ ଶେଖୋନ୍ ଭର୍ଚୁଆଲ ମାଧ୍ୟମରେ ଯୋଡି ହୋଇ ସମସ୍ତ ଆଥ୍‌ଲେଟଙ୍କୁ ଶୁଭକାମନା ଜଣାଇଥିଲେ। ଖେଳାଳିଙ୍କ ବ୍ୟତୀତ କିଟ୍‌ର ଜଣେ ପ୍ରଫେସର ସୁଦୀପ୍ ଶାହା ବିଶ୍ୱ ବକ୍ସିଂ ଫେଡେରେଶନରେ ଅଫିସିଆଲ ଭାବରେ ଅଲିମ୍ପିକ୍ସର ଅଂଶ ରହିବେ।

ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କ ପରିଶ୍ରମକୁ ପ୍ରଶଂସା କରିବା ସହିତ ଆଗାମୀ ଅଲିମ୍ପିକ୍ସରେ ସଫଳତା କାମନା କରିଥିଲେ। ମୋଟ ୧୧୭ ଖେଳାଳିଙ୍କ ମଧ୍ୟରୁ ୨୯ ଜଣ ଆଥ୍‌ଲେଟିକ୍ସରୁ ରହିଥିବା ବେଳେ ଏଥି ମଧ୍ୟରୁ ୧୧ ଜଣ କିଟ୍‌ର ଛାତ୍ରୀଛାତ୍ର ରହିଛନ୍ତି। ମୋଟ ଆଥ୍‌ଲେଟଙ୍କ ମଧ୍ୟରୁ ୧୩ ପ୍ରତିଶତ କିଟ୍‌ରୁ ରହିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ କହିଥିଲେ। ଦୂତୀ ଚାନ୍ଦ କିଟ୍‌ର ପ୍ରଥମ ଅଲିମ୍ପିଆନ୍ ରହିଥିବା ବେଳେ ଚଳିତ ବର୍ଷ ୧୨ ଜଣ ଆଥ୍‌ଲେଟ ଅଲିମ୍ପିକ୍ସ ଦଳରେ ସାମିଲ ହେବା ଆମ ପାଇଁ ଏକ ସ୍ୱତନ୍ତ୍ର ଉପଲବ୍ଧି ବୋଲି କହିଥିଲେ ଅଚ୍ୟୁତ। ସମସ୍ତ ଖେଳାଳିଙ୍କୁ ଅଲିମ୍ପିକ୍ସ ପାଇଁ ଶୁଭେଚ୍ଛା ଜଣାଇବା ସହ ପ୍ରତ୍ୟାବର୍ତ୍ତନ ପରେ ସମସ୍ତଙ୍କୁ ୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବା ନେଇ ଘୋଷଣା କରିଥିଲେ। ସମସ୍ତ ଖେଳାଳି ଭିଡିଓ କନ୍‌ଫରେନ୍ସିଂରେ ଯୋଗ ଦେଇ କିଟ୍‌ର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ଓଡ଼ିଆ ଖେଳାଳି ଅମିତ ରୋହିଦାସ କିଟ୍ ଓ ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିବା ବେଳେ ଆଗାମୀ ଅଲିମ୍ପିକ୍ସରେ ସଫଳତା ପାଇଁ ଆଶାବାଦୀ ଥିବା କହିଥିଲେ। ସେହିପରି କିଶୋର କହିଥିଲେ, କେବଳ ଅଲିମ୍ପିକ୍ସ ନୁହେଁ ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ଅଚ୍ୟୁତ ସାମନ୍ତଙ୍କ ସାହାଯ୍ୟ ସହଯୋଗ ପ୍ରଶଂସନୀୟ।

ଏହି ଅବସରରେ କିଟ୍‌ର ଛାତ୍ରୀଛାତ୍ର ତଥା ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଲିଲିମା ମିଞ୍ଜ, ସୁନୀତା ଲାକ୍ରାଙ୍କ ସହ ଧାବକ ଅମିୟ ମଲିକ, ଫୁଟ୍‌ବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ହକି ଖେଳାଳି ଷ୍ଟାନଲି ଭିକ୍ଟର ମିଞ୍ଜଙ୍କୁ କାର୍ଯ୍ୟକ୍ରମ ଶେଷରେ ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା।

# ସେନା ଛାଉଣୀରେ ସିନ୍ ନଦୀ


ସିନ୍ ନଦୀରେ ପଇଁତରା ମାରୁଛନ୍ତି ଫ୍ରାନ୍ସ ପୋଲିସ।

**ପ୍ୟାରିସ୍,୧୮।୭(ପି.ଟି.)**

### ପ୍ୟାରିସ୍ ଅଲିମ୍ପିକ୍ସ
PARiS 2024
ଆଉ ୭ ଦିନ

ଅଲିମ୍ପିକ୍ସ ୨୦୨୪ର ଉଦ୍‌ଘାଟନୀ ସମାରୋହ ପ୍ରଥମ ଥର ପାଇଁ ସିନ୍ ନଦୀରେ ଅନୁଷ୍ଠିତ ହେବ। କୌଣସି ଷ୍ଟାଡିୟମ କିମ୍ବା ଗେମ୍ସ ଭିଲେଜ ବ୍ୟତିରେକେ ଏହି ଟୁର୍ନାମେଣ୍ଟ ଏଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରି ସ୍ଥିତିରେ ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା ବ୍ୟବସ୍ଥା ଫ୍ରାନ୍ସ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି। ସିନ୍ ନଦୀରେ ପ୍ରାୟ ୬ କି.ମି. ଦୂର ଏଇଫିଲ ଟାୱାର ଯାଏ ଖେଳାଳି ଯାତ୍ରା କରିବେ। ଏହା ସହିତ କାର୍ଯ୍ୟକ୍ରମରେ ପ୍ରାୟ ୩ ଲକ୍ଷ ୨୦ ହଜାର ଦର୍ଶକ ଉପସ୍ଥିତ ରହିବେ। ଉଭୟ ଖେଳାଳି ଓ ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସିନ୍ ନଦୀ ବର୍ତ୍ତମାନ ସେନା ଛାଉଣୀରେ ପରିଣତ ହୋଇଛି। ଉଭୟ ନଦୀର ବାହାରେ ଓ ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡାକଡି କରାଯାଇଛି। ୪୫ ହଜାର ପୋଲିସ କର୍ମୀ ଓ ୧ ଲକ୍ଷ ସେନାଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି। ଆଥ୍‌ଲେଟମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ବାଟାଲିୟନ ମଧ୍ୟ ପ୍ରସ୍ତୁତ କରାଯାଇଛି। ବାଟାଲିୟନ ମୁଖ୍ୟ ଲ୍ୟୁଟନାଣ୍ଟ କଲୋନେଲ ଅଲିଭର ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ବର୍ଣ୍ଣନା କରିଛନ୍ତି। ସିନ୍ ଏକ ଅର୍ବାନ ଏରିଆ ହୋଇଥିବା ବେଳେ ପାଣି ଭିତରେ ଓ ବାହାରେ ସୁରକ୍ଷା ଦେବା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଶନିବାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆକ୍ରମଣ ହେବା ପରେ ଏହି ଇଭେଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି। ଅତୀତରେ ପ୍ୟାରିସ୍‌ରେ ଅନେକ ଥର ଆକ୍ରମଣ ହୋଇଥିବା ବେଳେ ଏହାର ପୁନରାବୃତ୍ତି ଯେଭଳି ନ ହୁଏ ତା ଉପରେ ଧ୍ୟାନ ରଖିଛି ଏହି ବାଟାଲିୟନ। ନିରନ୍ତର ନଦୀ ମଧ୍ୟରେ ପାଟ୍ରୋଲିଂ ସହିତ ନଦୀ ବାହାରେ କାନାଇନ୍ ଡଗ୍ ସ୍କ୍ୱାଡ ସହ ଅପରେଶନ ଜାରି ରହିଛି। ଫ୍ରେଞ୍ଚ ବାୟୁ ସେନା ସହଯୋଗରେ ଡ୍ରୋନ୍ ଜରିଆରେ ଆକାଶ ମାର୍ଗରୁ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରହିଛି। ସେହିପରି କାନାଇନ୍ କୁକୁରକୁ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ଆକ୍ରମଣ କରିବାକୁ ପ୍ରଶିକ୍ଷଣ ଦିଆଯାଇଛି।


ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ମୋଟ ୧୩ ପଦକ ଜିତି ଗୁରୁବାର ଭୁବନେଶ୍ୱର ଫେରିଥିବା ଓଡ଼ିଶା ପ୍ରତିଯୋଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ଏହି ଅବସରରେ କ୍ରୀଡା ଏବଂ ଯୁବ ସେବା ବିଭାଗର ଓଏସ୍‌ଡି ବିଜୟ ରାଉତ, ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ, ସଦସ୍ୟ ପ୍ରଶାନ୍ତ ବେହେରା ଓ ଅନେକ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

# ଏଏଫ୍‌ସି ଓମେନ୍ସ ଚାମ୍ପିୟନ୍ସ ଲିଗ୍: ଗ୍ରୁପ୍ 'ବି'ରେ ଓଏଫ୍‌ସି

**ନୂଆଦିଲ୍ଲୀ, ୧୮।୭ (ପି.ଟି.)**

ଏଏଫ୍‌ସି ଓମେନ୍ସ ଚାମ୍ପିୟନ୍ସ ଲିଗ୍ ୨୦୨୪-୨୫ର ପ୍ରିଲିମିନାରି ଷ୍ଟେଜ୍ ପାଇଁ ଗୁରୁବାର କୁଆଲାଲମ୍ପୁରରେ ଡ୍ର' ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଇତିହାଦ କ୍ଲବ (ଜୋର୍ଡାନ) ଓ ଲାୟନ ସିଟି ସେଲର୍ସ ଏଫ୍‌ସି (ସିଙ୍ଗାପୁର) ସହ ଭାରତୀୟ କ୍ଲବ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଇଣ୍ଡିଆନ୍ ଓମେନ୍ସ ଲିଗ୍ ୨୦୨୩-୨୪ ଚାମ୍ପିୟନ ଓଏଫ୍‌ସି ପ୍ରିଲିମିନାରି ଷ୍ଟେଜ୍ ଖେଳିବା ଲାଗି ଜୋର୍ଡାନ ଯିବ। ଏହା ଅଗଷ୍ଟ ୨୫ରୁ ୩୧ ଏକ ସେଣ୍ଟ୍ରାଲାଇଜ୍ଡ ଫର୍ମାଟରେ ଖେଳାଯିବ। ପ୍ରିଲିମିନାରି ଷ୍ଟେଜ୍ ପ୍ରତିଯୋଗିତା ୧୩ଟି ଦଳକୁ ନେଇ ଅନୁଷ୍ଠିତ ହେବ। ଚାରୋଟି ଗ୍ରୁପ୍‌ର ବିଜେତା ୧୨ଟି ଦଳକୁ ନେଇ ଅନୁଷ୍ଠିତ ଗ୍ରୁପ୍ ଷ୍ଟେଜକୁ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ଭାଗ ନେଉଥିବା ଅନ୍ୟ ୮ଟି କ୍ଲବ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା ଏଫ୍‌ସି ମହିଳା ଦଳ ଯଦି ପ୍ରିଲିମିନାରି ଷ୍ଟେଜ ଗ୍ରୁପ୍ ଶୀର୍ଷ ସ୍ଥାନ ଅଧିକାର ସହ ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟକୁ ଉନ୍ନୀତ ହୁଏ ତେବେ ଦଳ ଉରାୱା ରେଡ୍ ଡାଇମଣ୍ଡ ଲେଡିଜ (ଜାପାନ), ତାଇଚୁଙ୍ଗ ବ୍ଲୁ ହ୍ୱେଲ ଓମେନ୍ସ ଫୁଟ୍‌ବଲ ଟିମ୍ (ଚାଇନିଜ ତାଇପେ) ଏବଂ ଆୟୋଜକ ହୋ ଚି ମିନ୍ ସିଟି ଓମେନ୍ସ ଏଫ୍‌ସି (ଭିଏତ୍‌ନାମ) ସହ ଗ୍ରୁପ୍ 'ସି'ରେ ସ୍ଥାନ ପାଇବ। ତିନୋଟି ଗ୍ରୁପ୍‌କୁ ନେଇ ଗ୍ରୁପ୍ ଷ୍ଟେଜ ଅନୁଷ୍ଠିତ ହେବ। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ରହିବେ।

# ଆଜି ଭାରତ-ପାକିସ୍ତାନ ମ୍ୟାଚ୍

**ଡମ୍ବୁଲା,୧୮।୭(ପି.ଟି.)**

### ମହିଳା ଏସିଆ କପ୍ ଟି୨୦

ମହିଳା ଏସିଆ କପ୍ କ୍ରିକେଟ୍ ଟି୨୦ ମ୍ୟାଚ୍ ନବମ ସଂସ୍କରଣ ଶୁକ୍ରବାର ଠାରୁ ଆରମ୍ଭ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପ୍ରଥମ ଦିନରେ ପରସ୍ପରକୁ ଭେଟିବେ। ଗୁରୁବାର ୮ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିୟନ ଭାରତ ହରମନ୍‌ପ୍ରୀତ୍ କୌରଙ୍କ ଅଧୀନରେ ଖେଳିବ। ଅନ୍ୟ ପକ୍ଷରେ ଅଭିଜ୍ଞ ନିଦା ଦର୍ ପାକିସ୍ତାନ ଦଳର ନେତୃତ୍ୱ ନେବେ। ବାଂଲାଦେଶରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଏହା ଏକ ପ୍ରସ୍ତୁତି ଟୁର୍ନାମେଣ୍ଟ ରହିବ। ଶ୍ରୀଲଙ୍କା ଓ ବାଂଲାଦେଶର ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଇଥାଏ। ତେଣୁ ଭାରତୀୟ ସ୍ପିନରଙ୍କ ପାଇଁ ଏହା ଭଲ ଅଭ୍ୟାସ ହେବ। ଏସିଆ କପ୍‌ର ୮ମ ସଂସ୍କରଣ ମଧ୍ୟରେ ଦିନିକିଆ ଫର୍ମାଟରେ ୪ ଓ ଟି୨୦ ଫର୍ମାଟରେ ୪ ଥର ଖେଳାଯାଇଛି। ଭାରତ ଦିନିକିଆରେ ୪ ଥର ଚାମ୍ପିୟନ ହୋଇଥିବା ବେଳେ ଟି୨୦ରେ ୩ ଥର ଚାମ୍ପିୟନ ରହିଛି। ସେହିପରି ଟି୨୦ ଫର୍ମାଟରେ ପାକିସ୍ତାନ ବିପକ୍ଷରେ ଭାରତର ଚମତ୍କାର ରେକର୍ଡ ରହିଛି। ଉଭୟ ଦଳ ୧୪ ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ୧୧ ଥର ବିଜୟୀ ହୋଇଛି। ଭାରତ ଏହାର ଅନ୍ତିମ ସିରିଜ୍ ଦକ୍ଷିଣ ଆଫ୍ରିକା ସହ ଖେଳି ୧-୧ରେ ଡ୍ର ରଖିଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ବିପକ୍ଷରେ ଅନ୍ତିମ ସିରିଜ୍‌ରେ ୩-୦ରେ ହାରିଥିଲା ପାକିସ୍ତାନ। ଭାରତୀୟ ଓପନର ସ୍ମୃତି ମନ୍ଧାନା ଓ ପେସ୍ ବୋଲର ପୂଜା ବସ୍ତ୍ରକାର ଚମତ୍କାର ଫର୍ମରେ ରହିଛନ୍ତି।



ଏସିଆ କପ୍ ଟ୍ରଫି ଉନ୍ମୋଚନ ଅବସରରେ ଉପସ୍ଥିତ ୮ ଦଳର ଅଧିନାୟିକା।

## କାମ୍ପେନାର୍ଟ୍ସ ଜିତିଲେ ୧୮ତମ ଷ୍ଟେଜ୍

**ପ୍ୟାରିସ, ୧୮।୭:** ବେଲଜିୟମର ଭିକ୍ଟର କାମ୍ପେନାର୍ଟ୍ସ ଟୁର୍ ଡି' ଫ୍ରାନ୍ସ ୨୦୨୪ର ୧୮ତମ ଷ୍ଟେଜ୍‌ରେ ବିଜୟୀ ହୋଇଛନ୍ତି। ଗ୍ୟାପ୍‌ଠାରୁ ବାର୍ସିଲୋନେଟ୍ ପର୍ଯ୍ୟନ୍ତ ୧୭୯.୫ କି.ମି ବିଶିଷ୍ଟ ରେସ୍‌କୁ ଭିକ୍ଟର ୪ ଘଣ୍ଟା ୧୦ ମିନିଟ ୨୦ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ଗତଥରର ଚାମ୍ପିୟନ ସ୍ଲୋଭେନିଆର ଟାଡେଜ ପୋଗାକାର ଜେନେରାଲ କ୍ଲାସିଫିକେଶନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡେନମାର୍କର ଜୋନାସ ଭିଙ୍ଗେଗାର୍ଡଙ୍କଠାରୁ ୩ ମିନିଟ ୧୧ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛି। ଗୁରୁବାର ରେସ୍‌ରେ ଯଥାକ୍ରମେ ୨ୟ ରୁ ୧୦ମ ସ୍ଥାନ ଅଧିକାର କରିଥିବା ରାଇଡରମାନେ ହେଲେ ଫ୍ରାନ୍ସର ମାଟେଓ ଭର୍ଚର, ପୋଲାଣ୍ଡର ମାଇକେଲ କ୍ୱିଆଟେସ୍କି, ଲାଟିଭିଆର ଟମ୍ସ ସ୍କୁଜିନ୍, ସ୍ପେନର ଓୟର ଲାଜକାନୋ, ନେଦରଲାଣ୍ଡର ବାର୍ଟ ଲେମେନ, ଲାଟିଭିଆର କ୍ରିଷ୍ଟ ନିଲାଣ୍ଡ୍ସ, ଅଷ୍ଟ୍ରେଲିଆର ଜୟ ହିଣ୍ଡ୍ଲି, ବେଲଜିୟମର ଓଟ ଭାନ୍ ଅର୍ଟ ଓ ଅଷ୍ଟ୍ରେଲିଆର ମାଇକେଲ ମାଥ୍ୟୁସ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ